# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୧୩/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, May 13/2019 | ★★★★★★

୪୫ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





**ରିଷି କପୁରଙ୍କୁ ଭେଟିଲେ ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନ୍ୟୁୟର୍କରେ ଚିକିତ୍ସାଧୀନ ବିଶିଷ୍ଟ ଅଭିନେତା ରିଷି କପୁରଙ୍କୁ ସାକ୍ଷାତ କରିଛନ୍ତି। ୦୮

୧୪ **ହାମିଲଟନଙ୍କୁ ଟାଇଟଲ**

ମର୍ସିଡିଜର ଲୁଇସ୍ ହାମିଲଟନ ରବିବାର ସ୍ପାନିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।




# ଆଇପିଏଲ୍: ମୁମ୍ବାଇ ଚାମ୍ପିୟନ



ଚେନ୍ନାଇ ସୁପରକିଙ୍ଗ୍ସକୁ ଫାଇନାଲରେ ହରାଇବା ପରେ ଟ୍ରଫି ସହ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ଖେଳାଳିମାନେ।

**ହାଇଦ୍ରାବାଦ, ୧୨।୫(ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥଥର ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ମୁମ୍ବାଇ ଶେଷ ବଲରେ ମାତ୍ର ୧ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇ ବାଜି ମାରିଛି। ମୁମ୍ବାଇ ଦ୍ରୁତବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆନ୍ଦ୍ରେ ରସେଲ ମୋଷ୍ଟ ଭ୍ୟାଲୁଏବଲ୍ ପ୍ଲେୟାର ପୁରସ୍କାର ହାସଲ କରିଛନ୍ତି। ସେହିପରି ଇମ୍ରାନ ତାହିର ପର୍ପଲ କ୍ୟାପ୍ ଓ ଡେଭିଡ ୱାର୍ନର ଅରେଞ୍ଜ୍ କ୍ୟାପ୍ ହାସଲ କରିଛନ୍ତି।

**ବିସ୍ତୃତ ବିବରଣୀ ଖେଳ ପୃଷ୍ଠାରେ...**

# ଲୋକଙ୍କୁ ରଗାଉଛି ମିଛ ପ୍ରତିଶ୍ରୁତି

- ୧୨ସୁଦ୍ଧା ରାଜଧାନୀକୁ ମିଳିପାରିଲାନି ସମ୍ପୂର୍ଣ୍ଣ ବିଦ୍ୟୁତ୍
- ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ବିକ୍ଷୋଭ
- ତଳିଆ କର୍ମଚାରୀଙ୍କୁ ହନ୍ତସନ୍ତ କରୁଛନ୍ତି ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ମିଥ୍ୟା ପ୍ରତିଶ୍ରୁତି ବର୍ତ୍ତମାନ ଲୋକଙ୍କ ଆକ୍ରୋଶକୁ ବଢାଇଦେଇଛି। ବଡ଼ବଡ଼ ଅଧିକାରୀଙ୍କ ମିଛ ପାଇଁ ଏବେ ଅତି ତଳିଆ କର୍ମଚାରୀ, ଯେଉଁମାନେ ଲୋକମାନଙ୍କୁ ସେବା ଦେବାକୁ ଅହରହ ଉଦ୍ୟମ କରୁଛନ୍ତି ସେମାନେ ଜନସାଧାରଣଙ୍କ ରୋଷର ଶିକାର ହେବାରେ ଲାଗିଛନ୍ତି। ସାମୁଦ୍ରିକ ଝଡ଼ ଫନୀ ଉପକୂଳବର୍ତ୍ତୀ ୫ ଜିଲାରେ ବ୍ୟାପକ କ୍ଷତି ଘଟାଇଛି। ଏହାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ଘଣ୍ଟା କେଇଟା ମଧ୍ୟରେ ଏହିସବୁ ଅଞ୍ଚଳରେ ସବୁକିଛି ଧ୍ୱସ୍ତବିଧ୍ୱସ୍ତ କରିଦେଲା। ମୁଖ୍ୟତଃ ବିଦ୍ୟୁତ୍ ବିଭାଗର ବିଶେଷ କ୍ଷତି କରିଦେଇ ଚାଲିଗଲା। ପୁରୀ, କଟକ ଓ ଭୁବନେଶ୍ୱରର ୧ ଲକ୍ଷ ୫୬ ହଜାର ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବାରୁ ଲୋକଙ୍କ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା। ଲୋକେ ଅନ୍ଧାରରେ ରହିବା ସହ ପାନୀୟ ଜଳର ଘୋର ସଙ୍କଟକୁ ସାମ୍ନା କରୁଛନ୍ତି। ଘରେ ପଙ୍ଖା ବୁଲୁ ନ ଥିବାରୁ ପ୍ରବଳ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ସଙ୍କଟରେ ପଡିଥିବା ଲୋକଙ୍କୁ ସହାୟତା ପାଇଁ ଏବେ ଦିନରାତି ଏକ କରି ଦେଇଛନ୍ତି ରାଜ୍ୟ ଓ ବାହାରର ବିଦ୍ୟୁତ୍ କର୍ମଚାରୀ, ଶ୍ରମିକ। କିନ୍ତୁ ଅମଲାତନ୍ତ୍ରୀଙ୍କ ମିଥ୍ୟା ପ୍ରତିଶ୍ରୁତି ବର୍ତ୍ତମାନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି।

ବାତ୍ୟା ପରବର୍ତ୍ତୀ କାର୍ଯ୍ୟରେ ସରକାରଙ୍କ ଭୂମିକା ଉପରେ ସନ୍ଦେହ ବଢ଼ିବାରୁ ଲୋକେ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ଏଭଳି ପରିସ୍ଥିତିରୁ ମୁକୁଳିବା ପାଇଁ ରାଜ୍ୟ ସରକାରଙ୍କ କେତେଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଗେଇ ଆସି ମିଛ କହି ଚାଲିଥିବା ଗ୍ୟାରେଜ ଛକ ନିକଟସ୍ଥ ଗୌରୀବିହାରର ରତିକୃଷ୍ଣ ମିଶ୍ର କହିଛନ୍ତି। ତାଙ୍କ କହିବାନୁଯାୟୀ, ଲୋକଙ୍କ ଘରେ ବିଦ୍ୟୁତ୍ ସେବା ପହଞ୍ଚିବା ନିହାତି ଜରୁରୀ ହୋଇଥିବାରୁ ଶକ୍ତି ସଚିବ ହେମନ୍ତ ଶର୍ମା ପ୍ରଥମେ ଖୁବ୍‌ଶୀଘ୍ର ରାଜଧାନୀବାସୀ ବିଦ୍ୟୁତ୍ ସେବା ପାଇବେ ବୋଲି କହିଥିଲେ। ଏହାପରେ ଗତ ୮ତାରିଖରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଥିଲେ ଯେ, ୧୨ ତାରିଖ ସୁଦ୍ଧା ରାଜଧାନୀକୁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ମିଳିଯିବ, କିନ୍ତୁ ତାହା ହୋଇନାହିଁ। ବହୁ ଅଞ୍ଚଳ ଏବେ ମଧ୍ୟ ଅନ୍ଧକାର ମଧ୍ୟରେ ରହିଛି। ଲୋକଙ୍କ ଦୁର୍ଦ୍ଦଶା କମୁନାହିଁ। ତେବେ କେଉଁ କାରଣରୁ ସରକାର ତାଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ମିଛ କୁହାଉଛନ୍ତି ବୋଲି ରତିକୃଷ୍ଣ ପ୍ରଶ୍ନ କରିଛନ୍ତି।

ଦୁର୍ଦ୍ଦିନ ସମୟରେ ଶକ୍ତି ବିଭାଗର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କ କଥାକୁ ବିଶ୍ୱାସ କରି ରାଜଧାନୀବାସୀ ୧୨ ତାରିଖକୁ ଅନେଇ ବସିଲେ। ହେଲେ ସଚିବଙ୍କ କହିବା ଅନୁଯାୟୀ କାମ ହୋଇପାରି ନାହିଁ। ଏବେ ମଧ୍ୟ ରାଜଧାନୀର ଖଣ୍ଡଗିରି ଅଞ୍ଚଳର ସବୁ ଜାଗାରେ ବିଜୁଳି ପହଞ୍ଚିନି। ସେହିପରି ସାମନ୍ତରାପୁର ଅଞ୍ଚଳ ପାଖ କେତେକ ସ୍ଥାନରେ ଏ ପର୍ଯ୍ୟନ୍ତ ବିଜୁଳି ଆସିପାରି ନାହିଁ। ଏତେପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଦମ୍ଭୋକ୍ତିର ସହ କହୁଛନ୍ତି ୧୨ ତାରିଖ ରାତି ୧୨ଟା ସୁଦ୍ଧା ବିଜୁଳି ଚାଲିଆସିବ। ପ୍ରଶାସନିକ ଅଧିକାରୀମାନଙ୍କ ଏଭଳି କଥା ଶୁଣିବାପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ରାଜଧାନୀର ଅନେକ ଜାଗାରେ ଏ ପର୍ଯ୍ୟନ୍ତ ଖୁଣ୍ଟ ମଧ୍ୟ ଟେକାଯାଇ ନାହିଁ। ଅନ୍ୟପଟେ ରବିବାର ଏକ ଖବରଦାତା ସମ୍ମିଳନୀ କରି ଶତପ୍ରତିଶତ ଲୋକଙ୍କ ଘରେ ବିଜୁଳି ସେବା ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି। ଏଥିରୁ ହିଁ ରାଜ୍ୟ ସରକାରଙ୍କ ମୁଖ୍ୟ ପ୍ରଶାସନିକ ଅଧିକାରୀମାନେ କେତେ ସତ କହୁଛନ୍ତି ତା'ର ପ୍ରମାଣ ମିଳୁଛି। କେବଳ ଲୋକମାନଙ୍କ ଆକ୍ରୋଶରୁ ବଞ୍ଚିବା ସକାଶେ ଶକ୍ତି ସଚିବ ମିଥ୍ୟା ତଥ୍ୟ ଦେଇଥିବା ଲୋକମାନେ ଅଭିଯୋଗ କରିବା ଆରମ୍ଭ କରିଛନ୍ତି। ସଚିବସ୍ତରୀୟ ଅଧିକାରୀମାନେ ନିଜ ପ୍ରତିଶ୍ରୁତିକୁ ରକ୍ଷା କରିବା ପାଇଁ ବିଭାଗର ପୂରା ତଳିଆ କର୍ମଚାରୀଙ୍କ ଉପରେ ଚାପ ପକାଇ ଚାଲିଛନ୍ତି। ଖଣ୍ଡଗିରି ଅଞ୍ଚଳର ସଦାଶିବ ପ୍ରଧାନଙ୍କ କହିବା କଥା ହେଲା, ରାଜଧାନୀରେ ବିଦ୍ୟୁତ୍ ସଂଯୋଗ ଲାଗି କର୍ମଚାରୀ ଓ ☞ ପୃଷ୍ଠା-୪

- ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଘର ଭାଙ୍ଗିଥିଲେ ମିଳିବ ପକ୍କାଘର

- ୧୫ରୁ କ୍ଷୟକ୍ଷତି ଆକଳନ
- ସପ୍ତାହେ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ
- ଜୁନ୍ ୧ରୁ କାର୍ଯ୍ୟାଦେଶ ମିଳିବ
- ପ୍ରଭାବିତ ଜିଲାରେ ପାନୀୟଜଳ ଯୋଗାଣକୁ ଗୁରୁତ୍ୱ
- ସୁଧୁରିଛି ଟାୱାର ସମସ୍ୟା

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଯେଉଁମାନଙ୍କ ଘର ସମ୍ପୂର୍ଣ୍ଣ ଓ ବହୁଳଭାବେ କ୍ଷତିଗ୍ରସ୍ତ ହୋଇଥିବ ସେମାନଙ୍କୁ ନୂତନ ପକ୍କାଘର ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସଚିବାଳୟରେ ଏହି ଘୋଷଣା କରିଛନ୍ତି। ଚଳିତ ମାସ ୧୫ରୁ କ୍ଷତିଗ୍ରସ୍ତ ହୋଇଥିବା ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରକ୍ରିୟା ଆରମ୍ଭର ସପ୍ତାହକ ମଧ୍ୟରେ ଆକଳନ ସାରିବା ନେଇ ସମୟ ଧାର୍ଯ୍ୟ କରାଯାଇଛି। ଫନୀ ଦ୍ୱାରା ବହୁଳ କ୍ଷତିଗ୍ରସ୍ତ ବ୍ଲକରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ନୂଆ ପକ୍କାଘର ପାଇଁ ଆସନ୍ତା ଜୁନ୍ ୧ରୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ସେହିଭଳି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ପକ୍କାଘରରୁ ବଞ୍ଚିତ ନ ହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ବାତ୍ୟା ପ୍ରଭାବିତ ଜିଲାରେ ରିଲିଫ୍ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ☞ ପୃଷ୍ଠା-୪

## ଆଜିଠୁ ଫନୀ ପ୍ରଭାବିତ ଅଞ୍ଚଳ ଗସ୍ତ କରିବ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁଳ ଭାବେ ପ୍ରଭାବିତ ହୋଇଛି। ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ଏହାର ପ୍ରଭାବ ସର୍ବାଧିକ ହୋଇଥିବା ବେଳେ କଟକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଫନୀ ପ୍ରଭାବିତ ଅଞ୍ଚଳକୁ କେନ୍ଦ୍ରୀୟ ଟିମ୍ ସୋମବାର ଗସ୍ତକରି କ୍ଷୟକ୍ଷତି ଆକଳନ କରିବେ। ପ୍ରଭାବିତ ଅଞ୍ଚଳ ବୁଲିସାରିବା ପରେ ରାଜ୍ୟ ପ୍ରଶାସନ ସହ ଟିମ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ଦଳରେ ୧୧ ଜଣ ସଦସ୍ୟ ରହିଛନ୍ତି। ☞ ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ଅନୁସନ୍ଧିତ୍ସୁ ଚିନ୍ତାଧାରା**

**ଆଜିର ମନ୍ତବ୍ୟ**

" ଦେଶର ଧାର୍ମିକ ଐତିହ୍ୟକୁ କଳଙ୍କିତ କରିବା ଲାଗି 'ହିନ୍ଦୁ ଆତଙ୍କବାଦ'ର ଷଡ଼ଯନ୍ତ୍ର ରଚିଥିଲା କଂଗ୍ରେସ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି ୬.୩୬% ବୃଦ୍ଧି ଘଟି ୮୩.୬ ବିଲିୟନ ଡଲାର ରହିଛି। ଏହା ୨୦୧୭-୧୮ରେ ୭୮.୭ ବିଲିୟନ ଡଲାର ରହିଥିଲା।

- ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 12.05.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 106 | 166 | 176 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 107 | 166 | 177 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


# ଭୋଟ ବେଳେ ହିଂସା

- ପଶ୍ଚିମବଙ୍ଗରେ ଟିଏମ୍‌ସି ସମର୍ଥକଙ୍କ ଆକ୍ରମଣ
- ଲୁହାରଡ୍ ମାଡ଼ରେ ଭାଜପା କର୍ମୀ ମୃତ
- ମନ୍ଦିରରେ ଆଶ୍ରୟ ନେଲେ ଭାଜପା ପ୍ରାର୍ଥୀ ଭାରତୀ



**କୋଲକାତା, ୧୨।୫(ପି.ଟି.)**

ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ବେଳେ ରବିବାର ପଶ୍ଚିମବଙ୍ଗର କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ଝାଡ଼ଗ୍ରାମ ଜିଲାରେ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ଘଟିଛି। ସେହିପରି ଟିଏମ୍‌ସି କର୍ମୀଙ୍କ ଆକ୍ରମଣରେ ଜଣେ ପ୍ରାର୍ଥୀ ଆହତ ହୋଇଛନ୍ତି। ଏହାକୁ ନେଇ ରାଜନୀତି ସରଗରମ ହୋଇଛି।

ଷଷ୍ଠ ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ରବିବାର ଭୋଟଗ୍ରହଣ କରାଯାଇଛି। ପଶ୍ଚିମବଙ୍ଗର ୫ ଜିଲାର ୮ ଲୋକ ସଭା ଆସନରେ ମତଦାନ ଚାଲିଥିବାବେଳେ ଘଟାଲର କେଶପୁର ଗ୍ରାମ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ପାଇଁ ରଣକ୍ଷେତ୍ର ପାଲଟିଛି। ଝାଡ଼ଗ୍ରାମର ବଲ୍ଲବପୁରରେ ଭୋଟଗ୍ରହଣ ବେଳେ ଭାଜପା କର୍ମୀ ରମେନ୍ ସିଂ(୩୦)ଙ୍କ ଉପରେ ଲୁହାରଡ୍‌ରେ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ରମେନ୍‌ଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ଟିଏମ୍‌ସିର ହାତ ଥିବା ଭାଜପା ଅଭିଯୋଗ ଆଣିଛି। ସେହିପରି ପଶ୍ଚିମ ମେଦିନୀପୁର ଜିଲା ଘଟାଲ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ଭାରତୀ ଘୋଷଙ୍କୁ ମତଦାନ କେନ୍ଦ୍ରକୁ ଯିବାକୁ ଦିଆଯାଇ ନ ଥିଲା। ଫଳରେ ତାଙ୍କର ଜଣେ ସୁରକ୍ଷା କର୍ମୀ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଜଣେ ଟିଏମ୍‌ସି କର୍ମୀ ଆହତ ହେବା ପରେ ଅନ୍ୟ ସମର୍ଥକମାନେ ଉତ୍ତ୍ୟକ୍ତ ହୋଇ ଭାରତୀଙ୍କୁ ଆକ୍ରମଣ କରିଥିଲେ। ଏଥିରୁ ରକ୍ଷା ପାଇବା ପାଇଁ ଭାରତୀ ବାଧ୍ୟହୋଇ ଏକ ମନ୍ଦିରରେ ଆଶ୍ରୟ ନେଇଥିଲେ। ଭାରତୀ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରୁଥିବା ଅଭିଯୋଗ ଆଣି ଟିଏମ୍‌ସି ☞ ପୃଷ୍ଠା-୪



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ଆଳରେ ପଶ୍ଚିମବଙ୍ଗରେ ସମାନ୍ତରାଳ ସରକାର ଚଳାଉଛନ୍ତି।
– ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଭୋଟ ଦେଲେ ପ୍ରଥମ ନାଗରିକ



ରାଷ୍ଟ୍ରପତି ରାମନାଥ କୋବିନ୍ଦ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ କମ୍ପ୍ଲେକ୍ସସ୍ଥିତ ରାଜେନ୍ଦ୍ର ପ୍ରସାଦ ସର୍ବୋଦୟ ବିଦ୍ୟାଳୟରେ ରବିବାର ମତଦାନ କରିବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।



ସୁନୀଲ ଆରୋରା



ପ୍ରଣବ ମୁଖାର୍ଜୀ



ରାହୁଲ ଗାନ୍ଧୀ



ସୋନିଆ ଗାନ୍ଧୀ



ଅରବିନ୍ଦ କେଜ୍ରିୱାଲ



ପ୍ରିୟଙ୍କା ଗାନ୍ଧୀ ଭଦ୍ରା



ପ୍ରଜ୍ଞା ସିଂ ଠାକୁର



ଶୀଲା ଦୀକ୍ଷିତ ଓ ସନ୍ଦୀପ ଦୀକ୍ଷିତ



ସୁଷମା ସ୍ୱରାଜ



ଶିବରାଜ ସିଂ ଚୌହାନ



ଗୌତମ ଗମ୍ଭୀର ଓ ନତାଶା ଜୈନ୍

## ସଂକ୍ଷେପରେ

### ଦିଲ୍ଲୀରେ ସବୁଠୁ ବୟସ୍କ ଭୋଟରଙ୍କ ମତଦାନ



**ନୂଆଦିଲ୍ଲୀ,୧୨।୫(ପି.ଟି): ** ଦିଲ୍ଲୀରେ ସବୁଠୁ ବୟସ୍କ ଭୋଟର ବଚନ ସିଂ ରବିବାର ତିଲକ ବିହାରସ୍ଥିତ ଏକ ମତଦାନ କେନ୍ଦ୍ରରେ ଭୋଟ ଦେଇଛନ୍ତି। ତାଙ୍କର ବୟସ ୧୧୧ ବର୍ଷ। ୨୦୧୫ରେ ଦିଲ୍ଲୀରେ ହୋଇଥିବା ଶେଷ ବିଧାନସଭା ନିର୍ବାଚନରେ ବଚନ ସାଇକେଲ ଚଢ଼ି ଭୋଟ ଦେବାକୁ ଯାଇଥିଲେ। ଏଥର ତାଙ୍କୁ ପୋଲିଂ ଅଧିକାରୀମାନେ ଏକ କାର୍‌ରେ ମତଦାନ କେନ୍ଦ୍ରକୁ ନେଇଥିଲେ। ଏହି ସମୟରେ ଗଣମାଧମ ପ୍ରତିନିଧିମାନେ ତାଙ୍କୁ ଘେରି ରହିଥିଲେ। ଏହାପରେ ତାଙ୍କୁ ଏକ ହ୍ୱିଲ୍ ଚେୟାର ଯୋଗେ ମତଦାନ କେନ୍ଦ୍ରକୁ ନିଆଯାଇଥିଲା। ୩ ମାସ ହେଲା ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ବଚନ ସିଂ ପୂର୍ବଭଳି ସ୍ପଷ୍ଟ କଥା କହିପାରୁ ନ ଥିଲେ ମଧ ଭୋଟଦାନର ମହତ୍ତ୍ୱ ବୁଝିଛନ୍ତି। ଯିଏ ଆମ ପାଇଁ କାମ କରୁଛନ୍ତି ତାଙ୍କୁ ଭୋଟ ଦେବେ ବୋଲି ସେ କହିଥିଲେ। ମଜାର କଥା ହେଉଛି ଭାରତରେ ଆମ୍ ଆଦମୀ ପାର୍ଟି ନାମରେ ଏକ ରାଜନୈତିକ ଦଳ ଅଛି ଏବଂ ତାହା ପୁଣି ଦିଲ୍ଲୀରେ ସରକାର ଗଢ଼ିଛି ବୋଲି ସେ ଜାଣନ୍ତି ନାହିଁ। କେବଳ ସେ ଜାଣନ୍ତି ଭାଜପା ଓ କଂଗ୍ରେସ ମଧରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ୧୯୫୧ରୁ ହୋଇ ଆସୁଥିବା ସବୁ ନିର୍ବାଚନରେ ବଚନ ଭୋଟ ଦେଇଥାଆନ୍ତି ବୋଲି ତାଙ୍କ ପୁତ୍ର ଯଶବୀର ସିଂ ପ୍ରକାଶ କରିଛନ୍ତି।

### ୩୦୦ ଚମରି ଗାଈ ମୃତ

**ଗ୍ୟାଙ୍ଗଟକ୍,୧୨।୫ :** ଉତ୍ତର ସିକିମରେ ପ୍ରବଳ ତୁଷାରପାତ ହେତୁ ବର୍ଷକ ମଧରେ ଅନାହାରରେ ପ୍ରାୟ ୩୦୦ ଚମରି ଗାଈଙ୍କ ମୃତ୍ୟୁ ଘଟିଛି। ମୁକୁଥାଙ୍ଗ୍ ଓ ୟୁମ୍‌ଥାଙ୍ଗ ଅଞ୍ଚଳରେ ଏହି ଚମରି ଗାଈ ମରିଥିବା ଉତ୍ତର ସିକିମ ଜିଲା ମାଜିଷ୍ଟ୍ରେଟ୍ ରାଜ୍ ଯାଦବ କହିଛନ୍ତି। ମୁକୁଥାଙ୍ଗ୍‌ରେ ୨୫୦ ଓ ୟୁମ୍‌ଥାଙ୍ଗ୍‌ରେ ୫୦ ଚମରି ଗାଈ ଖାଇବାକୁ ନ ପାଇ ଆଖି ବୁଜି ଦେଇଛନ୍ତି। ଡାକ୍ତରୀ ଦଳ ମୁକୁଥାଙ୍ଗ୍‌ରେ ଚମରି ଗାଈଙ୍କୁ ଚିକିତ୍ସା କରୁଛନ୍ତି।

## ୫୪୩ରୁ ଆଉ ୫୯ ଆସନରେ ଭୋଟ ବାକି

# ଷଷ୍ଠ ପର୍ଯ୍ୟାୟରେ ୬୩% ମତଦାନ

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ଲୋକ ସଭାର ୫୪୩ ଆସନ ମଧ୍ୟରୁ ୪୨୫ଟିରେ ପୂର୍ବ ୫ ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ରବିବାର ୫୯ ଆସନରେ ଭୋଟଗ୍ରହଣ କରାଯାଇଛି। ଏଥିସହ ୪୮୪ ଆସନରେ ନିର୍ବାଚନ ଶେଷ ହୋଇଛି। ଆସନ୍ତା ୧୯ରେ ଅବଶିଷ୍ଟ ୫୯ ଆସନରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର କେତେକ ସ୍ଥାନରେ ହିଂସାକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଆସନରେ ରବିବାର ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ କରାଯାଇଛି। ମୋଟ ୬୩% ମତଦାନ ହୋଇଥିବା ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ବିହାରର ୮, ହରିୟାଣା (୧୦), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୮), ୟୁପି (୧୪), ପଶ୍ଚିମବଙ୍ଗ (୮) ଏବଂ ଦିଲ୍ଲୀ–ଏନ୍‌ସିଆର୍ (୭) ଲୋକ ସଭା ଆସନରେ ରବିବାର ଭୋଟଗ୍ରହଣ କରାଯାଇଛି। ୭ ରାଜ୍ୟର ୫୯ ଆସନରେ ମତଦାନ ପାଇଁ ୧.୧୩ ଲକ୍ଷ ପୋଲିଂ ବୁଥ୍ ପ୍ରତିଷ୍ଠା କରାଯାଇଥିଲା। ୧୦ କୋଟି ୧୭ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୧.୧୪% ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ସେମାନଙ୍କ ମନପସନ୍ଦର ପ୍ରତିନିଧି ବାଛିଛନ୍ତି। ଏଥିସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଛି ୯୭୯ ପ୍ରାର୍ଥୀଙ୍କ ଭାଗ୍ୟ। ଭାଗ୍ୟ ନିର୍ଦ୍ଧାରିତ ହୋଇଥିବା ହେଭିୱେଟଙ୍କ ମଧ୍ୟରେ ଅଛନ୍ତି, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶୀଲା ଦୀକ୍ଷିତ୍, ଅଲିମ୍ପିଆନ୍ ବକ୍ସର ବିଜେନ୍ଦର ସିଂ, କ୍ରିକେଟରରୁ ରାଜନେତା ସାଜିଥିବା ଭାଜପାର ଗୌତମ ଗମ୍ଭୀର, କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ, ମାନେକା ଗାନ୍ଧୀ, ହର୍ଷବର୍ଦ୍ଧନ, ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ ଓ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ। ସେହିପରି ମଧ୍ୟପ୍ରଦେଶର ପୂର୍ବତନ ମୁଖମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ୧୬ ବର୍ଷ ପରେ ମଇଦାନକୁ ଓହ୍ଲାଇଥିବାବେଳେ ଭୋପାଳ ଆସନରେ ତାଙ୍କୁ କଡ଼ା ଟକ୍କର ଦେଇଛନ୍ତି ଭାଜପାର ବିବାଦୀୟ ନେତା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର। ଷଷ୍ଠ ପର୍ଯ୍ୟାୟରେ ମତଦାନ ବେଳେ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ଭୋଟ ଦେବା ପାଇଁ ମତଦାତାଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗରେ ସର୍ବାଧିକ ୮୦.୧୬%, ହରିୟାଣା ୬୫.୪୮, ବିହାର ୫୯.୨୯, ଝାଡ଼ଖଣ୍ଡ ୬୪.୫୦, ମଧ୍ୟପ୍ରଦେଶ ୬୨.୦୬, ଦିଲ୍ଲୀ–ଏନ୍‌ସିଆର୍ ୬୦ ଏବଂ ଉତ୍ତରପ୍ରଦେଶରେ ସର୍ବନିମ୍ନ ୫୪.୨୪% ମତଦାନ ହୋଇଛି।



ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥିତ ଏକ ମତଦାନ କେନ୍ଦ୍ରରେ ଧାଡ଼ିରେ ଅପେକ୍ଷାରତ ଭୋଟର।

- ୭ ରାଜ୍ୟର ୫୯ ଆସନରେ ମତଦାନ
- ୧.୧୩ ଲକ୍ଷ ପୋଲିଂ ବୁଥ୍‌ରେ ଭୋଟଗ୍ରହଣ
- ୯୭୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କଲେ ୧୦.୧୭ କୋଟି ଭୋଟର
- ଇଭିଏମ୍‌ରେ ମାନେକା, ପ୍ରଜ୍ଞା, ଦିଗ୍‌ବିଜୟ, ଅଖିଳେଶଙ୍କ ଭାଗ୍ୟ

## ଭୋଟର ଲିଷ୍ଟରେ ନାଁ ନ ଥିବାରୁ ଅସନ୍ତୋଷ

**ନୂଆଦିଲ୍ଲୀ,୧୨।୫**

### ଦିଲ୍ଲୀରେ ଇଭିଏମ୍ ତ୍ରୁଟି

ଷଷ୍ଠ ପର୍ଯ୍ୟାୟ ଲୋକ ସଭା ନିର୍ବାଚନବେଳେ ରବିବାର ଦିଲ୍ଲୀର କେତେକ ବୁଥ୍‌ରେ ଇଭିଏମ୍ ତ୍ରୁଟି ଦେଖିବାକୁ ମିଳିଛି, ଯାହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। ମାଟିଆ ମହଲ ଅଞ୍ଚଳର ୮୪, ୮୫, ୮୬ ନମ୍ବର ବୁଥ୍‌ରେ ଇଭିଏମ୍ କାମ କରୁ ନ ଥିବା ଜଣାପଡ଼ିଛି। ସେହିଭଳି ମାଲବ୍ୟନଗର ବୁଥ୍ ନଂ ୧୧୬, ୧୧୭, ୧୨୨ରେ ଖରାପ ରହିଥିଲା। ହଉଜ୍‌ରାନିର ବୁଥ୍ ନଂ ୧୩୨ରେ ଭୋଟ ଆରମ୍ଭ ହେଇ ନ ଥିବାବେଳେ ୫୦ଟି ଭୋଟ ପଡ଼ିଥିବା ଦେଖାଯାଇଥିଲା। ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ରଣବୀର ସିଂ ୫.୫% ଇଭିଏମ୍ ଖରାପ ରହିଥିବା ସ୍ୱୀକାର କରିଥିବାବେଳେ ଚାନ୍ଦିନୀଚୌକ ଓ ମାଲବ୍ୟନଗରରେ ତ୍ରୁଟି ଦେଖାଦେଇଥିବା କହିଛନ୍ତି। ଅଭିଯୋଗ ପରେ ଇଭିଏମ୍‌କୁ ପରିବର୍ତ୍ତନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ବେଗୁମ୍‌ପୁର, ବାଲ୍ମିରାମ୍ ଆଦି ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଥିଲା। ତିଲକ୍‌ନଗର ବୁଥ୍ ନଂ ୨୭ରେ ଇଭିଏମ୍ ଘଣ୍ଟାଏ କାମ କରୁ ନ ଥିବା ଅଭିଯୋଗ କରାଯାଇଛି।

ସେହିଭଳି ଅନେକ ଭୋଟରଙ୍କ ନାମ ଭୋଟର୍ ଲିଷ୍ଟରେ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଭୋଟର ତାଲିକାରେ ନାଁ ନଥିଲେ ଫର୍ମ ନଂ.୬ ପୂରଣ କରି ଏପ୍ରିଲ ୧୩ ପୂର୍ବରୁ ଦିଆଯାଇ ପାରିଥାନ୍ତା ବୋଲି ମୁଖ୍ୟ ନିର୍ବଚାନ ଅଧିକାରୀ ରଣବୀର ସିଂ ପ୍ରକାଶ କରିଛନ୍ତି। ଜାଣିଶୁଣି ଲକ୍ଷାଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯାଇଛି ବୋଲି ଏଏପି ପକ୍ଷରୁ ଅଭିଯୋଗ କରାଯାଇଥିଲାବେଳେ ରଣବୀର ଏହାକୁ ଖଣ୍ଡନ କରିଛନ୍ତି। ଦିଲ୍ଲୀରେ ୧.୪୩ କୋଟି ଯୋଗ୍ୟ ଭୋଟର ୧୬୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି।

## ନେପାଳରେ ୧୨ ଭାରତୀୟ ଗିରଫ

**କାଠମାଣ୍ଡୁ,୧୨।୫**

ନେପାଳରେ ବେଆଇନ ନେଟ୍‌ୱର୍କ ବିଜନେସ୍ କରି ଏଥିରେ ବହୁ ଲୋକଙ୍କୁ ଠକିଥିବା ଅଭିଯୋଗରେ ୧୨ ଭାରତୀୟ ନାଗରିକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଉତ୍ତର ପ୍ରଦେଶର ଓ ସେମାନଙ୍କୁ କାଠମାଣ୍ଡୁସ୍ଥିତ ଏକ ହୋଟେଲ୍‌ରୁ ଧରାଯାଇଛି। ପ୍ରାୟ ୩୦୦ ନେପାଳୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରିବା ଲାଗି ପ୍ରସ୍ତୁତି ଚଳାଇଥିବାବେଳେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ବେଆଇନ ନେଟୱର୍କ ବିଜନେସ୍‌ରେ ବିଦେଶକୁ ଟଙ୍କା ପଠାଯାଇଥାଏ।

## ଅଲୱାର ଗଣବଳାତ୍କାର: ମାୟାବତୀଙ୍କୁ ମୋଦିଙ୍କ ଟାର୍ଗେଟ

# କଂଗ୍ରେସ ହାତ ଛାଡ଼

**କୁସିନଗର/ଦେଓରିଆ,୧୨।୫**



ରାଜସ୍ଥାନର ଅଲୱାର ଗଣବଳାତ୍କାର କରାଯିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜସ୍ଥାନରେ କ୍ଷମତାସୀନ କଂଗ୍ରେସ ସରକାରକୁ ସମର୍ଥନ ଦେଉଥିବା ମାୟାବତୀ କୁମ୍ଭୀର କାନ୍ଦଣା ନ କରି ଏହାକୁ ଗୁରୁତରଭାବେ ନେବା ସହ ତୁରନ୍ତ ହାତ ଛାଡନ୍ତୁ ବୋଲି ମୋଦି କହିଛନ୍ତି। ପ୍ରକାଶଥାଉ କି, ଗତ ଏପ୍ରିଲ ୨୬ ତାରିଖରେ ଜଣେ ଦଳିତ ମହିଳା ମୋଟର ସାଇକେଲ୍‌ରେ ଯାଉଥିବାବେଳେ କେତେଜଣ ବ୍ୟକ୍ତି ଅଟକାଇ ତାଙ୍କ ସ୍ୱାମୀଙ୍କୁ ମାଡ଼ମାରିଥିଲେ। ଏହାସହ ମହିଳାଙ୍କୁ ତାଙ୍କ ଆଗରେ ଗଣବଳାତ୍କାର କରିଥିଲେ। ସେଇଦିନ ପୋଲିସକୁ ପୀଡ଼ିତାଙ୍କ ସ୍ୱାମୀ ଅବଗତ କରାଇଥିବାବେଳେ ମେ ୨ ତାରିଖରେ ଏଫଆଇଆର ହୋଇଥିଲା। ପୋଲିସ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା କହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ପୀଡ଼ିତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଜଣେ ମହିଳାଙ୍କ ଉପରେ ଅତ୍ୟାଚାର କରାଯାଇଥିବାବେଳେ କଂଗ୍ରେସ ସରକାରକୁ ମାୟାବତୀ ସମର୍ଥନ ଦେଉଛନ୍ତି କିପରି ବୋଲି ମୋଦି ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି।

## ‘ଋଣ ଖିଲାପୀଙ୍କ ଓକିଲ ରଖିବାର ଅଧିକାର ନାହିଁ’

**ନୂଆଦିଲ୍ଲୀ,୧୨।୫**



କୌଣସି ବ୍ୟକ୍ତି ଋଣ ଖିଲାପ କରିଥିଲେ ତାଙ୍କର ଓକିଲ ରଖିବାର କୌଣସି ଅଧିକାର ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ନିଜର ମନ ପସନ୍ଦର ଓକିଲଙ୍କ ମାଧ୍ୟମରେ ଜଣେ ଋଣ ଖିଲାପକାରୀ ବ୍ୟାଙ୍କ ଘୋଷଣା ପରେ ଏହି ପ୍ରକ୍ରିୟାରେ ନିଜକୁ ଉପସ୍ଥାପନ କରିପାରିବ କି ନାହିଁ ସେନେଇ ଜଷ୍ଟିସ ଆର୍.ଏଫ୍. ନରିମାନ ଓ ବିନୀତ ସରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଥିଲେ। କାହିଁକି ଋଣ ଶୁଝାଯାଇ ପାରିଲାନି, ଋଣ ଶୁଝିବା ଲାଗି ସକ୍ଷମ ଥିଲେ କି ନାହିଁ, ଯେଉଁଥିଲାଗି ଋଣ ନିଆଯାଇଥିଲା, ତାହା ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇଛି କି ନାହିଁ କିମ୍ବା ଋଣ ଅର୍ଥ ଉଦ୍ଦେଶ୍ୟମୂଳକଭାବେ ବାଟମାରଣା କରାଯାଇଛି କି ନାହିଁ, ବ୍ୟକ୍ତିଗତ କି ଗୋଷ୍ଠୀ ଋଣ ଆଦି ତଦନ୍ତ ସାପେକ୍ଷ। ଋଣ ଖିଲାପୀଙ୍କ ଉଦ୍ଦେଶ୍ୟ କ’ଣ ତାହା ସେ ହିଁ ଜାଣିଛନ୍ତି। ଏଥିରେ ସହାୟତା କରିବା ଲାଗି କୌଣସି ଓକିଲ ରଖାଯିବାର ଆବଶ୍ୟକତା ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଜଣେ ନିଜ ଇଚ୍ଛାରେ ଋଣ ଖିଲାପ କରିଥିବା ସମ୍ପର୍କରେ ଘୋଷଣା ଲାଗି ବ୍ୟାଙ୍କର ଇନ୍‌ହାଉସ୍ ପ୍ରୋସିଡିଂରେ ଋଣ ଖିଲାପକାରୀ ଓକିଲଙ୍କ ରଖିପାରିବେ ବୋଲି ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିବାବେଳେ ଏହି ରାୟ ବିରୋଧରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆବେଦନକୁ ସର୍ବୋଚ୍ଚ ଅଦାଲତ ଗ୍ରହଣ କରିଛନ୍ତି।



ପଞ୍ଜାବର ଗୁରୁଦାସପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସନି ଦେଓଲ ପଠାନ୍‌କୋଟରେ ନିର୍ବାଚନ ପ୍ରଚାର ବେଳେ ନିଜ ଓଜନର ମିଠେଇ ସହ ତଉଲ ହେଉଛନ୍ତି।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୨।୫(ପି.ଟି.):** ଜମ୍ମୁ–କଶ୍ମୀର ଶୋପିଆନ ଜିଲାରେ ରବିବାର ଏନ୍ କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ହେନ୍ଦ ସୀତାପୁର ଅଞ୍ଚଳରେ ଏଲ୍‌ଇଟି ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳବା ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଚଳାଉଥିଲେ। ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଜବାବ ଦେଇଥିଲେ। ଏଥିରେ କୁଲଗାମ୍‌ର ଜାଭିଦ୍ ଅହମ୍ମଦ ଭଟ ଏବଂ ୱାରିପୋରାର ଆଦିଲ ବଶିର ୱାନି ନିହତ ହୋଇଛନ୍ତି।

### ବିସ୍ଫୋରଣରେ ୪ ମୃତ

**ଗିରିଡ଼ିହ,୧୨।୫:** ଝାଡ଼ଖଣ୍ଡର ଗିରିଡ଼ିହଠାରେ ରବିବାର ବିସ୍ଫୋରଣ ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଗାଣ୍ଡେ ଥାନା ପଦମ୍‌ଡାଣ୍ଡ୍ ବର୍‌ମାସିଆରେ ଜଣେ ବ୍ୟକ୍ତି କୂଅ ଖୋଳିବା ଲାଗି ଏକ ଦୁଇଚକିଆ ଗାଡ଼ିରୁ ବିସ୍ଫୋରକ କାଢୁଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା ।

## ଚର୍ଚ୍ଚରେ ଆତଙ୍କବାଦୀ ଆକ୍ରମଣ

**ଓଆଗାଦୋଗୋଉ,୧୨।୫ (ଏଏଫ୍‌ପି)**




ଶ୍ରୀଲଙ୍କାରେ ଇଷ୍ଟର ସଣ୍ଡେ ଆତଙ୍କବାଦୀ ଆକ୍ରମଣକୁ ମାସେ ପୂରି ନ ଥିବାବେଳେ ରବିବାର ବୁର୍କିନା ଫାସୋର ଏକ କ୍ୟାଥୋଲିକ୍ ଚର୍ଚ୍ଚକୁ ଟାର୍ଗେଟ କରାଯାଇଛି। ଏହି ଆକ୍ରମଣରେ ଚର୍ଚ୍ଚର ପାଦ୍ରୀଙ୍କ ସମେତ ପ୍ରାର୍ଥନା ପାଇଁ ଏକତ୍ରିତ ହୋଇଥିବା ୫ ଜଣ ନିହତ ହୋଇଛନ୍ତି।

ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ବୁର୍କିନା ଫାସୋର ଡାବ୍ଲୋସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ରବିବାର ସ୍ଥାନୀୟ ସମୟ ପୂର୍ବାହ୍ନ ୯ଟାରେ ପ୍ରାର୍ଥନା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ସାମୂହିକ ପ୍ରାର୍ଥନା ଚାଲିଥିବାବେଳେ କେତେଜଣ ସଶସ୍ତ୍ର ଆତଙ୍କବାଦୀ ସେଠାକୁ ଆସି ଅତର୍କିତ ଭାବେ ଆଖିବୁଜା ଗୁଳିବର୍ଷା କରିଥିଲେ। ଗୁଳିମାଡ଼ରେ ପାଦ୍ରି ଓ ୫ ଶ୍ରଦ୍ଧାଳୁ ଟଳିପଡ଼ିଥିଲେ। ସେମାନଙ୍କ ବର୍ବରତା ଏତିକିରେ ସୀମିତ ହୋଇ ନ ଥିଲା। ଆତଙ୍କବାଦୀମାନେ ଗଣହତ୍ୟା ପରେ ଚର୍ଚ୍ଚ ଓ ପାଖରେ ଥିବା କେତୋଟି ଦୋକାନରେ ନିଆଁ ଲଗାଇଥିଲେ। ପରେ ସେମାନେ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଲୁଟ୍ କରିବା ସହ ନର୍ସମାନଙ୍କ ଗାଡ଼ିରେ ମଧ ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଲୋକେ ଭୟରେ ନିଜ ନିଜ ଘରେ ରହିଥିବାବେଳେ ସମସ୍ତ ଦୋକାନବଜାର ବନ୍ଦ ରହିଛି। ସମସ୍ତ ଆତଙ୍କବାଦୀଙ୍କ ବୟସ ୨୦ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଡାବ୍ଲୋ ମେୟର ଓଉସ୍‌ମାନେ ଜୋଙ୍ଗୋ ସୂଚନା ଦେଇଛନ୍ତି। ସୁରକ୍ଷା କର୍ମୀମାନେ ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଚଳାଇଛନ୍ତି। କୌଣସି ଆତଙ୍କବାଦୀ ସଙ୍ଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନ ଥିବାବେଳେ ଏହା ପଛରେ ଅନ୍‌ସାରୁଲ୍ ଇସ୍‌ଲାମ୍ କିମ୍ବା ଆଇଏସ୍‌ର ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ କରାଯାଉଛି।



ଅଧିକ ପରିମାଣର ବୈଦେଶିକ ମୁଦ୍ରା ନେଇ ଯାତ୍ରା କରୁଥିବା ଅଭିଯୋଗରେ ଜଣେ ଭାରତୀୟ ମହିଳାଙ୍କୁ ନେପାଳର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗିରଫ କରାଯାଇଛି। ପ୍ରତ୍ୟେକ ବିମାନଯାତ୍ରୀ ଅନୁମୋଦିତ ୫,୦୦୦ ଆମେରିକୀୟ ଡଲାର ସାଥୀରେ ନେଇ ଆସିବା ନିୟମ ଥିଲେ ମଧ୍ୟ ବନ୍ଦନା ସୋନି ନାମ୍ନୀ ଏହି ଭାରତୀୟ ମହିଳା ୧ଲକ୍ଷ ଆମେରିକୀୟ ଡଲାର ପାଖରେ ରଖିଥିଲେ। ସେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା।



## ସଂକ୍ଷେପରେ

### କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କର: ଭାଜପା

**ଭୁବନେଶ୍ୱର,୧୨।୫(ବ୍ୟୁରୋ):** ବାତ୍ୟା ଫନୀରେ ହଜାର ହଜାର ହେକ୍ଟର ଚାଷ ଜମି ଏବଂ ଫସଲ ନଷ୍ଟ ହୋଇଛି। ଧାନ, ଆଖୁ, ନଡିଆ, ଛତୁ ଚାଷ ଏବଂ ବିଭିନ୍ନ ପ୍ରକାରର ପନିପରିବା ଫସଲ ପୂରା ଛାରଖାର ହୋଇଛି। ସହାୟତା ନାଁରେ ରାଜ୍ୟ ସରକାର ଛଳନା କରିଚାଲିଛନ୍ତି। କେବଳ ଦଳୀୟ କର୍ମୀ ଏବଂ ତାଙ୍କ ସମର୍ଥକମାନଙ୍କୁ ରିଲିଫ ବଣ୍ଟାଯାଇଛି। ବାତ୍ୟା ପରେ କ୍ଷତିଗ୍ରସ୍ତ ଚାଷଜମିକୁ କୌଣସି କୃଷି ବିଭାଗର ଅଧିକାରୀ ଯାଇନାହାନ୍ତି ଓ କ୍ଷୟକ୍ଷତି ଆକଳନ କରିନାହାନ୍ତି। ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଚାଷ ଜମିରେ ଲଗାଇଥିବା ଚାଷୀମାନେ ବର୍ତ୍ତମାନ ଚିନ୍ତାରେ ପଡିଛନ୍ତି। ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଦଳେଇଘାଇ, ମଧ ଶାସନ, ସଦର ବ୍ଲକର ଦଣ୍ଡଆସିପଡା, ଆୟତପୁର ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷଜମି ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦାବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି।

### ନଦୀରେ ବୁଡ଼ି ନବମ ଶ୍ରେଣୀ ଛାତ୍ର ମୃତ

**ଆଲି,୧୨।୫(ଡି.ଏନ.ଏ.):** ଜଣେ ଆତ୍ମୀୟଙ୍କ ଶୁଦ୍ଧିକ୍ରିୟା ପାଇଁ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀରେ ବୁଡ଼ି ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଆଳି ଥାନା ଅଧୀନ ଅରଗଳ ଗ୍ରାମରେ। ମୃତ ଛାତ୍ର ଜଣଙ୍କ ହେଲେ ଅରଗଳ ଦାସଙ୍କ ପୁଅ ସିପୁନ(୧୫)। ଘଟଣା ମୁତାବକ, ଗ୍ରାମର ଡମ୍ବରୁଧର ଦାସଙ୍କ ସ୍ତ୍ରୀ ଭାରତୀଙ୍କ ଶୁଦ୍ଧିକ୍ରିୟା ପାଇଁ ଆତ୍ମୀୟମାନେ ଖରସ୍ରୋତା ନଦୀକୁ ଯାଇଥିଲେ। ଶୁଦ୍ଧିକ୍ରିୟା ସରିବା ପରେ ସିପୁନ ଅନ୍ୟ ଦୁଇଜଣଙ୍କ ସହ ନଦୀରେ ଗାଧୋଉଥିବା ବେଳେ ଗଭୀରକୁ ଚାଲିଯାଇଥିଲେ। ଅନ୍ୟ ଦୁଇଜଣ ପହଁରି ପହଁରି କୂଳକୁ ଚାଲି ଆସିଥିଲେ ହେଁ ସିପୁନ ଗଭୀର ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ଖୋଜାଖୋଜି ପରେ ଜାଲ ପକାଇ ସିପୁନଙ୍କୁ ଉଦ୍ଧାର କରାଯାଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ନିକଟସ୍ଥ କଣ୍ଡିଆ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସିପୁନ ସ୍ଥାନୀୟ ଏଡିଏମ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ।

### ପୁରୀ ରଥଖଳାରେ ଆହତ ଶ୍ରମିକଙ୍କ ମୃତ୍ୟୁ
#### ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ

**ଦଶପଲ୍ଲା,୧୨।୫ (ଡି.ଏନ.ଏ.):** ଦଶପଲ୍ଲାରୁ ପୁରୀ ପଠାଯାଇଥିବା ରଥକାଠ ଶନିବାର ରଥଖଳାରେ ଅନ୍‌ଲୋଡ ସମୟରେ ଏକ କାଠ ଖସିପଡିବାରୁ ଦଶପଲ୍ଲା ବନ୍ଧୁଗାଁ (ରଥଗାଁ) ଗ୍ରାମର ଶ୍ରମିକ ମାନସ ପ୍ରଧାନ(୩୨) ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୀ ଓ ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ଅପରାହ୍ନରେ ମାନସଙ୍କ ମୃତଦେହ ଦଶପଲ୍ଲାରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ରଥଗାଁଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି। ମାନସ ଘରେ ରୋଜଗାରିଆ ପୁଅ ହୋଇଥିବା ବେଳେ ପୁଅକୁ ହରାଇ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି। ରଥକାଠ ନେବା ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କ ସହ ମାନସ ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଥିଲେ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ୫ ମାସର ପୁଅଟିଏ ରହିଛି। ସମ୍ପୃକ୍ତ ଠିକାଦାର ଓ ବନବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିବାବେଳେ ଯାନବାହନ ଚଳାଚଳ ବନ୍ଦ ରହିଛି।

# ନିଶାରେ ଭାସିଥିଲା ନିର୍ବାଚନ

**କଟକ ଅଫିସ, ୧୨।୫**

- ୨ ମାସ ମଧ୍ୟରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ
- ଭଦ୍ରକ ମଦମୃତ୍ୟୁ ଘଟଣାକୁ ଚାପିଦେଲା ଫନୀ

ନିଶାରେ ଭାସିଥିଲା ଓଡ଼ିଶାର ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ। ଭଦ୍ରକରେ ନିର୍ବାଚନ ସମୟରେ ବିଷାକ୍ତ ମଦ ପିଇ ୧୦ ଜଣ ପ୍ରାଣ ହରାଇଥିଲେ। କିନ୍ତୁ ନିର୍ବାଚନ ପରବର୍ତ୍ତୀ ସମୟରେ ଫନୀ ବିଭୀଷିକା ଏହି ବୃହତ୍ ଘଟଣାକୁ ଚାପି ଦେଲା। ନିର୍ବାଚନ ଆଚରଣବିଧି ସଂହିତା ଅନୁଯାୟୀ ମତଦାନର ଦୁଇଦିନ ପୂର୍ବରୁ ମଦ ଦୋକାନ ବନ୍ଦ ରହିଥାଏ। କିନ୍ତୁ ଆଗ ତାଲା, ପଛ ଖୋଲା ନୀତିରେ ମଦ କାରବାର ଚୋରାରେ ଚାଲିଥିଲା, ଯାହା ଭଦ୍ରକ ମଦମୃତ୍ୟୁ ଘଟଣା ସାମ୍ନାକୁ ଆଣିଛି। କେବଳ ଭଦ୍ରକ ନୁହେଁ ସମଗ୍ର ରାଜ୍ୟରେ ନିର୍ବାଚନ ସମୟରେ ଚୋରା ମଦ ସହିତ ଅନ୍ୟାନ୍ୟ ନିଶା ସାମଗ୍ରୀର ଅବାଧ କାରବାର ଚାଲିଥିଲା। ଗତ ମାର୍ଚ୍ଚ ୧୦ରୁ ମେ ପହିଲା ମଧ୍ୟରେ ଅବକାରୀ ବିଭାଗ ଜବତ କରିଥିବା ଚୋରା ନିଶା ସାମଗ୍ରୀକୁ ଦେଖିଲେ ଏହାର ସ୍ପଷ୍ଟ ପ୍ରମାଣ ମିଳୁଛି।

ଉପରୋକ୍ତ ସମୟ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୫୯,୧୬୧.୨୪୩ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଜବତ ମଦର ମୂଲ୍ୟ ୨,୯୫,୮୦,୬୨୧.୫୦ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚୋରା କାରବାରରେ ୫୨୭ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଉପରୋକ୍ତ ଅବଧି ମଧ୍ୟରେ ୪୩୩୮.୨୫୫ ଲିଟର ବିୟର ଜବତ କରାଯାଇଛି। ଏହାର ମୂଲ୍ୟ ୭,୮୦,୮୮୫.୯୦ ଟଙ୍କା ହେବ। ଏହି ଚୋରା କାରବାର ଅଭିଯୋଗରେ ୧୮୯ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଦେଶୀ ମଦ କାରବାର ମଧ୍ୟ କିଛି କମ୍ ନ ଥିଲା। ନିର୍ବାଚନ ଚାଲିଥିବା ସମୟରେ ଅବକାରୀ ବିଭାଗ ପକ୍ଷରୁ ୩୨,୩୬୯.୦୮୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା, ଯାହାର ମୂଲ୍ୟ ୪୮,୫୫,୩୬୨.୭୫ ଟଙ୍କା ହେବ। ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୯୮୩ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ସମାନ ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬୮,୬୯୧.୧୨୦ ଲିଟର ହାତରନ୍ଧା ମଦ ଜବତ କରାଯାଇଥିଲା। ତାହାର ମୂଲ୍ୟ ୬୮,୬୯,୧୧୨ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏହି ଘଟଣାରେ ୨୩୮୫ ଜଣଙ୍କୁ ଗିରଫ କରାଯାଇଛି। ମୋଟାମୋଟି ଭାବେ ଦେଖିଲେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୩,୦୭୯ଟି ଚଢାଉ କରାଯାଇ ୧,୬୪,୫୫୯.୭୦୩ ଲିଟର ମଦ ଜବତ କରାଯାଇଛି। ଜବତ କରାଯାଇଥିବା ସମୁଦାୟ ମଦର ମୂଲ୍ୟ ୪ କୋଟି ୨୦ ଲକ୍ଷ ୮୫ହଜାର ୯୮୨ ଟଙ୍କା ୧୫ ପଇସା ହେବ ବୋଲି ଅବକାରୀ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚୋରା କାରବାର ବିରୋଧରେ ଅବକାରୀ ବିଭାଗରେ ୪୭୬୮ ମାମଲା ରୁଜୁ କରାଯାଇ ୪୦୮୪ ଜଣଙ୍କୁ ଗିରଫ କରାଯାଇଛି। ଏହାବାଦ ଅନ୍ୟାନ୍ୟ ଚୋରା ସାମଗ୍ରୀ ଯଥା ଗଞ୍ଜେଇ, ଅଫିମ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ କାରବାର ମଧ୍ୟ ଖୁଲମଖୁଲା ଥିଲା। କାରଣ ମାର୍ଚ୍ଚ ୧୦ ରୁ ମେ ପହିଲା ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ୯୭ ଲକ୍ଷ ୨ହଜାର ୮୨୫ ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ସୂଚନା ଦିଆଯାଇଛି।

ଉପରୋକ୍ତ ତଥ୍ୟକୁ ଦେଖିଲେ ମନେ ହୁଏ ନିର୍ବାଚନ ଆସିଲେ ଚୋରା ମଦ ବ୍ୟବସାୟୀଙ୍କ ପାଇଁ ପୁଷ ମାସ ଆଣିଥାଏ। କାରଣ ସରକାରୀ ଭାବେ ମଦ ଦୋକାନ ବନ୍ଦ ରହିଥିବା ଘୋଷଣା କରାଯାଇଥିବାରୁ ଚୋରା ବ୍ୟବସାୟୀମାନେ ବେଶ୍ ଲାଭବାନ ହୋଇଥାନ୍ତି। ଏହି କାରବାର ଦ୍ୱାରା ସରକାର ମଧ୍ୟ ବିପୁଳ ପରିମାଣର ରାଜସ୍ୱ ହରାଇଥାନ୍ତି। କାରଣ ସରକାରୀ ଭାବେ ଯେଉଁ ମଦର ମୂଲ୍ୟ ୧୦୦ ଟଙ୍କା ତାହା କଟକଣା ସମୟରେ ୨୦୦ରୁ ୩୦୦ ଟଙ୍କା ଛୁଇଁଥାଏ। ମୁଖ୍ୟତଃ ଏହି କଟକଣା ସମୟ ମଧ୍ୟରେ ଅବକାରୀ ବିଭାଗର କେତେଜଣ ମୁନାଫାଖୋର ଅଧିକାରୀ ବେଶ୍ ଲାଭବାନ ହେଉଥିବା ରାଜ୍ୟ ନିଶା ନିବାରଣ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଗଠନର କର୍ମକର୍ତ୍ତା ରମାକାନ୍ତ ମଣ୍ଡଳଙ୍କ କହିବା ଅନୁଯାୟୀ, ମଦ ଦୋକାନ ବନ୍ଦ ରହିବା ପ୍ରଚାର କେବଳ ଧର୍ମକୁ ଆଖିଠାର। କାରଣ କଟକଣା ସମୟରେ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସହାୟତାରେ ମଦ କାରବାର ଚୋରାରେ ଚାଲେ। କେବଳ ସେତିକି ନୁହେଁ, ଚଢ଼ା ମୂଲ୍ୟରେ ମଦ ବିକ୍ରି ହେବା ସହ ଅଧିକ ଫାଇଦା ଗୋଟାଇବାକୁ ଯାଇ ଚୋରା ବ୍ୟବସାୟୀମାନେ ତାହାକୁ ଭେଜାଲ କରିବାକୁ ପଛାଇ ନ ଥାନ୍ତି। ଫଳସ୍ୱରୂପ ବିଷାକ୍ତ ମଦ ମୃତ୍ୟୁ ଭଳି ଘଟଣା ଘଟୁଛି।

ଅବକାରୀ ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ପାଲଟା କୁହନ୍ତି, ନିର୍ବାଚନ ସମୟରେ ଚୋରା ନିଶା କାରବାରକୁ ବନ୍ଦ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଯଥେଷ୍ଟ ଉଦ୍ୟମ କରାଯାଇଛି। ଏପରିକି ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ୍ୟ ଗଠନ କରାଯାଇଥିଲା। ଉକ୍ତ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରିବା ଫଳରେ ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ତେବେ ଭଦ୍ରକ ଘଟଣାକୁ ବିଭାଗ ପକ୍ଷରୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇଥିବା ପାଲଟା କହିଛନ୍ତି।

# କାର୍ ଦୁର୍ଘଟଣାରେ ଅଭିନେତା ସଲିଲ ମିତ୍ର ଗୁରୁତର

**କେନ୍ଦୁଝର, ୧୨।୫(ସ୍ୱ.ପ୍ର.)**



କେନ୍ଦୁଝର ଜିଲା ଘଟଗାଁ କଲେଜ ଛକ ନିକଟରେ ଏକ କାର ଦୁର୍ଘଟଣାରେ ଓଡ଼ିଆ ସିନେ ତାରକା ସଲିଲ ମିତ୍ର ଏବଂ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ଖବର ଅନୁଯାୟୀ ରବିବାର କାର ଯୋଗେ ସଲିଲ ୨୦ ନଂ ଜାତୀୟ ରାଜପଥ ଦେଇ ଭୁବନେଶ୍ୱରରୁ କରଞ୍ଜିଆ ଅଭିମୁଖେ ଯାଉଥିଲେ। ଘଟଗାଁ କଲେଜ ଛକ ନିକଟରେ ଏକ ବଳଦଗାଡ଼ି ପଶିଆସିବାରୁ କାରଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ସଲିଲ ଏବଂ ଚାଳକ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ସଲିଲଙ୍କ ଡାହାଣ ହାତ ଏବଂ ଗୋଡ଼ ଭାଙ୍ଗିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।

### ■ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା
# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଏମ୍‌ସି ଦେଲା ୧୦୦ କୋଟି

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

**ଡ.ରମାକାନ୍ତ ପଣ୍ଡା ୧.୫ କୋଟି**

ସାମୁଦ୍ରିକ ଝଡ଼ ଫନୀ କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୧୦୦ କୋଟି ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛି। ଶିଳ୍ପ ସଚିବ ତଥା ନିଗମ ଅଧ୍ୟକ୍ଷ ସଞ୍ଜୀବ ଚୋପ୍ରା, ପରିଚାଳନା ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା ଏବଂ ଅର୍ଥ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ପ୍ରମୁଖ ରବିବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଜଣାଶୁଣା ହୃଦ୍‌ରୋଗ ବିଶେଷଜ୍ଞ ତଥା ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ରମାକାନ୍ତ ପଣ୍ଡା ୧.୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ହେପାଟୋଲୋଜି ଆସୋସିଏଟ୍ ପ୍ରଫେସର ଡ. ଅଶୋକ ଚୌଧୁରୀ ୫୧,୦୦୦ ଟଙ୍କା, ବଡ଼ବିଲର ଏସ୍.ଏନ୍. ମହାନ୍ତି ଗ୍ରୁପ୍ ଏକ କୋଟି ଏବଂ ଭୁବନେଶ୍ୱରର ସ୍ୱୟଂଶାଶ୍ୱତ ସିଂ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି।

**ଏଭରେଷ୍ଟ ଅଭିଯାନ**
# ୩ନଂ. ବେସ୍ କ୍ୟାମ୍ପରେ କଳ୍ପନା

**ଢେଙ୍କାନାଳ ଅଫିସ, ୧୨।୫**




ଏଭରେଷ୍ଟର ଉତ୍ତୁଙ୍ଗ ଶିଖରକୁ ଛୁଇଁବାକୁ ଅଦମ୍ୟ ଇଚ୍ଛା ନେଇ ପୁଣିଥରେ ଅଭିଯାନ ଆରମ୍ଭ କରିଛନ୍ତି ଢେଙ୍କାନାଳର ଦୁଃସାହସିକା କ୍ରୀଡ଼ାବିତ୍ କଳ୍ପନା ଦାଶ। ନେପାଳର କାଞ୍ଛିମାୟା ତମାଙ୍ଗ ଏବଂ ଚାଇନାର ଲିଆମୁ ମାଙ୍କ ସହ ସେ ନେପାଳରୁ ଏଭରେଷ୍ଟ ଚଢ଼ିବା ଆରମ୍ଭ କରିଥିବାବେଳେ ଅଭିଯାତ୍ରୀ ଦଳର ସଦସ୍ୟମାନେ ୩ନଂ. ବେସ୍ କ୍ୟାମ୍ପରେ ପହଞ୍ଚିସାରିଛନ୍ତି। ରବିବାର କ୍ୟାମ୍ପରୁ ଭାରତୀୟ ଶାଢ଼ି ପିନ୍ଧି କଳ୍ପନା ନିଜର ଫଟୋ ହ୍ୱାଟ୍ସଆପ୍‌ରେ ଶେୟାର କରିବା ସହ ଅଭିଯାନ ସମ୍ପର୍କରେ ସୂଚନା ଦେଇଛନ୍ତି।

କଳ୍ପନା କହିଛନ୍ତି ଯେ, ସହଯାତ୍ରୀଙ୍କ ସହ ସେ ୩ନଂ. ବେସ୍ କ୍ୟାମ୍ପରେ ପହଞ୍ଚିଛନ୍ତି। ପ୍ରବଳ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଆଗକୁ ଚଢ଼ିବା କଷ୍ଟକର ହେଉଛି। ତଥାପି ଅଭିଯାତ୍ରୀ ଦଳ ଉଦ୍ୟମ ଚଳାଇଛନ୍ତି। ବିଶ୍ୱଶାନ୍ତି, ବନ୍ଧୁତ୍ୱ ଏବଂ ମହିଳା ସଶକ୍ତୀକରଣ ବାର୍ତ୍ତା ନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ମହିଳାମାନେ ଦୁଃସାହସିକ କ୍ରୀଡ଼ାରେ ଭାଗନେବା ପାଇଁ ପ୍ରେରିତ କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ବିଶିଷ୍ଟ ମାଉଣ୍ଟେନର ପେମ୍ବା ଧୀରଜେ ସେରପା ଅଭିଯାନର ନେତୃତ୍ୱ ନେଉଥିବା ସେ ସୂଚନା ଦେଇଛନ୍ତି।

### ■ ଅଗ୍ନିକାଣ୍ଡରେ ଜଳିଗଲା ୮ ବଖରା
# ନବବଧୂ ଜୀବନ୍ତ ଦଗ୍ଧ

**ଭଦ୍ରକ ଅଫିସ,୧୨।୫**



ପୋଡ଼ି ଯାଇଥିବା ଘର। ମୃତ ନବବଧୂ (ଫାଇଲ୍ ଫଟୋ)।

ଭଦ୍ରକ ସହର ଉପକଣ୍ଠ ଉଗାଳପୁର ମାଝିସାହିରେ ରବିବାର ମଧ୍ୟାହ୍ନରେ ଭୟାଭୟ ଅଗ୍ନିକାଣ୍ଡ ଘଟି ପଙ୍କଜିନୀ ଗୁଡୁ (୨୨) ନାମ୍ନୀ ଜଣେ ନବବଧୂ ଜୀବନ୍ତଦଗ୍ଧ ହୋଇଛନ୍ତି। ୧୮ ଦିନ ପୂର୍ବେ ତାଙ୍କର ବିବାହ ହୋଇଥିଲା। ଘରେ ନିଆଁ ଲାଗିଯିବା ପରେ ସ୍ଥାନୀୟ ଲୋକେ ଧାଇଁ ଆସି ବିଭିନ୍ନ ଉପକରଣ ଘରୁ କାଢୁଥିଲେ। ସେତେବେଳେ ଜଳୁଥିବା ଚାଳଛପରର ଏକ ଅଂଶ ପଙ୍କଜିନୀଙ୍କ ଉପରେ ପଡ଼ିଯାଇଥିଲା। ନିଆଁର ତାପ ଏତେ ପ୍ରଖର ଥିଲା ଯେ ତାଙ୍କୁ ଉଦ୍ଧାର କରିବା କାହା ପକ୍ଷେ ସମ୍ଭବ ହୋଇ ନ ଥିଲା। ଫଳରେ ସେ ନିଆଁରେ ସମ୍ପୂର୍ଣ୍ଣ ଜଳି ଯାଇଥିଲେ। ଏଭଳି ଦୁଃଖଦ ଘଟଣା ଗ୍ରାମ ଓ ଅଞ୍ଚଳବାସୀଙ୍କୁ ଶୋକାକୁଳ କରିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଭଦ୍ରକ ତହସିଲଦାର ପ୍ରଦୀପ ସାହୁ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଅଗ୍ନିକାଣ୍ଡର କାରଣ ଠିକ୍ ଭାବେ ଜଣା ପଡ଼ି ନ ଥିଲେ ମଧ୍ୟ ଶର୍ଟ ସର୍କିଟ୍ ଯୋଗୁ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ୩ ପରିବାରର ୮ ବଖରା ଜଳି ପାଉଁଶ ହୋଇଯାଇଛି। ଘଟଣା ସ୍ଥଳରେ ଭଦ୍ରକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ପଙ୍କଜିନୀଙ୍କ ବାପଘର ମାର୍କୋଣା ନିକଟସ୍ଥ ନୂଆସାହିରେ। ଗତ ଏପ୍ରିଲ ୨୪ ତାରିଖରେ ସେ ଉଗାଳପୁରର ଦୁର୍ଗାଚରଣ ଗୁଡୁଙ୍କୁ ବିବାହ କରିଥିଲେ। ପାଦରୁ ଅଳତା ଓ ହାତରୁ ମେହେନ୍ଦୀ ଲିଭି ନ ଥିବା ବେଳେ ରବିବାର ଘଟିଥିବା ଅଗ୍ନିକାଣ୍ଡରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା କହିଛି।

### ■ ଏମ୍‌ସିଆଇ ଜାରି କଲା ବିଜ୍ଞପ୍ତି
# ମେଡିକାଲ କଲେଜରେ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ

**କଟକ ଅଫିସ, ୧୨।୫**

**ଡାକ୍ତରଙ୍କ ଘରୋଇ ରୋଜଗାର ଉପରେ ଅଙ୍କୁଶ**

ଦେଶର ସରକାରୀ ମେଡିକାଲ କଲେଜଗୁଡ଼ିକରେ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ। ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ(ଏମସିଆଇ) ପକ୍ଷରୁ ଏ ନେଇ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ କଲେଜ ଏହି ନିୟମକୁ ପାଳନ ନ କରିବ ତାହାର ଅନୁମତି ପତ୍ରକୁ ଏମ୍‌ସିଆଇ ପକ୍ଷରୁ ପ୍ରତ୍ୟାହାର କରାଯିବ ବୋଲି କୁହାଯାଇଛି। ଦୈନିକ ପୂର୍ବାହ୍ନ ୯ଟା, ଅପରାହ୍ନ ୨ଟା ଓ ୫ଟାରେ ଡାକ୍ତରମାନଙ୍କୁ ବାୟୋମେଟ୍ରିକ ଉପସ୍ଥାନର ସାମ୍ନା କରିବାକୁ ପଡ଼ିବ। ଏମ୍‌ସିଆଇ ପକ୍ଷରୁ ଏ ନେଇ ଏକ ସଫ୍ଟୱେର ପ୍ରସ୍ତୁତ କରାଯାଇଛି। ଡାକ୍ତର ଟିପ ଚିହ୍ନ ଦେବା ମାତ୍ରେ ତାହା ଆପଣା ଛାଏ ଲଗ୍-ଇନ ହୋଇଯିବ। ଫଳରେ ଏମ୍‌ସିଆଇ ଅଧିକାରୀମାନେ ଦିଲ୍ଲୀରେ ବସି ଏସ୍‌ସିବି ମେଡିକାଲର କେଉଁ ଡାକ୍ତର ହସ୍ପିଟାଲରେ ଅଛନ୍ତି କି ନାହାନ୍ତି ତାହା ଜାଣିପାରିବେ। ଏହାଦ୍ୱାରା ଡାକ୍ତରମାନଙ୍କ ସରକାରୀ ଡ୍ୟୁଟି ସମୟରେ ଘରୋଇ ରୋଜଗାର ଉପରେ ବଡ଼ଧରଣର ଅଙ୍କୁଶ ଲଗାଯାଇ ପାରିବ ବୋଲି କୁହାଯାଉଛି। ସୂଚନାଥାଉ କି, ୨୦୧୭ ଅଗଷ୍ଟ ମାସରେ ଏମ୍‌ସିଆଇ ପକ୍ଷରୁ ବାୟୋମେଟ୍ରିକ ଉପସ୍ଥାନ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ମାତ୍ର ତାହାକୁ ଅଧିକାଂଶ ମେଡିକାଲ କଲେଜ ଅନୁପାଳନ କରି ନ ଥିଲେ। ଫଳରେ ଏହାକୁ ଏବେ ବାଧ୍ୟତାମୂଳକ କରାଯାଇଛି। ଏସ୍‌ସିବି ମେଡ଼ିକାଲକୁ ଦେଖିଲେ ମୋଟ୍ ୩୨ଟି ବିଭାଗ କାର୍ଯ୍ୟ କରୁଛି। ଅଧିକାଂଶ ବିଭାଗର ଡାକ୍ତରମାନେ ମନଇଚ୍ଛା ମେଡିକାଲକୁ ଆସୁଥିବାବେଳେ କେତେଜଣ ଡାକ୍ତର ମେଡିକାଲରେ ହାଜିରା ଦେଇ ଘରୋଇ ଭାବେ ରୋଗୀ ଦେଖିଥାନ୍ତି। ଏବେ ଏହି ଡାକ୍ତରମାନଙ୍କ ପାଇଁ ଏମ୍‌ସିଆଇ କଟକଣା ଅଡୁଆ ସୃଷ୍ଟି କରିଛି। ସୂଚନାଥାଉ କି, ୨୦୧୧ ମସିହାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ପକ୍ଷରୁ ଏସ୍‌ସିବିରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଉକ୍ତ ମେଶିନଗୁଡ଼ିକୁ ଜାଣିଶୁଣି ଖରାପ କରାଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି କୁହନ୍ତି, ଏମ୍‌ସିଆଇ ପକ୍ଷରୁ ଏଥି ନିମନ୍ତେ ଏକ କଣ୍ଟ୍ରୋଲ ମନିଟରିଂ ସିଷ୍ଟମ କରାଯାଇଛି। ଏମ୍‌ସିଆଇ ଆମକୁ ମେଶିନ ଯୋଗାଇ ଦେବା ମାତ୍ରେ ଆମେ ଏହି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବୁ।

# ପୁରୀ ଜିଲାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ପରଖିବେ ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

- ବାତ୍ୟା କ୍ଷତିଗ୍ରସ୍ତ ପୁରୀ, ଖୋର୍ଦ୍ଧା ଜିଲାରେ କାର୍ଯ୍ୟ କରିବେ ୨୦ ଡାକ୍ତର
- ମୁତୟନ ରହିବେ ୨୦୦ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ

ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ତଦାରଖ ଲାଗି ବିଭାଗୀୟ ଶାସନ ସଚିବଙ୍କ ସହ ଅନ୍ୟ ଆଇଏଏସ୍ ଓ ଓଏଏସ୍ ଅଧିକାରୀମାନେ ସୋମବାର ପୁରୀ ଜିଲାର ବିଭିନ୍ନ ବ୍ଲକ ଗସ୍ତ କରିବେ। ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା କୃଷ୍ଣପ୍ରସାଦ ବ୍ଲକକୁ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଗସ୍ତ କରିବେ। ସେହିଭଳି ପୁରୀ ସଦର ବ୍ଲକକୁ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଯିବାକୁ ସ୍ଥିର ହୋଇଥିବା ବେଳେ ବ୍ରହ୍ମଗିରି ବ୍ଲକକୁ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ମାନସ ପାଢ଼ୀ ଓ ଉପସଚିବ ରାଜେଶ ଅଗ୍ରୱାଲ ଯିବେ। ସତ୍ୟବାଦୀ ବ୍ଲକକୁ ବିଭାଗ ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ ଓ ଉପସଚିବ ଦୁର୍ଗେଶ ନନ୍ଦିନୀ ସାହୁ, କଣାସ ବ୍ଲକକୁ ଉପସଚିବ ଜସ୍ମିନ ପଟ୍ଟନାୟକ ଓ ସ୍ୱତନ୍ତ୍ର ସଚିବ ଶରତ ମିଶ୍ର ଏବଂ ଗୋପ ବ୍ଲକକୁ ଯୁଗ୍ମ ସଚିବ ସ୍ମିତା ବିଶ୍ୱାଳ ଓ ଉପସଚିବ ମମତା ବାରିକ ଯିବା ପାଇଁ ସ୍ଥିର ହୋଇଛି। ଅଧିକାରୀମାନଙ୍କ ଗସ୍ତ ସମୟରେ ଡାକ୍ତରୀ ଦଳ ମଧ୍ୟ ଉପସ୍ଥିତ ରହିବେ। ପ୍ରତ୍ୟେକ ଟିମ୍ କ୍ଷେତ୍ରସ୍ଥଳକୁ ଯାଇ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ଲୋକେ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି, ତାହା ଅନୁଧ୍ୟାନ କରିବେ। ବିଶେଷକରି ଲୋକଙ୍କୁ ଆବଶ୍ୟକ ମୁତାବକ ଔଷଧ, ପ୍ରସୂତିଙ୍କୁ ଉପଯୁକ୍ତ ଚିକିତ୍ସା, ଜଳ ବିଶୋଧନ ସହିତ ମହାମାରୀ ନ ବ୍ୟାପିବା ପାଇଁ ବିଭାଗ ପକ୍ଷରୁ ଜାରି ହୋଇଥିବା ସତର୍କତାମୂଳକ ପଦକ୍ଷେପ କିଭଳି କାର୍ଯ୍ୟକାରୀ ହେଉଛି, ତାହା ଲୋକଙ୍କଠାରୁ ପଚାରି ବୁଝିବେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ପ୍ରତି ୧୦ ପଞ୍ଚାୟତ ପାଇଁ ଜଣେ ଲେଖାଏ ଡାକ୍ତର ମୁତୟନ ରହିବେ। ଅନୁରୂପ ଭାବେ ପ୍ରତି ପଞ୍ଚାୟତ ଲାଗି ଜଣେ ଲେଖାଏ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଦାୟିତ୍ୱରେ ରହିବେ। ପୁରୀ ଏବଂ ଖୋର୍ଦ୍ଧା ଜିଲାର ବାତ୍ୟା ପ୍ରଭାବିତ ୯ଟି ବ୍ଲକରେ ଏଭଳି ବ୍ୟବସ୍ଥା କରାଯାଇଥିବା ବେଳେ ତଦନୁଯାୟୀ ୨୦ଜଣ ଡାକ୍ତର ଓ ୨୦୦ଜଣ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ମୁତୟନ କରାଯିବ। ଏଥିପାଇଁ ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର ସିଡିଏମ୍‌ଓମାନଙ୍କୁ ସେମାନଙ୍କ ଜିଲାରୁ ଡାକ୍ତର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଠାଇବାକୁ କୁହାଯାଇଛି। ସୋମବାର ସକାଳ ୮ଟା ସୁଦ୍ଧା ସେମାନେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟରେ ରିପୋର୍ଟ କରିବା ସହିତ ୭ ଦିନ ପାଇଁ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଓ ଖୋର୍ଦ୍ଧା ଜିଲାରେ କାର୍ଯ୍ୟ କରିବେ। ସବିଶେଷ ସୂଚନାନୁଯାୟୀ, ରବିବାର ସୁଦ୍ଧା ବାତ୍ୟା ପ୍ରଭାବିତ ଅଞ୍ଚଳରେ ୧୮୪ ଭ୍ରାମ୍ୟମାଣ ଚିକିତ୍ସକ ଦଳ ମୁତୟନ ହୋଇଥିବା ବେଳେ ୬୮୮ ମେଡିକାଲ ରିଲିଫ୍ କେନ୍ଦ୍ର କାର୍ଯ୍ୟ କରୁଛି। ଅନ୍ୟାନ୍ୟ ଜିଲାରୁ ୭୬ଜଣ ଡାକ୍ତର ଓ ୩୧୦ଜଣ ପାରାମେଡିକାଲ କର୍ମଚାରୀଙ୍କୁ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଯାଇଛି। ଗାଁ କଲ୍ୟାଣ ସମିତି ଜରିଆରେ ୧୧,୧୧୨ଟି ସଫେଇ କାର୍ଯ୍ୟକ୍ରମ ସରିଛି। ପାନୀୟ ଜଳ ବିଶୋଧନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ହାତକୁ ନିଆଯିବା ସହିତ ରବିବାର ସୁଦ୍ଧା ୫୯,୩୨୫ ମୁକ୍ତ ଜଳ ଉତ୍ସକୁ ବ୍ୟବହାର ଉପଯୋଗୀ କରାଯାଇପାରିଛି।


**ଫର୍ମ ଜି**
**ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ)

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | ଟାଣ୍ଟିଆ କନ୍‌ଷ୍ଟ୍ରକ୍ସନ୍ ଲିମିଟେଡ୍ |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୦୪ ଡିସେମ୍ବର, ୧୯୬୪ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଛନ୍ତି | କମ୍ପାନୀ ନିବନ୍ଧକ, କୋଲକାତା |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍‌୭୪୨୧୦ଡବ୍ଲ୍ୟୁବି୧୯୬୪ପିଏଲ୍‌ସି୦୨୬୨୮୪ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ବ୍ଲକ୍ ଡିଡି ୩୦, ସେକ୍ଟର-୧, ସଲ୍ଟ ଲେକ୍ ସିଟି, କୋଲକାତା-୭୦୦୦୬୪, ଭାରତ |
| ୬ | ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୩ ମାର୍ଚ୍ଚ, ୨୦୧୯ |
| ୭ | ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ ତାରିଖ | ୧୩ ମେ, ୨୦୧୯ |
| ୮ | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | ଯୋଗ୍ୟତା ମାନଦଣ୍ଡ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ - https://www.tantiagroup.com/nclt.htmlରେ ଉପଲବ୍ଧ ସବିଶେଷ ଆଗ୍ରହର ପରିପ୍ରକାଶ ପ୍ରକ୍ରିୟା କାଗଜପତ୍ରରେ ଦର୍ଶାଯାଇଛି କିମ୍ବା ଏହାକୁ rp.tantia@in.gt.comରେ ଇମେଲ୍ ପଠାଇ ମଗାଯାଇପାରିବ। |
| ୯ | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ଆଇବିବିଆଇ ୱେବ୍‌ସାଇଟ୍ (https://ibbi.gov.in/legal-framework/)ରେ ଉପଲବ୍ଧ କିମ୍ବା rp.tantia@in.gt.comରେ ଇମେଲ୍ ଦ୍ୱାରା ଅନୁରୋଧ କରାଯାଇପାରିବ |
| ୧୦ | ଆଗ୍ରହର ପରିପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ୩୦ ମେ, ୨୦୧୯ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ |
| ୧୧ | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ୦୯ ଜୁନ୍, ୨୦୧୯ |
| ୧୨ | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ୧୪ ଜୁନ୍, ୨୦୧୯ |
| ୧୩ | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ୨୪ ଜୁନ୍, ୨୦୧୯ |
| ୧୪ | ସୂଚନା ସ୍ମାରକ, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ୧୪ ଜୁନ୍, ୨୦୧୯ |
| ୧୫ | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ଯୋଗ୍ୟ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ସହ ବୈଦ୍ୟୁତିକ ଆକାରରେ ଭାଗ କରାଯିବ |
| ୧୬ | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ୭ ଅଗଷ୍ଟ, ୨୦୧୯ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ |
| ୧୭ | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ମୀମାଂସା ବୃତ୍ତିଧାରୀଙ୍କୁ ଜଉମୁଦଦିଆ ଲଫାପାରେ ଡାକ ଯୋଗେ/ ହାତରେ ତଥା ପେନ୍‌ଡ୍ରାଇଭ୍‌ରେ ଡିଜିଟାଲ କପି |
| ୧୮ | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ୨୫ ଅଗଷ୍ଟ, ୨୦୧୯ |
| ୧୯ | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ଶ୍ରୀଯୁକ୍ତ କ୍ଷୀତିଜ ଛଓଛାରିଆ ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬ |
| ୨୦ | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ଶ୍ରୀଯୁକ୍ତ କ୍ଷୀତିଜ ଛଓଛାରିଆ, ଆଇପିଙ୍କ ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ମାର୍ଫତ୍ ବି.ଛଓଛାରିଆ ଆଣ୍ଡ କୋ., ୮ଏ ଓ ୮ବି, ସତ୍ୟମ ଟାୱାର୍ସ, ୩, ଆଲିପୁର ରୋଡ୍, କୋଲକାତା-୭୦୦୦୨୭ ଇମେଲ୍: kshitiz@bccoindia.com |
| ୨୧ | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | ମାର୍ଫତ୍ ଗ୍ରାଣ୍ଟ ଥର୍ନଟନ୍ ଇଣ୍ଡିଆ, ୫ମ ମହଲା, ୧୦ସି, ହଙ୍ଗରଫୋର୍ଡ ଷ୍ଟ୍ରୀଟ୍, କୋଲକାତା-୭୦୦୦୧୭, ପଶ୍ଚିମବଙ୍ଗ ପତ୍ରାଳାପ ଇମେଲ୍: rp.tantia@in.gt.com |
| ୨୨ | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | rp.tantia@in.gt.comରେ ଇମେଲ ଅନୁରୋଧ କିମ୍ବା କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍- https://www.tantiagroup.com/nclt.html |
| ୨୩ | ଫର୍ମ ଜି ପ୍ରକାଶନର ତାରିଖ | ୧୩ ମେ, ୨୦୧୯ |

**କ୍ଷୀତିଜ ଛଓଛାରିଆ,** ମୀମାଂସା ବୃତ୍ତିଧାରୀ
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬
ଆଇପିଙ୍କ ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା ଓ ଇମେଲ୍ ଆଇଡି:
ମାର୍ଫତ୍ ବି.ଛଓଛାରିଆ ଆଣ୍ଡ କୋ.,
୮ଏ ଓ ୮ବି, ସତ୍ୟମ ଟାୱାର୍ସ, ୩, ଆଲିପୁର ରୋଡ୍, କୋଲକାତା-୭୦୦୦୨୭
ଇମେଲ୍: kshitiz@bccoindia.com
ଟାଣ୍ଟିଆ କନ୍‌ଷ୍ଟ୍ରକ୍ସନ୍ସ ଲିମିଟେଡ୍ ପାଇଁ

ତାରିଖ: ୧୩ ମେ, ୨୦୧୯
ସ୍ଥାନ: କୋଲକାତା



କଂଗ୍ରେସର ଭୋପାଳ ପ୍ରାର୍ଥୀ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ରବିବାର ଭୋଟ ଦେଇପାରି ନାହାନ୍ତି। ଘରୋଇ ସହର ରାଜଗଡ଼ ଯାଇନପାରି ମୁଁ ଦୁଃଖିତ ଓ ପରବର୍ତ୍ତୀ ସମୟରେ ମୁଁ ମୋ ନାମ ଭୋପାଳରେ ପଞ୍ଜିକରଣ କରିବି ବୋଲି ସେ କହିଛନ୍ତି। ୧୯୮୪ ମସିହାରୁ ଭୋପାଳ ଆସନ ହାତେଇବାରେ ବ୍ୟର୍ଥ ହୋଇଥିବା କଂଗ୍ରେସରୁ ଏଥର ଦିଗ୍‌ବିଜୟ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୋଧରେ ଭାଜପାରୁ ପ୍ରଜ୍ଞା ସିଂ ଠାକୁର ନିର୍ବାଚନ ଲଢୁଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିଲିକାରେ ୪ ନୂଆ ମୁହାଣ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରଭାବରେ ଚିଲିକାରେ ୪ ନୂଆ ମୁହାଣ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ଦୁଇଟି ମୁହାଣ ମଝିରେ ଆଉ ତିନୋଟି ଏବଂ ଉତ୍ତରପଟକୁ ଆଉ ଗୋଟିଏ ମୁହାଣ ଖୋଲିଛି। ନୂଆ ମୁହାଣ ଖୋଲିବା ଦ୍ୱାରା ଚିଲିକାରେ ଲବଣର ମାତ୍ରା ବଢ଼ିଯାଇଛି। ତେବେ କେବଳ ପ୍ରାକୃତିକ ଉପାୟରେ ବାଲି ହୋଇ ଏହା ପୂର୍ବ ଅବସ୍ଥାକୁ ଆସିବ ବୋଲି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଜୈବ ବିବିଧତାରେ ଅସନ୍ତୁଳନ ଦେଖାଯାଇଛି। ଅତି ସ୍ପର୍ଶକାତର ଜଳଚର ଜୀବମାନେ ବାତ୍ୟା ଓ ଜୁଆର ପ୍ରଖରତାରେ ପ୍ରଭାବିତ ହୋଇପାରିଥାଆନ୍ତି। ତେଣୁ ଚିଲିକା କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଏହା ଅନୁଧ୍ୟାନ କରିବେ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସେପଟେ ପୁରୀରେ ଉପୁଡ଼ି ଓ ଭାଙ୍ଗିପଡ଼ିଥିବା ଗଛ କାଟିବା ପାଇଁ ୯୦ଟି ଦଳ ନିୟୋଜିତ ହୋଇଥିବା ବେଳେ ବ୍ରହ୍ମଗିରି-ସାତପଡ଼ା ଅଞ୍ଚଳରେ ୨୦ଟି ଦଳ ନିୟୋଜିତ ଅଛନ୍ତି। ପୁରୀ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଓଡ଼ିଶା ବନ ନିଗମ ପକ୍ଷରୁ ପୁରୀ ସହର, ନିକଟବର୍ତ୍ତୀ ଅଞ୍ଚଳ ଏବଂ ନିମାପଡ଼ା ଅଞ୍ଚଳ ପାଇଁ ୬୦ଟି ଦଳକୁ ମୁତୟନ କରାଯାଇଛି। ସେହିପରି ୧୨୦ ଗଛକଟାଳି ଦଳ ଭୁବନେଶ୍ୱରର ବିଭିନ୍ନ ୟୁନିଟ୍ ଅଞ୍ଚଳ, ସଚିବାଳୟ ଅଞ୍ଚଳ, ଆର୍‌ବିଆଇ କଲୋନୀ, ବିଜୁ ପଟ୍ଟନାୟକ ପାର୍କ, ବୁଦ୍ଧ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ମଧୁସୂଦନ ପାର୍କ ଆଦି ଅଞ୍ଚଳରେ ପଡ଼ିଥିବା ଗଛ କାଟିବା ସହ ବିଦ୍ୟୁତ୍ ସଂଯୋଗୀକରଣରେ ସେସୁକୁ ସହାୟତା ରହିବେ। ଏଥିସହିତ ବିଏମ୍‌ସି ଅଞ୍ଚଳରେ ମଧ୍ୟ ଗଛକଟା ଓ ଆବର୍ଜନା ସଫେଇରେ ସହଯୋଗ କରିବେ ବୋଲି ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

### ବଢ଼ିଛି ଲବଣ ମାତ୍ରା

# ଚାଲିଲା ୧୮ ଏକ୍ସପ୍ରେସ୍ ଟ୍ରେନ୍

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)



ବାତ୍ୟା ପାଇଁ ବାତିଲ ହୋଇଥିବା ସମସ୍ତ ଏକ୍ସପ୍ରେସ୍ ଟ୍ରେନ୍ ପୁଣିଥରେ ଚଳାଚଳ ଆରମ୍ଭ କରିଛି। ରବିବାରଠାରୁ ଦେଶର ବିଭିନ୍ନ ପ୍ରାନ୍ତକୁ ମୋଟ ୧୮ ଏକ୍ସପ୍ରେସ୍ ଟ୍ରେନ୍ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚଳାଚଳ ଆରମ୍ଭ କରିଛି। ଏହାମଧ୍ୟରୁ କେବଳ ପୁରୀରୁ ୧୫ ଏକ୍ସପ୍ରେସ୍ ରବିବାର ଯାତ୍ରା କରିଛି। ବାତ୍ୟା 'ଫନୀ'ରେ ପୁରୀ ରେଳଷ୍ଟେଶନ ଏବଂ ରେଳପଥ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୂର୍ବତଟ ରେଳପଥ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଟ୍ରାକ୍ ମରାମତି କରାଯାଇ ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି। ସେହିଭଳି ବାତ୍ୟା ପରେ ବାତିଲ ହୋଇଥିବା ଭୁବନେଶ୍ୱରରୁ ଦୁଇଟି ଏକ୍ସପ୍ରେସ୍ ଏବଂ ଖୋର୍ଦ୍ଧା ରୋଡ୍‌ରୁ ଗୋଟିଏ ଏକ୍ସପ୍ରେସ୍ ଟ୍ରେନ୍ ପୂର୍ବଭଳି ଚଳାଚଳ କରିଛି। ଏହାବ୍ୟତୀତ ପୁରୀ-ହାଓ୍ୱଡା ଶତାବ୍ଦୀ ଏବଂ ପାରାଦୀପ-ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ୍ ପୂର୍ବରୁ ବାତ୍ୟା ପାଇଁ ବାତିଲ କରାଯାଇଥିବା ବେଳେ ଏବେ ଏହା ସାଧାରଣ ଭାବେ ଚଳାଚଳ ଆରମ୍ଭ କରିଛି। ଏପଟେ ଟ୍ରେନ୍ ସେବା ଆରମ୍ଭ ହେବା ପରେ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ପରିବର୍ତ୍ତନ ହେବା ନେଇ ଆଶା କରାଯାଉଛି। ବିଶେଷକରି ପର୍ଯ୍ୟଟନସ୍ଥଳ ପୁରୀ ପୁଣିଥରେ ସାଧାରଣ ଅବସ୍ଥାକୁ ଫେରିବ ବୋଲି ଆଶା କରାଯାଇଛି। ଜୁନ୍ ପ୍ରଥମ ସପ୍ତାହରୁ ପର୍ଯ୍ୟଟକଙ୍କ ପାଇଁ ପୁରୀ ଦ୍ୱାର ଖୋଲିବା ନେଇ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ସ୍ୱାଭାବିକ ଟ୍ରେନ୍ ସେବା ଏଥିରେ ସାହାଯ୍ୟ କରିବ ବୋଲି କୁହାଯାଇଛି।

### ପୁରୀରୁ ସମସ୍ତ ଏକ୍ସପ୍ରେସ୍ ଟ୍ରେନ୍ ସେବା ଆରମ୍ଭ

## ଏଟିଏମ୍‌କୁ ଟଙ୍କା ନେଉଥିବା ଗାଡ଼ିକୁ ବୋମାମାଡ଼

# ୨ ଗୁରୁତର, ଲୁଟି ନେଲେ ୯୪ ହଜାର

ବେଗୁନିଆ,୧୨।୫ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ରବିବାର ଅପରାହ୍ଣରେ ଏଟିଏମ୍‌କୁ ଟଙ୍କା ନେଇ ଯାଉଥିବା ଏକ ଗାଡି ଉପରକୁ କେତେଜଣ ଦୁର୍ବୃତ୍ତ ବୋମାମାଡ କରିଛନ୍ତି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ଗାଡିରେ ଥିବା ବାକ୍ସରୁ ୯୪ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ପଳାଇ ଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ହେଲେ ଦୁର୍ବୃତ୍ତମାନଙ୍କ କୌଣସି ସନ୍ଧାନ ପାଇ ପାରିନାହିଁ। ଏଟିଏମ୍ କାଉଣ୍ଟରଗୁଡ଼ିକରେ ଟଙ୍କା ବୋଝେଇ କରି ଏକ ଗାଡି ନଂ. ଓଆର ୦୨ ବି କ୍ୟୁ ୬୧୯୦ ଯୋଗେ ୨ ଜଣ କର୍ମଚାରୀ, ଜଣେ ଚାଳକଙ୍କ ସହ ସୁକ୍ୟୁରିଟି ଗାର୍ଡ କଳାପଥର ପଟୁ ଖୋର୍ଦ୍ଧା ଅଭିମୁଖେ ଫେରୁଥିଲେ। ବାଘମାରୀ-କଣ୍ଟିଲୋ ରାସ୍ତା ଅଧୀନ ଗୋବିନ୍ଦପୁର ଛକ ନିକଟରେ ଅପରାହ୍ଣ ସାଢେ ୪ଟାରେ ୬ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡା ବାନ୍ଧି ୩ଟି ବାଇକ୍ ଯୋଗେ ପିଛା କରିଥିଲେ। ସେମାନେ ଟଙ୍କା ବୋଝେଇ ଗାଡିର ପଛ ପଟୁ ଗୁଳିମାଡ କରିଥିଲେ। ହେଲେ ଚାଳକ ଜଣଙ୍କ ଗାଡିଟିକୁ ଦ୍ରୁତଗତିରେ ଚଳାଇଥିଲେ। ଦୁର୍ବୃତ୍ତମାନେ ଗାଡିକୁ ଅତିକ୍ରମ କରି ଆଗପଟୁ ଚାଳକଙ୍କୁ ଗୁଳିମାଡ କରିଥିଲେ। ଫଳରେ ଗାଡିଟି ଅଟକି ଯାଇଥିଲା। ପରେ ଗାଡିରେ ବସିଥିବା ସିକ୍ୟୁରିଟି ଗାର୍ଡଙ୍କ ଉପରକୁ ଗୋଟିଏ ବୋମାଗାଡ କରିଥିଲେ। ଅଥଚ ବୋମାଟି ଲକ୍ଷ୍ୟଭ୍ରଷ୍ଟ ହୋଇ ଗାଡ କାଚରେ ବାଜିଥିଲା। ଘଟଣାସ୍ଥଳରେ ଦୁର୍ବୃତ୍ତମାନେ ଅନ୍ୟମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ବାକ୍ସରୁ ୯୪ ହଜାର ଟଙ୍କା ଲୁଟି ନେଇ ବେଗୁନିଆ ଆଡେ ପଳାଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିବା ଚାଳକ ପ୍ରଭୁଦତ୍ତ ପରିଡା ଏବଂ ସିକ୍ୟୁରିଟି ଗାର୍ଡ ସନ୍ତୋଷ କୁମାର ପଣ୍ଡାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ଅନ୍ୟ ୨ କର୍ମଚାରୀ ବିଜୟ କୁମାର ପଢିଆରୀ ଏବଂ ଲକ୍ଷ୍ମୀଧର ପରିଡାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଖବର ଲେଖା ଗଲାବେଳକୁ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି।

## ଘର ଭାଙ୍ଗିଥିଲେ...

ଭିତ୍ତିରେ ଜାରି ରହିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସୂଚନା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ କହିଛନ୍ତି ଯେ, ପୁରୀ ଜିଲାରେ ୨୪୩, ଖୋର୍ଦ୍ଧାରେ ୩୩୯ ଗ୍ରାମୀଣ ପାଇପ୍ ପାଣି ଯୋଗାଣ ଯୋଜନା କାର୍ଯ୍ୟକାରୀ ହୋଇଛି। ସେହିଭଳି ଭଦ୍ରକ, କେନ୍ଦ୍ରାପଡା ଜିଲାରେ ଶତପ୍ରତିଶତ ଏବଂ ଯାଜପୁର ଓ ଜଗତ୍‌ସିଂହପୁର ଜିଲାରେ ୯୮% ଗ୍ରାମୀଣ ପାଇପ୍ ପାଣି ଯୋଗାଣ ସ୍ୱାଭାବିକ ହୋଇଛି। ଫନୀ ଦ୍ୱାରା ପ୍ରଭାବିତ ୨୩୬୪ ୱାଟର ପଏଣ୍ଟରୁ ୨୧୧୪ଟିର ମରାମତି ସରିଥିବା ସଚିବ ସିଂ କହିଛନ୍ତି। ଏହା ବ୍ୟତୀତ ୧୨୬୬ ଭ୍ରାମ୍ୟମାଣ ୱାଟର ଟ୍ୟାଙ୍କ୍ ୭ଟି ଜିଲାରେ ବୁଲୁଛି। ସହରାଞ୍ଚଳରେ ମଧ୍ୟ ଜଳଯୋଗାଣକୁ ବ୍ୟାପକ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ଫନୀ ପୂର୍ବସ୍ଥିତି ଫେରିଲାଣି। ବିଶେଷ ଭାବେ ପୁରୀ, ଖୋର୍ଦ୍ଧା ସହରରେ ପାନୀୟଜଳ ଯୋଗାଣକୁ ଦ୍ରୁତଗତିରେ କରାଯାଉଛି। ପୁରୀ ଗ୍ରାମାଞ୍ଚଳର ୮୦% ପ୍ରଭାବିତଙ୍କୁ ପାଇପ ଜଳ ଯୋଗାଣ କରାଯାଇଛି। ପୁରୀ ଜିଲାରେ ସ୍ୱତନ୍ତ୍ର ଭାବେ ୧୧ଟି ଟିମ୍‌କୁ କାର୍ଯ୍ୟରେ ଲଗାଯାଇଛି। ସୋମବାର ସୁଦ୍ଧା ସବୁ ଅଞ୍ଚଳରେ ପାଇପ ପାଣି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଖୋର୍ଦ୍ଧା ଜିଲାରେ ୫୭ ପ୍ରତିଶତ ଏବଂ ସମଗ୍ର ପୁରୀ ଜିଲାରେ ୩୪ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେଲାଣି। କଟକ ଜିଲାରେ ଏହା ୭୦% ଏବଂ ଭୁବନେଶ୍ୱର ୫୬%, ପୁରୀ ସହରରେ ୧୮% ଏବଂ କଟକ ସହରରେ ୭୩% ଟାୱାର କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନରେ ଏୟାରଟେଲ, ଜିଓ ଏବଂ ବିଏସ୍‌ଏନ୍‌ଏଲ୍‌ର ମିଳିତ ସହଭାଗିତାରେ ୮ଟି ଭ୍ରାମ୍ୟମାଣ ଟାୱାର ଲାଗିବ। ଚକ୍ରତୀର୍ଥ ରୋଡ୍, ସ୍ୱର୍ଗଦ୍ୱାର ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଅଞ୍ଚଳରେ ଏହି ଟାୱାର ଲଗାଯିବ। ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଥ୍ରୀ-ଜି ଏବଂ ଫୋର୍-ଜି ଇଣ୍ଟରନେଟ୍ ବ୍ୟବସ୍ଥାରେ ୫୦ ପ୍ରତିଶତ ସୁଧାର ଆସିଲାଣି ବୋଲି ସିଂ କହିଛନ୍ତି।

ଫନୀ ଦ୍ୱାରା ବହୁସଂଖ୍ୟକ ସରକାରୀ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ହେଲେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ସବିଶେଷ ରିପୋର୍ଟ ଆସିନାହିଁ। ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ୧୩୮ଟି ସ୍କୁଲର ଭିତ୍ତିଭୂମି ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି। କ୍ଷୟକ୍ଷତିର ପରିମାଣ ୫୯୨.୨୪ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସଂଗ୍ରହାଳୟ ଏବଂ କଳାଭୂମି ପରି ରାଜଧାନୀରେ ଥିବା ଆଦିବାସୀ ସଂଗ୍ରହାଳୟ ମଧ୍ୟ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଦିବାସୀ ସଂଗ୍ରହାଳୟ କ୍ଷୟକ୍ଷତିର ଆକଳନ ୧.୯ କୋଟି ଟଙ୍କା ବୋଲି କୁହାଯାଇଛି। ରବିବାରଠାରୁ ଏହା ଜନତାଙ୍କ ପାଇଁ ପୁନର୍ବାର ଖୋଲାଯାଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ପୁରୀ ଜିଲାରେ ୨୩.୪ ପ୍ରତିଶତ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖୋର୍ଦ୍ଧାରେ ୭୩.୪ %, ଜଗତ୍‌ସିଂହପୁର ୭୫.୨%, କେନ୍ଦ୍ରାପଡା ୮୭.୪%, କଟକ ୭୩.୨% ଏବଂ ଭୁବନେଶ୍ୱର ସହରରେ ୭୭.୬% କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ପୁରୀରେ ୬୦%, ଜଗତ୍‌ସିଂହପୁରରେ ୮୫.୦୫%, କେନ୍ଦ୍ରାପଡା ୭୨.୦୯%, କଟକ ୬୭.୦୨%, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ୭୭%, ଖୋର୍ଦ୍ଧାରେ ୧୬ ପ୍ରତିଶତ ଲୋକଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଛି। ପ୍ରଥମ ଦଫାରେ କେବଳ ରାଶନ କାର୍ଡଧାରୀଙ୍କୁ ଫନୀ ସହାୟତା ମିଳୁଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି କ୍ଷେତ୍ରସ୍ତରୀୟ ରାଜସ୍ୱ ଅଧିକାରୀଙ୍କ କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଆଜିଠୁ ଫନୀ...

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଏହି ଟିମ୍ ସୋମବାରରୁ ବୁଧବାର ପ୍ରଭାବିତ ଅଞ୍ଚଳ ଗସ୍ତ କରିବ। ଗସ୍ତ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବାଦ୍ ଦେଇ କେନ୍ଦ୍ରୀୟ ଶକ୍ତି ମନ୍ତ୍ରଣାଳୟ ସଚିବଙ୍କ ନେତୃତ୍ୱରେ ଟେଲିକମ୍ ଅଧିକାରୀଙ୍କ ଏକ ଟିମ୍ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରିବ ବୋଲି ଜଣାପଡିଛି।

ଅପରପକ୍ଷେ ଫନୀ ପ୍ରଭାବିତ ମୃତ୍ୟୁସଂଖ୍ୟା ୬୪କୁ ବୃଦ୍ଧି ପାଇଛି। ସର୍ବାଧିକ ପ୍ରଭାବିତ ହୋଇଥିବା ପୁରୀ ଜିଲାରେ କେବଳ ୩୯ ଜଣଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧାରେ ୯, କଟକ ୬, ମୟୂରଭଞ୍ଜ ୪, ଯାଜପୁର ଓ କେନ୍ଦ୍ରାପଡ଼ାରେ ୩ ଲେଖାଏଁ ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଛି। ବାତ୍ୟା ଦ୍ୱାରା ୧୪ ଜିଲାର ପ୍ରାୟ ୧.୬୪ କୋଟି ଜନସାଧାରଣ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ଭୋଟ ବେଳେ...

ସମର୍ଥକ ତାଙ୍କୁ ପୁନର୍ବାର ଆକ୍ରମଣ କରିଥିଲେ। ଫଳରେ କେଶ୍ପୁର ଥାନା ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଭିଡ଼କୁ ଘଉଡାଇବା ଲାଗି ପୋଲିସ ଏବଂ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍) ଯବାନ ଲାଠିଚାର୍ଜ କରିଥିଲେ। ଅନୁରୂପ ଭାବେ ଝେଟ୍‌ଲା ଅଞ୍ଚଳରେ ମଧ୍ୟ ଭାରତୀଙ୍କ ସୁରକ୍ଷା ଗାଡ଼ିକୁ ଟାର୍ଗେଟ କରି ବୋମାମାଡ଼ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ଯାହାକୁ ଟିଏମ୍‌ସି ଖଣ୍ଡନ କରିଛି। ନିର୍ବାଚନ କମିଶନ (ଇସି) ଏହାକୁ ନେଇ ମେଦିନୀପୁର ଜିଲାପାଳଙ୍କୁ ରିପୋର୍ଟ ମାଗିବା ସହ ଭାରତୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୋଗାଡ଼ିଆ ସମେତ ଅନ୍ୟ କେତେକ ସ୍ଥାନରେ ଭାଜପା କର୍ମୀଙ୍କ ଆକ୍ରମଣରେ ମଧ୍ୟ ୪ ଟିଏମ୍‌ସି ସମର୍ଥକ ଆହତ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ମୁଖ୍‌ତାର ଅବାସ୍ ନକ୍‌ଭୀ କହିଛନ୍ତି, ପଶ୍ଚିମବଙ୍ଗରେ ଟିଏମ୍‌ସି ଗୁଣ୍ଡାରାଜ ଚଳାଇବା ସହ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରିବା ଲାଗି ଉଦ୍ୟମ କରିଛି। ନିର୍ବାଚନ କମିଶନ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇନାହାନ୍ତି।

ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ବହୁଚର୍ଚ୍ଚିତ ସୁଲତାନପୁର ଲୋକ ସଭା ଆସନରେ ମଧ୍ୟ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଧନପତ୍‌ଗଞ୍ଜ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପ୍ରାର୍ଥୀ ଚନ୍ଦ୍ର ଭଦ୍ରା ସିଂଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୧୨ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେହିପରି ମଧ୍ୟପ୍ରଦେଶର ଭିନ୍ଦ୍ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସନ୍ଧ୍ୟା ରାୟ, କଂଗ୍ରେସର ଦେବାଶିଷ ଜରାରିଆ ଏବଂ ବିଏସ୍‌ପି ଟିକେଟରେ ଲଢୁଥିବା ବାବୁଲାଲ ଜାମେରଙ୍କୁ ରବିବାର ମତଦାନ ବେଳେ ହିଂସାକୁ ଏଡ଼ାଇବା ଲାଗି ଗୃହବନ୍ଦୀ କରାଯାଇଛି।

## ଲୋକଙ୍କୁ...

ଶ୍ରମିକମାନେ ବହୁ ପରିଶ୍ରମ କରୁଛନ୍ତି। ସେମାନେ ନ ଖାଇ ନ ପିଇ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ଲାଗିଛନ୍ତି। ଏଥିପାଇଁ ସେମାନଙ୍କୁ କୌଣସି ଅଧିକ ପାରିଶ୍ରମିକ ମଧ୍ୟ ଦିଆଯାଉ ନାହିଁ। ଅଯଥାରେ ଲୋକମାନେ ସେମାନଙ୍କ ଉପରେ ଆକ୍ରୋଶ ଶୁଝାଉଛନ୍ତି। ନୂଆଗାଁ ନିକଟସ୍ଥ ବିଜୟ ବିହାର ଅଞ୍ଚଳର ଅମିତ ମିଶ୍ର କହିଛନ୍ତି, ବାହାର ରାଜ୍ୟରୁ ବହୁ ଶ୍ରମିକଙ୍କୁ ଆଣି ସରକାର କାମରେ ଲଗାଇଛନ୍ତି। ବହୁତ କମ୍ ପାରିଶ୍ରମିକରେ ସେମାନେ ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ହେଲେ ସରକାରଙ୍କ ବରିଷ୍ଠ ଅଧିକାରୀ ସତ ନ କହି ମିଛ କହିଚାଲିଛନ୍ତି। ବହୁ ଅଞ୍ଚଳର ଲୋକ କିନ୍ତୁ ବିଜୁଳି ସେବା ନ ପାଇ ରାସ୍ତାକୁ ଓହ୍ଲାଉଛନ୍ତି। ରବିବାର ରାଜଧାନୀ ଉପକଣ୍ଠ ନୂଆଗାଁ ଅଞ୍ଚଳର ଲୋକେ ବିଜୁଳି ସେବା ନ ପାଇବାରୁ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ଆନ୍ଦୋଳନ ଯୋଗୁ କିଛି ସମୟ ପାଇଁ ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଏଭଳି ଅଞ୍ଚଳରେ ବିଜୁଳି ସେବା ପହଞ୍ଚିପାରି ନ ଥିବାବେଳେ ୧୨ତାରିଖ ରାତି ସୁଦ୍ଧା ସମସ୍ତଙ୍କୁ ସେବା ମିଳିଯିବ ବୋଲି କହି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ

### ପ୍ରଥମ ପୃଷ୍ଠାରୁ...

ଲୋକଙ୍କୁ ଆହୁରି ଭୁଆଁ ବୁଲାଉଛନ୍ତି। ସେଠାକାର କେତେଜଣ ଲୋକଙ୍କ କହିବା ଅନୁଯାୟୀ, ଯାହା କ୍ଷତି ହୋଇଛି ସେସବୁ ପ୍ରାକୃତିକ ଦୁର୍ବିପାକ ଯୋଗୁ ଘଟିଛି। ଆମକୁ ସରକାରଙ୍କ ପକ୍ଷରୁ ଠିକ୍ ଆକଳନ କରି କେବେ ବିଜୁଳି ଆସିବ ସତ କହିବାର ଥିଲା। ହେଲେ ବାରମ୍ବାର ୧୨ ତାରିଖ ସୁଦ୍ଧା ବିଜୁଳି ଆସିବ କହିଚାଲୁଛନ୍ତି। ସେପଟେ ଲୋକଙ୍କୁ ବର୍ତ୍ତମାନର ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପାଇଁ କେତେ କାମ ଅଛି ବୋଲି ସେସୁର ବରିଷ୍ଠ ଅଧିକାରୀ ସୁବ୍ରତ ମିଶ୍ରଙ୍କ ୯୪୩୭୫୬୫୨୦୦ ନମ୍ବରକୁ ଫୋନ୍ କରି ପଚାରିବାରୁ ସେ କହିଛନ୍ତି, ବିଜୁଳି ଆସିବା ନ ଆସିବା ନେଇ କୌଣସି ତଥ୍ୟ ଦେଇପାରିବି ନାହିଁ। ଏ ସମ୍ପର୍କରେ ସବୁ ତଥ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେବ।

ଅପରପକ୍ଷରେ ସଞ୍ଜୟ ସିଂ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ରାଜ୍ୟ ସରକାର ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇବାକୁ ସବୁପ୍ରକାର ଉଦ୍ୟମ କରୁଛନ୍ତି। ରାଜଧାନୀରେ ବିଦ୍ୟୁତ୍ ପୁନଃସଂଯୋଗ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଏହାର ତିନୋଟି ଡିଭିଜନ ବିସିଡିଡି-୧, ବିସିଡିଡି-୨ ଏବଂ ବିଇଡି କାର୍ଯ୍ୟ କରୁଛି। ବିସିଡିଡି-୧ ଅନ୍ତର୍ଗତ ୪୪ଟି ମଧ୍ୟରୁ ସମସ୍ତ ଫିଡର ୯ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରାଯାଇଛି। ଏହି ଡିଭିଜନ ଅନ୍ତର୍ଗତ ୫୮ ହଜାର ମଧ୍ୟରୁ ୫୧ହଜାର ଉପଭୋକ୍ତାଙ୍କୁ ଶନିବାର ସୁଦ୍ଧା ବିଜୁଳି ସେବା ଯୋଗାଇ ଦିଆଯାଇଥିଲା। ରବିବାର ୪ହଜାର ଉପଭୋକ୍ତାଙ୍କୁ ବିଜୁଳି ସେବା ମିଳିସାରିଛି। ବାକି ଉପଭୋକ୍ତା ଖୁବ୍‌ଶୀଘ୍ର ପାଇଯିବେ ବୋଲି ସେ କହିଛନ୍ତି। ସେହିପରି ବିସିଡିଡି-୨ ଅନ୍ତର୍ଗତ ସମସ୍ତ ୬୬ ଫିଡର କାର୍ଯ୍ୟକ୍ଷମ ହୋଇଛି। ଏହି ଡିଭିଜନର ୯୭ ହଜାରରୁ ୯୫ ହଜାର ଉପଭୋକ୍ତା ବିଦ୍ୟୁତ୍ ସେବା ପାଇସାରିଛନ୍ତି। ରାତି ସୁଦ୍ଧା ଅବଶିଷ୍ଟ ଉପଭୋକ୍ତାଙ୍କ ସମସ୍ୟା ସମାଧାନ ହୋଇଯିବ। ବିସିଡିଡି-୨ର ଗ୍ରାମୀଣ ଫିଡର ପୁନଃସଂସ୍ଥାପନ ପାଇଁ କାର୍ଯ୍ୟ ଚାଲିଛି। ଏହି ଡିଭିଜନର ୧୬ ଗ୍ରାମୀଣ ଫିଡର୍‌ରୁ ୬ଟି କାର୍ଯ୍ୟକ୍ଷମ ହୋଇଛି ଓ ୪ଟି ବାକି ଅଛି। ଆସନ୍ତା ୧୫ ତାରିଖ ସୁଦ୍ଧା ବାକି ସବୁ କାର୍ଯ୍ୟକ୍ଷମ ହୋଇଯିବ। ବିଇଡି ଅଧୀନ ସମସ୍ତ ୧୧ କେଭି ଫିଡରକୁ କାର୍ଯ୍ୟକ୍ଷମ କରାଯାଇଛି। ଏଠାର ୮୭ ହଜାର ମଧ୍ୟରୁ ୮୨ ହଜାର ଉପଭୋକ୍ତା ସେବା ପାଇସାରିଲେଣି। ମେ ୧୨ ସୁଦ୍ଧା ଭୁବନେଶ୍ୱର ସହରାଞ୍ଚଳରେ ଶତପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ଲାଗି ଉଦ୍ୟମ ଅବ୍ୟାହତ ଥିବା ସଞ୍ଜୟ କୁମାର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝାମେଲା ଭିତରେ ହିଁ ହେବ। କିନ୍ତୁ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମିଥୁନ** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ, ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ସକାଶେ କର୍ମମୁଖର ହେବେ। କଳା, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଅତୀତ କଥାକୁ ଚିନ୍ତା କରି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ** ପ୍ରତ୍ୟେକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ୍ ହେବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା** ସକାଳୁ ସକାଳୁ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଯାତ୍ରା କାଳରେ କୌଣସି ଖଳ ଲୋକମାନଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ପୂର୍ବର ମତାନ୍ତରଜନିତ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ,ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳି ନ ପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସମ୍ମୁଖରେ ପ୍ରିୟକଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରିନେବେ। ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନତୁବା ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ବହୁତ ଖୋଜାଖୋଜି ପରେ ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ।

**ମୀନ** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ବୈଶାଖ ଶୁକ୍ଳପକ୍ଷର ସୀତା ନବମୀ, ସୋମବାର, ମେ ୧୩ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ସକାଳ ଘ୦୧୦ ।୩୯ମି. ପର୍ଯ୍ୟନ୍ତ ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ୦୬।୫୦ମି. ମଧ୍ୟେ ଘ୦୧।୨୫ମି. ଗତେ, ଘ୦୩।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୦୮।୨୫ମି. ଗତେ ଘ୦୧୦।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୦୬।୫୨ମି. ଗତେ ଘ୦୮।୨୯ମି. ମଧ୍ୟେ ରାହୁକାଳ।


classifieds Everyday
0674-2580101, 2549302

real estate
SALE

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

healthcare

Fully refreshed/ relaxed body massage by expert therapist, Shastri Nagar: 7377984773.D-66508

Rejuvenate and ayurvedic full body massage by smart Therapist: 9114402304.D-66509

Experience full body massage with us (expert). Call: 7377048581, 0674- 2597822. D-66518

Full body massage with refreshment, expert therapist. 7381239385, 0674-2540855. D-66517

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754.D-66520


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଇ ଇଞ୍ଜିଷ୍ଟ
ଗରମକୁ କର
Symphony®
ପଙ୍ଖା
ଯେତିକି ଇଲେକ୍ଟ୍ରିସିଟିରେ
ସିମ୍ଲା ପରି
ଥଣ୍ଡା
www.symphonylimited.com
FOR LARGE ROOMS
TOUCH 110 ₹ 19,999
WINTER 80XL ₹ 14,999
SIESTA 70XL ₹ 13,499
JUMBO 61i ₹ 12,999
SUMO i ₹ 12,499
FOR MID-SIZED ROOMS
CLOUD ₹ 14,999
DIET 50i BLACK ₹ 12,799
TOUCH 35 ₹ 10,499
JUMBO 41DB ₹ 9,499
JUMBO 41 ₹ 8,999
SUMO JR ₹ 8,499
FOR SMALL ROOMS
HICOOL i BLACK ₹ 11,499
DIET 22i ₹ 10,299
TOUCH 20 ₹ 7,499
DIET 12T ₹ 6,799
ICE CUBE 27 ₹ 6,599
KITCHEN COOLER
SILVER i
• କମ୍ ସ୍ଥାନ ଅଧିକାର କରେ
• ଧୂଆଁ ଏବଂ ଦୁର୍ଗନ୍ଧ ଅବଶୋଷଣ କରେ
• ଗ୍ୟାସ୍ ଫ୍ଲେମ୍‌କୁ ବାଧା ଦିଏ ନାହିଁ
• ଉତ୍ତମ ପରିଚ୍ଛନ୍ନତା ପାଇଁ ଅପସାରଣ ଯୋଗ୍ୟ ଟ୍ୟାଙ୍କ୍
₹ 6,999
ଏୟାର୍ କୁଲିଂରେ ବିଶ୍ୱରେ ଅଗ୍ରଣୀ
ଫ୍ୟାନ୍ ଚାଲିବା ମୂଲ୍ୟରେ ଚାଲେ
ଇନଭର୍ଟରରେ ଚାଲେ
i-Pure ଟେକ୍ନୋଲୋଜି
ଡିଜିଟାଲ୍ ଟଚ୍ ସ୍କ୍ରିନ୍
ଭଏସ୍ ଆସିଷ୍ଟ
ଟାଇମର୍ ସହିତ ରିମୋଟ୍ କଣ୍ଟ୍ରୋଲ୍
ପାଣି ଟାଙ୍କି ଶୂନ୍ୟ ହେବା ଆଲାର୍ମ
କୁଲ୍ ଫ୍ଲୋ ଡିସପେନ୍‌ସର୍
ସିଷ୍ଟମ ରିଷ୍ଟୋର୍ ଫଙ୍କସନ୍
ଉପରେ ଦର୍ଶାଯାଇଥିବା ଟ୍ରଲି ସୀମିତ ଅବଧି ପାଇଁ ମାଗଣା ରହିଛି। ବୈଶିଷ୍ଟ୍ୟଗୁଡ଼ିକ ଭିନ ଭିନ ମଡେଲ୍ ପାଇଁ ବଦଳିପାରେ. | ₹ ଏମ୍ଆର୍‌ପି.
ର୍ ଅବସ୍ଥାନ/ଉତ୍ପାଦ ସୂଚନା ପାଇଁ 08000400111ରେ ମିସଡ୍ କଲ୍ ଦିଅନ୍ତୁ ଏବଂ ଆମ୍ଭେମାନେ ଆପଣଙ୍କୁ କଲ୍ ବ୍ୟାକ୍ କରିବୁ। (ସକାଳ ୫ଟାରୁ – ରାତି ୫ଟା ପର୍ଯ୍ୟନ୍ତ)।
ସହଜ ଫାଇନାନ୍ସ ବିକଳ୍ପ*
BAJAJ FINSERV
IDFC FIRST Bank
HDB FINANCIAL SERVICES
କେବଳ ବଛା ବଛା ସହରରେ ଓ ଆଉଟଲେଟ୍‌ରେ ବଛା ବଛା ମଡେଲ୍‌ରେ ଉପଲବ୍ଧ ରହିଛି।
ଗ୍ରାହକ ସେବା
LOGIN symphonylimited.com/service
CALL 09510070111
(ପିନ୍ କୋଡ୍, ମୋବାଇଲ୍ ନମ୍ବର ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରନ୍ତୁ)
ସିମ୍ଫୋନି ଇଣ୍ଡଷ୍ଟ୍ରିଆଲ୍ ଏବଂ କମର୍ସିଆଲ୍ ଏୟାର୍ କୁଲରର ବ୍ୟାପକ ରେଞ୍ଜ ମଧ୍ୟ ଉପଲବ୍ଧ ରହିଛି।
କୌଣସି ଅନୁସନ୍ଧାନ ପାଇଁ :
industrial@symphonylimited.com
* ଆର୍ଥିକ ସହାୟତା ପ୍ରଦାନକାରୀଙ୍କ ଏକକ ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ସହାୟତା ହୋଇଥାଏ.

ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ହିଁ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ।

–ଶ୍ରୀଅରବିନ୍ଦ

# ଅନୁସନ୍ଧିତ୍ସୁ ଚିନ୍ତାଧାରା

ପୃଥିବୀରେ ଯେତେ ବିପ୍ଳବ ଜରିଆରେ ସଂସ୍କାର ଅଣାଯାଇଛି, ସବୁଥିରେ ଯୁବପିଢ଼ିଙ୍କ ଅବଦାନ ସର୍ବାଗ୍ରେ ରହିଆସିଛି। ୧୭୮୯ ଫରାସୀ ରାଷ୍ଟ୍ର ବିପ୍ଳବଠାରୁ ଆରମ୍ଭ କରି ୨୦୧୧ର ଟ୍ୟୁନିସିଆର ଯସ୍ମିନ୍ ରିଭଲ୍ୟୁଶନ ଯାଏ ଯୁବବର୍ଗ ପ୍ରମୁଖ ଭୂମିକା ନିଭାଇ ଆସିଛନ୍ତି। ଏକ ପ୍ରଗତିଶୀଳ ସମାଜ ଗଠନ ଲାଗି ଯୁବ ମାନସିକତା ଆଗକୁ ବଢ଼ିବାକୁ ଖୋରାକ ଯୋଗାଇଥାଏ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ଜନସଂଖ୍ୟାର ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି ଯୁବବର୍ଗ। ଏତେସଂଖ୍ୟକ ମାନବ ସମ୍ବଳ ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ନିଶ୍ଚିତ ଭାବେ ସକାରାତ୍ମକ ପରିବର୍ତ୍ତନ ଆଣିବା କଥା। କିନ୍ତୁ ଭାରତବର୍ଷରେ ଯୁବପିଢ଼ିର ଇନ୍‌କ୍ୟୁଜିଟିଭ୍ ଥଟ୍ ବା ଅନୁସନ୍ଧିତ୍ସୁ ଚିନ୍ତାଧାରାର ଘୋର ଅଭାବ ରହିଛି। ସେଥିପାଇଁ ଏହି ଦେଶରେ କୌଣସି ଯୁବକ ଗବେଷଣା କରି ନୂଆ କିଛି ସାମଗ୍ରୀ ବା ଚିନ୍ତା ପୃଥିବୀକୁ ଦେଇନାହିଁ।

ଆମେ ସବୁବେଳେ କହିଥାଉ ଯେ, ଆମକୁ ସୁବିଧା ଓ ସୁଯୋଗ ଦିଆଯାଉ ନାହିଁ। ମାତ୍ର ସୁବିଧାରେ ଥିବା ବ୍ୟକ୍ତି କେବେହେଲେ ନୂତନ ଭାବନାକୁ ଜନ୍ମ ଦେଇ ନ ଥାଏ। ଇଂଲିଶ୍‌ରେ କୁହାଯାଏ 'ନେସେସିଟି ଇଜ୍ ଦି ମଦର ଅଫ୍ ଇନ୍‌ଭେନ୍‌ଶନ'। ଓଡ଼ିଆରେ ଏହାର ଅର୍ଥ ହେଉଛି 'ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ'। ଆମ ପିଢ଼ିକୁ ଯୁଗ ଯୁଗ ଧରି ଶିଖାଇ ଆସିଛୁ ଯେ ରାଜା ହୁଅନ୍ତୁ ବା ଗଣତାନ୍ତ୍ରିକ ସରକାର, ସାହାଯ୍ୟ ଓ ସହଯୋଗ ଯୋଗାଇଲେ ତୁମେ ପାଠ ପଢ଼ିପାରିବ ଏବଂ ସମାଜ ଉପରେ ଏକ ବିରାଟବଡ଼ ବୋଝ ହେବାର ଦକ୍ଷତା ହାସଲ କରିବ। କୌତୂହଳରେ ଏହା ମଧ୍ୟ କୁହାଯାଏ 'ଭୋକେ ଓଡ଼ିଆ ନିଦ ଯାଏ'। ଏହିଭଳି ଢଗ ଆମ ଚରିତ୍ରର ସ୍ପଷ୍ଟ ଚିତ୍ର ଦେଉଛି। ଅନ୍ୟ ସମାଜରେ ଭୋକିଲା ଲୋକ ବୈପ୍ଳବିକ ଚିନ୍ତାଧାରା ପୋଷଣ କରି ବିଭିନ୍ନ ପ୍ରକାର ପରିଶ୍ରମ କରିବାକୁ ଚେଷ୍ଟା କରିଥାଏ। ଏଠାରେ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କ ଉକ୍ତି ମନେପଡ଼େ। ତାଙ୍କ ଭାଷାରେ 'ଇଫ୍ ୟୁ ଆର୍ ବର୍ନ ପୁଅର ଇଟ୍ ଇଜ୍ ନଟ୍ ଇୟୋର ମିସ୍‌ଟେକ୍, ବଟ୍ ଇଫ୍ ୟୁ ଡାଏ ପୁଅର ଇଟ୍ ଇଜ୍ ଇୟୋର ମିସ୍‌ଷ୍ଟେକ୍'। ଅର୍ଥାତ୍ ଗରିବ ହୋଇ ଜନ୍ମ ହେବାରେ ତୁମର ଦୋଷ ନାହିଁ, କିନ୍ତୁ ଦରିଦ୍ର ହୋଇ ମରିବା ହେଉଛି ଦୋଷ'।

ଦୁଃଖର ବିଷୟ ହେଉଛି, ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ଏହି ଦେଶର ରାଜନୈତିକ ନେତୃବୃନ୍ଦ ସବୁବେଳେ ଲୋକଙ୍କୁ ଲାଞ୍ଚ ଦେଇ ସନ୍ତୁଷ୍ଟ କରି ରଖିବାକୁ ଚେଷ୍ଟା କରିଆସୁଛନ୍ତି। କେବେହେଲେ ଯୁବପିଢ଼ିକୁ ସ୍ୱାବଲମ୍ବୀ ହୋଇ ନୂଆ କିଛି କରିବା ଲାଗି ପ୍ରେରଣା ଦିଆଯାଉ ନାହିଁ। ଏ ଦେଶରେ ଜଣେ ହେଲେ ବି ମୂଳରୁ ନିଜସ୍ୱ ଚିନ୍ତାଧାରାକୁ ଆଧାର ଭାବେ ବ୍ୟବହାର କରି ଶିଳ୍ପପତି ହୋଇ ନାହାନ୍ତି। ତେବେ ସମଗ୍ର ବିଶ୍ୱର ଏବର ଯୁବପିଢ଼ି ପାଇଁ ଆଦର୍ଶ ପାଲଟିଥିବା ଅପଲ୍ ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ ହୁଅନ୍ତୁ ବା ଫେସ୍‌ବୁକ୍‌ର ମାର୍କ ଯୁକରବର୍ଗ ଚିନ୍ତାକୁ ପୁଞ୍ଜି କରି ବିରାଟ ବ୍ୟକ୍ତି ହୋଇପାରିଛନ୍ତି। ହେଲେ ଭାରତରେ ଗୋଟିଏ ପଟେ ଧ୍ୱନି ଦିଆଯାଉଛି ଯେ, ଏକ ଦୁର୍ନୀତିମୁକ୍ତ ସମାଜ ଗଢ଼ିବାର ଆବଶ୍ୟକତା ରହିଛି। ଅନ୍ୟପଟେ ସବୁ ପ୍ରକାରର ମାଗଣା ଯଚାଯାଇ ଶ୍ରମଶକ୍ତିକୁ ଥାଣ୍ଟୁ କରି ଦିଆଯାଉଛି। ଜନସାଧାରଣ ମଧ୍ୟ ଏହା ଚାହାନ୍ତି। ପିଢ଼ି ପରେ ପିଢ଼ି ସେହି ଶଗଡ଼ଗୁଳାରେ ଚାଲିଛନ୍ତି।

## ଚିରନ୍ତନୀ

ମାନବ ଜୀବନ ଲଭିଅଛୁ ଯେବେ ଦି'ଦିନ ପାଇଁ
ତେବେ କିପାଁ କରୁ ବିରସ ବଦନ କହ ତ ଭାଇ!
ମରଣ ଆଗରୁ କି ଡର କହ ତ ମରିବା ଡରି
ଯେତେ ଦିନ ତୋର ଜୀବନ ସଉଦା ଯାଇନି ସରି?
ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଣ୍ଠୁ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
ଦୁଇ ଦିନ ହସି ଦୁଇ ଟୋପା ଲୁହ ପାରିଲେ ଢାଳି
କିବା ଦୁଃଖ ତାପ ଅଛି ତୋର ଆଉ କହ ତ ଭାଳି?
ସେ ଦିନ ନୟନୁଁ ଶୁଖିଯିବ ଲୁହ ନିଭିବ କଥା
ସେହି ସିନା ଦୁଃଖ ସେହି ସିନା ତୋର ମରଣ ବ୍ୟଥା।
ଭାଷା ଯେବେ ତୋର ଜୀବିତ ରହିଚି ବଦନେ ହାସ
ଜଳିଉଠେ ଆଶା, ଆଖିରେ ପୂରଇ ଲୋତକ ପ୍ରାସ,
ଅଛି ତେବେ ସବୁ ଅଛି କାମଧେନୁ ଜୀବନ-ଗାଭୀ
ଜୀବନରୁ ବଳି କି ଲୋଡୁ ଅଧିକ କହ ତ ଭାବି?

(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | 3 | | | | 1 | 7 | | | | | | | |
| 8 | | | | | | D | | | E | | 9 | | 3 | |
| | A | 9 | 3 | | 8 | | | 4 | | | 6 | | | |
| | | D | 1 | | | | | | C | | 3 | 2 | 7 | 4 |
| | | | | 4 | | 9 | C | | 2 | D | | | | |
| | | C | 4 | | | E | | | | 9 | | 8 | 6 | 0 |
| 1 | | | | | | | A | | 0 | | | | E | 5 |
| | B | A | | | 2 | 4 | 1 | C | | | | | | |
| | | | E | 7 | 5 | | | 2 | A | B | | | | |
| 7 | | | | | 0 | 8 | | | | | 1 | | | |
| | | | | | | | 3 | | | | | | 5 | 2 |
| | | | | 9 | B | 6 | | | | 1 | | | C | 8 |
| | | | | D | | | B | 7 | 6 | | | | 4 | E |
| | | | 7 | | E | C | | 0 | | | | 6 | B | |
| | | | C | 6 | 4 | | | | | | 0 | | 9 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | B | 2 | 6 | 4 | C | 8 | 0 | 1 | 7 | 9 | 5 | 3 | A |
| 1 | 8 | A | 9 | 0 | 3 | 7 | 6 | 5 | D | 2 | B | C | 4 | E |
| 9 | 5 | C | B | A | 7 | 1 | 3 | 2 | 6 | E | 4 | 0 | D | 8 |
| 7 | 3 | 2 | 8 | D | E | 4 | A | B | 0 | 5 | C | 1 | 9 | 6 |
| 4 | 6 | 0 | 1 | 5 | C | E | 9 | D | 8 | 3 | A | 2 | B | 7 |
| 0 | 7 | 6 | 3 | 1 | 5 | 8 | B | 4 | C | A | 2 | 9 | E | D |
| D | 4 | 8 | A | E | B | 2 | 7 | C | 5 | 9 | 0 | 6 | 1 | 3 |
| B | 2 | 5 | 6 | 7 | 0 | 9 | 1 | E | 3 | D | 8 | 4 | A | C |
| A | 1 | 9 | C | 8 | D | 6 | 0 | 3 | E | 4 | 7 | B | 5 | 2 |
| 3 | C | E | 4 | 2 | 9 | 5 | D | A | B | 6 | 1 | 7 | 8 | 0 |
| 5 | A | 3 | D | 4 | 2 | 0 | C | 7 | 9 | B | E | 8 | 6 | 1 |
| 2 | B | 1 | 7 | 3 | 8 | D | 4 | 9 | A | C | 6 | E | 0 | 5 |
| C | 0 | 4 | 5 | B | 1 | A | E | 6 | 7 | 8 | D | 3 | 2 | 9 |
| 6 | E | 7 | 0 | 9 | A | B | 5 | 8 | 2 | 1 | 3 | D | C | 4 |
| 8 | 9 | D | E | C | 6 | 3 | 2 | 1 | 4 | 0 | 5 | A | 7 | B |

ଗତକାଲିର ଉତ୍ତର

# ସବୁଠି ଅଯୋଗ୍ୟଙ୍କ ଭିଡ଼



ଅରୁଣ କୁମାର ପଣ୍ଡା

ରୋମ୍‌ର ସମ୍ରାଟ୍ ନିରୋଙ୍କ ନାମ କିଏ ନ ଜାଣେ! ତାଙ୍କ ସମ୍ପର୍କରେ ଗୋଟିଏ ପ୍ରସିଦ୍ଧ କଥା ଅଛି– ଯେତେବେଳେ ରୋମ୍ ଜଳୁଥିଲା, ସେତେବେଳେ ସେ ବଂଶୀବାଦନ କରୁଥିଲେ। ଠିକ୍ ଏହି ଅବସ୍ଥା ଆମର ଶାସକ ଏବଂ ଭାରତର। ପୁଣି ପ୍ରଶ୍ନ ଉଠୁଛି, କୌଣସି ଗୁଣ ନ ଥାଇ ଅର୍ଥାତ୍ ତାଙ୍କଠାରୁ ଅଧିକ ଯୋଗ୍ୟବ୍ୟକ୍ତି ଥାଇ ମଧ୍ୟ ଏହି ଶାସକବର୍ଗ ଏତେ ପ୍ରସିଦ୍ଧ କିପରି ହୋଇଯାନ୍ତି? ଏହାର ଉତ୍ତରରେ କୁହାଯାଇପାରେ ଯେ, ସେ ସମୟରେ ରୋମ୍ ସମଗ୍ର ୟୁରୋପରେ ଅତ୍ୟନ୍ତ ବୈଭବଶାଳୀ ଥିଲା ଏବଂ ସେଠାରେ ଏହାର ଅଖଣ୍ଡ ପ୍ରଭାବ ଥିଲା। ସେହିଭଳି ଏକ ରାଷ୍ଟ୍ରରେ ନିରୋଙ୍କ ପରି ଜଣେ ବ୍ୟକ୍ତି ଯିଏ ନିଜର ମା' ଓ ଭଉଣୀ ସହ ବ୍ୟଭିଚାର କରିବାକୁ ପଛାଇ ନ ଥିଲେ, ଦୀର୍ଘବର୍ଷ ଧରି ରୋମ୍‌ରେ ଏକଚ୍ଛତ୍ର ଶାସନ କରୁଥିଲେ। ସେ ଏତେ ବେପରୁଆ ଥିଲେ ଯେ ରୋମ୍ ଜଳୁଥିଲେ ମଧ୍ୟ ତାଙ୍କ ବିଳାସବ୍ୟସନରେ ଯେପରି କୌଣସି ବାଧାବିଘ୍ନ ନ ଘଟେ, ସେଥିପ୍ରତି ଦୃଷ୍ଟିଦେବାକୁ ରାଜାଦେଶ ଥିଲା। ସେ ଏଭଳି କ୍ରୂର ଅତ୍ୟାଚାରୀ ଥିଲେ ଯେ ସାମାନ୍ୟ ଅପରାଧ କରିଥିବା ବ୍ୟକ୍ତିଙ୍କୁ କେବଳ ନିଜର ମନୋରଞ୍ଜନ ପାଇଁ ସିଂହର ପିଞ୍ଜରା ଭିତରକୁ ଫିଙ୍ଗିଦେଉଥିଲେ। ଏସବୁ ସତ୍ତ୍ୱେ ସେ ଥିଲେ ରୋମ୍‌ର ପ୍ରିୟ ସମ୍ରାଟ୍।

ସେହିଭଳି ଆଉ ଏକ ଉଦାହରଣ ମୋଗଲ ସମ୍ରାଟ୍ ଆକବରଙ୍କ ପୁତ୍ର ସମ୍ରାଟ୍ ଜାହାଙ୍ଗୀରଙ୍କ ସମ୍ପର୍କରେ ଦିଆଯାଇପାରେ। କୁହାଯାଏ, ଜାହାଙ୍ଗୀର ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ସେ ନିଜର ରାଜଭବନ ବାହାରେ ଏକ ବିଶାଳ ଘଣ୍ଟା ଟାଙ୍ଗିଥିଲେ, ଯାହାକୁ ବଜାଇ କୌଣସି ବି ପ୍ରଜା ସମ୍ରାଟ୍‌ଙ୍କୁ ନିଜର ଦୁଃଖ ଜଣାଇପାରିବେ। କିନ୍ତୁ ସମ୍ରାଟ୍ ଜାହାଙ୍ଗୀରଙ୍କ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଯେତିକି ଅନ୍ୟାୟ କରିଛନ୍ତି ଇତିହାସରେ ସେଭଳି ନଜିର ଦେଖିବାକୁ ମିଳେନାହିଁ।

ଆମ ଦେଶରେ କ୍ଷମତାସୀନ ନେତାମାନଙ୍କ ଅବସ୍ଥା ଏହିପରି। ଯେତେ ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରିୟାପ୍ରୀତି, ହତ୍ୟା, ବଳାତ୍କାର କଲେ ମଧ୍ୟ ନ୍ୟାୟିକ ବ୍ୟବସ୍ଥା ଥାଇ ବି ଏମାନେ ଖସିଯାଆନ୍ତି। ଯେଉଁମାନଙ୍କ ଦ୍ୱାରା ଦେଶ ବରବାଦ ହେଲା, ଦେଶର ରାଜସ୍ୱ ଲୁଣ୍ଠିତ ହେଲା, ସାଧାରଣ ଲୋକଙ୍କ ଅର୍ଥକୁ ଯେଉଁମାନେ ଆତ୍ମସାତ୍ କରି ନିଜର ଅୟସରେ ବିନିଯୋଗ କଲେ, ସେହିମାନଙ୍କ ପାଇଁ ଆମେ ପାଞ୍ଚ ଦଶ କୁଇଣ୍ଟାଲର ଫୁଲମାଳ ତିଆରି କରୁଛୁ, ବୀର କିମ୍ବା ହିରୋମାନଙ୍କ ପାଇଁ ନୁହେଁ। କୁକର୍ମ, ଚରିତ୍ରହୀନତା, ଅମଣିଷପଣିଆ ତଥା ଦୁରାଚାର ପାଇଁ ଯେଉଁମାନଙ୍କ ମୁହଁରେ ଛେପ ପକାଇବା କଥା, ଗଣମାଧ୍ୟମଠାରୁ ଆରମ୍ଭ କରି ଆମେ ପ୍ରାୟ ସମସ୍ତେ ସେମାନଙ୍କୁ ପ୍ରସିଦ୍ଧି ଦେଉଛୁ; ସେମାନଙ୍କ ପୂଜା କରୁଛୁ। କାକତାଳୀୟ ନ୍ୟାୟରେ ଯେଉଁମାନେ ଥରେ କ୍ଷମତା ଅଳିନ୍ଦ ଭିତରେ ପ୍ରବେଶ କରିଗଲେ, ସେମାନେ ସେଠାରେ ଆସନ ଜମାଇ ବସିଲେ ଏବଂ ପ୍ରସିଦ୍ଧିର ଚରମ ଶିଖରରେ ପହଞ୍ଚିଗଲେ। ଅପରପକ୍ଷରେ ମହାନ୍ ବିଦ୍ୱାନ୍, ପ୍ରତିଭାବାନ୍, ଦେଶଭକ୍ତ, ସାମାଜିକ କର୍ମୀ, ଚରିତ୍ରବାନ୍ ସଂଗ୍ରାମୀ ମଣିଷଙ୍କୁ କେହି ଚିହ୍ନିଲେ ନାହିଁ କି ଜାଣିଲେ ନାହିଁ। ଏମାନଙ୍କର ଦୁଇଟି ପ୍ରମୁଖ ଅସ୍ତ୍ର ହେଲା ସ୍ୱାର୍ଥ ଏବଂ କୂଟନୀତି। ଆଉ ସବୁଠାରୁ ମାରାତ୍ମକ ପ୍ରତିଭା ହେଲା ସମାଜରେ ଗୋଷ୍ଠୀ, ଜାତିବିବାଦ ଓ ସଂଘର୍ଷ ସୃଷ୍ଟିକରି ନିଜ ଆସନକୁ ସୁରକ୍ଷିତ ରଖିବା।

ଥରେ କ୍ଷମତାର ଶୀର୍ଷରେ ପହଞ୍ଚିବା ପରେ ତଥା ଯଦି ତାଙ୍କର କେହି ଆତ୍ମୀୟ (ପୁତ୍ର, କନ୍ୟା, ବୋହୂ କିମ୍ବା ନାତିନାତୁଣୀ) ଉଚ୍ଚ ପଦାଧିକାରୀ ହୋଇଥାନ୍ତି, ତେବେ ସେ ସିଧାସଳଖ ମହାତ୍ମା କିମ୍ବା ମହାପୁରୁଷ ପଦବୀକୁ ଉନ୍ନୀତ ହୁଅନ୍ତି। ଦେଶସାରା କିମ୍ବା ରାଜ୍ୟସାରା ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଏ। ସେମାନଙ୍କ ନାଁରେ ବିଶ୍ୱବିଦ୍ୟାଳୟ, କଲେଜ, ସ୍କୁଲ, ଷ୍ଟାଡିୟମ, ପାର୍କ, ରୋଡ୍ ଏବଂ ବିଭିନ୍ନ ଜନକଲ୍ୟାଣ ଯୋଜନା ନାମିତ ହୁଏ। ଅପରପକ୍ଷରେ ବାସ୍ତବରେ ଯେଉଁମାନଙ୍କୁ ମହାପୁରୁଷ କୁହାଯାଇପାରିବ, ସେମାନଙ୍କୁ କେହି ସ୍ମରଣ କରନ୍ତି ନାହିଁ। ଗଣମାଧ୍ୟମରେ ସେମାନେ ପ୍ରଚାରିତ କିମ୍ବା ପ୍ରସାରିତ ହୁଅନ୍ତି ନାହିଁ। ସେମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ ନାହିଁ ଅଥବା ସେମାନଙ୍କ ସ୍ମୃତିଦିବସ କି ଜନ୍ମଦିବସ ମଧ୍ୟ ପାଳନ କରାଯାଏ ନାହିଁ। ସ୍ୱାଧୀନତାର ୭୦ବର୍ଷ ପରେ ଏହି ଅବସ୍ଥାର ଏକମାତ୍ର କାରଣ ହେଲା ସର୍ବଶକ୍ତିମାନ ଜନତାର ଉଦାସୀନ, ସ୍ପୃହାହୀନ ମାନସିକତା। ଅନ୍ୟାୟ, ଅନୀତିକୁ ପ୍ରତିବାଦ କରିବା ପାଇଁ ଅନ୍ତର୍ମନର ଅଭାବ ଏବଂ ଗଧ ପରି ସବୁକିଛି ସହିଯିବାର ଚିରାଚରିତ ସ୍ୱଭାବ।

ଗୋଟିଏ ଦୃଷ୍ଟାନ୍ତ ଦେଲେ କଥାଟି ସ୍ପଷ୍ଟ ହେବ। ଭାରତୀୟ ଗଣତନ୍ତ୍ରର ଦୁଇଟି ବଡ଼ ପରିସର ହେଲା ଲୋକ ସଭା ଏବଂ ରାଜ୍ୟ ସଭା। ଲୋକ ସଭାକୁ ପ୍ରାର୍ଥୀ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଆସନ୍ତି। ରାଜ୍ୟ ସଭା ଯାହାକୁ ଇଂଲିଶରେ 'ଏଲ୍‌ଡର୍ସ ହାଉସ୍' ବା 'ଅପର ହାଉସ୍' କୁହାଯାଏ, ସେଠାକୁ ସମାଜର ପ୍ରତିଷ୍ଠିତ ବିଦ୍ୱାନ୍, ପ୍ରତିଭାବାନ୍ ବୁଦ୍ଧିଜୀବୀମାନେ ଅପ୍ରତ୍ୟକ୍ଷ ଭାବେ ବିଧାୟକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଆସନ୍ତି। ପରନ୍ତୁ ଏହି ମହାନ୍ ବ୍ୟବସ୍ଥାକୁ ଏବେ ପରିହାସରେ ପରିଣତ କରାଯାଇଛି। ଯେଉଁମାନେ ବିଧାନସଭା କିମ୍ବା ଲୋକ ସଭା ନିର୍ବାଚନରେ ପରାଜିତ ହୁଅନ୍ତି ଅଥବା ଦଳୀୟ କନ୍ଦଳ ପାଇଁ ଟିକେଟ ପାଆନ୍ତି ନାହିଁ ଅଥଚ ମୁଖ୍ୟ ନେତାଙ୍କ ନିକଟତର, ସେମାନଙ୍କ ଭିତରୁ କେତେଜଣଙ୍କ ଥଇଥାନ କେନ୍ଦ୍ର ହେଲା ରାଜ୍ୟ ସଭା। ତେଣୁ ଏହି ସମ୍ମାନଜନକ ଗୃହର ବହୁ ସଦସ୍ୟ କେଉଁ ମାନର ହୋଇଥିବେ, ତାହା ସହଜରେ ଅନୁମେୟ। ଠିକ୍ ସେହିଭଳି ରାଜ୍ୟପାଳ ପଦବୀ। ରାଜ୍ୟପାଳ ହେଉଛନ୍ତି ରାଜ୍ୟର ଶାସନ ମୁଖ୍ୟ। ଏହି ପଦବୀରେ ଦକ୍ଷ, କର୍ମଠ ଏବଂ ବିଦ୍ୱାନ ତଥା ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ବସାଇବା ପରିବର୍ତ୍ତେ ଥଇଥାନ କରିବା ପାଇଁ ନେତାଙ୍କୁ ବସାଯାଉଛି। ଏହି ପ୍ରକ୍ରିୟା ଯେତେଦିନ ଚାଲିବ, ଏହିଭଳି ଥଇଥାନ ହୋଇଥିବା ନେତାମାନେ କେବଳ ଶାସକଙ୍କ ଚାମଚାଗିରି ହିଁ କରୁଥିବେ ଏବଂ ଭାରତୀୟ ଗଣତନ୍ତ୍ର ଦୁର୍ବଳ ହେବାରେ ଲାଗିଥିବ।

କେବଳ ଏତିକି ନୁହେଁ, ଅନେକ ଅଯୋଗ୍ୟ ବ୍ୟକ୍ତି କଳେବଳେ କୌଶଳେ ଯୋଗ୍ୟ ସ୍ଥାନରେ ବସିଗଲା ପରେ ତାଙ୍କର କାଟ୍‌ତି ବଢ଼ିବାକୁ ଲାଗେ। ନିଜର ଶିକ୍ଷା କ୍ୟାରିୟରରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରଟି ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରି ସାଧାରଣ ଚାକିରି କରୁଥିବା ବେଳେ ତା'ଠାରୁ ବହୁପଛରେ ଥିବା ଛାତ୍ରଟି ବଡ଼ ପ୍ରଶାସକ ହେବାରେ ସମର୍ଥ ହୁଏ। ସଂରକ୍ଷଣ ନୀତି କାରଣରୁ ଅନେକ ଯୋଗ୍ୟ ଛାତ୍ରଙ୍କୁ ପଛରେ ପକାଇ ସଂରକ୍ଷିତ ତାଲିକାଭୁକ୍ତମାନେ ଉପରକୁ ଯାଆନ୍ତି ଏବଂ ଯୋଗ୍ୟମାନଙ୍କୁ ବାଧ୍ୟତାମୂଳକ ଭାବେ ତାଙ୍କ ଅଧୀନରେ ମନସ୍ତାପରେ କାମ କରିବାକୁ ପଡ଼େ। ଏସବୁ କାରଣରୁ ଦେଶକୁ ଉଚିତ ସେବା ମିଳିପାରୁନାହିଁ। ଫଳରେ ଦେଶର ସାମଗ୍ରିକ ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଛି। ଯେଉଁ ସରକାରୀ ଅଧିକାରୀଙ୍କୁ ମାସକୁ ଲକ୍ଷାଧିକ କିମ୍ବା ସେହି ପାଖାପାଖି ଟଙ୍କା ବେତନ ଦିଆଯାଉଛି, ସେମାନେ ନିଶ୍ଚିତ ଭାବେ ସେବା ପ୍ରଦାନ କରୁନାହାନ୍ତି। କମିଶନ ବସାଇ କର୍ମଚାରୀଙ୍କ ବେତନ ବଢ଼ାଇଦେଲେ ଉନ୍ନତମାନର ସେବା ମିଳିବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। ଏବେ ଦେଶର ଲକ୍ଷଲକ୍ଷ ଉଚ୍ଚଶିକ୍ଷାପ୍ରାପ୍ତ ଯୁବତୀଯୁବକ ଠିକ୍ କର୍ମନିଯୁକ୍ତି ପାଉନାହାନ୍ତି। ଅନେକ ଘରୋଇ କମ୍ପାନୀ ସାମାନ୍ୟ କିଛି ବେତନ ଦେଇ ଏମାନଙ୍କଠାରୁ ନାକବୁଡ଼ା କାର୍ଯ୍ୟ ହାସଲ କରୁଛନ୍ତି। ଏଭଳି ଅନେକ କର୍ମରତ ଯୁବତୀଯୁବକ ମାନସିକ ଅବସାଦରେ ଜୀବନ ବିତାଉଛନ୍ତି। କେବଳ ଭବିଷ୍ୟର ଆଶା ମରୀଚିକା ପଛରେ ଗୋଡ଼ାଇ ଏମାନେ କୌଣସି ପ୍ରକାରେ ବଞ୍ଚି ରହିଛନ୍ତି। ଏହି ପରିସ୍ଥିତିରେ ନିଷ୍ଠାପର, ଦକ୍ଷ, ଏବଂ ଯୋଗ୍ୟ କର୍ମଚାରୀଙ୍କ ମାନସିକ ଅବସ୍ଥା କ'ଣ ଥିବ, ତାହା ସହଜରେ ଅନୁମାନ କରିହେବ। ଗଣପତିଙ୍କ ଦେଶ ଭାରତରୁ ଗଧମାନଙ୍କ ଦୌରାତ୍ମ୍ୟକୁ ରୋକିବାକୁ ହେଲେ ସମାନତା ଓ ବିବେକଶୀଳ କାର୍ଯ୍ୟପନ୍ଥା ଆବଶ୍ୟକ।

ବରିଷ୍ଠ ସାମ୍ବାଦିକ, ୧୩୪୮/୪-ସି, ସେକ୍ଟର-୬, ମର୍କତ ନଗର, ସିଡିଏ, କଟକ-୧୪

# ଶିକ୍ଷା ଓ ନୈତିକତା



ଡ. ବାସୁଦେବ ମିଶ୍ର

ଉଚ୍ଚଶିକ୍ଷା ଲାଭ କରିବା ପରେ ସମ୍ମାନଜନକ ପଦପଦବୀରେ ଅଧିଷ୍ଠିତ କୌଣସି ବ୍ୟକ୍ତି ଯେ ନିହାତି ଜଣେ ସାଧୁସ୍ୱଭାବର ହୋଇଥିବେ, ଏମିତି କିଛି କଥା ନାହିଁ। ଆଜିର ସମାଜରେ ଉଚ୍ଚ ପଦବୀ ପ୍ରାପ୍ତହେବା ନିମିତ୍ତ ଯେ ସର୍ବଦା ସାଧୁ ଉପାୟର ସହାୟତା ନିଆଯାଏ, ତାହା ମଧ୍ୟ ନୁହେଁ। ବରଂ ଏ ଦିଗରେ ଅନେକତ୍ର ଅସାଧୁ ଉପାୟର ସହାୟତା ନିଆଯିବାର ଉଦାହରଣ ଅନେକ। କିଛିବର୍ଷ ପୂର୍ବରୁ ଆମ ଦେଶରେ ଯେଉଁ ଶିକ୍ଷାବ୍ୟବସ୍ଥା ପ୍ରଚଳିତ ଥିଲା ତାହା ଆଜି ନାହିଁ। ଏବର ଶିକ୍ଷାପଦ୍ଧତି ଆଉ କିଛିବର୍ଷ ପରେ ବଦଳିଯିବା ନିଶ୍ଚିତ। କିଛି ଦଶନ୍ଧି ପୂର୍ବରୁ ଆମ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟ ପଢାଯିବା ସହିତ କିଛି ନୈତିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଉଥିଲା। ପରିବାରରେ ଗୁରୁଜନମାନେ ଭୁଲକୁ ଭୁଲ ଏବଂ ଠିକ୍‌କୁ ଠିକ୍ ବୋଲି ଚିହ୍ନାଇ ଦେବାରେ କେବେହେଲେ ଅବହେଳା କରୁ ନ ଥିଲେ। କଥାରେ କଥାରେ ପାଠ ପଢ଼ାଇବା ଭିତରେ ଗୁରୁଜନମାନେ, ଶିକ୍ଷକମାନେ କିଛି ଉତ୍ତମ ଚାଲିଚଳନଗତ, ସଂସ୍କାରଗତ ବିଚାର ପିଲାମାନଙ୍କୁ ଦେଉଥିଲେ, ନିଜ ଆଚରଣରେ ମଧ୍ୟ ଦେଖାଉଥିଲେ। ଆଜିର ପିଲାମାନଙ୍କୁ ଏସବୁ ଦେଖିବାକୁ, ଶୁଣିବାକୁ ସମୟ ନାହିଁ। ପିଠିରେ ତା'ର ବହିର ଓଜନିଆ ବୋଝ। ତା' ଛଡା ପରୀକ୍ଷାରେ ଅଧିକରୁଅଧିକ ନମ୍ବର ରଖିବାନିମିତ୍ତ ପରିବାରଠାରୁ ଆରମ୍ଭକରି ବିଦ୍ୟାଳୟର ଶିକ୍ଷକମାନଙ୍କ ପର୍ଯ୍ୟନ୍ତ ସର୍ବଦିଗରୁ ଗୁରୁତର ଚାପ। ତେଣୁ ପିଲାଟିଦିନରୁ ତା' ମନରେ ଧାରଣା ସୃଷ୍ଟିହେବା ସ୍ୱାଭାବିକ ଯେ ପରୀକ୍ଷାରେ ଅଧିକ ନମ୍ବର ରଖିବା ହେଉଛି ତା' ପାଇଁ ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ, ମହାନ କର୍ତ୍ତବ୍ୟ, ଧର୍ମ, କର୍ମ ଯାହାକିଛି। ଏଣେ ପରିବାରରେ ମାତାପିତାଙ୍କର ମଧ୍ୟ ପିଲାଟିକୁ କୌଣସି ନୀତି ନୈତିକତା ସମ୍ପର୍କରେ କହିବା ପାଇଁ ସମୟ ନାହିଁ। ଉଭୟ ନିଜ ନିଜ ଚାକିରି, ବ୍ୟବସାୟ ତଥା ଏଣ୍ଟରଟେନମେଣ୍ଟ ନେଇ ବ୍ୟସ୍ତ। ପିଲାଟିର ଖାଦ୍ୟପେୟ ଇତ୍ୟାଦିର ଦାୟିତ୍ୱ ଆୟା ଉପରେ। ଏପରି କ୍ଷେତ୍ରରେ ପିଲାଟି ଛୋଟରୁ ବଡ଼ ହେଉଥିବା ଭିତରେ ତା' ମନରେ ଏକପ୍ରକାର ରୁକ୍ଷତା ବସା ବାନ୍ଧେ। ଏହି ରୁକ୍ଷତା ତାକୁ କ୍ରମେ ନମ୍ରତା ଓ ସାଧୁତାଠାରୁ ଦୂରକୁ ନେଇଯାଏ। ଭାରତୀୟ ପ୍ରଶାସନିକ ସେବାପରି ଅନ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୁବକଟି ନିମିତ୍ତ ତା'ର ମାତାପିତା, ବନ୍ଧୁବାନ୍ଧବ, ଗାଁ, ସାହିପଡିଶା ଏପରିକି ଜିଲାର ଲୋକେ ଗର୍ବ କରିଥାନ୍ତି। କିନ୍ତୁ ଆଜିର ଦୁନିଆରେ ପରିସ୍ଥିତି ଆଉ ଏପରି ନାହିଁ। କାରଣ କିଏ କହିବ ଯେଉଁ ଯୁବକର ଏପରି ସଫଳତା ପାଇଁ ଆଜି ସେମାନେ ଗର୍ବ ଅନୁଭବ କରୁଛନ୍ତି, ଆସନ୍ତାକାଲି ସେମାନେ ସେହି ଯୁବକଟି ପାଇଁ ଲଜ୍ଜା ଅନୁଭବ ନ କରିବେ ବୋଲି। ଅସାଧୁ ଉପାୟ ଅବଲମ୍ବନରେ ଅର୍ଥ ଉପାର୍ଜନ କରିବା, ସରକାରୀ ଅର୍ଥ ତୋସରପାତ କରିବା ଅପରାଧରେ ତାକୁ ଜେଲ୍ ଯିବାକୁ ନ ପଡ଼ିବ ବୋଲି? ପାରମ୍ପରିକ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ମଧ୍ୟ ନିତାନ୍ତ ଜରୁରୀ ଏ କଥା ଆମକୁ ବୁଝିବାକୁ ହେବ ଯଥାଶୀଘ୍ର।

ପିଲାଟିବେଳେ ଚିତ୍ର ବେଶି, ଲେଖା କମ୍ ଥିବା ପୁସ୍ତକଟିଏ ଧରାଇ ଆମକୁ ଚିହ୍ନାଇ ଦିଆଯାଏ ଏଇଟା ଗଛ, ଏଇଟା ଚଢ଼େଇ, ଏଇଟା ଘର। ପୁଣି ପ୍ରତ୍ୟକ୍ଷଭାବେ ଚିହ୍ନାଇ ଦିଆଯାଏ ଇଏ ମା', ଇଏ ଜେଜେମା', ଇଏ ପିଉସୀ, ଇଏ ମାଉସୀ। ସେମିତି ତାକୁ ମଧ୍ୟ ଚିହ୍ନେଇଦେବା ଦରକାର– ଏଇଟା କରିବା ଉଚିତ, ଏଇଟା କରିବା ଅନୁଚିତ। ଏଇଟା ଭୁଲ୍, ଏଇଟା ଠିକ୍। ଏମିତି କାମ କଲେ ଲୋକଙ୍କର ଉପକାର ହୁଏ। ଲୋକେ ପ୍ରଶଂସା କରନ୍ତି। ଏମିତି କଲେ ଲୋକେ ଦୁଃଖ ପାଆନ୍ତି, ସେଥିପାଇଁ ନିନ୍ଦା ମିଳେ। ଏଇ କାମଟି ସାମାଜିକତାର ସମ୍ପର୍କ ରଖେ ଇତ୍ୟାଦି। କିନ୍ତୁ ସେପରି କିଛି ହୁଏନାହିଁ। ଆମ ମାତାପିତାଙ୍କ ପରି ଶିକ୍ଷକମାନଙ୍କ ପାଖରେ ମଧ୍ୟ ସମୟ ନାହିଁ। ସେମାନେ ତାଙ୍କର ବର୍ଷକ ଭିତରେ ପଢ଼ାଯିବାକୁ ଥିବା କୋର୍ସତକ ସାରିଦେଇ ନିଜର କର୍ତ୍ତବ୍ୟ ଶେଷ କରନ୍ତି। ତା' ବ୍ୟତୀତ ଯେ କୌଣସିମତେ ପରୀକ୍ଷାରେ ଅଧିକରୁ ଅଧିକ ମାର୍କ ରଖିବାର ବ୍ୟବସ୍ଥା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣିକି ସେ ଯେଉଁ ପ୍ରକାରର ସାହାଯ୍ୟ ନେଉଛି ନେଉ। ନୈତିକତାକୁ ଧରିବସିଲେ ମିଳିବ କ'ଣ?

ସଂସାରରେ ଉଚିତ ପଥ ମାତ୍ର ଗୋଟିଏ। ଅନୁଚିତ ପଥ ଅନେକ। ସତ ଗୋଟିଏ ଥିବାବେଳେ ଅସତ୍‌ର ଅନେକ ରୂପ। ସତର ଆଶ୍ରୟ ନିଅ, ବାସ୍ କଥା ସଇଲା। କିନ୍ତୁ ଗୋଟିଏ ମିଛ କୁହ, ପଛକୁ ପଛ ଆସିଯିବେ ଅନେକ ମିଛ ଲମ୍ବା ଧାଡିରେ ହାତ ଧରାଧରି ହୋଇ। ପ୍ରଥମେ କହିଥିବା ସେଇ ଗୋଟିଏ ମିଛ ପାଇଁ ଆପଣଙ୍କୁ ଅନେକ ମିଛର ଆଶ୍ରୟ ନେବାକୁ ପଡ଼ିବ। ତେଣୁ ଯେଉଁ ପିଲା ପରୀକ୍ଷାରେ ଅଧିକ ନମ୍ବର ରଖିବା ଉପରେ ଗୁରୁତ୍ୱ ଦେଇ ଥରେ ଅନୁଚିତ ପଥର ଆଶ୍ରୟ ନେଇଗଲା, ତା' ମନ ଭିତରେ ଜାଣ ଅନୈତିକତାର ଏକ ସୁନ୍ଦର ଏବଂ ବିରାଟ ପ୍ଲାଟଫର୍ମ ତିଆରି ହୋଇଗଲା। ଉଚିତ କଥାଟିକୁ ସେ ଆଉ ତା'ର ମନର ଅଗଣାକୁ ବିଚାର କରିବା ନିମିତ୍ତ ଆଣିପାରେ ନାହିଁ ଶତ ଚେଷ୍ଟା ସତ୍ତ୍ୱେ। ସବୁବେଳେ ସବୁ କଥାରେ ସେ ତା'ର ସ୍ୱାର୍ଥହାସଲ କରିବା ପାଇଁ ଚେଷ୍ଟା କରେ ଯେକୌଣସି ଉପାୟରେ। ତାକୁ ହୁଏ ତ ସଫଳତା ମିଳେ, କିନ୍ତୁ ତା' ସହିତ ମିଳେ ଗ୍ଳାନି, ଆତ୍ମଗ୍ଳାନି, ଯାହା ତାକୁ ଦିନରାତି ଭିତରେ ଭିତରେ ଖାଉଥାଏ, ଜଳାଇ ମାରୁଥାଏ।

ଅନ୍ୟପକ୍ଷରେ ପିଲାଟିଦିନୁ ସତ୍‌କୁ ଆପଣେଇବା ପାଇଁ ପାଇଥିବା ଉପଦେଶକୁ ମନରେ ଧରି ରଖିଥିବା ବାଳକଟି ନିଜ କର୍ତ୍ତବ୍ୟପଥରେ କେବେ ପଛାଏ ନାହିଁ। ଆଗକୁ ଯିବାରେ ତା'ପାଇଁ ପ୍ରତିବନ୍ଧକ ଅନେକ ଥାଏ। ସେଗଡ଼ିକୁ ପ୍ରତିହତ କରିବାନିମିତ୍ତ ସେ ନିଜକୁ ପ୍ରସ୍ତୁତ କରେ। ଭାଙ୍ଗିପଡ଼େ ନାହିଁ କି ଅସତ୍ ନିକଟରେ ଆତ୍ମସମର୍ପଣ କରେନାହିଁ। ତାହା ହିଁ ସତ୍‌ର ବଳ। ମନରେ ଶକ୍ତି ସୃଷ୍ଟି କରିବା ଦିଗରେ ତାହା ଏକ ଟନିକ୍‌ର କାର୍ଯ୍ୟ କରେ, ଯାହା ନିତି ପ୍ରତି ତା'ର ମନର ଶକ୍ତିକୁ ବଢ଼ାଇ ଚାଲିଥାଏ।

ଉଦୟପୁର, ଦଶରଥପୁର, ଯାଜପୁର,
ମୋ ୯୪୩୮୩୨୮୭୫୫,
drbasudevmishra70@gmail.com

## ଏଇ ଭାରତରେ

ଭାରତରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ବାସ କରନ୍ତି। ବିବିଧତା ମଧ୍ୟରେ ଏକତା ଏହି ଦେଶର ମୂଳମନ୍ତ୍ର। ସଭିଏଁ ହେଉଛନ୍ତି ଭାରତବାସୀ। ଦେଶର ବିଭିନ୍ନ ଅଞ୍ଚଳରେ ରହିଛି ଭିନ୍ନ ଭିନ୍ନ ପରମ୍ପରା, ଚଳଣି ଏବଂ ସଂସ୍କୃତି। କିନ୍ତୁ କୌଣସି କାରଣକୁ ନେଇ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବେଳେବେଳେ ଭେଦଭାବ ସୃଷ୍ଟି ହୁଏ। ସାମ୍ପ୍ରଦାୟିକ ଉତ୍ତେଜନା ପାଇଁ ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଜାତୀୟ ସଂହତି ବାଧାପ୍ରାପ୍ତ ହୁଏ। ଗୋଟିଏ ସମ୍ପ୍ରଦାୟର ଲୋକେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ଘୃଣାଦୃଷ୍ଟିରେ ଦେଖିଥାଆନ୍ତି। କିନ୍ତୁ ଆମ ଦେଶର ଗୁଜରାଟ ରାଜ୍ୟର ସୁରଟରେ ଥିବା ହଜରତ୍ ଖ୍ୱାଜା ଦରଘାରେ ଦୀର୍ଘବର୍ଷ ଧରି ଜାରି ରହିଛି ଏକ ନିଆରା ପରମ୍ପରା। ସେଠାରେ ହିନ୍ଦୁ-ମୁସଲମାନ୍ ସମ୍ପ୍ରଦାୟର ଲୋକେ ଏକାଠି କରନ୍ତି ରୋଜା-ଇଫ୍‌ତାର। ଉଭୟ ହିନ୍ଦୁ ଓ ମୁସଲମାନ୍ ରମଜାନ୍ ମାସରେ ଭୋର୍ ସମୟରେ ରୋଜା ରଖିବା ସହିତ ସନ୍ଧ୍ୟାରେ ମିଳିତ ଭାବେ ଇଫ୍‌ତାର କରିଥାନ୍ତି। ହଜରତ୍ ଖ୍ୱାଜାଙ୍କ ଦରଘାରେ ସମସ୍ତ ଧର୍ମର ଶ୍ରଦ୍ଧାଳୁ ଉପାସନା କରି ଖ୍ୱାଜାଙ୍କ ପାଖରେ ମାନସିକ କରିଥାନ୍ତି। ଏହା ପୂରଣ ହେବା ପରେ ଫାତିହା ମଧ୍ୟ କରନ୍ତି। ଏହା ଏକ ସର୍ବଧର୍ମ ସମନ୍ୱୟ କ୍ଷେତ୍ର ଭାବେ ବେଶ୍ ପରିଚିତି ହାସଲ କରିଛି। ଧର୍ମ ଓ ସମ୍ପ୍ରଦାୟ ନାମରେ ଉତ୍ତେଜନାକୁ ଉତ୍ସାହିତ କରୁଥିବା ଲୋକଙ୍କ ପାଇଁ ଏହା ଏକ ଆଦର୍ଶ ଧର୍ମପୀଠ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ମେ ୧୯୯୪**

- ଆମେରିକା ପ୍ରତିରକ୍ଷା ବିଭାଗର ଉପସଚିବ ଫ୍ରାଙ୍କ ୱିସନରଙ୍କୁ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଭାରତର ନୂତନ ରାଷ୍ଟ୍ରଦୂତ ମନୋନୀତ କଲେ।
- ଆମେରିକା ଚାପରେ ମୁଣ୍ଡ ନୁଆଁଇ ଭାରତ ସରକାର ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷା କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଅଭିଯୋଗ।
- ଉତ୍ତର ଓ ଦକ୍ଷିଣ ୟେମେନର ପ୍ରତିଦ୍ୱନ୍ଦ୍ୱୀ ସୈନ୍ୟଙ୍କ ମଧ୍ୟରେ ଲଢେଇରେ ୨୫ ଜଣ ନିହତ।

## ସାପ୍ତାହିକ ପଞ୍ଜିକା

ମେ ୫– ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟଙ୍କ ଶପଥ ଗ୍ରହଣ।

୬– ଓଡ଼ିଶାର ବାତ୍ୟାଞ୍ଚଳ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ହଜାର କୋଟି ଟଙ୍କା ତତ୍କାଳ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

୭– ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ସପକ୍ଷରେ ଫ୍ରାନ୍ସ ମତ ଦେଇଛି।

* ସିରିଆର ଉତ୍ତର-ପଶ୍ଚିମାଞ୍ଚଳରେ ସୁରକ୍ଷା କର୍ମୀ ଓ ଜେହାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨୨ ସୁରକ୍ଷା କର୍ମୀ ଓ ୨୧ ଜେହାଦୀଙ୍କ ମୃତ୍ୟୁ।

୮– ମାଓବାଦୀ ଉପଦ୍ରୁତ କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର କିତୱା ଜଙ୍ଗଲରେ ନିରାପତ୍ତା ରକ୍ଷୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୫ ମାଓବାଦୀ ନିହତ ହୋଇଛନ୍ତି।

୯– ଆସନ୍ତା ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ଯଦି ଇଭିଏମ୍ ଓ ଭିଭିପିଏଟି ମେଶିନ ଗଣନା ମଧ୍ୟରେ ପ୍ରଭେଦ ଦେଖାଯାଏ, ତେବେ ଭିଭିପିଏଟିର ଗଣନାକୁ ବୈଧ ଭାବେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି।

୧୦– ଜଷ୍ଟିସ୍ ଅଭୟ ଶ୍ରୀନିବାସ ଓକା କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ।

## ଆମ ସମସ୍ୟା

### ଏଲ୍‌ଇଡି ବଲ୍‌ବ ମିଳୁନି

ମହାଶୟ,

କଟକ ସଦର ଅନ୍ତର୍ଗତ ଆୟତପୁର ପଞ୍ଚାୟତର ଦଣ୍ଡୁଆସପଡ଼ା ୬ ନମ୍ବର ୱାର୍ଡରେ ଏଲ୍‌ଇଡି ବଲ୍‌ବ ଚାରିଟି ଲେଖାଏ ଦେବା ବ୍ୟବସ୍ଥା ସରକାର କରିଥିଲେ। ନିର୍ବାଚନ ଦୃଷ୍ଟିରୁ ତରବରିଆ ଭାବରେ ବଣ୍ଟନ କରାଯାଇଥିଲା। ପ୍ରାପ୍ୟରୁ କୌଣସି ହିତାଧିକାରୀଙ୍କୁ ବଞ୍ଚିତ କରା ଯିବା ଉଚିତ ନୁହେଁ। କିନ୍ତୁ ଡିଲରଙ୍କୁ ପଚାରିବାରୁ ଦିଆଯିବ ନାହିଁ ବୋଲି କହୁଛନ୍ତି। ସେସୁ କର୍ତ୍ତୃପକ୍ଷ ପୁନର୍ବାର ବଲ୍‌ବ ଦେବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ବରିଷ୍ଠ ନାଗରିକଙ୍କ ଦ୍ୱାରରେ ସେବା ପ୍ରହସନ

ଭାରତୀୟ ରିଜର୍ଭ ବ୍ୟାଙ୍କ ବରିଷ୍ଠ ନାଗରିକଙ୍କୁ ଘରେ ସେବା ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ଆଦେଶ ଦେଇଛନ୍ତି। ଷ୍ଟେଟବ୍ୟାଙ୍କ ଏହାର ଫାଇଦା ନେବା ପାଇଁ ବରିଷ୍ଠ ନାଗରିକଙ୍କୁ ଏହି ସେବା ଲାଗି ଦେୟ ଦେବାକୁ ହେବ ବୋଲି ଏକ ଇସ୍ତାହାର ପ୍ରକାଶ କରିଛି। ପରେ ଷ୍ଟେଟବ୍ୟାଙ୍କ ଏହି ସେବାକୁ ପ୍ରତ୍ୟାଖ୍ୟାନ କରିଛି। କାରଣ ଦେୟ ଦେବାକୁ କୌଣସି ବରିଷ୍ଠ ନାଗରିକ ସକ୍ଷମ ହେବେ ନାହିଁ। ରାଷ୍ଟ୍ରୀୟ ବ୍ୟାଙ୍କଗୁଡ଼ିକ ଜନସ୍ୱାର୍ଥକୁ ବଳି ପକାଇ ନିଜ ସ୍ୱାର୍ଥରେ ଲାଗିଛନ୍ତି।

ପଣ୍ଡିତ ରାମକୃଷ୍ଣ ମିଶ୍ର, ଏ.ଏଲ୍. ୫୩, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ପୋଷ୍ଟକାର୍ଡ ମିଳୁନାହିଁ

ଗତ କିଛିଦିନ ଧରି ଭୁବନେଶ୍ୱରର ଶୈଳଶ୍ରୀ ବିହାର ଡାକଘରେ ପୋଷ୍ଟକାର୍ଡ ମିଳୁନାହିଁ। ଗ୍ରାହକମାନେ ପୋଷ୍ଟକାର୍ଡ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଓଡ଼ିଶା ମୁଖ୍ୟ ଡାକପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଏକ ଫେସ୍‌ବୁକ୍ ପୋଷ୍ଟକୁ ନେଇ ଶ୍ରୀଲଙ୍କାର ଚିଲଉ ସହରରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟିହୋଇଛି। ଏକ ମସ୍‌ଜିଦ୍ ଉପରକୁ କେତେକ ବ୍ୟକ୍ତି ଢେଲାମାଡ଼ କରିବା ପରେ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଏନେଇ ଚିଲଉ ପୋଲିସ ଅଞ୍ଚଳରେ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ଫେସ୍‌ବୁକ୍ ପୋଷ୍ଟ କରିଥିବା ଯୁବକ ଅବଦୁଲ ହମିଦ୍ ମହମ୍ମଦ ହସ୍‌ମର୍‌ଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ବିଶ୍ୱ ମାତୃ ଦିବସରେ ଅଘଟଣ
### ମା' ଆଖି ଆଗରେ ୭ ବର୍ଷ ପୁଅର ମୃତ୍ୟୁ
### ରାଜନଗର-ଭିତରକନିକା ରାସ୍ତାରେ ଦୁର୍ଘଟଣା: ୫ ଗୁରୁତର

**ରାଜନଗର,୧୨।୫(ଡି.ଏନ୍.ଏ.):** ବିପଦରୁ ଯିଏ ସନ୍ତାନକୁ ଘଣ୍ଟ ଘୋଡାଇ ରଖେ ସେ ହେଉଛି ମା'। ମାଆ ଥିଲେ ପାଖରେ କାହାରି ଡର ନ ଥାଏ। ହେଲେ ବିଧିର ବିଧାନ ବିଚିତ୍ର। ରବିବାର ସମଗ୍ର ବିଶ୍ୱରେ ମାତୃ ଦିବସ ପାଳନ ହେଉଥିବା ବେଳେ ଜଣେ ମା' ଆଖି ଆଗରେ ସଡକ ଦୁର୍ଘଟଣାରେ ତା'ର ସନ୍ତାନର ଅକାଳ ମୃତ୍ୟୁ ଘଟିବା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। ରାଜନଗର-ଭିତରକନିକା ମୁଖ୍ୟ ରାସ୍ତାର ଜଳିଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ୭ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଦିନ ଗୋଟାଏ ସମୟରେ ରାଜନଗର ବ୍ଲକ ଚରଦିଆ ଗ୍ରାମର ରାଜମିସ୍ତ୍ରି ନିକୁ ଦାସ, ମାନସ ଦାସ, ପୂର୍ଣ୍ଣଚନ୍ଦ୍ର ମାଝି କୁରୁଣ୍ଟି ଗ୍ରାମରେ କାମ ଶେଷ କରି ଏକ ମୋଟର ସାଇକେଲରେ ଗାଁକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଈଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର କଳ୍ପତରୁ ବେହେରା ମଧ ଏକ ମୋଟର ସାଇକେଲରେ ସ୍ତ୍ରୀ ମାମିନା ଏବଂ ୭ ବର୍ଷର ପୁଅ କ୍ରୀଷ୍ଣାକୁ ନେଇ ରାଜନଗର ଆସୁଥିଲେ। ଜଳିଛକ ନିକଟରେ ଉଭୟ ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ କ୍ରୀଷ୍ଣା ମା'କୋଳରୁ ଛିଟିକି ପଡିଥିଲେ। ମୁମୂର୍ଷୁ ଅବସ୍ଥାରେ କ୍ରୀଷ୍ଣାକୁ ପ୍ରଥମେ ରାଜନଗର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ହୋଇଥିବା ମୃତ ବାଳକଙ୍କ ମାଆ ମାମିନା, ବାପା କଳ୍ପତରୁ, ଚରଦିଆ ଗାଁର ନିକୁ, ମାନସ ଓ ପୂର୍ଣ୍ଣଚନ୍ଦ୍ର ଚିକିତ୍ସାଧୀନ ଅଛନ୍ତି। କ୍ରୀଷ୍ଣାଙ୍କ ପରିବାର ପକ୍ଷରୁ ଗଜେନ୍ଦ୍ର ବେହେରା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ୭୭/୨୦୧୯ ନଂ ରେ ଏକ ମାମଲା ରୁଜୁ କରାଯାଇଛି।

### ସରକାର ରିଲିଫ ଦେବାରେ ବିଫଳ: ଭାଜପା

**ଭୁବନେଶ୍ୱର,୧୨।୫(ବ୍ୟୁରୋ):** ବାତ୍ୟାର ୯ଦିନ ପରେ ମଧ ରାଜ୍ୟ ସରକାର ଓ ପ୍ରଶାସନ ବାତ୍ୟା ବିପନ୍ନଙ୍କ ପାଖରେ ରିଲିଫ ସହାୟତା ପହଞ୍ଚାଇ ପାରିନାହାନ୍ତି। ସରକାର ଜିରୋ କାଜୁଆଲିଟି ପାଇଁ ପ୍ରସ୍ତୁତ ଥିବାର ଡିଣ୍ଡିମ ପିଟୁଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ହାନି ହୋଇଛି। ବିଭିନ୍ନ ସ୍ଥାନରେ ପିଇବା ପାଣି, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ମହମବତି, ପଲିଥିନ ବାତ୍ୟା ପ୍ରପୀଡିତ ଲୋକଙ୍କ ପାଖରେ ପହଞ୍ଚି ନାହିଁ। ପ୍ରଶାସନ ଏବେ ବି ସହାୟତା ଓ ରିଲିଫ ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗୃହପାଳିତ ପଶୁମାନଙ୍କ ପାଇଁ ମଧ ଗୋଖାଦ୍ୟ ଯୋଗାଇ ଦିଆଯାଇନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ରବିବାର ଏକ ପ୍ରତିନିଧି ଦଳ ବାଲିପାଟଣା ବ୍ଲକର ସିସୋଲ, ବଧୋଖଣ୍ଡି, ସାତକାବାଦ, ବିଶ୍ୱନାଥପୁର ଭୋଇସାହି, ପଂପାଲୋ ଭୋଇସାହି ଆଦି ଅଞ୍ଚଳ ବୁଲି ଦେଖିବା ସହ ବାତ୍ୟାବିପନ୍ନଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ଆଲୋଚନା କରିଥିଲେ। ବାତ୍ୟା ଫନୀର ପ୍ରଭାବରେ ଏହି ସମସ୍ତ ଅଞ୍ଚଳର ଶତାଧିକ ଘର ଭାଙ୍ଗି ଯାଇଛି। ଶହଶହ ଗଛ ଉପୁଡିବା ସହ ବିଦ୍ୟୁତ ଖୁଣ୍ଟ ତଳେ ପଡିଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଚାଉଳ ଏବଂ ସହାୟତା ରାଶି ବାତ୍ୟାବିପନ୍ନଙ୍କ ପାଖରେ ପହଞ୍ଚି ନାହିଁ। ପଲିଥିନ ନ ଦେଇ ତା' ବାବଦକୁ ୫୦୦ଟଙ୍କା ଦିଆଯାଉଛି। ସ୍କୁଲ ଘର, ଗାଁ କୋଠଘର ସମେତ ଶତାଧିକ ଘରର ଚାଳ ଛପର ଉଡାଇନେଇଛି। ବିଦ୍ୟୁତ ନ ଥିବା ଯୋଗୁ ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାତ୍ୟା ବିପନ୍ନଙ୍କୁ ତୁରନ୍ତ ରିଲିଫ ସହାୟତା ରାଶି ଯୋଗାଇବା ପାଇଁ ପ୍ରତିନିଧି ଦଳ ଦାବି କରିଛି।

## ■ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ
# ବଜ୍ରପାତରେ ୨ ମୃତ, ୨ ଗୁରୁତର

**ଭୁବନେଶ୍ୱର,(ବ୍ୟୁରୋ)/ କୁନ୍ଦୁରା,୧୨।୫(ଡି.ଏନ୍.ଏ.)**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରିଦେଲାଣି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହିଭଳି ତାତି ଅନୁଭୂତ ହେବ। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ୯ ଜିଲାରେ ତାପମାତ୍ରା ୪୧ଡିଗ୍ରୀ ଉପରେ ରହିଥିଲା। ୪୩.୬ଡିଗ୍ରୀରେ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼ ୪୩.୫, ସୋନପୁର ୪୩.୩, ସମ୍ବଲପୁର ୪୨.୭, ହୀରାକୁଦ ୪୨.୪, ବଲାଙ୍ଗୀର ୪୨, ତାଳଚେର ୪୧.୫, ମାଲକାନଗିରି ୪୧.୪ ଓ ସୁନ୍ଦରଗଡ଼ ୪୧ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି କଟକ ୩୭.୨ ଓ ଭୁବନେଶ୍ୱର ୩୬.୭ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪ ଦିନ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିପାରେ। ୧୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି। ତେବେ ୧୬ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ବରଗଡ଼, ଦେବଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, କୋରାପୁଟ, ମାଲକାନଗିରି, ଗଞ୍ଜାମ, ନବରଙ୍ଗପୁର ଓ ରାୟଗଡ଼ା ଜିଲାରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବା ସହିତ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ସେପଟେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହୋଇଥିବା ସୂଚନା ମିଳିଛି। କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବଜ୍ରପାତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଓ ଆହତଙ୍କ ମଧ୍ୟରୁ ୩ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ କୁନ୍ଦୁରା ବ୍ଲକ ବାଣ୍ଡୁଆଗୁଡ଼ା



ପଞ୍ଚାୟତ ନାରାଗାଁର ପେଣ୍ଡିଆ ପରିବାର ଘରପଛ ଆମ୍ବଗଛ ମୂଳେ ବସିଥିବା ବେଳେ କାଳବୈଶାଖୀ ଆସିଥିଲା। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ପରିବାରର କରଫୁଲ ପେଣ୍ଡିଆ(୮)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ହୋଇଥିବା ଜେଜେବାପା ନାଥ ପେଣ୍ଡିଆ(୫୫) ଓ ସାନ ନାତୁଣୀ ସୁମିତ୍ରା ପେଣ୍ଡିଆ(୫)ଙ୍କୁ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ସେମାନଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ମୃତ କରଫୁଲଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ବ୍ଲକର ଆସନା ପଞ୍ଚାୟତ କାଉଡ଼ିଆଗୁଡ଼ା ଗ୍ରାମର ଦୈତାରୀ ପୂଜାରୀ(୪୬) ମଧ ବଜ୍ରପାତରେ ପ୍ରାଣ ହରାଇଛନ୍ତି। କୁନ୍ଦୁରା ସିଏଚ୍‌ସି ପକ୍ଷରୁ କୌଣସି ସୁବିଧା ନ ଥିବାରୁ ସୋମବାର ଭାର କିମ୍ବା ବାଇକ୍‌ରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଅଣାଯିବ। ଅନ୍ୟପକ୍ଷରେ ସେହି ପଞ୍ଚାୟତ ଅଧୀନ ପାକନାଗୁଡ଼ା ଛକରେ ୩ ଗାଈଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# 'ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁ'

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋହରାଇଲେ ଦାବି**

ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ଦାବି କରିଛନ୍ତି। ସାମୁଦ୍ରିକ ଝଡ଼ ଫନୀ ପରେ ମୁଖ୍ୟମନ୍ତ୍ରୀ ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେଇ ଏହା କହିଛନ୍ତି। ନବୀନ କହିଛନ୍ତି ଯେ, ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି। ବିପର୍ଯ୍ୟୟ କ୍ଷତିର ପୁନରୁଦ୍ଧାର ପାଇଁ କେନ୍ଦ୍ର ଦେଉଥିବା ସହାୟତା ପର୍ଯ୍ୟାପ୍ତ ନୁହେଁ। ଏହା ଦ୍ୱାରା ବିଭିନ୍ନ ଭିତ୍ତିଭୂମିର ସ୍ଥାୟୀ ବିକାଶ ହୋଇପାରୁ ନାହିଁ। ରାଜ୍ୟକୁ ନିଜସ୍ୱ ପାଣ୍ଠିରୁ ବହୁତ ବ୍ୟୟ କରିବାକୁ ପଡୁଛି। ତେଣୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ ଦ୍ୱାରା ରାଜ୍ୟ ଉପକୃତ ହୋଇପାରିବ। ଗତ ୫ ବର୍ଷ ମଧ୍ୟରେ ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି , ଫନୀ ପରି ବାତ୍ୟା ଏବଂ ବନ୍ୟା ରାଜ୍ୟ ପାଇଁ ବିପତ୍ତି ଆଣିଥିବା ନବୀନ କହିଛନ୍ତି।

ସେହିପରି ଓଡ଼ିଶା ଜାତୀୟ ହାରଠାରୁ ଅଧିକ ଅଭିବୃଦ୍ଧି ହାର ହାସଲ କରିଛି। ସ୍ୱତନ୍ତ୍ର ପାହ୍ୟା ଦ୍ୱାରା ଏହି ଅଭିବୃଦ୍ଧି ଆହୁରି ଉନ୍ନତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସାମୁଦ୍ରିକ ଝଡ଼ ଫନୀକୁ ଜାତୀୟ ବିପର୍ଯ୍ୟୟ ଘୋଷଣା ପ୍ରଶ୍ନର ଉତ୍ତର ଦେଇ ନବୀନ କହିଛନ୍ତି ଯେ, ସ୍ୱତନ୍ତ୍ର ପାହ୍ୟା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। କେନ୍ଦ୍ର ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ଫନୀ ପୂର୍ବରୁ ୧୨ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାରେ ସହଯୋଗ କରିଥିବାରୁ ପ୍ରଶାସନ ଓ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଗ୍ରୀଷ୍ମଦିନରେ ସାମୁଦ୍ରିକ ଝଡ଼ ଆସିବା ଏବଂ ସାଧାରଣ ନିର୍ବାଚନ ସମୟରେ ବିପତ୍ତି ଆସିବା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ଥିଲା। ରିଲିଫ ବଣ୍ଟନ ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି। ରାଜ୍ୟର ଶକ୍ତି ଭିତ୍ତିଭୂମି ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ପୁନର୍ବାର ଭିତ୍ତିଭୂମିକୁ ଛିଡା କରିବାକୁ ପଡିବ। ଆଗାମୀ ୪୮ ଘଣ୍ଟା ମଧ୍ୟରେ ପୁରୀ ଟାଉନ ଏବଂ ୭୨ ଘଣ୍ଟାରେ ଭୁବନେଶ୍ୱରକୁ ପିଇବା ପାଣି ଯୋଗାଇ ଦିଆଯିବ। ବାତ୍ୟା ପ୍ରତିରୋଧ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ
## ■ ବାପା, ପୁଅଙ୍କ ସମେତ ୩ ଗିରଫ

**ଅମରପାଲି, ୧୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ତଥା ଲୁତୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମରେ ରବିବ୍ୟାର ସକାଳେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଗ୍ରାମର ଲଛମନ ଥପାଙ୍କ ଏକମାତ୍ର ପୁତ୍ର ମକାରୁ ଥପା(୨୭)। ତାଙ୍କୁ ପଡୋଶୀ ଘରର ୩ଜଣ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଭାଗୀରଥି ସାହୁ(୪୬), ତାଙ୍କ ଭାଇ ଋଷଭ ସାହୁ(୫୦) ଓ ଋଷଭଙ୍କ ପୁଅ ଭରତ ସାହୁ(୧୮)। ଗ୍ରାମରକ୍ଷୀଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ମାମଲା(ନଂ. ୨୩/୧୯)ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠ ଫାଳିଆ ଜବତ ହୋଇଛି। ଏସ୍‌ଡିପିଓ ଧିରୋଜ ଚୋପଦାର, ଅନୁସନ୍ଧାନକାରୀ ପୋଲିସ ଅଧିକାରୀ ପ୍ରଦୀପ ପ୍ରଧାନ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ମକାରୁ ପ୍ରାୟ ୬ବର୍ଷ ତଳେ ତାଙ୍କ ପରିବାର ସହିତ ଚିପିଲିମା ଅଞ୍ଚଳରୁ ଆସି ବାବୁପାଲି ଗାଁମୁଣ୍ଡରେ ଏକ ମାଟିଘର କରି ରହୁଥିଲେ। ନିଶା ସେବନ କରି ଅଧିକାଂଶ ସମୟ ସେ ସାହି ପଡିଶାଙ୍କ ସହିତ ପାଟିତୁଣ୍ଡ କରିଥାନ୍ତି। ରବିବାର ସକାଳ ସାଢ଼େ ୮ଟାରେ ମକାରୁ କୌଣସି କାରଣକୁ ନେଇ ଗ୍ରାମର ଭାଗୀରଥି ସାହୁଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଘରକୁ ବର୍ଜ୍ୟବସ୍ତୁ ଓ ମଳ ଫିଙ୍ଗିଥିଲେ। ବାରଣ ପରେ ବି ନ ମାନିବାରୁ ପଡୋଶୀ ଋଷଭ ସାହୁ ମକାରୁଙ୍କ ମା' ବୈଦେହୀଙ୍କୁ ଏ ନେଇ ଯାଇ ଜଣାଇଥିଲେ। ଏହି ସମୟରେ କ୍ରୋଧିତ ହୋଇ ମକାରୁ ଏକ ଠେଙ୍ଗାରେ ଋଷଭଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଚିତ୍କାର ଶୁଣି ଋଷଭଙ୍କ ପୁଅ ଭରତ ଏବଂ ଭାଇ ଭାଗୀରଥି ସଂଘବଦ୍ଧଭାବେ କାଠ ଫାଳିଆ ଓ ଠେଙ୍ଗାରେ ମକାରୁଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଘର ସମୀପ ଲୁତୁରପଙ୍କ ହାଇସ୍କୁଲ ଆଡକୁ ମକାରୁ ଦୌଡି ପଳାଇଥିଲେ। ହେଲେ ତାଙ୍କୁ ଏହି ତିନିହେଁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁହଁ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ ମକାରୁ। ସୁବଳୟା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

## ■ ଚର୍ଚ୍ଚାରେ ଉପାନ୍ତ ଶଙ୍ଖାମେଦୀ
# ପଶ୍ଚିମବଙ୍ଗ ପଟେ ଭୋଟ ଦେଲେ ୨୩୦ ଭୋଟର

**ଭୋଗରାଇ, ୧୨।୫(ଡି.ଏନ.ଏ.)**

ଶଙ୍ଖାମେଦୀ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମା ବିବାଦ ଘେରରେ ଥିବା ଏକ ଉପାନ୍ତ ଗାଁ। ଗତ ୨୯ତାରିଖରେ ଓଡ଼ିଶାରେ ଅନୁଷ୍ଠିତ ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ଏହି ଗାଁର ୨୫୦ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ରବିବାର ପଶ୍ଚିମବଙ୍ଗରେ ହୋଇଥିବା ୬ଷ୍ଠ ପର୍ଯ୍ୟାୟ ନିର୍ବାଚନରେ ସୀମା ବିବାଦ ଘେରରେ ଥିବା ଏହି ଗାଁର ୨୩୦ ଭୋଟର ପଶ୍ଚିମବଙ୍ଗର କାଁଥି ଲୋକସଭା ଆସନ ପାଇଁ ଭୋଟ ଦେଇଥିବା ଜଣାପଡିଛି। ଅନ୍ୟ କେତେକ ଉପାନ୍ତ ଗାଁର ଭୋଟରମାନେ ମଧ ଅନୁରୂପ ମତଦାନ କରିଥିବା କୁହାଯାଉଛି। ସେମାନଙ୍କ ସଂଖ୍ୟା ଜଣାପଡି ନାହିଁ। ଆନ୍ତଃରାଜ୍ୟ ସୀମା ବିବାଦ ଆଳରେ ଓଡ଼ିଶା ଅଧୀନରେ ଥିବା ଏସବୁ ଗାଁ ଉପରେ ପଶ୍ଚିମବଙ୍ଗ କଳକୌଶଳ କରି ଅଧିକାର ଜାହିର କରିବାକୁ ସବୁବେଳେ ଉଦ୍ୟମ କରି ଆସୁଛି। ଏଭଳି ସ୍ଥିତିରେ ସାଧାରଣ ନିର୍ବାଚନ ବେଳେ ଗାଁ ଲୋକେ ଦୁଇପଟେ ଭୋଟ ଦେବା ଘଟଣା ଚର୍ଚ୍ଚାକୁ ଆସିଛି। ଅବଶ୍ୟ ଅନ୍ୟ ସାଧାରଣ ନିର୍ବାଚନରେ ଏଭଳି ସ୍ଥିତି ପୂର୍ବରୁ ଏଠାରେ ଦେଖିବାକୁ ମିଳିଛି।

ଓଡ଼ିଶା ମାନଚିତ୍ରରେ ଶଙ୍ଖାମେଦୀ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି। ସୀମା ବିବାଦ ଘେରରେ ଥିବା ଏହି ଗାଁ ସମେତ ଉଦୟପୁର, ସାହାବାଜିପୁର, ଦକ୍ଷିଣସରିଷା, ବାଜିତ୍‌ପୁର, ନରସିଂହପୁର, ପାଣିଷଣ୍ଡା, ଶଗଡ଼ାସାହି ଗାଁର କେତେକ ଭୋଟର ରବିବାର ସେଠାକାର ଲୋକସଭା ଆସନ ଲାଗି ଭୋଟ ଦେଇଥିବା କୁହାଯାଉଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ରାଇବଣିଆ ଓ ଅନ୍ୟ ସୀମାନ୍ତ ଗାଁର ଲୋକେ ପଶ୍ଚିମମେଦିନୀପୁର ଲୋକସଭା ଆସନ ଲାଗି ଭୋଟ ଦେଇଥିବା ଜଣାପଡିଛି।

ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆଦର କରୁଥିବା ଉପାନ୍ତ ଗାଁର ଲୋକଙ୍କୁ ଓଡ଼ିଶା ସରକାର ସ୍କୁଲ, ଅଙ୍ଗନୱାଡ଼ି, ରାଶନକାର୍ଡ଼, ଭତ୍ତା, ଶୌଚାଗାର ଓ ବିଦ୍ୟୁତ୍ ସୁବିଧା ଯୋଗାଇ ଆସୁଛନ୍ତି। ୧୯୬୨ ମସିହାରୁ ଶଙ୍ଖାମେଦୀ ଗାଁରୁ ମଧ ରାଜସ୍ୱ ଆଦାୟ ବନ୍ଦ ରଖାଯାଇଛି। ଏହା ସତ୍ତ୍ୱେ ପ୍ରଶାସନିକ ସ୍ତରରେ ଅଣଦେଖା ଯୋଗୁ ପଶ୍ଚିମବଙ୍ଗ ସରକାର ଏସବୁ ଉପାନ୍ତ ଗ୍ରାମବାସୀଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଆପଣାର କରିବାକୁ ଚେଷ୍ଟା କରି ଆସଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଶଙ୍ଖାମେଦୀ ଗ୍ରାମରେ ବସବାସ କରୁଥିବା ତଫସିଲଭୁକ୍ତ ଜାତିର ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ସରକାର ଜାତିଗତ ପ୍ରମାଣପତ୍ର ଭଳି ଆବଶ୍ୟକ ସୁବିଧା ଦେଇ ପାରୁ ନ ଥିବାରୁ ଅନେକ ବାଧ ହୋଇ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଥିବା କହିଛନ୍ତି। କାମଧନ୍ଦା ଅଭାବରୁ ଅନେକ ଉପାନ୍ତବାସୀ ଅନ୍ୟତ୍ର ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଏ ସମ୍ପର୍କରେ ଶଙ୍ଖାମେଦୀ ଗାଁର ୱାର୍ଡ଼ମେମ୍ବର ଅଜୟ ଜେନାଙ୍କୁ ଯୋଗାଯୋଗ କରିବାରୁ ପଶ୍ଚିମବଙ୍ଗ ନିର୍ବାଚନରେ ଗାଁର କେତେକ ଲୋକେ ଭୋଟ ଦେଇଥିବା ସ୍ୱୀକାର କରି ଓଡ଼ିଶା ସରକାର ଏଥିପ୍ରତି ସଚେତନ ରହିବା ଆବଶ୍ୟକ ବୋଲି କହିଛନ୍ତି।

# ଗାଡ଼ି ଧକ୍କାରେ ୨ ମୃତ, ଜଣେ ଗୁରୁତର

**ଖୋର୍ଦ୍ଧା ଅଫିସ,୧୨।୫**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ରାମେଶ୍ୱର ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ସମେତ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ ଜିଲା ଓଡ଼ଗାଁ ଥାନା ଓଡ଼ଗାଁ ଲକ୍ଷ୍ମୀବଜାରର ଦୀପକ କୁମାର ସାମନ୍ତରାୟ(୨୪) ଓ ଆଖୁପଦର ଗାଁର ପ୍ରତାପ ଖିଲାର(୨୪)। ଆହତ ହେଲେ ଓଡ଼ଗାଁର ବିକାଶ ମହାପାତ୍ର(୨୫)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ନଂ. ୮୦/୧୯ରେ ମାମଲା ରୁଜୁ ହୋଇଛି।


**ପ୍ରଥମ ମାସିକିଆ ପୂଜା**



BIDYAKSHI (PARI)
ଆଜି ତୋର ପ୍ରଥମ ମାସିକିଆ ପୂଜାରେ ଶ୍ରୀମା ଶ୍ରୀଅରବିନ୍ଦ ତୋର ଚଳାପଥ କୁସୁମିତ କରନ୍ତୁ ଏତିକି କାମନା।
**ଶୁଭେଚ୍ଛା ସହ:** ଆଇ, ଗୁଡୁ ମାଉସୀ, ଡାଏନା ମାଉସୀ, ମାମା, ପାପା, କୁଲୁ ମାଉସୀ, ଦିପ୍ ମାମୁଁ, ସୁନୀତ ଭାଇନା ଓ ପରିବାରବର୍ଗ।

**Birthday Wish**



Thanks for coming in my life
*Happy Birthday* my Princess
**(Pragyan)**
Best Complements from Raj and Family
D-12464

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଦେବସ୍ମିତା ସାହୁ
ଶିରିପୁର, ଭୁବନେଶ୍ୱର
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଳାପଥ ପୁଷ୍ପିତ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ
ଧ-୧୨୪୭୩

CCTV CAMERA
ସବୁ ଦେଖୁଛି
For Installation Contact:-8984063445
UTILITY SERVICES

DSPL-10
ସାପକାମୁଡା
ସତର୍କ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡିଶା ସରକାର

**କ'ଣ କରିବେ**
- ଆଦୌ ଡରନ୍ତୁ ନାହିଁ କି ବିଚଳିତ ହୁଅନ୍ତୁ ନାହିଁ।
- ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଆଶ୍ୱାସନା ଦିଅନ୍ତୁ ଓ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ।
- ସାପ କାମୁଡିଥିବା ବ୍ୟକ୍ତି ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଞ୍ଜି ଆଦି ଖୋଲି ଦିଅନ୍ତୁ।
- ସାପକାମୁଡା ବ୍ୟକ୍ତିଙ୍କୁ ଚଲାବୁଲା ବା କୌଣସି କାମ କରିବାକୁ ବାରଣ କରନ୍ତୁ ଓ ତାଙ୍କଠାରେ ଦେଖାଯାଇଥିବା ଲକ୍ଷଣ ଡାକ୍ତରଙ୍କୁ ସବିଶେଷ କୁହନ୍ତୁ।

**କ'ଣ କରିବେ ନାହିଁ**
- ଗୁଣି-ଗାରେଡି, ମନ୍ଦିରରେ ପାଣି ଢ଼ାଳିବା, ଫୋନ୍‌ରେ ବିଷ ଝାଡିବା, ଗଦ-ଚେରମୂଳୀ ଲଗାଇବା ଆଦି କାମରେ ସମୟ ନଷ୍ଟ କରନ୍ତୁ ନାହିଁ।
- ସାପ କାମୁଡିଥିବା ବ୍ୟକ୍ତିଙ୍କୁ ନିଶାଦ୍ରବ୍ୟ ଦିଅନ୍ତୁ ନାହିଁ।
- କ୍ଷତ ନିକଟରେ କୌଣସି ଜିନିଷ ବାନ୍ଧନ୍ତୁ ନାହିଁ।
- କ୍ଷତ ସ୍ଥାନକୁ ଆଦୌ ଧୁଅନ୍ତୁ ନାହିଁ, ବ୍ଲେଡ୍, ଛୁରୀ ଇତ୍ୟାଦିରେ କାଟନ୍ତୁ ନାହିଁ, ଚୁଚୁମନ୍ତୁ ନାହିଁ କିମ୍ବା ଚିପାଚିପି କରନ୍ତୁ ନାହିଁ।
- କ୍ଷତ ସ୍ଥାନରେ ବରଫ ଘଷନ୍ତୁ ନାହିଁ କିମ୍ବା ରୋଗୀକୁ ଇଲେକ୍ଟ୍ରିକ୍ ଶକ୍ ଦିଅନ୍ତୁ ନାହିଁ।

10003/13/0005/1920




ସାପକାମୁଡା ପ୍ରତି ସାବଧାନ ରୁହନ୍ତୁ। ସାପକାମୁଡିଲେ ରୋଗୀଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଆନ୍ତୁ।
ସାପ ବିଷ ନିରୋଧକ ଇଞ୍ଜେକ୍ସନ୍ (ASV) ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା



‘ରୁହ-ଆଫ୍‌ଜା’ରେ ଜାହ୍ନବୀ କପୁରଙ୍କ ସହ ପ୍ରଥମ ଥର ଅଭିନୟ କରିବା ପାଇଁ ଉତ୍ସାହିତ ଅଛି।

-ରାଜକୁମାର ରାଓ,
ବଲିଉଡ୍ ଅଭିନେତା





ହରିୟାଣାର ଅମ୍ବାଲାରେ ବିବାହ ପୂର୍ବରୁ ଭୋଟ ଦେବାକୁ ଯାଇଛନ୍ତି ବର।

# ଆଗ ଚକ ବିନା ଅବତରଣ କଲା ମ୍ୟାନ୍‌ମାର ବିମାନ

**ନାଇପାଇଟା**

ମ୍ୟାନ୍‌ମାର ନ୍ୟାଶନାଲ୍ ଏୟାରଲାଇନ୍ସର ଏକ ବିମାନ ରବିବାର ଆଗ ଚକ ବିନା ମାଣ୍ଡଲ୍ୟ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି। ଏଥିରେ ୮୯ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସମ୍ମୁଖ ଲ୍ୟାଣ୍ଡିଂ ଗିୟର ଫେଲ୍ ମାରିବାରୁ କେବଳ ପଛ ଚକା ଖୋଲିଥିଲା। ଏମ୍ବରାର-୧୯୦ ବିମାନଟି ରନ୍‌ୱେରେ ପ୍ରାୟ ୨୫ ସେକେଣ୍ଡ ଘଷିହୋଇ ଗଡିବାପରେ ଶେଷରେ ଅଟକି ଥିଲା। ବିମାନଟି ଦୁର୍ଘଟଣାଗ୍ରସ୍ତ ନ ହେବା ପାଇଁ ପାଇଲଟ୍ ଯଥାସାଧ ଉଦ୍ୟମ କରିଥିଲେ। ବିମାନ ଲ୍ୟାଣ୍ଡିଂ କରିବା ପୂର୍ବରୁ ଏହାର କ୍ୟାପଟେନ୍ ଲ୍ୟାଣ୍ଡିଂ ଗିୟର କାମ କରୁଛି କି ନାହିଁ ସେ ବିଷୟରେ ଜାଣିବା ପାଇଁ ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ଏହା ସମ୍ଭବ ହୋଇପାରି ନ ଥିଲା। ଶେଷରେ ସେ ଜରୁରୀ ବ୍ୟବସ୍ଥା ଅବଲମ୍ବନ ସ୍ୱରୂପ ଅଧିକ ଇନ୍ଧନ ପୋଡି ବିମାନକୁ ଯଥାସମ୍ଭବ ହାଲୁକା ଅବସ୍ଥାକୁ ଆଣିବାକୁ ସମର୍ଥ ହୋଇଥିଲେ ବୋଲି ଏୟାରଲାଇନ୍ ପକ୍ଷରୁ କୁହାଯାଇଛି। ବିମାନର ପଛ ଚକ ରନୱେରେ ଗଡିବାର କିଛି ସମୟ ପରେ ବିମାନର ସମ୍ମୁଖ ଭାଗ(ନୋଜ୍) ନିମ୍ନକୁ ଛୁଇଁଥିଲା। ଏହାପରେ ୨୫ ସେକେଣ୍ଡ ପର୍ଯ୍ୟନ୍ତ ତଳେ ଘୁଷୁରି ଅଟକି ଯାଇଥିଲା। ଚଳିତ ସପ୍ତାହରେ ମ୍ୟାନ୍‌ମାରରେ ଏହା ହେଉଛି ଦ୍ୱିତୀୟ ବିମାନ ଦୁର୍ଘଟଣା। ବୁଧବାର ବାଂଲାଦେଶ ଏୟାରଲାଇନ୍ସର ଏକ ବିମାନ ୟେଙ୍ଗୁନ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଖରାପ ପାଗ ଯୋଗୁ ରନୱେରୁ ଖସିଯାଇଥିଲା।




**ସମ୍ମୁଖ ଲ୍ୟାଣ୍ଡିଂ ଗିୟର ଫେଲ୍ ମାରିଥିଲାବେଳେ ଖୋଲିଯାଇଥିଲା ପଛ ଚକା, ବର୍ତ୍ତିଲେ ୮୯ ଯାତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଘାରିଲି ଡାଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ;**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିଲେ କାହିଁ ପାଇଁ।**

ଯୌବନ ଚିରସ୍ଥାୟୀ ନୁହେଁ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରିସ୍ଥଳେ ଛୁଆପିଲା, ରନ୍ଧାବଢ଼ା ଭଳି ସାଂସାରିକ ଜଞ୍ଜାଳରେ ଛନ୍ଦି ହୋଇଯାଇଥିବା ମହିଳା ସମୟକ୍ରମେ ନିଜର ଆକର୍ଷଣ ହରାଇବସିବା ସହ ସ୍ୱାମୀ ଆଖିରେ ଅଲୋଡ଼ା ହୋଇଯିବା ନେଇ ମନ ଊଣା କରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାପ ପୁଅ ଦୁହେଁ ରାତି ଅନିଦ୍ରା,**
**ଏଣେ ମୁଗୁରା ଗାଣ୍ଡି ମେଲା।**

ମୁଗୁରା ପଛପଟ ଠିକ୍ ଭାବରେ ବନ୍ଧା ହୋଇ ନ ଥିଲେ ବା କଣା ଥିଲେ କି ଖୋଲା ଥିଲେ ମାଛ ସେଇବାଟେ ଖସି ଯାଇଥାଏ। ଦି’ପଟ ଆଡ଼ିବନ୍ଧ ଯେତେ ଟାଣ କଲେ ବା ଚାରିପଟ ଘଳିଆ ଯେତେ ମାରିଲେ ବି ଲାଭ କିଛି ମିଳି ପାରି ନ ଥାଏ। ସାମାନ୍ୟ ଅସାବଧାନତା ଯୋଗୁ ସମସ୍ତ ଶ୍ରମ ଅଟୀରେ ପଣ୍ଡ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରିଷି କପୁରଙ୍କୁ ଭେଟିଲେ ଦୀପିକା



**ମୁମ୍ବାଇ:** ମେଟ୍ ଗାଲା ଉତ୍ସବ ପାଇଁ ଗତ ସପ୍ତାହରୁ ନ୍ୟୁୟର୍କରେ ଥିବା ଅଭିନେତ୍ରୀ ଦୀପିକା ପାଡୁକୋନ୍ ସେଠାରେ ଚିକିତ୍ସାଧୀନ ବିଶିଷ୍ଟ ଅଭିନେତା ରିଷି କପୁରଙ୍କୁ ସାକ୍ଷାତ କରିଛନ୍ତି। ନୀତୁ କପୁର ଦୀପିକାଙ୍କୁ ଖୁବ୍ ଆଦର ସହକାରେ ପାଛୋଟି ନେଇଥିଲେ। ସଂଧ୍ୟାରେ ୩ ଜଣଙ୍କ ଏକ ବିଶେଷ ମୁହୂର୍ତ୍ତର ଫଟୋକୁ ନୀତୁ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରିଛନ୍ତି। ନୀତୁଙ୍କ କନ୍ୟା ରିଦ୍ଧିମା କପୁର ଉକ୍ତ ଫଟୋ ସୋସିଆଲ ମିଡିଆରେ ଦେଖିବା ପରେ ଆନନ୍ଦଭରା କମେଣ୍ଟ ଦେଇଛନ୍ତି।

ରିଷି କପୁର କିଛିମାସ ହେଲା ଚିକିତ୍ସା ପାଇଁ ନ୍ୟୁୟର୍କରେ ଅଛନ୍ତି। ଗତମାସରେ ତାଙ୍କ ଭାଇ ରଣଧୀର କପୁର ରିଷି କ୍ୟାନ୍ସରମୁକ୍ତ ଏବଂ ସେ କିଛିମାସ ମଧ୍ୟରେ ଭାରତ ଫେରିଆସିବେ ବୋଲି ସୂଚନା ଦେଇଥିଲେ। ସ୍ୱାମୀଙ୍କ ପାଖେ ପାଖେ ରହି ନୀତୁ ଉଠାଇଥିବା କେତେକ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହିତ ପ୍ରଶଂସକଙ୍କୁ ରିଷିଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ସୂଚନା ଦେଇଆସୁଥିଲେ। ପୂର୍ବରୁ ଆମିର ଖାନ୍, ପ୍ରିୟଙ୍କା ଚୋପ୍ରା ଜୋନ୍‌ସ ଏବଂ ଅନୁପମ ଖେରଙ୍କ ସମେତ ବଲିଉଡର ଅନେକ କଳାକାର ନ୍ୟୁୟର୍କରେ ରିଷି କପୁରଙ୍କୁ ସାକ୍ଷାତ କରିସାରିଛନ୍ତି।

## ଇତିହାସର ଆଇନାରେ

### ମେ ୧୩ର ପ୍ରମୁଖ ଘଟଣା

୧୯୮୯ ମେ ୧୩ରେ ଟିନାମେନ୍ ସ୍କୋୟାରରେ ଏକ ବୃହତ୍ ଛାତ୍ର ଗୋଷ୍ଠୀ ପକ୍ଷରୁ ଅନଶନ ଧର୍ମଘଟ କରାଯାଇଥିଲା। ଚାଇନା ରାଜଧାନୀ ବେଜିଂର କେନ୍ଦ୍ରଭାଗରେ ଟିନାମେନ୍ ସ୍କୋୟାର ଅବସ୍ଥିତ। ବିଶ୍ୱର ବୃହତ୍ ୧୦ ସ୍କୋୟାର ମଧ୍ୟରୁ ଏହା ଅନ୍ୟତମ। ଏହା ୧୦୯ ଏକର ପରିମିତ ସ୍ଥାନରେ ଅବସ୍ଥିତ। ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଏଠାରେ ଘଟିଥିବାରୁ ଚାଇନା ଇତିହାସରେ ଉକ୍ତ ସ୍ଥାନ ମହାନ୍ ସାଂସ୍କୃତିକ ଗୁରୁତ୍ୱ ବହନ କରେ।

୨୦୧୧ ମେ ୧୩ରେ ପାକିସ୍ତାନର ଖାଇବର-ପାଖ୍‌ତୁନଖ୍ୱା ପ୍ରଦେଶସ୍ଥିତ ଚାର୍ସଦ୍ଦା ଜିଲାରେ ଦୁଇଟି ବିସ୍ଫୋରଣ ଘଟିଥିଲା। ଏଥିରେ ୯୮ ନିହତ ଓ ୧୪୦ ଆହତ ହୋଇଥିଲେ। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ ଅଲ୍‌କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍ ନିହତ ହେବାପରେ ଏହା ଥିଲା ସବୁଠୁ ବଳି ମରଣାନ୍ତକ ବିସ୍ଫୋରଣ।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ଣରେ ବର୍ଷା ହେବା ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୬.୪ |
| ଚାନ୍ଦବାଲି | ୩୯.୦ | ୨୮.୬ |
| କଟକ | ୩୭.୨ | ୨୫.୪ |
| ପାରାଦ୍ୱୀପ | ୩୨.୮ | ୨୮.୫ |
| ଭୁବନେଶ୍ୱର | ୩୬.୭ | ୨୭.୫ |
| ଗୋପାଳପୁର | ୩୨.୭ | ୨୬.୮ |
| ପୁରୀ | ୩୪.୨ | ୨୭.୮ |
| ଅନୁଗୋଳ | ୩୯.୧ | ୨୩.୬ |
| ବାରିପଦା | ୩୮.୪ | ୨୭.୪ |
| ଝାରସୁଗୁଡ଼ା | ୪୩.୬ | ୨୭.୪ |
| କେନ୍ଦୁଝର | ୩୮.୫ | ୨୪.୨ |
| ସମ୍ବଲପୁର | ୪୨.୭ | ୨୭.୨ |
| ସୁନ୍ଦରଗଡ଼ | ୪୧.୦ | ୨୩.୦ |
| ହୀରାକୁଦ | ୪୨.୪ | ୨୭.୫ |
| ତାଳଚେର | ୪୧.୫ | ୨୫.୬ |
| ଭବାନୀପାଟଣା | --- | --- |
| ବଲାଙ୍ଗୀର | ୪୨.୦ | ୨୬.୫ |
| କୋରାପୁଟ | ୩୪.୬ | ୨୨.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୫ | ୨୫.୦ |
| ମାଲକାନଗିରି | ୪୧.୪ | ୨୨.୨ |
| ସୋନପୁର | ୪୩.୩ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକକୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉ ଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851




FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟ ନୀତି

**ପୁରୀ ଅଫିସ, ୧୨।୫:** ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପ୍ରତିଷ୍ଠା ହୋଇଥିଲା ଶ୍ରୀମନ୍ଦିର। ସ୍ୱୟଂ ବ୍ରହ୍ମା ଏହି ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ସ୍ମୃତିକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ବୈଶାଖ ଅଷ୍ଟମୀରେ ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ ପାଳନ କରାଯାଉଛି। ରବିବାର ଶ୍ରୀମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି। ଏଥିଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶନିବାର ରାତିରେ ଚନ୍ଦନଲାଗି ନୀତି ବଢ଼ିବା ପରେ ଭୋଗମଣ୍ଡପ ଗୃହକୁ ଧୌତ କରାଯାଇ ଏକ ଚାନ୍ଦୁଆ ବନ୍ଧାଯାଇଥିଲା। ୧୦୮ ଅଧିବାସିତ ସୁବାସିତ ଜଳ ପ୍ରସ୍ତୁତ କରାଯାଇଥିଲା। ଏହାପରେ ପଣ୍ଡା ଆସି ଉକ୍ତ ଜଳକୁ ଅଧିବାସ କରିଥିଲେ। ରବିବାର ଭୋଗମଣ୍ଡପ ଓ ଆଲଟ ଲାଗି ପରେ ଗରାବଡୁମାନେ ବାଘମୁହଁ ବାନ୍ଧି ଘଣ୍ଟା ଛତା କାହାଳି ସହ ପଟୁଆରରେ ଅଧିବାସ ହୋଇଥିବା ଜଳଗରାମାନ ଚାରିଥରେ ଆଣି ଚାରି ପନ୍ତି କରି ରତ୍ନସିଂହାସନରେ ରଖିଥିଲେ। ପୂଜାପଣ୍ଡା ସାମନ୍ତ ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଜଳଲାଗି କରାଯାଇଥିଲା। ପରେ ରୁପା ପିଙ୍ଗଣରେ ଚନ୍ଦନ ବିଜେ କରାଯାଇ ରତ୍ନ ସିଂହାସନ ଉପରେ ସଂସ୍କାର କରାଯାଇଥିଲା। କାଳିଆ ପୁଷ୍ପାଳକ ମହାପ୍ରଭୁଙ୍କୁ ଚନ୍ଦନ ସର୍ବାଙ୍ଗ କରାଇଥିଲେ। ପରେ ଯାତ୍ରାଙ୍ଗୀ ଭୋଗ ଓ ମଧ୍ୟାହ୍ନଧୂପ ସମ୍ପନ୍ନ ହୋଇଥିଲା। ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣୀଘର ଭୋଗସାରି ସିଂହାସନକୁ ବିଜେ କରିଥିଲେ। ପ୍ରସାଦ ଲାଗି, ମଣୋହି ପରେ ପଣ୍ଡା ଆଜ୍ଞାମାଳ ଦେବା ପରେ ଦେବୀଦେବ ଚନ୍ଦନଯାତ୍ରାକୁ ବିଜେ କରିଥିଲେ। ଚାପ ସାରି ଶ୍ରୀମନ୍ଦିରରେ ବିଜେ କରିବା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ି ରାତ୍ର ପହୁଡ଼ ହୋଇଥିଲା।

### ଖୋଲିଲା ଜନଜାତି ସଂଗ୍ରହାଳୟ

**ଭୁବନେଶ୍ୱର,୧୨।୫(ବ୍ୟୁରୋ):** ବାତ୍ୟା 'ଫନୀ'ରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ରାଜ୍ୟ, ରାଜ୍ୟ ବାହାର ଓ ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜୁଥିବା ଏହି ସଂଗ୍ରହାଳୟ ବାତ୍ୟା ପରଠାରୁ ଏକ ସପ୍ତାହ ଧରି ବନ୍ଦ ରହିଥିଲା। ବାତ୍ୟାରେ ମ୍ୟୁଜିୟମ୍‌ର ସବୁଜିମା ପରିପୂର୍ଣ୍ଣ କ୍ୟାମ୍ପସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ସଂଗ୍ରହାଳୟର ପ୍ରକୋଷ୍ଠ ମଧ ଅନେକାଂଶରେ ପ୍ରଭାବିତ ହୋଇଥିଲା। ପ୍ରବେଶ ଦ୍ୱାରରେ ବଡ଼ ବଡ଼ ଗଛ ଭାଙ୍ଗିପଡ଼ିଥିବା ବେଳେ ପରିସରରେ ଥିବା ବିଭିନ୍ନ ଜନଜାତି ସମ୍ପ୍ରଦାୟ ଗୃହ ଓ ଗ୍ରାମସଭା ଆଦି ଭାଙ୍ଗରୁଜି ଯାଇଥିଲା। ଅଧିକାଂଶ ଘରର ଛପର ଉଡ଼ିଯାଇଥିଲା। ବିରଳ ସଲପ ଗଛ ସହ ଏକାଧିକ ନଡ଼ିଆ ଗଛ ଭାଙ୍ଗିପଡ଼ିଥିଲା। ବାତ୍ୟାରେ ଏଠାରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିଲା। ତେବେ ବାତ୍ୟା ପରଠାରୁ ଯୁଦ୍ଧକାଳୀନ ଭିତ୍ତିରେ ସଂଗ୍ରହାଳୟର ମରାମତି କରାଯାଉଥିଲା। ଜନଜାତି ସଂଗ୍ରହାଳୟ ନିର୍ଦ୍ଦେଶକ ଏ ନେଇ କହିଛନ୍ତି, ୫ଟି ମୁଖ୍ୟ ପ୍ରକୋଷ୍ଠ ଜନସାଧାରଣଙ୍କ ପାଇଁ ଖୋଲାଯାଇଛି। ବହୁଳ ସଂଖ୍ୟାରେ ପର୍ଯ୍ୟଟକ ଓ ଦର୍ଶକ ଆସି ସଂଗ୍ରହାଳୟ ବୁଲିବାକୁ ସେ ଅନୁରୋଧ କରିଛନ୍ତି।




ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ଏବଂ 'ଓଡ଼ିଶା ପୋଷ୍ଟ'ର ମିଳିତ ସହଯୋଗରେ ଆୟୋଜିତ ମଦର୍ସ ଡେ' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମା' ଓ ପିଲାମାନେ।

# ଏସ୍‌ପ୍ଲାନେଡ୍ ୱାନ୍‌ରେ ମଦର୍ସ ଡେ'



**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ମଦର୍ସ ଡେ' ତଥା ମାତୃ ଦିବସ ଉପଲକ୍ଷେ ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ଏବଂ ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ'ର ମିଳିତ ସହଯୋଗରେ ରବିବାର ରସୁଲଗଡ଼ସ୍ଥିତ ମଲ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'ମାନଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବା ଲାଗି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ମନୋରଞ୍ଜନଧର୍ମୀ ପ୍ରତିଯୋଗିତା କରାଯାଇଥିଲା। ଏହାସହ ଉଭୟ ମା' ଓ ପିଲାମାନଙ୍କ ପାଇଁ ଆକର୍ଷଣୀୟ ଉପହାର ଏବଂ ଗିଫ୍ଟ ଭାଉଚର୍‌ର ବ୍ୟବସ୍ଥା କରାଯାଇଥିଲା। ସେହିପରି ସେଲ୍‌ଫି କଣ୍ଟେଷ୍ଟ, ନୃତ୍ୟ ଓ ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ମଲ୍ ମଧ୍ୟଭାଗରେ ତିଆରି ହୋଇଥିବା ଷ୍ଟେଜ୍‌ରେ ସ୍ୱତନ୍ତ୍ର ସେଲ୍‌ଫି କର୍ନର ପ୍ରସ୍ତୁତ ହୋଇଥିବା ବେଳେ ସେଠାରେ ମା' ଓ ପିଲାମାନେ ଛିଡ଼ାହୋଇ ମଦର୍ସ ଡେ' ସେଲ୍‌ଫି ଉଠାଇଥିଲେ। ଶ୍ରେଷ୍ଠ ବିବେଚିତ ସେଲ୍‌ଫିକୁ ପରେ ଅନ୍‌ଲାଇନ୍ କଣ୍ଟେଷ୍ଟ କରାଯାଇ ପୁରସ୍କୃତ କରାଯିବ।




ଏସ୍‌ପ୍ଲାନେଡ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମା'ମାନଙ୍କ ପାଇଁ ଶପିଂ କରି ଗ୍ରାହକମାନେ ଆକର୍ଷଣୀୟ ଉପହାର ପାଇଥିଲେ। ୨୫୦୦ ଟଙ୍କାର ଶପିଂରେ ସ୍ୱତନ୍ତ୍ର ଗିଫ୍ଟ ଭାଉଚର୍ ମିଳିଥିଲା। ସେହିଭଳି 'ଟିକେଟ୍ ଟୁ ହାପିନେସ୍' ପ୍ରତିଯୋଗିତାର ଭାଗ୍ୟଶାଳୀ ଗ୍ରାହକମାନଙ୍କୁ ଏକ ଲକି କୁପନ୍ ସହ ପ୍ରତି ସପ୍ତାହରେ ଦୁଇଟି ଏଲ୍‌ଇଡି ଟିଭି ଉପହାର ଦେବା ବ୍ୟବସ୍ଥା କରାଯାଇଥିଲା। ଏହାବ୍ୟତୀତ ୫ ହଜାର ଟଙ୍କାର ଶପିଂରେ ମାଗଣା ସାଲୁନ୍ ଟ୍ରିଟ୍‌ମେଣ୍ଟ ସହ ମୁଭି ଟିକେଟ୍ ଭଳି ଉପହାର ମିଳିଥିଲା। ଆରମ୍ଭରେ 'ଡ୍ୟାନ୍ସ ୱିଥ୍ ମଦର୍ସ' କାର୍ଯ୍ୟକ୍ରମରେ ପିଲାମାନେ ସେମାନଙ୍କ ମା'ଙ୍କ ସହ ମଞ୍ଚରେ ଡ୍ୟାନ୍ସ କରିଥିଲେ। ସେହିପରି ମା'ମାନଙ୍କ ପାଇଁ ଗୀତ ମଧ ଗାଇଥିଲେ।



## ମା'ଙ୍କୁ ସରପ୍ରାଇଜ୍ ଦେଲେ ପିଲା

ମଦର୍ସ ଡେ' ସେଲିବ୍ରେଶନ ଏବେ ଏକ ନୂଆ ଟ୍ରେଣ୍ଡ୍ ହୋଇଥିବା ବେଳେ ରବିବାର ଏଥିପାଇଁ ଭୁବନେଶ୍ୱରର ବିଭିନ୍ନ ମଲ୍‌ରେ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଦିନରେ ମା'ମାନଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ପିଲାମାନେ ବିଭିନ୍ନ ପ୍ରକାର ସରପ୍ରାଇଜ୍ ଗିଫ୍ଟ ଓ ସ୍ପେଶାଲ ଡେଟ୍‌ର ଆୟୋଜନ କରିଥିଲେ। ବିଶେଷକରି ଫିଲ୍ମ ଦେଖା, ସରପ୍ରାଇଜ୍ ଲଞ୍ଚ୍ ଓ ଡିନର୍, ସାଲୁନ୍ ଟ୍ରିଟ୍‌ମେଣ୍ଟ ଦ୍ୱାରା ମା'ମାନଙ୍କୁ ଖୁସି କରିବାର ବାଟ ଖୋଜିଥିଲେ ପିଲା। ଏହାସହ ଅଧିକାଂଶ ମଲ୍ ଯାଇ ମା'ଙ୍କ ପାଇଁ ମନ ପସନ୍ଦର ଡ୍ରେସ୍ କିଣିଥିଲେ। କେବଳ ବଡ଼ ନୁହନ୍ତି, ଛୋଟ ଛୋଟ ପିଲାମାନେ ବି ନିଜ ସେଭିଙ୍ଗ୍‌ସ ଓ ପକେଟ୍ ମନିରେ ମା'ଙ୍କୁ ସରପ୍ରାଇଜ୍ ଗିଫ୍ଟ ଦେଇଥିଲେ। ବାତ୍ୟା ପରେ ଭୁବନେଶ୍ୱରରେ ସମସ୍ତ ଦୋକାନ ବଜାର ଖୋଲି ନ ଥିବାରୁ ଯାହା ବି ଖୋଲା ରହିଥିଲା, ସେଠାରେ ପ୍ରବଳ ଭିଡ଼ ଲାଗିଥିଲା। ସେହିଭଳି ରେଷ୍ଟୁରାଣ୍ଟଗୁଡ଼ିକରେ ମଧ ଭିଡ଼ ଦେଖିବାକୁ ମିଳିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବିକି



ପ୍ରେମ୍



ବଲ୍ଲବୀ



ଓମ୍‌ପ୍ରକାଶ



କୃପାସିନ୍ଧୁ



ମନୋଜ



ଆଶୁତୋଷ

## ଥୁଣ୍ଟା ସହରରେ ଦାଉ ସାଧୁଛି ପ୍ରଚଣ୍ଡ ଖରା

# ରାଜଧାନୀରେ ହୀନସ୍ତା ହେଉଛନ୍ତି ବାସହୀନ







ଫଟୋ: ବିକାଶ ନାୟକ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

'ଫନୀ' ତାଣ୍ଡବ ପରେ ଏବେ ପ୍ରଚଣ୍ଡ ଖରା ଦାଉ ସାଧୁଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ସିଝୁଛି ଭୁବନେଶ୍ୱର। ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବାବେଳେ ଆର୍ଦ୍ରତା ଅଧିକ ଯୋଗୁ ଗୁଳୁଗୁଳି ଜନଜୀବନକୁ ଆହୁରି ଅସ୍ତବ୍ୟସ୍ତ କରିଦେଉଛି। ଏଭଳିସ୍ଥଳେ ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶାରେ ସହରବାସୀ ଘାଣ୍ଟି ହେଉଛନ୍ତି। ସବୁଠୁ ବଳିଯାଇଛି ବାସହୀନଙ୍କ ସ୍ଥିତି। ଗୋଟିଏପଟେ ଚାଳଛପର ଝାଟିମାଟି ଘରେ ରହୁଥିବା ଲୋକେ ବାତ୍ୟାରେ ବାସହୀନ ହୋଇଯାଇଛନ୍ତି। ବାତ୍ୟା ଯୋଗୁ ସହରରେ ଗଛଗୁଡ଼ିକ ଭାଙ୍ଗି ପଡିଛି। ଯେତିକି ରହିଛି ତାହା ବି ଥୁଣ୍ଟା ହୋଇଯାଇଛି। ତେଣୁ ଗଛଛାଇ ନ ଥିବାରୁ ଏବେ ବାସହୀନ ପରିବାର ମୁଣ୍ଡ ଗୁଞ୍ଜିବାକୁ ନାନା ହୀନସ୍ତା ଭୋଗୁଛନ୍ତି। ସେହିଭଳି ପୂର୍ବରୁ ଗଛତଳେ ରହୁଥିବା ଅସହାୟ ଲୋକେ ମଧ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛି।

ସବୁଜ ସୁନ୍ଦର ଭୁବନେଶ୍ୱର ସହର ଆଜି ବାତ୍ୟାରେ ଥୁଣ୍ଟା ହୋଇଯାଇଛି। ଧୀରେ ଧୀରେ ସହରବାସୀ ସାଧାରଣ ଜୀବନଯାପନ କରିବାକୁ ଚେଷ୍ଟା କରୁଥିବାବେଳେ ରାସ୍ତାକଡ଼କୁ ଭରସା କରି ରହୁଥିବା ଶହ ଶହ ଲୋକ କିନ୍ତୁ ଅଣ୍ଟା ସଳଖି ପାରୁନାହାନ୍ତି। ଏମାନଙ୍କୁ ପେଟରେ ଲାତ ମାରିଛି ଫନୀ। ପ୍ରଚଣ୍ଡ ଖରାରେ ବେପାର କରିବା ତ ଦୂରର କଥା ମୁଣ୍ଡ ଗୁଞ୍ଜିବାକୁ କେଉଁଠି ଛାଇ ଟିକେ ବି ନାହିଁ। ହିଟ୍‌ୱେଭ୍ ପାଇଁ ଘରୁ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ବାରଣ କରାଯାଇଥିବାବେଳେ ସେମାନେ କିନ୍ତୁ ବେସାହାରା ହୋଇ ସେଭଳି ରାସ୍ତାକଡ଼ରେ ପଡ଼ିରହିଛନ୍ତି। ବାତ୍ୟା ପରଠାରୁ ଅଧିକାଂଶ ବେସାହାରାଙ୍କ ପାଇଁ ଓଭରବ୍ରିଜ୍ ତଳ ଆଶ୍ରୟସ୍ଥଳୀ ପାଲଟିଛି। ପିଲାଛୁଆଙ୍କୁ ଧରି ଲୋକେ ଏଠାରେ ମୁଣ୍ଡ ଗୁଞ୍ଜୁଛନ୍ତି। ସେହିଭଳି ମାଗିଯାଚି ଚଳୁଥିବା ଲୋକେ ଖରାବେଳେ ଛତା ତଳେ ବିଶ୍ରାମ ନେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ରାଜ୍ୟ ତଥା ବାହାରୁ ପେଟ ପୋଷିବା ଆଶାରେ ଭୁବନେଶ୍ୱର ଆସିଥିବା ଲୋକେ ଏବେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ରିଲିଫ୍ ପାଇବା ସେମାନଙ୍କ ପାଇଁ ସାତସପନ ହୋଇଥିବା ବେଳେ ସାହାଯ୍ୟ କରିବାକୁ କେହିନାହାନ୍ତି। ସେହିଭଳି ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ମଧ୍ୟରେ ରାସ୍ତାକଡରେ ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀକୁ ବିକ୍ରିବଟା କରି ଗୁଜୁରାଣ ମେଣ୍ଟାଉଥିବା ଲୋକ ଏବେ ବାରଦୁଆର ହେଉଛନ୍ତି। ପିଇବା ପାଣି ଓ ଖାଦ୍ୟ ଅଭାବରୁ ସେମାନେ ମଧ ଦୁର୍ବଳ ହୋଇପଡୁଥିବା ଜଣାପଡିଛି। ସେହିଭଳି କଣ୍ଢେଇ, ଫଳ ଓ ଫୁଲ ବ୍ୟବସାୟୀ, ପରିବା ବ୍ୟବସାୟୀ, ଛୋଟମୋଟ ଦୋକାନ କରି ଫାଷ୍ଟଫୁଡ୍ ବ୍ୟବସାୟ କରୁଥିବା ଲୋକେ ଏବେ ବହୁ ଦୁର୍ଦ୍ଦଶା ମଧଦେଇ ଗତି କରୁଛନ୍ତି।

# ବିଜୁଳି ପାଇଁ ଅକ୍ଳାନ୍ତ ପରିଶ୍ରମ

ଗ୍ରାଉଣ୍ଡ ଜିରୋରୁ


ଭୁବନେଶ୍ୱରଠାରୁ ନିମାପଡ଼ା ମଧ୍ୟରେ ଥିବା ୧୩୨ କେଭି ବିଦ୍ୟୁତ୍ ଲାଇନ୍‌ର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି।





## ଖୁବ୍‌ଶୀଘ୍ର ପୁରୀକୁ ବିଦ୍ୟୁତ୍

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୧୨।୫

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। ବାତ୍ୟାକୁ ୧୦ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ ଜିଲାକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଯଥାଶୀଘ୍ର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାର ନିଗମ ଲିଃ (ଓପିଟିସିଏଲ୍) ପକ୍ଷରୁ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଜୋର୍‌ଦାର କରାଯାଇଛି। ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ଏହି କାର୍ଯ୍ୟରେ ଲାଗିଛନ୍ତି। ଭାଙ୍ଗିପଡ଼ିଥିବା ମୁଖ୍ୟ ଟାୱାରଗୁଡ଼ିକର ପୁନରୁଦ୍ଧାର ସହ ନୂଆ ନିର୍ମାଣ କାର୍ଯ୍ୟ ଚାଲିଛି। ଗତ ୪ ତାରିଖରୁ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ଼ରେ ଓପିଟିସିଏଲର କାର୍ଯ୍ୟ ଜାରି ରହିଛି। ଏଥିସହିତ ଭୁବନେଶ୍ୱରରରୁ ନିମାପଡ଼ା ଓ ନିମାପଡ଼ାରୁ ପୁରୀକୁ ବିଦ୍ୟୁତ୍ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଭୁବନେଶ୍ୱରରୁ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ଲାଇନ୍‌ର ନିମାପଡ଼ା ମଧ୍ୟରେ ୯ଟି ମୁଖ୍ୟ ଟାୱାର ଓ ନିମାପଡ଼ାରୁ ପୁରୀ ମଧ୍ୟରେ ଥିବା ୬ଟି ଟାୱାର ଭାଙ୍ଗିଯାଇଛି। ଆପାତକାଳୀନ ପୁନରୁଦ୍ଧାର ବ୍ୟବସ୍ଥାରେ 'ସ୍ୱଳ୍ପକାଳୀନ ଟାୱାର' ବସାଯାଇ ବିଦ୍ୟୁତ ସରବରାହକୁ ସ୍ୱାଭାବିକ କରାଯିବ। ଗୋଟିଏ ଟାୱାର ପିଛା ୫୦ଜଣ ଓ ମୋଟ ୭୫୦ ବିଦ୍ୟୁତ କର୍ମଚାରୀ ୧୨ଜଣ କଣ୍ଟ୍ରାକ୍ଟରଙ୍କ ତଦାରଖରେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ଭିତ୍ତିଭୂମି ସଜାଡିବାରେ ପୁରୀ ଜିଲାରେ ୩ ହଜାର କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଭୁବନେଶ୍ୱରରେ ୨ହଜାର ଓ ଅନ୍ୟ ବାତ୍ୟା କ୍ଷତିଗ୍ରସ୍ତ ଜିଲାଗୁଡ଼ିକରେ ୧୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ରାଜ୍ୟରେ ବିଦ୍ୟୁତ୍ ସେବା କ୍ଷେତ୍ରରେ କାର୍ଯ୍ୟରତ ଘରୋଇ କମ୍ପାନୀ ସାଉଥ୍ କୋ ଓ ୱେଷ୍ଟ କୋ କର୍ମଚାରୀଙ୍କ ସହ ଆନ୍ଧ୍ର ପ୍ରଦେଶର ୨୨୦୦ କର୍ମଚାରୀ ଓ ପଶ୍ଚିମବଙ୍ଗର ୪୦୦ କୁଶଳୀ କାରିଗରଙ୍କୁ ନିୟୋଜିତ କରାଯାଇଛି ବୋଲି ଓପିଟିସିଏଲ ମାନବସମ୍ବଳ ଅଧିକାରୀ ରାଜେନ୍ଦ୍ର ସେନାପତି କହିଛନ୍ତି।



### ନୂଆ ଟାୱାର ସ୍ଥାପନ ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି



ଭୁବନେଶ୍ୱରରୁ ନିମାପଡ଼ା ମଧ୍ୟରେ ଭାଙ୍ଗିପଡିଥିବା ୯ ମୁଖ୍ୟ ବିଦ୍ୟୁତ ଟାୱାରଗୁଡ଼ିକୁ ଇମରଜେନ୍ସି କମ୍ପୋନେଣ୍ଟ ସ୍କିମ୍(ଇସିଏସ୍) ପଦ୍ଧତିରେ ନୂଆ ଭାବେ ନିର୍ମାଣ କରାଯାଉଛି। ଦିନ ବ୍ୟତୀତ ରାତିରେ ଜେନେରେଟର ଓ ଆସ୍କା ଲାଇଟ୍‌ରେ କାମ ଚାଲୁଛି। ପୁରୀ ବିଭିନ୍ନ ସ୍ଥାନରେ ବିଷାକ୍ତ ଜନ୍ତୁଙ୍କ ଭୟ ରହୁଛି। ଏସବୁ ପାଇଁ ବିଦ୍ୟୁତ୍ ସରବରାହ ବିଳମ୍ବ ହେଉଛି।

- ଗୋପାଳଚନ୍ଦ୍ର ପତି, ବରିଷ୍ଠ ଇଞ୍ଜିନିୟର

### ଟେମ୍ପୋରାରି ଟାୱାରରେ ଦିଆଯିବ ବିଦ୍ୟୁତ



ଯେଉଁଠି ବାଧା ସୃଷ୍ଟି ହେଉଛି ସେଠାରେ ଟେମ୍ପୋରାରି ଟାୱାର ନିର୍ମାଣ କରାଯାଇଛି। ୧୯୯୯ ମହାବାତ୍ୟା ପରେ ଆମେରିକାରୁ ଆସିଥିବା 'ଇମରଜେନ୍ସି ରିଷ୍ଟୋରେଶନ ଟାୱାର ତଥା ଟେମ୍ପୋରାରି ଟାୱର'ରେ ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରାଯିବ। ପରେ ସ୍ଥାୟୀ ଟାୱାରକୁ ପ୍ରସ୍ତୁତ କରାଯିବ। ପୁରୀକୁ ଖୋର୍ଦ୍ଧାରୁ ସମୁଦ୍ର ପାର୍ଶ୍ୱ ଦେଇ ଆଉ ଏକ ବାଇପାସ ୧୩୨ କେଭି ଟାୱାର ଲାଇନ୍‌ର କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱରରରୁ ନିମାପଡ଼ା ମେନ୍ ଲାଇନରେ କିଛି ଟାୱାର କାମ ଜାରି ରହିଥିବାବେଳେ ନିମାପଡ଼ାରୁ ପୁରୀ ମେନ୍ ଲାଇନରେ ସମସ୍ତ କାମ ସରିଯାଇଛି।

- ରାଧାରମଣ ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ

### କର୍ମଚାରୀଙ୍କ ଖାଇବା ଲାଗି ସେଣ୍ଟ୍ରାଲ କିଚେନ ବ୍ୟବସ୍ଥା



କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସେଣ୍ଟ୍ରାଲ କିଚେନ୍‌ର ବ୍ୟବସ୍ଥା କରାଯାଇଛି। ନିମାପଡ଼ାସ୍ଥିତ ଦିଘାଳ ଗ୍ରୀଡ଼ ଅଫିସ, ପୁରୀ ଗ୍ରୀଡ଼ ଓ ଅନ୍ୟ ଭାଙ୍ଗିଥିବା ଟାୱାର ନିକଟରେ ଓପିଟିସିଏଲ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଦିନକୁ ତିନିଥର ସେମାନଙ୍କୁ ଖାଇବା ଲାଗି ଦିଆଯାଉଥିବାବେଳେ ଗୋଟିଏ ସ୍ଥାନରେ ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଲାଗି ଖାଦ୍ୟ ରନ୍ଧା ହେଉଛି।

- ସମରଜିତ ମହାପାତ୍ର, ଏଜିଏମ୍ ଇଲେକ୍ଟ୍ରିକାଲ

### ୬ ଦିନ ହେବ ଘର ସହ କଥା ହୋଇନି



ବିଦ୍ୟୁତ୍ ଲାଇନ୍ କାମ କରିବା ଲାଗି ଆସିଛୁ। ଦିନ ରାତି କାମ ଚାଲିଛି। ମୋବାଇଲରେ ନେଟ୍‌ୱର୍କ ନାହିଁ। ଘର ସହ କଥା ହେବାକୁ ସମୟ ଟିକେ ମିଳୁନି। ସେଥିରେ ଟିକେ ଦୁଃଖ ନାହିଁ। ଏଠି ବହୁତ ଲୋକ ଅନ୍ଧାର ଓ ଗରମରେ ଦିନ କାଟୁଛନ୍ତି। ସେମାନଙ୍କୁ ବିଦ୍ୟୁତ ସେବା ମିଳିବା ପରେ ଘରକୁ ଫେରିବି।

- ସେକ୍ ସରିଫୁଲ ଇସ୍‌ଲାମ, ପଶ୍ଚିମବଙ୍ଗରୁ ଆସିଥିବା ଶ୍ରମିକ

## ପୁରୀର ୪ ବ୍ଲକରେ ବର୍ଷା ମାପକ ଯନ୍ତ୍ର ନଷ୍ଟ

ପୁରୀ ଅଫିସ, ୧୨।୫

### ବାତ୍ୟା ଦିନ କୃଷ୍ଣପ୍ରସାଦ ବ୍ଲକରେ ହୋଇଥିଲା ସର୍ବାଧିକ ବର୍ଷା

ଗତ ୩ ତାରିଖରେ ବାତ୍ୟା ଫନୀ ତାଣ୍ଡବ ରଚିଥିଲା ପୁରୀ ଜିଲାରେ। ଏହିଦିନ ଜିଲାର ୪ଟି ବ୍ଲକରେ ଥିବା ବର୍ଷାମାପକ ଯନ୍ତ୍ର (ରେନ୍ ଗଜ) ମଧ୍ୟ ନଷ୍ଟ ହୋଇଯାଇଥିଲା। ଫଳରେ ଏସ୍‌ଆରସିଙ୍କ ପକ୍ଷରୁ ୪ଟି ରେନ୍ ଗଜ ସମ୍ପୃକ୍ତ ବ୍ଲକଗୁଡ଼ିକୁ ପଠାଯାଇଛି। ଏହି ବ୍ଲକଗୁଡ଼ିକ ହେଲା କଣାସ, ପୁରୀ, ବ୍ରହ୍ମଗିରି ଏବଂ ନିମାପଡ଼ା। ତେବେ ବାତ୍ୟା ଦିନ ପୁରୀ ଜିଲାର ବିଭିନ୍ନ ବ୍ଲକରେ ପ୍ରବଳ ବେଗରେ ପବନ ବୋହିଥିବା ବେଳେ ନିର୍ଘ୍ନମ ବର୍ଷା ମଧ୍ୟ ହୋଇଥିଲା। ୨ ତାରିଖ ରାତିରୁ ଆରମ୍ଭ ହୋଇଥିବା ବର୍ଷା ପବନ ୩ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଲାଗି ରହିଥିଲା। ତେବେ ଏହିଦିନ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ରେନ୍ ଗଜ ନଷ୍ଟ ହୋଇଯାଇଥିବାରୁ ୪ଟି ବ୍ଲକରୁ ବର୍ଷାର ପରିମାଣ ଜିଲା ଜରୁରୀକାଳିନ କାର୍ଯ୍ୟାଳୟର ହସ୍ତଗତ ହୋଇପାରି ନାହିଁ। କିନ୍ତୁ ଅନ୍ୟ ବ୍ଲକଗୁଡ଼ିକୁ ଦେଖିଲେ କୃଷ୍ଣପ୍ରସାଦରେ ସର୍ବାଧିକ ୧୪୩.୫ ମିଲିମିଟର ବର୍ଷା ହୋଇଥିବା ବେଳେ ଅସ୍ତରଙ୍ଗରେ ୩୪, ବ୍ରହ୍ମଗିରିରେ ୫୪.୭୦, ଡେଲାଙ୍ଗରେ ୫୨.୩, ଗୋପରେ ୩୦.୨, କାକଟପୁରରେ ୩୨.୦୮, ପିପିଲିରେ ୩୯, ପୁରୀରେ ୫୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଏକାଧିକ ମନ୍ଦିର କ୍ଷତିଗ୍ରସ୍ତ

## ଭାଙ୍ଗିଛି ପାର୍ବତୀ ମନ୍ଦିର ଦଧିନଉତି



ପୁରୀ ଅଫିସ, ୧୨।୫

ବାତ୍ୟା ଫନୀ ଅନେକ ଲୋକଙ୍କୁ ବେସାହାରା କରିଦେଇଛି। ବ୍ୟାପକ ଘରଦ୍ୱାର, ବିଦ୍ୟୁତ୍ ଖୁଣ୍ଟ, ଗଛ ଭାଙ୍ଗିଥିବାବେଳେ ଅନେକ ମନ୍ଦିରକୁ ମଧ୍ୟ କ୍ଷତିଗ୍ରସ୍ତ କରିଛି । ସମଗ୍ର ପୁରୀ ଜିଲାରେ ପ୍ରଳୟ ସୃଷ୍ଟି କରିଥିବା ଫନୀ ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିର, କୋଣାର୍କ ମନ୍ଦିର, ଶ୍ରୀଲୋକନାଥ ମନ୍ଦିର ଇତ୍ୟାଦି ଦେବୀଦେବଙ୍କ ପୀଠରେ ତାର କରାଳ ରୂପ ଦେଖାଇଛି। ଶ୍ରୀମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଶ୍ରୀଲୋକନାଥ ମନ୍ଦିରରେ ମଧ୍ୟ ସମାନ ସ୍ଥିତି ଦେଖବବାକୁ ମିଳିଛି। ଲୋକନାଥ ମନ୍ଦିର ପରିସର ପାର୍ବତୀ ମନ୍ଦିରର ଦଧିନଉତି ଭାଙ୍ଗିଥିବା ବେଳେ ଅନେକ ଗଛ ଧରାଶାୟୀ ହୋଇଛି।

ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ମଧ୍ୟରୁ ଅନ୍ୟତମ ଶ୍ରୀଲୋକନାଥ। ଏହି ମନ୍ଦିର ପରିସରରେ ରହିଛି ପାର୍ବତୀ ମନ୍ଦିର। ଗତ ୩ ତାରିଖ ବାତ୍ୟାରେ ଲୋକନାଥ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାର୍ବତୀ ମନ୍ଦିର ଦଧିନଉତି ଭାଙ୍ଗିଯାଇଥିବାବେଳେ ଭକ୍ତଙ୍କ ଲାଗି ତିଆରି କରାଯାଇଥିବା ଶେଡ୍ ମଧ୍ୟ ଭାଙ୍ଗିଯାଇଛି। ଏହି ଶେଡ୍ ଉପରେ ଏକ ଗଛ ପଡିଯାଇଥିଲା। ଅନ୍ୟପକ୍ଷରେ ମନ୍ଦିର ପରିସରରେ ବ୍ୟାପକ ବୃକ୍ଷ ରହିଥିଲା। କିନ୍ତୁ ପବନରେ ସବୁ ଗଛ ଡାଳ ଭାଙ୍ଗିପଡି ମନ୍ଦିର ପରିସର ଶ୍ରୀହୀନ ଦେଖାଯାଉଛି। ଶନିବାର ଅଗ୍ନିଶମ କର୍ମଚାରୀମାନେ ଭଙ୍ଗା ଡାଳକୁ ସଫା କରିଥିବା ବେଳେ ଅଧାଭଙ୍ଗା ହୋଇ ବିପଦପୂର୍ଣ୍ଣ ଭାବେ ଓହଳି ରହିଥିବା ଡାଳଗୁଡ଼ିକୁ କାଟି ଥିଲେ। ତେବେ ମନ୍ଦିରରେ ଯାହା ସବୁ କ୍ଷୟକ୍ଷତି ହୋଇଛି ତାହାକୁ ତୁରନ୍ତ ମରାମତି କରିବା ଲାଗି ସେବକମାନେ ଦାବି କରିଛନ୍ତି।

## ଅବଧି ପୂରିଲା: ବଡ଼ଦାଣ୍ଡରେ ଜଳିଲାନି ବିଜୁଳି ଆଲୁଅ

ପୁରୀ ଅଫିସ, ୧୨।୫

### ଲୋକେ ବ୍ୟତିବ୍ୟସ୍ତ

ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବହୁ ସଂଖ୍ୟାରେ ଘର, ଗଛ ଭାଙ୍ଗି ପଡିଥିବା ବେଳେ ବ୍ୟାପକ ମାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ପ୍ରଭାବିତ ହୋଇଛି। କେତେକ ଖୁଣ୍ଟ ଉପୁଡି ପଡିଥିବା ବେଳେ ଆଉ କେତେକ ନଇଁ ପଡିଛି। ପୁଣି ଅନେକ ଖୁଣ୍ଟ ପବନର ବେଗକୁ ପ୍ରତିହତ କରି ନ ପାରି ଭାଙ୍ଗିପଡିଛି। ଫଳରେ ପୁରୀକୁ ବିଦ୍ୟୁତ୍ ସେବା ବନ୍ଦ ରହିଛି। ପବନର ବେଗ ବଢିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବାତ୍ୟା ପୂର୍ବ ଅର୍ଥାତ୍ ୨ ତାରିଖ ରାତି ସାଢେ ୨ଟାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ଇତିମଧ୍ୟରେ ୧୦ ଦିନ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ପୁରୀକୁ ବିଦ୍ୟୁତ୍ ଆସିପାରିଲା ନାହିଁ। ତେବେ ୧୨ ତାରିଖରେ ପ୍ରଥମେ ବଡ଼ଦାଣ୍ଡକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ, ଏବଂ ପର୍ଯ୍ୟାୟକ୍ରମେ ସହରର ଅନ୍ୟାନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ସ୍ୱାଭାବିକ କରାଯିବ ବୋଲି ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ବୁଧବାର ରାତି ସୁଦ୍ଧା ବଡ଼ଦାଣ୍ଡରେ ବିଦ୍ୟୁତ୍ ଆଲୁଅ ଜଳିପାରିଲା ନାହିଁ। ସେପଟେ ପୁରୀକୁ ବିଦ୍ୟୁତ୍ କେବେ ସ୍ୱାଭାବିକ ହେବ ସେ ନେଇ କୌଣସି ପ୍ରଶାସନିକ ଅଧିକାରୀ ସ୍ପଷ୍ଟ କରୁନାହାନ୍ତି। ଏପରି କି ଜିଲାପାଳ ମଧ୍ୟ ବିଦ୍ୟୁତ୍ ସଂଯୋଗ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ କହିବାକୁ ରାଜି ହେଉନାହାନ୍ତି। ବରଂ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହେବାକୁ ଆହୁରି ୩/୪ ଦିନ ଲାଗିପାରେ ବୋଲି କହୁଥିବା ବେଳେ ଅନ୍ୟାନ୍ୟ ଗ୍ରାମାଞ୍ଚଳକୁ ଜୁନ୍ ମାସ ହୋଇଯିବ ବୋଲି ସୂଚନା ଦେଇଛନ୍ତି। ବର୍ତ୍ତମାନ ଖରାଦିନ ଯୋଗୁ ଲୋକେ ବ୍ୟତିବ୍ୟସ୍ତ ହୋଇପଡୁଥିବା ବେଳେ କେବେ ପୁଣି ପୁରୀକୁ ବିଜୁଳି ଆସିବ ତାହାକୁ ଚାହିଁ ରହିଛନ୍ତି।

### ଅଳିଆ ସଫା କଲେ ଶାସ୍ତ୍ରୀନଗର ଅଞ୍ଚଳବାସୀ

ଭୁବନେଶ୍ୱର, ୧୨।୫(ବ୍ୟୁରୋ): ଶାସ୍ତ୍ରୀ ନଗର ଅଞ୍ଚଳବାସୀମାନେ ରବିବାର ନିଜ ଅଞ୍ଚଳରୁ ଅଳିଆ ସଫା କରିଛନ୍ତି। ବାତ୍ୟା ପରେ ପଡ଼ି ରହିଥିବା ଅଳିଆକୁ ସଫା କରିବା ସହିତ ପ୍ରତିଦିନ ବାହାରେ ପଡୁଥିବା ଘରର ଅଳିଆକୁ ମଧ୍ୟ ସଫା କରିଛନ୍ତି। ବିଏମ୍‌ସି ପକ୍ଷରୁ ଘର ପାଖରୁ ଅଳିଆ ଉଠାଇବା ପାଇଁ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ତେବେ ଗତ ୨ତାରିଖରୁ ଉକ୍ତ ସଂସ୍ଥା ଅଳିଆ ଉଠାଉ ନ ଥିବାରୁ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ି ରହିଛି। ତେଣୁ ନିଜେ ନିଜର ଅଞ୍ଚଳକୁ ସଫାସୁତୁରା ରଖିବାକୁ ଲୋକେ ଅଣ୍ଟା ଭିଡ଼ିଛନ୍ତି।





ଓଡ଼ିଶା ବସ୍ତି ସଂଘର୍ଷ ସମିତି ପକ୍ଷରୁ ରାଜଧାନୀର ଫନୀ ଦୁର୍ଗତଙ୍କ ମୋବାଇଲ ଫୋନ୍ ଚାର୍ଜ ପାଇଁ ମାଗଣାରେ ବାଇକ ଯୋଗେ କରାଯାଇଥିବା ବ୍ୟବସ୍ଥା।

### ପୁରୀ ଜିଲାର ମୃତ୍ୟୁ ସଂଖ୍ୟା ୩୯

**ପୁରୀ ଅଫିସ, ୧୨।୫:** ବାତ୍ୟା ଫନୀରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। ବ୍ୟାପକ ଘରଦ୍ୱାର, ବିଦ୍ୟୁତ୍ ଖୁଣ୍ଟ, ଗଛ ଭାଙ୍ଗିଥିବା ବେଳେ ଅନେକ ଲୋକଙ୍କ ମୃତ୍ୟୁ ଘଟିଛି। ଜିଲାରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି, କାନ୍ଥ ଭାଙ୍ଗି ପ୍ରାୟ ୩୯ ଜଣଙ୍କ ମୃତ୍ୟୁ ଘଟିଥିବା ତହସିଲଦାରମାନେ ରିପୋର୍ଟ ଦେଇଛନ୍ତି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ଇତିଶ୍ରୀ ନାୟକ ସୂଚନା ଦେଇଛନ୍ତି। ତେବେ ବେସରକାରୀ ଭାବେ ବାତ୍ୟାଜନତି ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ବୋଲି କୁହାଯାଉଛି। ବାତ୍ୟାର କିଛିଦିନ ପର୍ଯ୍ୟନ୍ତ ଜିଲା ସଦର ମହକୁମା ସହିତ ଯୋଗାଯୋଗ ସମ୍ଭବ ନ ହେବାରୁ ଗାଁ ଗହଳି ଲୋକେ ମୃତଦେହ ପୋଷ୍ଟମର୍ଟମ କରିବାକୁ ଆଣି ନ ପାରି ସତ୍କାର କରିଦେଇଛନ୍ତି। ତେଣୁ ମୃତ୍ୟୁ ସଂଖ୍ୟା ଅଧିକ ହେବ ବୋଲି କୁହାଯାଉଛି।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ବାତ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ କର୍ମଚାରୀମାନେ ଏବେ କ୍ଷତିଗ୍ରସ୍ତ ଜିଲାରେ ବିଭିନ୍ନ ସେବାକାର୍ଯ୍ୟ ଜାରି ରଖିଛନ୍ତି। ଏହି କର୍ମଚାରୀମାନେ ରାସ୍ତାରେ ପଡି ରହିଥିବା ଗଛ କାଟିବା ସହ ପାଣି ଯୋଗାଇବା ଓ ବିଦ୍ୟୁତ୍ ମରାମତି କାର୍ଯ୍ୟରେ ସେସୁକୁ ସହଯୋଗ କରୁଛନ୍ତି। ବିଭିନ୍ନ ବସ୍ତିକୁ ଯାଇ ପାଣି ବାଣ୍ଟିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ ପୁଡିଆ ଦେଉଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କାର୍ଯ୍ୟରତ ଏହି ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶଂସା କରାଯିବା ସହ ରିୟଲ ହିରୋ ବୋଲି କୁହାଯାଇଛି। ମିଳିଥିବା ସୂଚନାନୁସାରେ, ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପ୍ରାୟ ୧୨ଶହ ଅଗ୍ନିଶମ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ରାଜଧାନୀର ୬୫ ସ୍ଥାନରେ ଅଗ୍ନିଶମ କର୍ମଚାରୀ ପ୍ରାୟ ୯ଲକ୍ଷ ଲିଟର ପାଣି ଲୋକଙ୍କୁ ଯୋଗାଇବା ସହ ଏହି କାର୍ଯ୍ୟ ମଧ୍ୟ ଜାରି ରଖିଛନ୍ତି। ୫ଶହ ଅଗ୍ନିଶମ କର୍ମଚାରୀଙ୍କୁ ନେଇ ୯୦ଟି ଟିମ୍ ଗଠନ କରାଯାଇଛି। ଜଣେ ସିନିୟର ଅଫିସରଙ୍କ ଅଧୀନରେ ଟିମ୍ କାର୍ଯ୍ୟ କରୁଛି। ରାସ୍ତା, ଘର ଏବଂ ପ୍ରତିଷ୍ଠାନ ଉପରେ ପଡିଥିବା ଗଛ କାଟି ସ୍ୱାଭାବିକ କରୁଛନ୍ତି। ଏହାସହ ବିଭିନ୍ନ ସ୍ଥାନରେ ୨୬ ଅଗ୍ନିଶମ ଟିମ୍ ସେସୁକୁ ବିଦ୍ୟୁତ୍ କାର୍ଯ୍ୟରେ ସହଯୋଗ କରୁଛନ୍ତି। ପ୍ରଥମଥର ପାଇଁ ଅଗ୍ନିଶମ କର୍ମଚାରୀ ଦମକଳ ଗାଡିରେ ୧୦ଟି ଟିମ୍ କଲୋନୀ ଏବଂ ବସ୍ତିରେ ପାଣି ଯୋଗାଉଛନ୍ତି। ବିଦ୍ୟୁତ୍ ନ ଥିବା ଜନଗହଳିପୂର୍ଣ୍ଣ ଛକରେ ଜେନେରେଟର ଲାଇଟ୍ ଲଗାଇଛନ୍ତି। ସେହିଭଳି କଟକରେ ୭୭, ପୁରୀରେ ୫୮, ଖୋର୍ଦ୍ଧାରେ ୩୨, ଜଗତ୍‌ସିଂହପୁର ୫ ଓ ବାଲେଶ୍ୱରରେ ଦୁଇଟି ଟିମ୍ କାର୍ଯ୍ୟ କରୁଛନ୍ତି। ପୂର୍ବରୁ କେରଳ ବନ୍ୟା ଓ ମେଘାଳୟରେ ଭୁଶୁଡି ପଡ଼ିଥିବା କୋଇଲା ଖଣି ଉଦ୍ଧାର କାର୍ଯ୍ୟରେ ଓଡ଼ିଶାର ଅଗ୍ନିଶମ ବାହିନୀ ସଫଳ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି।

### ପାଣି ବାଣ୍ଟିବା ସହ ସେସୁକୁ ସହଯୋଗ





ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ବାତ୍ୟା କ୍ଷତିଗ୍ରସ୍ତ ବାଲିଅନ୍ତା ବୁଲି ଦେଖିଲେ ଡିସିପି

**ବାଲିଅନ୍ତା,୧୨ା୫ (ଡି.ଏନ.ଏ.):** ଭୁବନେଶ୍ୱର କମିଶନରେଟ୍ ପୋଲିସର ଡିସିପି ଅନୁପ କୁମାର ସାହୁ ରବିବାର ପୂର୍ବାହ୍ନ ୧୦ଟାରେ ବାଲିଅନ୍ତା ଥାନାକୁ ପରିଦର୍ଶନରେ ଆସିଥିଲେ। ୧୦ ମିନିଟ୍ ରହଣି ଭିତରେ ବାତ୍ୟା କ୍ଷତିଗ୍ରସ୍ତ ହୋଇଥିବା ଥାନା ପରିସର ବୁଲିଥିଲେ। ଭାଙ୍ଗି ପଡିଥିବା ଭିଏଚଏଫ ଟାୱାର ଓ ରେକର୍ଡ ରୁମକୁ ମଧ୍ୟ ଦେଖିଥିଲେ। ୭ ଦିନ ଅନ୍ଧାରରେ ରହିଥିବା ଏକ ଡିଜି ମେଶିନ ଦ୍ୱାରା ଲାଇନ ଲାଗିଛି। ବାତ୍ୟା ପରବର୍ତ୍ତୀ ଆଇନ୍‌ଶୃଙ୍ଖଳା ଉପରେ ଥାନା ଅଧିକାରୀ ପ୍ରଦୀପ କୁମାର ରାଉତଙ୍କଠାରୁ ପଚାରି ବୁଝିଥିଲେ।

### ଗାଡି ଧକ୍କାରେ ବୃଦ୍ଧ ମୃତ

**ବାଲିଅନ୍ତା,୧୨ା୫(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥ ଭୁବନେଶ୍ୱର- କଟକ ରାସ୍ତାର ପାହଲ ଫାଣ୍ଡି ଅଧୀନ ରୁଦ୍ରପୁର ୨୨ ତାଲା ସମ୍ମୁଖରେ ରବିବାର ଭୋର ୫ଟାରେ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କ ବୟସ ୬୦ ପାଖାପାଖି ହେବ ବୋଲି ପୋଲିସ କହିଛି। ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ମୃତକଙ୍କ ପରିଚୟ ମିଳି ନ ଥିବାରୁ ତାଙ୍କର ଚିହ୍ନଟ ପାଇଁ ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ଫାଣ୍ଡି ଅଧିକାରୀ କାଶୀନାଥ ହାଂସଦା କହିଛନ୍ତି।

### ଟ୍ରେନରୁ ଚୋରି ମୋବାଇଲ ଫୋନ୍, ଟଙ୍କା ଜବତ: ଜଣେ ଗିରଫ

**ଭୁବନେଶ୍ୱର,୧୨ା୫(ବ୍ୟୁରୋ):** ଟ୍ରେନ ଯାତ୍ରୀଙ୍କଠାରୁ ଚୋରି ମୋବାଇଲ ଫୋନ୍, ୫ ହଜାର ଟଙ୍କା ଓ ଜରୁରୀ କାଗଜପତ୍ରକୁ ଜିଆର୍‌ପି ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ପୁରୁଣା ବଜାର ଥାନା ଅଧୀନ କାଜିମହଲ ଅଞ୍ଚଳର ଶେଖ ରାଜା (୨୩)। ସୂଚନା ମୁତାବକ, ନୂଆପଡା ଜିଲା ବୋଡେନ ଅଞ୍ଚଳର ମୀନକେତନ ଚିଣ୍ଡା ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସାରି ପୁରୀ-ସମ୍ବଲପୁର ଇଣ୍ଟରସିଟିରେ ରବିବାର ଘରକୁ ଫେରୁଥିଲେ। ଟ୍ରେନରେ ଟଏଲେଟ ଯାଇଥିବାବେଳେ ଅଭିଯୁକ୍ତ ଶେଖ ତାଙ୍କ ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ମୀନକେତନ ଭୁବନେଶ୍ୱର ଜିଆର୍‌ପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୯୦/୧୯ରେ ଏକ ମାମଲା ରୁଜୁ କରି ମୋବାଇଲ ଫୋନ୍‌କୁ ଟ୍ରାକ୍ କରିଥିଲା ଓ ପରେ ଅଭିଯୁକ୍ତଙ୍କୁ ଧରିଥିଲା।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୨ା୫(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ଘରେ ପଶି ଧମକ ଦେବା ସହ ଅସଦାଚରଣ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳର ରାଜେନ୍ଦ୍ର ନାୟକ(୩୫)। ସୂଚନା ମୁତାବକ, ମହିଳାଙ୍କ ସ୍ୱାମୀ କୌଣସି କାମରେ ଗାଁକୁ ଯାଇଥିଲେ। ଶୁକ୍ରବାର ରାତି ସାଢେ ଗୋଟାଏରେ ଅଭିଯୁକ୍ତ ରାଜେନ୍ଦ୍ର ଉକ୍ତ ମହିଳାଙ୍କ କବାଟ ଭାଙ୍ଗି ଘରେ ପଶିଥିଲେ। ମହିଳା ଜଣକ ନିଦରୁ ଉଠିପଡି ଚିତ୍କାର କରିବାରୁ ରାଜେନ୍ଦ୍ର ତାଙ୍କୁ ଅସଦାଚରଣ କରିବା ସହ ଗାଳି ଗୁଲଜ କରିଥିଲେ। ଏ ନେଇ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲେ। ଶନିବାର ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ୧୭୧/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଗିରଫ କରିବା ସହ ପଚରାଉଚରା ପରେ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ବାତ୍ୟା ପାଇଁ ଭଗବତ ମେଳଣ ବାତିଲ

**ପୁରୁଣା ଭୁବନେଶ୍ୱର,୧୨ା୫(ଡି.ଏନ.ଏ.):** ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ବ୍ୟାପୀ ବ୍ରହ୍ମେଶ୍ୱର ମେଳଣ ପଡିଆରେ ଭଗବତ ମେଳଣ ହେବାର ଥିଲା। ହେଲେ ବାତ୍ୟା ଯୋଗୁ ଏହାକୁ ବାତିଲ କରାଯାଇଛି। ବାତ୍ୟା ଯୋଗୁ ଏବେବି ବିପନ୍ନମାନେ ଅଣ୍ଟା ସଳଖିବାରେ ସକ୍ଷମ ହୋଇ ପାରିନାହାନ୍ତି। ତେଣୁ ଏଭଳି ଦୁଃଖଦ ସମୟରେ ବ୍ରହ୍ମେଶ୍ୱର ବାସିନ୍ଦା ଆମୋଦଭିତ୍ତିକ କାର୍ଯ୍ୟକ୍ରମ ନ କରିବାକୁ ସ୍ଥିର କରିଥିବା ଭଗବତ ମେଳଣ କମିଟିର ସଭାପତି ଗୋଲୋକ ଦାସ କହିଛନ୍ତି।

# ମୁଣ୍ଡ ଉପରେ ଝୁଲୁଛି ବିପଦ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୧୨ା୫(ବ୍ୟୁରୋ)

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ର କେଇଘଣ୍ଟାର ତାଣ୍ଡବ ପରେ ରାଜଧାନୀରେ ଏବେ ଗଛକଟା, ସଫେଇ, ବିଦ୍ୟୁତ୍ ମରାମତି ସହ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱରର ସ୍ଥିତି କ୍ରମଶଃ ସୁଧୁରୁଥିବାବେଳେ ଯାତାୟାତଠାରୁ ଆରମ୍ଭ କରି ବିପର୍ଯ୍ୟସ୍ତ ହୋଇପଡିଥିବା ସହରୀ ଜୀବନ ବି ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି। ଏପରିସ୍ଥିତିରେ ପ୍ରତିମୁହୂର୍ତ୍ତରେ ସହରବାସୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଘରୁ ଗୋଡ଼ କାଢ଼ିବା ମାତ୍ରେ ଭୟ ମାଡ଼ି ବସୁଛି। କାରଣ ବିଭିନ୍ନ ସ୍ଥାନରେ ମୁଣ୍ଡ ଉପରେ ଝୁଲି ରହିଛି ବିପଦ। କେଉଁଠି ଗଛରେ ବଡ଼ ବଡ଼ ଡାଳ ଝୁଲି ରହିଛି ତ ଆଉ କେଉଁଠି ବିଦ୍ୟୁତ୍ ଖୁଣ୍ଟ, ତାର, ହୋର୍ଡିଂ, ପାଚେରି, ଘର ବିପଜ୍ଜନକ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି।

ବାତ୍ୟାରେ ରାଜଧାନୀରେ ଉପୁଡି ପଡ଼ିଥିବା ଓ ଭାଙ୍ଗିଯାଇଥିବା ଗଛକୁ କାଟି ସଫା କରାଯାଉଛି। ହେଲେ ଗଛରେ ଅଧା ଭଙ୍ଗା ହୋଇ ଓହଳିଥିବା ବଡ଼ ବଡ଼ ଡାଳକୁ କଟାଯାଉ ନ ଥିବାରୁ ତାହା ଏବେ ଝୁଲି ରହିଛି। ସାମାନ୍ୟ ପବନରେ ତାହା ତଳକୁ ଖସିବା ସମ୍ଭାବନା ରହିଛି। ଯଦି ଉକ୍ତ ଡାଳ କାହା ମୁଣ୍ଡରେ ପଡ଼ିବ, ତେବେ ଜୀବନ ଚାଲିଯିବା ନିଶ୍ଚିତ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ମଧ୍ୟ ଦେଖାଦେଇଛି। ସେହିଭଳି ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ପଡି ରହିଛି। କେତେକ ସ୍ଥାନରେ ବିଭିନ୍ନ ବିଦ୍ୟୁତ ସରଞ୍ଜାମ ଝୁଲି ରହିବା ସ୍ଥିତିରେ ରହିଛି। ରବିବାର କଟକରେ ଏଭଳି ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ପଡି ଜଣେ ପିଲାର ଜୀବନ ଯିବା ଖବର ଶୁଣି ରାଜଧାନୀବାସୀଙ୍କ ମନରେ ଚିନ୍ତା ଘାରିଛି।



ଅଗ୍ନିଶମ କର୍ମଚାରୀମାନେ ଏକ ଗଛରେ ଓହଳିଥିବା ଭଙ୍ଗା ଡାଳକୁ ବାହାର କରୁଛନ୍ତି।

- **ଗଛରେ ଓହଳି ରହିଛି ଭଙ୍ଗା ଡାଳ**
- **ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ, ତାର**
- **ଭୟ, ଆଶଙ୍କା ବଢ଼ାଇଛି ଝୁଲନ୍ତା ହୋର୍ଡିଂ**

ଏହାସହ ସହରର ଅନେକ ସ୍ଥାନରେ ଲାଗିଥିବା ହୋର୍ଡିଂ ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଘର ଉପରେ ରହିଥିବା ବଡ଼ ବଡ଼ ଲୁହା ହୋର୍ଡିଂ ବାତ୍ୟାରେ ଭାଙ୍ଗି ଯାଇଛି। କେତେକ ସ୍ଥାନରେ ଏହା ଦୁର୍ବଳ ସ୍ଥିତିରେ ରହିଥିବାବେଳେ ଆଉ କେତେକ ସ୍ଥାନରେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବାତ୍ୟା ପରଠାରୁ ବନ୍ଦ ଥିବା ରାଜଧାନୀର ଏକାଧିକ ପାର୍କ ଏବେ ଖୋଲିଲାଣି। ସେଠାରେ ମଧ୍ୟ ଧୀରେ ଧୀରେ ସହରବାସୀଙ୍କ ସମାଗମ ବଢ଼ିଲାଣି। ହେଲେ ପାର୍କରେ ଉପୁଡି ପଡିଥିବା ଗଛଗୁଡିକୁ ସଫା କରାଯାଇଥିଲେ ମଧ୍ୟ ରହିଥିବା କେତେକ ଗଛ ଉପରେ ବହୁ ଶୁଖିଲା ଡ଼ାଳ ଝୁଲି ରହିଛି। ଏବେ ଖରାତାତି ଓ ଗୁଳୁଗୁଳି ଯୋଗୁ ଲୋକେ ବିଶେଷକରି ପାର୍କରେ ରହିଯାଇଥିବା ଗଛ ଛାଇ ତଳେ ଟିକେ ବସିବାକୁ ପସନ୍ଦ କରୁଛନ୍ତି। ହେଲେ ଉପରେ ଝୁଲୁଥିବା ଡାଳ ଯେ କେତେବେଳେ ବିପଦ ଆଣିବ ତାହା କହିବା ମୁସ୍କିଲ୍। କେବଳ ପାର୍କ ନୁହେଁ, ଅନେକ ସ୍କୁଲ ଓ କଲେଜରେ ସମାନ ସ୍ଥିତି ଦେଖିବାକୁ ମିଳୁଛି। କ୍ୟାମ୍ପସରେ ଅନେକ ବଡ଼ ବଡ଼ ଗଛ ରହିଛି। ଏସବୁ ଗଛରେ ଅଧା ଭଙ୍ଗା ଡାଳ ଲାଖି ରହିଛି। ସ୍କୁଲ୍, କଲେଜ ଖୋଲିଲେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ରାଜଧାନୀରେ ବାତ୍ୟାରେ ଯେତିକି ଗଛ ଭାଙ୍ଗିଛି ତାହାକୁ ପୂରା ସଫା କରିବାକୁ ଆହୁରି ସମୟ ଲାଗିବ। କର୍ମଚାରୀମାନେ ଠିକ୍‌ଭାବେ କାମ କରି ଏହିସବୁ ଗଛକୁ କାଟି ସଫା କରୁଛନ୍ତି। ହେଲେ ଗଛ ଉପରେ ଲାଖି ରହିଥିବା ଡାଳ କଥା ଆମେ ଚିନ୍ତା କରି ନ ଥିଲୁ। ଏବେ ଏହି ଡାଳ ଗଛରେ ଶୁଖି ପବନରେ ଝୁଲୁଛି। ବିଭିନ୍ନ ଆଡୁ ଅଭିଯୋଗ ଆସିବା ପରେ ଏହା ଉପରେ ଗୁରୁତ୍ୱ ଦିଆଯାଉଛି।। ଝୁଲି ରହିଥିବା ଡାଳକୁ କଟାଯାଇ ବାହାର କରାଯାଉଥିବା ସେ କହିଛନ୍ତି।

### ଅଭିଯୋଗ ପରେ ତତ୍ପରତା

ପୂର୍ବରୁ ଭଙ୍ଗା ଡାଳ କାଟି ସଫା କରାଯାଇଥିବା କେତେକ ଗଛ ଉପରେ ଲାଗିଥିବା ଡାଳକୁ ରବିବାର ପୁଣିଥରେ ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀ କାଟି ବାହାର କରିଛନ୍ତି। ଆଇଜି ପାର୍କ ନିକଟ, କ୍ୟାପିଟାଲ ହସ୍ପିଟାଲ ଛକ, ଗଭର୍ନର ହାଉସ୍ ଛକ ଆଦି ଅନେକ ସ୍ଥାନରେ ଓହଳିଥିବା ଡାଳକୁ କଢ଼ାଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟରେ କମିଶନରେଟ ପୋଲିସ ପକ୍ଷରୁ ମଧ୍ୟ ଏହାର ମୁଖ୍ୟାଳୟରେ ଏକ କଣ୍ଟ୍ରୋଲରୁମ୍ ଖୋଲାଯାଇଛି। ଯେଉଁ ସ୍ଥାନରେ ବିପଜ୍ଜନକ ଅବସ୍ଥାରେ ଗଛ ଡାଳ ରହିଛି ଓ ଗଛ ପଡି ରହିଛି ସେସମ୍ପର୍କରେ କଣ୍ଟ୍ରୋଲରୁମ୍ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ନଚେତ ନିକଟ ଥାନାରେ ଜଣାଇବାକୁ କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି।

### ବାତ୍ୟା ବିପନ୍ନଙ୍କ ଆନ୍ଦୋଳନ



ପାଣି ଓ ବିଦ୍ୟୁତ୍ ଯୋଗାଣ ଦାବିରେ ରବିବାର ନୂଆଗାଁର ଲୋକେ ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।

## ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୧୨ା୫(ବ୍ୟୁରୋ)

**ସାନ ଭାଇ ଗିରଫ, ଦୁଇ ସହଯୋଗୀ ଫେରାର**

ଜାଗାବାଡ଼ିକୁ କେନ୍ଦ୍ରକରି ଜଣେ ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଅଞ୍ଚଳର ଭାଗୀରଥି ଛୋଟରାୟ (୪୯)। ତାଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭାଗୀରଥିଙ୍କ ସାନ ଭାଇ ଲିଙ୍ଗରାଜ ଛୋଟରାୟ (୩୮)ଙ୍କୁ ଗିରଫ କରିଥିବାବେଳେ ଦୁଇ ସହଯୋଗୀ ରଞ୍ଜନ ଛୋଟରାୟ ଓ ପିଣ୍ଟୁ ବେରେହାଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ଜିଜିପି କେନାଲ ରୋଡ୍‌ରେ ଭାଗୀରଥିଙ୍କର ଏକ ହୋଟେଲ ରହିଛି। ହୋଟଲ ଓ ଜାଗାବାଡିକୁ ନେଇ ପାରିବାରିକ ବିବାଦ ଲାଗି ରହିଛି। ଶନିବାର ରାତିରେ ଭାଗୀରଥି ବାଇକରେ ଘରକୁ ଫେରୁଥିବାବେଳେ ବ୍ରହ୍ମେଶ୍ୱର ମନ୍ଦିର ନିକଟରେ ସାନ ଭାଇ ଲିଙ୍ଗରାଜ ଓ ଦୁଇ ସହଯୋଗୀ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ପ୍ରଥମେ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ପରେ ଗାଡିରୁ ଠେଲି ଦେଇଥିଲେ। ସେ ତଳେ ପଡିଥିବାବେଳେ ସେମାନେ ତାଙ୍କୁ ମାଡ଼ ମାରିବା ସହ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଭାଗୀରଥିଙ୍କ କାନ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବାରୁ ସେ ଅଚେତ ହୋଇପଡ଼ିଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ୧୭୫/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ମୁଖ୍ୟ ଅଭିଯୁକ୍ତ ଲିଙ୍ଗରାଜଙ୍କୁ ଗିରଫ କରିବା ସହ ପଚରା ଉଚରା ରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ବେଳାଭୂମିରୁ କ୍ଷତାକ୍ତ ଶିଶୁକନ୍ୟା ଉଦ୍ଧାର

**ପୁରୀ ଅଫିସ,୧୨ା୫:** ପୁରୀ ପେଣ୍ଠକଟା ବେଳାଭୂମିରୁ ରବିବାର ସକାଳେ ଏକ ନବଜାତ ଶିଶୁକନ୍ୟାକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଦୁଇଜଣ ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ପୁରୀ ମେଡିକାଲରେ ଭର୍ତ୍ତି କରିଥିଲେ। ଶିଶୁ କନ୍ୟାର ବାମ ଗୋଡ଼ରେ ଗଭୀର କ୍ଷତ ରହିଛି। ତାଙ୍କୁ ସ୍ପେଶାଲ ନ୍ୟୁବର୍ଣ୍ଣ କେୟାର ୟୁନିଟ୍(ଏସ୍‌ଏନ୍‌ସିୟୁ)ରେ ଭର୍ତ୍ତି କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପହଞ୍ଚି ଶିଶୁର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

### ବାଳାଶ୍ରମରୁ ଫେରାର୍ ନାବାଳିକା ଉଦ୍ଧାର

**ପୁରୀ ଅଫିସ,୧୨ା୫:** କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣସ୍ଥିତ ଉତ୍କଳବାଳାଶ୍ରମ ପରିସରରୁ ଶନିବାର ଶୌଚାଳୟର ସ୍କାଇଲାଇଟ୍ ଭାଙ୍ଗି ଜଣେ ନାବାଳିକା ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ରାତ୍ରି ପାଟ୍ରୋଲିଂ କରୁଥିବା ପିସିଆର୍ ପୋଲିସ ତାଙ୍କୁ ଉଦ୍ଧାର କରି କୁମ୍ଭାରପଡ଼ା ଥାନାକୁ ହସ୍ତାନ୍ତର କରିଥିଲା। ପଚରାଉଚରା ପରେ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିଲା। ରବିବାର ଚାଇଲ୍ଡ ଲାଇନ ଉକ୍ତ ନାବାଳିକାଙ୍କୁ ଜିଲା ଶିଶୁକଲ୍ୟାଣ କମିଟିରେ ହାଜର କରିଥିଲା। ସିଡବ୍ଲ୍ୟୁସିର ନିର୍ଦ୍ଦେଶକ୍ରମେ ତାଙ୍କୁ ପୁଣିଥରେ ବାଳାଶ୍ରମରେ ଛଡ଼ାଯାଇଛି। ଏ ସମ୍ପର୍କରେ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସାମାଜିକ କର୍ମୀ ପ୍ରସନ୍ନ ଦାଶ କହିଥିଲେ।

## ବିଦ୍ୟୁତ୍ ଆସିବାକୁ ଆହୁରି ୧୦ ଦିନ ଲାଗିବ

ବାଲକାଟୀ, ୧୨ା୫ (ଡି.ଏନ.ଏ.)

**ବାଲକାଟୀ ସେସୁ**
- **ଭାଙ୍ଗିଛି ୭ ଶହ ଖୁଣ୍ଟ, ନଷ୍ଟ ହୋଇଛି ୪୯ ଟ୍ରାନ୍ସଫର୍ମର**
- **ଗରମରେ ସନ୍ତୁଳି ହେଉଛନ୍ତି ଲୋକେ**

ବାତ୍ୟା ଫନୀକୁ ୧୦ ଦିନ ବିତିଛି। ଏବେ ବି ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବାରେ ସୁଧାର ଆସି ପାରିନାହିଁ। ଆହୁରି ୧୦ଦିନ ବିଦ୍ୟୁତ୍ ଆସିବାକୁ ଲାଗିବ ବୋଲି ଜଣାପଡିଛି। ଅସହ୍ୟ ଗରମ ଯୋଗୁ ଲୋକେ ସନ୍ତୁଳି ହୋଇଯାଉଛନ୍ତି। ଦିନରେ ଥରଟିଏ ଜେନେରେଟର ଲଗାଇ ପାନୀୟ ଜଳ ଯୋଗାଣ ପଞ୍ଚାୟତ ପକ୍ଷରୁ କରାଯାଉଛି। ଏହା ସମୁଦ୍ରକୁ ଶଙ୍ଖେ ଭଳି ହେଉଛି। ୧୦ ଦିନ ଧରି ବିଦ୍ୟୁତ୍ କାଟ ଯୋଗୁ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ବାତ୍ୟାରେ ବାଲକାଟୀ ସେସୁ ଅଧୀନରେ ଥିବା ଉମାଦେଇବ୍ରହ୍ମପୁର ପଞ୍ଚାୟତ, ସତ୍ୟଭାମାପୁର, ଭଇଁଚୁଆ ଓ ପ୍ରତାପଶାସନ ଅଞ୍ଚଳରୁ ୭ ଶହ ବିଦ୍ୟୁତ୍ ଖୁଣ୍ଟ, ୪୯ଟି ଟ୍ରାନ୍ସଫର୍ମର ନଷ୍ଟ ହେବା ସହ ଅନେକ ତାର ଚୋରି ସାଙ୍ଗକୁ ବିଦ୍ୟୁତ୍ ଉପକରଣ ନଷ୍ଟ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ହେବ ବୋଲି ବାଲକାଟୀ ସେସୁ ଯନ୍ତ୍ରୀ ତନ୍ମୟ ପୃଷ୍ଟି ସୂଚନା ଦେଇଛନ୍ତି। ତେବେ ଏତେ ପରିମାଣର ଯନ୍ତ୍ରାଂଶ ଓ ଖୁଣ୍ଟ ୨ ଦିନ ତଳେ ଆସି ପହଞ୍ଚିଛି। ବିଦ୍ୟୁତ୍ ସେବା ସ୍ୱାଭାବିକ ହେବାକୁ ସ୍ଥାନୀୟ ସେସୁର ୨୧ ଜଣ, କଣ୍ଟ୍ରାକ୍ଟରଙ୍କ ୩୦ ଜଣ, ନୟାଗଡ, ବୌଦ୍ଧ ଜିଲାର ୨୪ ଜଣ, ତେଲେଙ୍ଗାନାରୁ ୧୭ ଜଣ ଏବଂ ଆନ୍ଧ୍ରପ୍ରଦେଶରୁ ୪୨ ଜଣ କର୍ମଚାରୀ ଆସି ୨ ଦିନ ହେଲା କାମକୁ ତ୍ୱରାନ୍ୱିତ କରିଛନ୍ତି। ମୋଟ ୧୩୪ ଜଣ କର୍ମଚାରୀ ସଜାଡିବା ପାଇଁ ନିୟୋଜିତ ହୋଇଛନ୍ତି। ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଆହୁରି ୧୦ଦିନ ଲାଗିବ ବୋଲି ଯନ୍ତ୍ରୀ ପୃଷ୍ଟି ସୂଚନା ଦେଇଛନ୍ତି। ରାଜଧାନୀକୁ ୩ ଦିନ ହେବ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିବା ବେଳେ ଉପକଣ୍ଠରେ ଥାଇ ବାଲକାଟୀ ଅଞ୍ଚଳକୁ ଆହୁରି ୧୦ ଦିନ ଅପେକ୍ଷା କରିବାକୁ ପଡିବ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଅଧିକ କର୍ମଚାରୀ, ସାଙ୍ଗକୁ ଯନ୍ତ୍ରାଂଶ ଶୀଘ୍ର ଯୋଗାଇ ଦେବାକୁ ଦାବି ହେଉଛି। ନଚେତ ଅସହ୍ୟ ଗରମ ଯୋଗୁ ସନ୍ତୁଳି ହେଉଥିବା ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

## ଆମ୍ବତୋଟାରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୨ା୫(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଗାଡକଣ କେଳୁଚରଣ ପାର୍କ ନିକଟ ଏକ ଆମ୍ବତୋଟାରୁ ରବିବାର ଭୋର୍ ସମୟରେ ଜଣେ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ମଞ୍ଚେଶ୍ୱର ପୋଲିସ। ତାଙ୍କର କୌଣସି ପରିଚୟ ମିଳିପାରି ନ ଥିବାବେଳେ ତାଙ୍କୁ କେହି ହତ୍ୟା କରି ସେଠାରେ ଟାଙ୍ଗି ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଯୁବକ ଜଣକ ବାତ୍ୟା ପରେ ଉକ୍ତ ଅଞ୍ଚଳରେ ବୁଲାବୁଲି କରୁଥିଲେ। ସେ ବଙ୍ଗଳା ଭାଷାରେ କଥା ହେଉଥିବାବେଳେ ଲୋକଙ୍କ ବାଡିରେ ଭାଙ୍ଗିପଡିଥିବା ଗଛ କାଟି ମଜୁରି ନେଉଥିଲେ। ଯାହା ଟଙ୍କା ମିଳୁଥିଲା ସେଥିରେ ସେ ବାହାରୁ କିଣି ଖାଇବା ସହ ଉକ୍ତ ଆମ୍ବତୋଟା ନିକଟରେ ଶୋଉଥିଲେ। ରବିବାର ସକାଳୁ ତାଙ୍କ ମୃତଦେହ ଆମ୍ବତୋଟାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଆମ୍ବଗଛରେ ଦଉଡି ବନ୍ଧାଯାଇ ତାଙ୍କ ବେକରେ ଫାଶ ଲଗାଯାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଯୁବକ ଜଣକ ମାନସିକ ଚିନ୍ତାରେ ଥିବା ଓ ସେ ଆତ୍ମହତ୍ୟା କରିଦେଇଥିବା କେହି କେହି କହୁଛନ୍ତି। ତାଙ୍କୁ ହତ୍ୟା କରାଯାଇ ଟାଙ୍ଗି ଦିଆଯାଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ତେବେ ତାଙ୍କର ପରିଚୟ ପାଇବା ପୋଲିସ ପାଇଁ ପ୍ରାଥମିକତା ହୋଇଛି।

## ବିଏମ୍‌ସି ଖୋଲିବ ୨୦୦ ଜଳଛତ୍ର

ଭୁବନେଶ୍ୱର, ୧୨ା୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୨୦୦ ଜଳଛତ୍ର ଖୋଲାଯିବ। ପାଣି ସମସ୍ୟାର ସମାଧାନ ସହ ପ୍ରଚଣ୍ଡ ରୌଦ୍ରତାପରୁ ପଥଚାରୀଙ୍କ ତୃଷା ମେଣ୍ଟାଇବା ଲାଗି ବିଏମ୍‌ସି ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଜଳଛତ୍ର ଲାଗି ଇଚ୍ଛୁକ ବ୍ୟକ୍ତି କିମ୍ବା ସଙ୍ଗଠନ ଏ ନେଇ ବିଏମ୍‌ସି ମୁଖ୍ୟାଳୟରେ ଆବେଦନ କରିପାରିବେ। ଏଥିସହ ବାତ୍ୟା ଫନୀରେ ଭାଙ୍ଗିଥିବା ଜଳଛତ୍ରଗୁଡ଼ିକର ପୁନରୁଦ୍ଧାର ଲାଗି ୫୦୦୦ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ରବିବାର ବିଏମ୍‌ସି ମୁଖ୍ୟାଳୟରେ ବସିଥିବା ବୈଠକରେ ସ୍ଥିର କରାଯାଇଛି। ତେବେ ଭୁବନେଶ୍ୱର ଅଟୋ ମହାସଂଘ, ମହିଳା ଏସ୍‌ଏଚ୍‌ଜି, ସ୍କାଉଟ ଆଣ୍ଡ ଗାଇଡ଼ସ୍, ସତ୍ୟସାଇ ସଙ୍ଗଠନ ଓ ବିଭିନ୍ନ ସାମାଜିକ ସଙ୍ଗଠନଗୁଡିକ ଜଳଛତ୍ର ଖୋଲିବା ଲାଗି ବିଏମ୍‌ସିକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଥାଉ କି, ସ୍କାଉଟ ଆଣ୍ଡ ଗାଇଡ଼ସ ପ୍ରଥମ ଥର ଲାଗି ଜଳ ସେବା ଶିବିରରେ ଭାଗ ନେବେ।

**ବୁଧବାରଠାରୁ ଆହାର**

ଅନ୍ୟପକ୍ଷେ ଆସନ୍ତା ବୁଧବାର ସହରର ୧୧ଟି ଆହାର କେନ୍ଦ୍ର ଖୋଲାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ବାତ୍ୟା ଫନୀ ଦ୍ୱାରା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ପରେ ସେଗୁଡ଼ିକୁ ବନ୍ଦ ରଖାଯାଇଥିଲା। ପର୍ଯ୍ୟାପ୍ତ ସାଧନ ଓ ସୁବିଧା ନ ଥିବାରୁ କେନ୍ଦ୍ରଗୁଡ଼ିକୁ ଖୋଲାଯାଇ ପାରି ନ ଥିଲା ବୋଲି ବିଏମ୍‌ସି ଅତିରିକ୍ତ ସଚିବ ସୁରଥ ଚନ୍ଦ୍ର ମଲ୍ଲିକ୍ କହିଥିଲେ।

## କପିଳେଶ୍ୱରବିହାର ମା' ସର୍ବମଙ୍ଗଳାଙ୍କ ଉତ୍ସବ

ଭୁବନେଶ୍ୱର,୧୨ା୫(ବ୍ୟୁରେ)

କପିଳେଶ୍ୱରବିହାରସ୍ଥିତ ମା' ସର୍ବମଙ୍ଗଳାର ଜନ୍ମତିଥି ଓ ମନ୍ଦିରର ବାର୍ଷିକ ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। କଳସ ସ୍ଥାପନ ଓ ଯଜ୍ଞ ଆଦି କାର୍ଯ୍ୟ ଯଥାବିଧି ସମ୍ପନ୍ନ ହୋଇଥିଲା। ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କପିଳେଶ୍ୱର ବିହାର, ପଳାଶୁଣି ଓ ପ୍ରାଚୀବିହାର ଲୋକଙ୍କ ସହଯୋଗରେ ଉତ୍ସବ ବେଶ୍ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା ମନ୍ଦିର କମିଟି ସମ୍ପାଦକ ଭରତ ଚନ୍ଦ୍ର ଦଳେଇ ଓ ସଭାପତି ସୁରେନ୍ଦ୍ର କୁମାର ଧଳ କହିଛନ୍ତି। ସୂଚନାଯୋଗ୍ୟ, ବର୍ଷକ ତଳେ ମନ୍ଦିରଟି ଉପଦେଷ୍ଟା ନରେନ୍ଦ୍ର କୁମାର ପଣ୍ଡା, ପ୍ରଫୁଲ୍ଲ ପାଣିଗ୍ରାହୀ ଓ ହରେକୃଷ୍ଣ ତରାଇଙ୍କ ଉଦ୍ୟମରେ ସ୍ଥାପନ କରାଯାଇଥିଲା।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା ପକ୍ଷରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ସନ୍ଧାନ'ର ଏକ ଦୃଶ୍ୟ।

## ୧୨ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୧୨ା୫(ବ୍ୟୁରୋ)

- **ମିନିଟ୍ରକ୍‌ରେ ଚାଲାଣ ହେଉଥିଲା ୨୧୮ କେଜି ଗଞ୍ଜେଇ**
- **ଆନ୍ଧ୍ର ପ୍ରଦେଶରୁ ପଶ୍ଚିମବଙ୍ଗ ଯାଉଥିଲା**

ଆନ୍ଧ୍ର ପ୍ରଦେଶରୁ ପଶ୍ଚିମବଙ୍ଗ ଚାଲାଣବେଳେ ଶହୀଦନଗର ଥାନା ପୋଲିସ ଆଚାର୍ଯ୍ୟବିହାର ନିକଟରୁ ଏକ ମିନିଟ୍ରକ୍ ସହ ୨୧୮ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଘଟଣାରେ ଟ୍ରକ୍ ଡ୍ରାଇଭର ଆନ୍ଧ୍ରପ୍ରଦେଶ ଭାଜ୍ରାଖାତା ଅଞ୍ଚଳର ଏସ୍. କୋବିନ୍ଦ ଓ ପୋଟମପେଟା ଅଞ୍ଚଳର ଆର୍. ସତ୍ୟ ନାରାୟଣଙ୍କୁ ଗିରଫ କରାଯାଇଛି। କେସ୍ ନଂ.୨୦୮/୧୯, ଏନ୍‌ଡିପିଏସ୍ ଆକ୍ଟ ୨୦(ବି) ଲଗାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୧୦ଟା ୧୫ରେ ଗଞ୍ଜେଇ ଭର୍ତ୍ତି ୪୦୭ ମିନିଟ୍ରକ୍‌ଟି ଆଚାର୍ଯ୍ୟ ବିହାର–ଜୟଦେବବିହାର ରାସ୍ତା ପାର୍ଶ୍ୱରେ ପାର୍କିଂ ହୋଇଥିଲା। ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଗଞ୍ଜେଇରୁ ଭୁବନେଶ୍ୱରର କେତେଜଣ ଖୁଚୁରା ବେପାରୀ ନେବାର ଥିଲା। ତେଣୁ ଡ୍ରାଇଭର ଗାଡ଼ି ପାର୍କିଂ କରି ସେମାନଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଶହୀଦନଗର ପୋଲିସ ଉକ୍ତ ଗାଡିକୁ ଯାଞ୍ଚ କରିବା ପରେ ଭିତରେ ବିପୁଳ ଗଞ୍ଜେଇ ଠାବ କରିଥିଲେ। ତେବେ ଏହି ଗଞ୍ଜେଇ ସେମାନେ କେଉଁଠିକୁ ଚାଲାଣ କରୁଥିଲେ, ଏଥିରେ ମାଷ୍ଟରମାଇଣ୍ଡ୍ କିଏ ଓ ଭୁବନେଶ୍ୱରରେ କେଉଁମାନେ ଏଥିରେ ସମ୍ପୃକ୍ତ, ତାହା ଜାଣିବାକୁ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।



ଜବତ ଗଞ୍ଜେଇ ଓ ଗିରଫ ଦୁଇ ଅଭିଯୁକ୍ତ।

# ନିଦ୍ରାହୀନତା ମସ୍ତିଷ୍କ ରୋଗ ପାଇଁ ଦାୟୀ



ଆମେ ଯଦି ଆବଶ୍ୟକ ମୁତାବକ ନିଦ୍ରା ଯିବା ତେବେ ଅନେକାଂଶରେ ସୁସ୍ଥ ରହିବା। ନିଦ୍ରାରେ ଅସନ୍ତୁଳନ ସୃଷ୍ଟି ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସୁନିଦ୍ରା ପ୍ରତି ଆବଶ୍ୟକ ମୁତାବକ ଦୃଷ୍ଟି ଦେଇ ନ ଥାନ୍ତି। ଫଳରେ ସେମାନେ ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଯଦି ଏହା ଅଭ୍ୟାସରେ ପରିଣତ ହୋଇଯାଏ ତେବେ ତାହା ମସ୍ତିଷ୍କଜନିତ ରୋଗ ସୃଷ୍ଟି କରିପାରେ ବୋଲି ସତର୍କ କରାଇ ଦେଇଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ଦୀର୍ଘ ମାସ ଧରି ନିଦ୍ରାହୀନତା ସମସ୍ୟାର ସମ୍ମୁଖୀନ ହୋଇଥିବା କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନେ ଗବେଷଣା କରିଥିଲେ। ସେମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ମସ୍ତିଷ୍କଜନିତ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରତିଦିନ ଆବଶ୍ୟକ ମୁତାବକ ଜଣେ ବ୍ୟକ୍ତି ନିଦ୍ରା ଯିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ରବର କି ବୋର୍ଡ



ଆଜିକାଲି କମ୍ପ୍ୟୁଟର ଯୁଗ। କମ୍ପ୍ୟୁଟରର ଅନ୍ୟତମ ଅତ୍ୟାବଶ୍ୟକ ପାର୍ଟ ହେଲା କି ବୋର୍ଡ। ଏହା ସାଧାରଣତଃ କଠିନ ପ୍ଲାଷ୍ଟିକରେ ପ୍ରସ୍ତୁତ ହୋଇଥାଏ। ଅସାବଧାନତାରୁ ଯଦି ଏହା ପଡ଼ିଯାଏ କିମ୍ବା ଏଥିରେ ଜୋର୍‌ରେ ଆଘାତ ଲାଗେ ତେବେ ତାହା ଭାଙ୍ଗି ଯିବାର ସମ୍ଭାବନା ରହିଛି। ନିକଟରେ ନ୍ୟୁଜିଲାଣ୍ଡସ୍ଥିତ ଅକଲାଣ୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ରବର କି ବୋର୍ଡ ତିଆରି କରିଛନ୍ତି। ଏହି ନମନୀୟ କି ବୋର୍ଡ ତଳେ ପଡ଼ିଲେ ମଧ୍ୟ ଭାଙ୍ଗିବ ନାହିଁ। ଏପରିକି ଏହାକୁ କାଗଜ ପରି ଫୋଲ୍ଡ଼ କରି ସାଙ୍ଗରେ ନେଇ ଯାଇହେବ। 'ଡାଇ ଇଲେକ୍ଟ୍ରିକ ଏଲ୍ଷ୍ଟୋମୋନ୍' ନାମକ ରବରରେ ଏହାକୁ ତିଆରି କରାଯାଇଛି।

# ମଧୁମେହ






ଡା. ରୀତା ସାହୁ

ମଧୁମେହ, ପ୍ରମେହ ରୋଗମାନଙ୍କ ମଧ୍ୟରୁ ଗୋଟିଏ। ଏହା ମେଟାବୋଲିଜିମ୍ ସମ୍ବନ୍ଧୀୟ ବିକାର; ଯେଉଁଥିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ବସା, ଖଣିଜଲବଣ ଓ ପାଣି ଶରୀରରେ କୌଣସି ପ୍ରକାର ପ୍ରକୋପଜନ୍ୟ ବିକାର ଦେଖାଯାଏ ଓ କେତେଗୁଡ଼ିଏ କାରଣରୁ ଏହା ଶରୀରରୁ ବାହାରକୁ ବାହାରିବାର ପ୍ରୟାସ କରିଥାଏ ତାହାକୁ ମଧୁମେହ କୁହାଯାଏ। ଶରୀରର ଗାଢ଼ ରକ୍ତ ବାହିନୀରେ ସଂଚରଣ କରୁଥିବା ରକ୍ତରେ ଏମାନଙ୍କର ସ୍ତର ବଢ଼ିବାରେ ଲାଗିଥାଏ। ଗ୍ଲୁକୋଜର ମାତ୍ରା ରକ୍ତ ଓ ମୂତ୍ରରେ ଉପସ୍ଥିତ ରହିଥାଏ। ମୂତ୍ର ତ୍ୟାଗର ଆବେଗର ମାତ୍ରା ବଢ଼ିଥାଏ, ଶୋଷ ବାରମ୍ବାର ଲାଗିଥାଏ ଓ ଥକ୍କା ଥକ୍କା ଶରୀର ରହେ। ପାଦ ଘୋଳାବିନ୍ଧା କରେ। ଆହାରରେ ଭରି ରହିଥିବା କାର୍ବୋହାଇଡ୍ରେଟ୍ ନାମକ ଅଂଶ ଆନ୍ତ୍ରମାନଙ୍କ ଦ୍ୱାରା ପାଚକରସ ସାହାଯ୍ୟରେ ପରିପାକ ହୋଇ ସୂକ୍ଷ୍ମକଣା, ଗ୍ଲୁକୋଜ ଆଦିରେ ପରିଣତ ହୋଇଥାଏ। ଏହି ଗ୍ଲୁକୋଜ ଆନ୍ତ୍ରମାନଙ୍କ ଦ୍ୱାରା ଶୋଷିତ ହୋଇ ରକ୍ତ ସଂଚରଣରେ ମିଶି ସାରା ଶରୀରରେ ପହଞ୍ଚିଥାଏ ଏବଂ ଶରୀରରେ ସମସ୍ତ କୋଷିକାମାନଙ୍କରେ ପ୍ରବେଶ କରି ଅକ୍ସିଜେନ ସାହାଯ୍ୟରେ ଉର୍ଜା ଉତ୍ପାଦନର କାର୍ଯ୍ୟ କରିଥାଏ। କିନ୍ତୁ ଗ୍ଲୁକୋଜ ସ୍ୱୟଂ କୋଷିକା ଭେଦନ କରିପାରି ନ ଥାଏ। ଗ୍ଲୁକୋଜ୍‌କୁ ଏଥିପାଇଁ 'ଇନ୍‌ସୁଲିନ୍' ନାମକ ହର୍‌ମୋନ୍ ସାହାଯ୍ୟ କରିଥାଏ। ଏଣୁ ଏହା କୁହାଯାଇପାରେ କି 'ଇନ୍‌ସୁଲିନ୍'ର ଅଭାବରେ ଗ୍ଲୁକୋଜ୍ ଏହି ଅବସ୍ଥାରେ ପଡ଼ିଥାଏ ଯେପରି ଛିଦ୍ରଯୁକ୍ତ ଫଳ ବାଲା ପାତ୍ରରେ କ୍ଷୀର ସିଝାଗଲେ ଅବସ୍ଥାର ପରିବର୍ତ୍ତନ ହୁଏ। କୋମିକାମାନେ ଉର୍ଜା ଉତ୍ପାଦନ ପାଇଁ ଗ୍ଲୁକୋଜ୍‌ର ଅଭାବରେ କ'ଣ କରିବେ ନିଶ୍ଚୟ କରି ନ ପାରି ସ୍ୱୟଂ ସଞ୍ଚିତ ଭଣ୍ଡାରରେ ରହି ପ୍ରୋଟିନ୍ କିମ୍ବା ବସାରୁ ଉତ୍ପନ୍ନ ଉର୍ଜା ଉତ୍ପାଦନ ପାଇଁ ଲାଗି ପଡ଼ିଥାଆନ୍ତି। ଏଣୁ ଶରୀରରେ ସଂଚରଣ କରୁଥିବା ରକ୍ତରେ ଗ୍ଲୁକୋଜ୍‌ର ଉପସ୍ଥିତି ଜଣାପଡ଼େ। ଏହି ଗ୍ଲୁକୋଜ୍‌କୁ ସାମାନ୍ୟ ସ୍ତରରେ ରଖିବାକୁ ସାହାଯ୍ୟ କରୁଥିବା ହର୍‌ମୋନ୍ ଇନ୍‌ସୁଲିନ୍‌ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଉଦରରେ ଥିବା ବିଶେଷ ଗ୍ରନ୍ଥି ଅଗ୍ନ୍ୟାଶୟର ବିଟା କୋଷିକାମାନେ ଏହି କାର୍ଯ୍ୟ କରିବାକୁ ସକ୍ଷମ ଅଟନ୍ତି। ଆହାର ପାଚନ ହେବାପରେ ରକ୍ତରେ ଗ୍ଲୁକୋଜର ମାତ୍ରା ବଢ଼ିବାରେ ଲାଗିଥାଏ, ତେଣୁ ଏହାର ପ୍ରତିକ୍ରିୟା ସ୍ୱରୂପ ଅଗ୍ନ୍ୟାଶୟରେ ଇନ୍‌ସୁଲିନ୍‌ର ସ୍ରାବ ବଢ଼ି ଚାଲିଥାଏ। ପ୍ରତ୍ୟେକ କୋଷିକାରେ ଏକ ପ୍ରକାର 'ସୂଚକ' ବା 'ଇନସୁଲିନ୍ ରିସେପ୍ଟର' ଭଳି ରହିଥାଏ ଯାହା ଇନ୍‌ସୁଲିନ୍‌ର ଉପସ୍ଥିତିରେ ଗ୍ଲୁକୋଜ୍‌କୁ କୋଷିକାମାନଙ୍କରେ ପ୍ରବେଶ କରିବା ମାର୍ଗମାନଙ୍କୁ ଖୋଲିଦେଇଥାଏ, ଯାହାଦ୍ୱାରା ଗ୍ଲୁକୋଜ କୋଷିକାମାନଙ୍କ ଭିତରେ ପ୍ରବେଶ କରିଥାଏ ଯାହା ଏମାନଙ୍କର ଉର୍ଜା ଉତ୍ପାଦନ ପାଇଁ ହୋଇଥାଏ। ଏହା ସହିତ ଗ୍ଲୁକୋଜ୍‌ର ସାମାନ୍ୟ ସ୍ତର ରହିଥାଏ କିନ୍ତୁ ଯେତେବେଳେ ରକ୍ତରେ ଅତିରିକ୍ତ ଗ୍ଲୁକୋଜ୍ ରହେ ସେତେବେଳେ ଯକୃତ୍ ଓ ମାଂସପେଶୀମାନେ ଇନ୍‌ସୁଲିନ୍‌ର ପ୍ରଭାବରେ ନିଜ ଭିତରେ ବାନ୍ଧିହୋଇ ଗ୍ଲାଇକୋଜେନ୍ ନାମକ ଜଟିଳ ଉଚ୍ଚ ଶର୍କରା ଏହି କାମରେ ଆସେ। ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ମଧ୍ୟ କମିଯାଇଥାଏ। ଯେପରି ଦୁଇଟି ଭୋଜନ ମଧ୍ୟରେ ଅଧିକ ସମୟ ଉପବାସ ରହିବା କିମ୍ବା ଅତ୍ୟଧିକ ପରିଶ୍ରମ କରିବା ଫଳରେ ସେହି ଗ୍ଲାଇକୋଜେନ ପୁନଶ୍ଚ ଗ୍ଲୁକୋଜ୍‌ରେ ପରିବର୍ତ୍ତିତ ହୋଇ ରକ୍ତରେ ନିଜ ସ୍ତରକୁ ସାମାନ୍ୟ ସୀମା ଭିତରେ ରଖିଥାଏ। କିନ୍ତୁ ମଧୁମେହ ରୋଗର ଭିନ୍ନ ଅବସ୍ଥାରେ ଶରୀରର ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ବିକୃତ ଘଟିଥାଏ।

ଶରୀରରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ମାତ୍ରାରେ କମିଯିବା ବା ଅଗ୍ନ୍ୟାଶୟରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇ ନ ଥାଏ କିମ୍ବା କୌଣସି କାରଣରୁ ଏହା ନିପ୍ରଭାବ ହୋଇଯିବା କାରଣରୁ କୋଷିକାମାନଙ୍କରେ ରକ୍ତରେ ଗ୍ଲୁକୋଜ ସହଜରେ ପ୍ରବେଶ କରିପାରି ନ ଥାଏ। ତେଣୁ ରକ୍ତରେ ସବୁବେଳ ପାଇଁ ଗ୍ଲୁକୋଜର ସ୍ତର ସାମାନ୍ୟ ପରିମାଣରୁ ଅଧିକ ରହିଥାଏ ତା'ସହିତ ଗ୍ଲୁକୋଜ ଅତୃପ୍ତ କୋଷିକାରେ ନିଜଠାରେ ଜମା ରଖିଥିବା ପ୍ରୋଟିନ୍ ଓ ବସାରେ ଗ୍ଲୁକୋଜ୍ ତିଆରି ଆରମ୍ଭ କରି ଦେଇଥାନ୍ତି, ଯାହାଦ୍ୱାରା ରକ୍ତରେ ଗ୍ଲୁକୋଜର ପରିମାଣ ବଢ଼ିଯାଇଥାଏ।

ଶରୀରରେ ଗ୍ଲୁକୋଜର ସ୍ତର ଅଧିକ ହେଲେ ରକ୍ତ ସଫା ହୋଇ ନ ପାରି ଏହା ଉର୍ଜା ଉପରେ ନିର୍ଭର କରେ। ଉର୍ଜା ଏ କାମ କରି ନ ପାରି ଅଧିକନ୍ତୁ ମୂତ୍ରରେ ଗ୍ଲୁକୋଜର ମାତ୍ରା ବଢ଼ାଇଥାଏ ଏହି ଗ୍ଲୁକୋଜ ମୂତ୍ର ସହ ବାହାରକୁ ବାହାରିଥାଏ। ତେଣୁ ରୋଗୀର ମୂତ୍ର ମାତ୍ରାର ଆହୁରି ଅଧିକ ହୋଇଥାଏ। ବାରମ୍ବାର ଅତ୍ୟଧିକ ମୂତ୍ର ତ୍ୟାଗ କରିବା ଦ୍ୱାରା ଶରୀରରେ ପାଣି, ଖଣିଜଲବଣ ଓ ଇଲେକ୍ଟ୍ରୋଲାଇଟ୍ ଆଦି କମ୍ ହେବାକୁ ଲାଗିଥାଆନ୍ତି। ଯାହାଦ୍ୱାରା ରୋଗୀକୁ ଅଧିକ ଶୋଷ ଲାଗିଥାଏ ଓ ଅଧିକ ମାତ୍ରାରେ ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ। କୋଷିକାମାନେ ଭୋଜନରୁ ପ୍ରାପ୍ତ ଗ୍ଲୁକୋଜର ଉପଯୋଗ କରିପାରି ନ ଥିବାରୁ ଅତୃପ୍ତ ରହିଥାଆନ୍ତି। ତେଣୁ ବାରମ୍ବାର ଭୋକ ଲାଗିଥାଏ।

ଶରୀରରେ ସଞ୍ଚିତ ପ୍ରୋଟିନ୍ ଓ ବସା ଜମା ହୋଇ ନ ପାରି ଗ୍ଲୁକୋଜରେ ପରିଣତ ହୋଇ ଶରୀରକୁ ଦୁର୍ବଳ କରିଥାଏ। ମାଂସପେଶୀ ଶୁଖିଯାଏ। ମଧୁମେହ ରୋଗ ସୃଷ୍ଟି ହେବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଆଖିର ଜ୍ୟୋତି କମ୍ ହୋଇଯିବା ଓ ଯୌନ ସମସ୍ୟା ମଧ୍ୟ ଦେଖାଯାଇଥାଏ।

ଶରୀରରେ ଗ୍ଲୁକୋଜର ମାତ୍ରା କମିଯାଉଥିବାରୁ ଶରୀର ଅଧିକ ଗ୍ଲୁକୋଜ ଯୋଗାଡ଼ରେ ଲାଗିପଡ଼େ। ଶରୀରରେ ସଂଗୃହୀତ ବସା ନଷ୍ଟ ହେବା ପରେ ଶରୀରରେ ଏସିଟୋନ୍ ବଢ଼ିବା ପରେ ରକ୍ତରେ ଅମ୍ଳୀୟତା ମଧ୍ୟ ବଢ଼ିଥାଏ। କାର୍ବନ ଡାଇଅକ୍ସାଇଡ୍‌ର ମାତ୍ରା ରକ୍ତରେ ବଢ଼ିଥାଏ। ଅଧିକ ମୂତ୍ର ହେବା ଦ୍ୱାରା ଜଳ ଅଂଶ କମ୍ ହୋଇଥାଏ। ଏହି ଅବସ୍ଥାକୁ ଡାଇବେଟିକ୍ କିଟୋ ଏସିଡୋମିସ୍ କୁହାଯାଏ। ବାରମ୍ବାର ଶୋଷ ହେବା ଦ୍ୱାରା, ବାରମ୍ବାର ମୂତ୍ର ତ୍ୟାଗ ହେବା ଦ୍ୱାରା ଶରୀରରେ ପୀଡ଼ା ହୋଇଥାଏ। ଉଦରରେ ବେଦନା ହୋଇଥାଏ, ଦୃଷ୍ଟିଶକ୍ତି କମ୍‌ଜୋର୍ ହୋଇଯାଇଥାଏ, ବାନ୍ତି ଲାଗୁଥାଏ, ଅଧିକ ନିଃଶ୍ୱାସ ନେବାକୁ ପଡ଼େ, ପାଟି ଶୁଖି ଶୁଖି ଯାଇଥାଏ, ତ୍ୱଚା ଶୁଖିଲା ଥାଏ। ଏହି ଅବସ୍ଥାରେ ରୋଗୀ ବେହୋସ ସ୍ଥିତିରେ ପଡ଼ିଥାଏ। ଏହି ଅବସ୍ଥାକୁ ଡାଇବେଟିକ୍ କୋମା କୁହାଯାଏ।

"ଶରୀରରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ମାତ୍ରାରେ କମିଯିବା ବା ଅଗ୍ନ୍ୟାଶୟରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇ ନ ଥାଏ କିମ୍ବା କୌଣସି କାରଣରୁ ଏହା ନିପ୍ରଭାବ ହୋଇଯିବା କାରଣରୁ କୋଷିକାମାନଙ୍କରେ ରକ୍ତରେ ଗ୍ଲୁକୋଜ ସହଜରେ ପ୍ରବେଶ କରିପାରି ନ ଥାଏ। ତେଣୁ ରକ୍ତରେ ସବୁବେଳ ପାଇଁ ଗ୍ଲୁକୋଜର ସ୍ତର ସାମାନ୍ୟ ପରିମାଣରୁ ଅଧିକ ରହିଥାଏ ତା'ସହିତ ଗ୍ଲୁକୋଜ ଅତୃପ୍ତ କୋଷିକାରେ ନିଜଠାରେ ଜମା ରଖିଥିବା ପ୍ରୋଟିନ୍ ଓ ବସାରେ ଗ୍ଲୁକୋଜ୍ ତିଆରି ଆରମ୍ଭ କରି ଦେଇଥାନ୍ତି, ଯାହାଦ୍ୱାରା ରକ୍ତରେ ଗ୍ଲୁକୋଜର ପରିମାଣ ବଢ଼ିଯାଇଥାଏ।"

### ଏହି ରୋଗରେ କ'ଣ କରିବ

ମଧୁମେହ ରୋଗୀ ପ୍ରାକୃତିକ ଚିକିତ୍ସା ପଦ୍ଧତିରେ ଶରୀରର ଉପଚାର କରିବା ସହିତ ଖାଇବା ପିଇବାରେ ସଂଯମତା ଆଚରଣ କରିବା ସହିତ ଦିନଚର୍ଯ୍ୟାରେ କିଛି ପରିବର୍ତ୍ତନ କରିବା ଉଚିତ। ନିୟମିତ କିଛି ଯୋଗାସନ, ବ୍ୟାୟାମ ଏବଂ ଶରୀରର ବିଶେଷ ଅଂଶରେ ମାଲିସ ଆଦି କଲେ କିଛି ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ସକ୍ରିୟ ରହିଥାଏ। ଏହିପରି କରିବା ଦ୍ୱାରା ମଧୁମେହ ରୋଗୀ କୌଣସି ଔଷଧ ନ ନେଇ ମଧ୍ୟ ଆନନ୍ଦ ପୂର୍ବକ ଲମ୍ବାଜୀବନ ବିତାଇଥାଏ। ଏହି ମଧୁମେହର ଚିକିତ୍ସା ପ୍ରଣାଳୀକୁ ୩ ଭାଗରେ ବିଭକ୍ତ କରାଯାଇଛି, ସେହି ଅବସ୍ଥାକୁ ଆଖିରେ ରଖି ଚିକିତ୍ସା ଓ ଆହାର ଆଦି ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଔଷଧ ନିର୍ଦ୍ଧାରଣ କରାଯାଇଛି।

### ପ୍ରାକୃତିକ ଚିକିତ୍ସା ପ୍ରଣାଳୀ

ସକାଳେ ମଳତ୍ୟାଗ ପୂର୍ବରୁ ବା ପରେ ସୁବିଧା ଅନୁସାରେ ଏକ ଗ୍ଲାସ ଉଷୁମ ପାଣିରେ ଏକ ଲେମ୍ବୁରସ ଓ ୫ ମି.ଲି.ରୁ ୭ ମି.ଲି. ଅଦାରସ ମିଶାଇ ପିଇବ। ତା'ପରେ ୨ କି.ମି.ରୁ ୩ କି.ମି. ପ୍ରାତଃ ଭ୍ରମଣ କରିବ। ସେଠାରୁ ଫେରି କିଛି ସମୟ ବିଶ୍ରାମ କରି ପୁଣି ୫ରୁ ୭ ମିନିଟ୍ ଦୌଡ଼ି କିମ୍ବା ଜଗିଙ୍ଗ୍ ଆଦି କରିବ। ପୁଣି ୧୫/୨୦ ମିନିଟ୍ ଜୋର୍ ଜୋର୍ ଦୌଡ଼ିବ କିମ୍ବା ସାଇକେଲ ଚଳାଇବ। ଏହାଦ୍ୱାରା ଗ୍ଲୁକୋଜ୍ ୪୫ରୁ ୫୦ ଗ୍ରାମ ପର୍ଯ୍ୟନ୍ତ ଶରୀର ସଂଗ୍ରହ କରି ଦେଇଥାଏ। ପୁଣି କିଛି ସମୟ ବିଶ୍ରାମ କରି ୧୦ ମିନିଟ୍ ପର୍ଯ୍ୟନ୍ତ ଶୀର୍ଷାସନ, ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ, ପଶ୍ଚିମୋତ୍ତାନାସନ ନିୟମିତ ରୂପେ କରିବ। ଏତଦ୍‌ବ୍ୟତୀତ କୌଣସି ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରନ୍ତୁ।

*-ପ୍ଲଟ୍ ନମ୍ବର-୧୧୭,*
*ମହାନଦୀ ବିହାର, କଟକ-୪*
*ମୋ : ୯୪୩୭୨୭୨୬୬୩*

# ସର୍ଭିକାଲ ସ୍ପଣ୍ଡିଲୋସିସ୍



ଡା.ଅନନ୍ଦା ପ୍ରସାଦ ମହାନ୍ତି

**କାରଣ**

ଏହା ବେକର ମେରୁହାଡ଼ ସମ୍ପର୍କିତ ରୋଗ। ବୟସ ଅଧିକ ହେଲେ ବା ଖରାପ ଢଙ୍ଗରେ ବେଶି ସମୟ ବସି କାମ କଲେ ବା ମୁଣ୍ଡରେ ଓଜନ ଜିନିଷ ବୁହାଇଲେ ମୁଖ୍ୟତଃ ଏହି ରୋଗ ହୋଇଥାଏ। ମହିଳାମାନଙ୍କର ଋତୁସ୍ରାବ ବନ୍ଦହୋଇ କ୍ୟାଲସିୟମ୍ ପରିମାଣ କମିଗଲେ ମଧ୍ୟ ଏହି ରୋଗ ହୋଇଥାଏ।

**ଲକ୍ଷଣ**

-ବେକରେ ବ୍ୟଥାହେବା ଓ ପରେ ବେକର ଚଳନଶକ୍ତି (ମୁଭ୍‌ମେଣ୍ଟ) କମିଯାଏ।
-ସମୟେ ସମୟେ ବ୍ୟଥା ହାତକୁ ଆସିବା, ଏପରିକି ବୁଢ଼ା ଆଙ୍ଗୁଠି ପର୍ଯ୍ୟନ୍ତ ବ୍ୟାପିଯିବା।
-ମୁଣ୍ଡ ବୁଲାଇବା ବା ମୁଣ୍ଡ ଘୂରିବା।
-ବେକ ଟାଣ(ଷ୍ଟିଫ୍) ହୋଇଯିବା, ଫୁଲିଯିବା ଓ ବଙ୍କା ହୋଇଯିବା।
-ବେକ ମୂଳ ଜାଗା, ବାହୁ, ହାତ ଓ ବୁଢ଼ା ଆଙ୍ଗୁଠି ବଧିରା ଲାଗିବା।

**ରୋଗର ପ୍ରଭାବ**

-ବେକ ହାଡ଼ ମଧ୍ୟରେ ଥିବା ଡିସ୍କ ନଷ୍ଟ ହୋଇଯାଏ।
-ହାଡ଼କୁ ହାଡ଼ ଘସିହୋଇ ବ୍ୟଥା ହୁଏ ଓ ବେକର ଘୂର୍ଣ୍ଣନଶକ୍ତି ନଷ୍ଟ ହୋଇଯାଏ।
-ହାଡ଼ ପରସ୍ପର ଘସିହେବା ଦ୍ୱାରା ନୂଆ ଛୋଟ ହାଡ଼ ସୃଷ୍ଟି ହୋଇ ମେରୁହାଡ଼ର ସ୍ନାୟୁକୁ(ସ୍ପାଇନାଲ କର୍ଡ)କୁ ଚାପିଦିଏ। ଏହାଦ୍ୱାରା ବ୍ୟଥା ବେକରୁ ଆରମ୍ଭ ହୋଇ ହାତ ଓ ହାତର ବୁଢ଼ାଆଙ୍ଗୁଠି ପର୍ଯ୍ୟନ୍ତ ଯାଏ।
- ସି୪ରୁ ସି୭ ପର୍ଯ୍ୟନ୍ତ ଏହି ଚାରିଟା ହାଡ଼ ମୁଖ୍ୟତଃ କ୍ଷତିଗ୍ରସ୍ତ ହୁଏ।
-ପରେ ପରେ ଫାସେଟ୍ ଜଏଣ୍ଟ, ଲିଗାମେଣ୍ଟ ଓ ମାଂସପେଶୀ ଏବଂ ସ୍ନାୟୁ ମୂଳ କ୍ଷତିଗ୍ରସ୍ତ ହୁଏ।

"ହାଡ଼କୁ ହାଡ଼ ଘସିହୋଇ ବ୍ୟଥା ହୁଏ ଓ ବେକର ଘୂର୍ଣ୍ଣନଶକ୍ତି ନଷ୍ଟ ହୋଇଯାଏ। ହାଡ଼ ପରସ୍ପର ଘସିହେବା ଦ୍ୱାରା ନୂଆ ଛୋଟ ହାଡ଼ ସୃଷ୍ଟି ହୋଇ ମେରୁହାଡ଼ର ସ୍ନାୟୁକୁ(ସ୍ପାଇନାଲ କର୍ଡ)କୁ ଚାପିଦିଏ। ଏହାଦ୍ୱାରା ବ୍ୟଥା ବେକରୁ ଆରମ୍ଭ ହୋଇ ହାତ ଓ ହାତର ବୁଢ଼ାଆଙ୍ଗୁଠି ପର୍ଯ୍ୟନ୍ତ ଯାଏ।"

**ଚିକିତ୍ସା**

-ବେକକୁ ବିଶ୍ରାମ।
-ବ୍ୟଥା ପାଇଁ ଔଷଧ ସେବନ।
-ଗରମ ସେକ ଓ ମଲମ ପ୍ରଲେପ।
-ବେକର ବ୍ୟବହାର ଶୈଳୀ ଜାଣିବା ଓ ଶିଖିବା।
-ଫିଜିଓଥେରାପି ଏବଂ ବେକର ବ୍ୟାୟାମ।
-କ୍ୟାଲ୍‌ସିୟମ୍ ଓ ଭିଟାମିନ୍ ଡି-୩ ବଟିକା ସେବନ।
-ଡିଜିଟାଲ ଅଲ୍‌ଟ୍ରାସୋନିକ ରେଡିଏସନ୍ ଏବଂ ନର୍ଭ ଷ୍ଟିମ୍ୟୁଲେସନ୍।

*-ବରିଷ୍ଠ ପରାମର୍ଶଦାତା,*
*ଅସ୍ଥିଶଲ୍ୟ ଓ ଫିଜିଓଥେରାପି ବିଭାଗ*

# ସୁଗାର ଫ୍ରି ଖାଦ୍ୟ ଓ ଦାନ୍ତ



ଡାଇବେଟିସ ରୋଗୀ ବିଶେଷ ଭାବରେ ଖାଦ୍ୟପେୟ ପ୍ରତି ସଚେତନ ରହିଥାଆନ୍ତି। ସେମାନଙ୍କୁ ମିଠାଜାତୀୟ ଏବଂ କେତେକ ଖାଦ୍ୟଠାରୁ ଦୂରତା ଅବଲମ୍ବନ କରିବାକୁ ପଡ଼ିଥାଏ। ହେଲେ ଆଜିକାଲି ବଜାରରେ ବିଭିନ୍ନ ପ୍ରକାର ସୁଗାର ଫ୍ରି ଖାଦ୍ୟ ଉପଲବ୍ଧ, ଯାହାର ମଧ୍ୟ ଢେର୍ ଚାହିଦା ରହିଛି। ହେଲେ ଏପରି ଖାଦ୍ୟ ଡାଇବେଟିସ ରୋଗୀଙ୍କ ପାଇଁ ଦାନ୍ତଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏପରି ବିଷୟବସ୍ତୁ ଉପରେ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ସୁଗାର ଫ୍ରି ମିଠା ହେଉ କି ପାନୀୟ ଡାଇବେଟିସ ରୋଗୀଙ୍କର ଦାନ୍ତ ପାଇଁ ୩୦-୫୦ ପ୍ରତିଶତ କ୍ଷତିକାରକ। ପାଖାପାଖି ୨୩ ପ୍ରକାର ସୁଗାର ଫ୍ରି ଖାଦ୍ୟ ଏବଂ ପାନୀୟ ଉପରେ ସେମାନେ ଗବେଷଣା କରି ଏକଥା ଜାଣିପାରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏପରି ଖାଦ୍ୟରେ ଥିବା ଏସିଡିକ୍ କଲର ଦାନ୍ତ ପାଇଁ କ୍ଷତିକାରକ।

# ଇନ୍‌ଫେକ୍‌ଶନର କାରଣ ହୋଇପାରେ ଟୁଥ୍‌ବ୍ରଶ



ଇନ୍‌ଫେକ୍‌ଶନର କାରଣ ହୋଇ ପାରେ ଟୁଥ୍‌ବ୍ରଶ-ଏପରି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମେଡିସିନ ବିଶେଷଜ୍ଞମାନେ। ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଟୁଥ୍‌ବ୍ରଶ ଯଦି ବଦଳାଉ ନାହାନ୍ତି କିମ୍ବା ଦାନ୍ତ ଘଷିବା ପରେ ଏହାର ଠିକ୍ ଭାବରେ ତଥା ଯତ୍ନର ସହ ରଖୁନାହାନ୍ତି ତେବେ ଶରୀରରେ ଇନ୍‌ଫେକ୍‌ଶନ ହେବାର ଆଶଙ୍କା ରହିଛି। ଟୁଥ୍‌ବ୍ରଶକୁ ଯଦି ଓଦା ଅବସ୍ଥାରେ କଭର ଭିତରେ ରଖୁଛନ୍ତି ତେବେ ସେପରି ଅବସ୍ଥାରେ ଟୁଥ୍‌ବ୍ରଶରେ 'ମେଥିସିଲିନ୍ ରେଜିଷ୍ଟାଣ୍ଟ ଷ୍ଟାଫିଲୋକୋକୋସ୍ ଅରେଅସ' ନାମକ କ୍ଷତିକାରକ ଜୀବାଣୁ ସୃଷ୍ଟି ହୋଇଥାଆନ୍ତି। ଏହି ଜୀବାଣୁ ଶରୀର ଭିତରକୁ ପ୍ରବେଶ କଲେ ଇନ୍‌ଫେକ୍‌ଶନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଟୁଥ୍‌ବ୍ରଶକୁ ଦାନ୍ତ ଘଷି ସାରି ଏହା ଶୁଖିଯିବା ପରେ କଭର ଭିତରେ ରଖନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

- ❖ଘରେ ଯଦି କିଛି ମେଡିସିନ୍ ରଖିଛନ୍ତି ତେବେ ତାହାର ଏକ୍ସପାୟେରୀ ଡେଟ୍ ପ୍ରତି ସଚେତନ ରହନ୍ତୁ।
- ❖କେତେକ ରୋଗର ଚିକିତ୍ସା ସମୟରେ ଖାଦ୍ୟପେୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଏ ବିଷୟରେ ଡାକ୍ତରଙ୍କର ନିକଟରୁ ବିଷଦ ଭାବରେ ବୁଝିନିଅନ୍ତୁ।



- ❖ଯଦି ଆପଣଙ୍କୁ ଅସୁସ୍ଥ ଲାଗୁଛି ତେବେ ସୁସ୍ଥ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମ ବନ୍ଦ ରଖନ୍ତୁ।
- ❖କୌଣସି ସ୍ଥାନରେ ବ୍ୟାୟାମ କରିବା ପୂର୍ବରୁ ସେହି ସ୍ଥାନର ପରିବେଶ ପ୍ରତି ନଜର ଦିଅନ୍ତୁ। ସେହି ସ୍ଥାନ ପ୍ରଦୂଷଣମୁକ୍ତ ରହିବା ଆବଶ୍ୟକ।
- ❖ଯଦି ଆପଣ ଦିନତମାମ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ତେବେ ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ। ରାତିରେ ଅତିକମ୍‌ରେ ୬-୭ଘଣ୍ଟା ଶୁଅନ୍ତୁ।



- ❖ଯଦି କୌଣସି ରୋଗର ଲକ୍ଷଣ ବିଷୟରେ ଜାଣିପାରିଲେ ସେଥିପ୍ରତି ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ❖ବର୍ତ୍ତମାନ ଖରାଦିନ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପେଟଜନିତ ରୋଗ ସୃଷ୍ଟି କରିବ। ଏହି ଦିନରେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବାକୁ ପ୍ରଚୁର ପାଣି ପିଅନ୍ତୁ।



"କାରବାର ବଢ଼ାଇବା ଲାଗି ଅଡି ଇଣ୍ଡିଆ ଯୋଜନା ମୁତାବକ ଦେଶର ଟିୟର-୨, ଟିୟର-୩ ସହରରେ ପ୍ରଥମେ ୱାର୍କଶପ୍ ପ୍ରତିଷ୍ଠା ପରେ ଶୋ'ରୁମ୍ ଖୋଲିବା।

-ରାହିଲ ଅନସାରୀ, ଅଡି ଇଣ୍ଡିଆ ମୁଖ୍ୟ



"ଆସନ୍ତା ୫ ବର୍ଷ ମଧ୍ୟରେ ମାଷ୍ଟେକ ଡିଜିଟାଲର ରାଜସ୍ୱକୁ ୫୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି।

-ବିବେକ ଗୁପ୍ତା, ପ୍ରେସିଡେଣ୍ଟ ତଥା ସିଇଓ, ମାଷ୍ଟେକ ଡିଜିଟାଲ

## ସଂକ୍ଷେପରେ

### ଦୃଷ୍ଟିବାଧିତଙ୍କ ଲାଗି ଆର୍‌ବିଆଇର ନୋଟ୍ ଚିହ୍ନିବା ଆପ୍



**ମୁମ୍ବାଇ,୧୨-୫:** ଦୃଷ୍ଟିବାଧିତଙ୍କୁ ସହଜରେ ନୋଟ୍ ଚିହ୍ନିବାରେ ସହାୟତା କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ମୋବାଇଲ ଆପ୍ ଆଣିବାକୁ ଯାଉଛି। ବର୍ତ୍ତମାନ ଦେଶରେ ୫,୧୦,୨୦,୫୦,୧୦୦, ୨୦୦, ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଛି। ଏହାବ୍ୟତୀତ କେନ୍ଦ୍ର ସରକାର ୧ ଟଙ୍କିଆ ନୋଟ୍ ଜାରି କରୁଛନ୍ତି। ଦୃଷ୍ଟିବାଧିତ ଯେପରି ସହଜରେ ନୋଟ୍ ଚିହ୍ନି ପାରିବେ ସେଥିପାଇଁ ଆର୍‌ବିଆଇ ପକ୍ଷରୁ ୧୦୦ଟଙ୍କାରୁ ଊର୍ଦ୍ଧ୍ୱ ନୋଟ୍‌କୁ ଇଣ୍ଟାଗ୍ଲିଓ ପ୍ରିଣ୍ଟିଂ କରିଥାଏ। ଅର୍ଥାତ୍ ଏଭଳି ନୋଟ୍‌ରେ ଲେଖାଯାଇଥିବା ଅକ୍ଷରସବୁ ସାମାନ୍ୟ ଉଠି ରହିଥାଏ। ଯାହାକୁ ଛୁଇଁ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ସହଜରେ ନୋଟ୍ ଚିହ୍ନି ପାରୁଛନ୍ତି। ନୂଆ ମୋବାଇଲ ଆପ୍ ତିଆରି ଲାଗି ଆର୍‌ବିଆଇ ପକ୍ଷରୁ ଟେକ୍ନିକାଲ ବିଡିଂ ଆହ୍ୱାନ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପୁରୁଣା ଓ ନୂଆ ମହାତ୍ମା ଗାନ୍ଧୀ ସିରିଜର ବୈଧ ନୋଟ୍‌କୁ ମୋବାଇଲ ଆପ୍ କ୍ୟାମେରା ସମ୍ମୁଖରେ ଧରିବା କ୍ଷଣି ଏହା ତୁରନ୍ତ ନୋଟ୍‌କୁ ଚିହ୍ନଟ କରିପାରିବ। ଏଭଳି ବ୍ୟବସ୍ଥା ବିକଶିତ କରିବା ଲାଗି ଆପ୍ ନିର୍ମାତାଙ୍କୁ କୁହାଯାଇଛି। ଏହାଛଡ଼ା ଏହି ଆପ୍ ଯେକୌଣସି ଆପ୍ ଷ୍ଟୋରରେ ଭଏସ୍ କଲ୍ ଜରିଆରେ ଖୋଜାଯାଇପାରୁଥିବା ମାତ୍ର ୨ ସେକେଣ୍ଡ ମଧ୍ୟରେ ନୋଟ୍ ଚିହ୍ନଟ ଲାଗି ବ୍ୟବସ୍ଥା ରହିବ।

### 'ଏନ୍‌ବିଏଫ୍‌ସି ସେକ୍ଟରରେ ବଢ଼ିବ ସଙ୍କଟ'




**ନୂଆଦିଲ୍ଲୀ,୧୨-୫:** ଦେଶର ଅଣ-ବ୍ୟାଙ୍କିଙ୍ଗ୍ କମ୍ପାନୀ କ୍ଷେତ୍ର (ଏନ୍‌ବିଏଫ୍‌ସି) ସଙ୍କଟର ଦ୍ୱାରଦେଶରେ ଛିଡ଼ା ହୋଇଛି। କେତେକ ବଡ଼ କମ୍ପାନୀ ଦ୍ୱାରା ହୋଇଥିବା ବିତ୍ତୀୟ ଅନୀୟମିତତା ଏବଂ ଋଣ ପ୍ରଦାନ ପାଇଁ ଅର୍ଥର ଅଭାବ ଯୋଗୁ ଉକ୍ତ କ୍ଷେତ୍ର ଧ୍ୱସ୍ତ ହେବାକୁ ଯାଉଛି ବୋଲି କେନ୍ଦ୍ର ସରକାର ଚେତାଇଛନ୍ତି। ସୂଚନାଥାଉ କି, ନିକଟ ଅତୀତରେ ବିଭିନ୍ନ କାରବାର ସହ ଜଡ଼ିତ ଆଇଏଲଆଣ୍ଡଏଫ୍‌ଏସ୍ ଗ୍ରୁପ୍‌ରେ ଦେଖାଦେଇଥିବା ସଙ୍କଟ ଯୋଗୁ କେତେକ ବଡ଼ କମ୍ପାନୀ ଋଣ ଫେରସ୍ତ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦେଶର ଅର୍ଥବ୍ୟବସ୍ଥା ଉପରେ ଏହାର ବେଶ୍ ପ୍ରଭାବ ପଡ଼ିଛି ଏବଂ ସମସ୍ୟା ସୃଷ୍ଟି ହୋଇଛି। ମିଡିଆ ସହ ଆଲୋଚନା କାଳରେ କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି ଯେ, ଏନ୍‌ବିଏଫ୍‌ସି ସେକ୍ଟର ଋଣ ପାଉ ନଥିବା ବେଳେ ଅଧିକ ଋଣ ପ୍ରଦାନ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା କେତେକ ବଡ଼ କମ୍ପାନୀଙ୍କ ଭୁଲ୍ ନିଷ୍ପତ୍ତିର ମୂଲ୍ୟ ସେମାନଙ୍କୁ ଦେବାକୁ ପଡୁଛି। ସେ କହିଛନ୍ତି ଯେ, ଏନ୍‌ବିଏଫ୍‌ସି ସେକ୍ଟରରେ ସଙ୍କଟ ଆସୁଛି। ତେବେ ସେ ଆଶ୍ୱସ୍ତ କରି କହିଛନ୍ତି ଯେ, ଯେଉଁ କମ୍ପାନୀଗୁଡ଼ିକ ଏହି ସମସ୍ୟା ପାଇଁ ଦାୟୀ, ସେମାନେ ଏହି ବିପଦକୁ ଠିକ୍ ଢଙ୍ଗରେ ପରିଚାଳନା କରୁଛନ୍ତି। ଫଳରେ ବିପଦ ବୃଦ୍ଧି ପାଇବାର ସମ୍ଭାବନା ଅନେକାଂଶରେ କମିଛି।

### ପୁଞ୍ଜି ବଜାରରୁ ୩୨୦୭ କୋଟି କାଢ଼ି ନେଲେ ଏଫପିଆଇ

**ମୁମ୍ବାଇ,୧୨-୫:** ପୁଞ୍ଜି ବଜାରରୁ ଫରେନ ପୋର୍ଟଫୋଲିଓ ନିବେଶକମାନେ ୩୨୦୭ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ବ୍ୟବସାୟିକ ଯୁଦ୍ଧ ଯୋଗୁ ନିବେଶକଙ୍କ ଚିନ୍ତା ବଢ଼ିଯାଇଛି। ଏହାର ପ୍ରଭାବ ପୁଞ୍ଜି ବଜାରରେ ପଡ଼ିଥିବା ଜଣାପଡ଼ିଛି। ବିଦେଶୀ ନିବେଶକମାନେ ଫେବୃୟାରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ଯଥାକ୍ରମେ ୧୧,୧୮୨ କୋଟି, ୪୫,୯୮୧ କୋଟି ଏବଂ ୧୬,୦୯୩ କୋଟି ପୁଞ୍ଜି ବଜାରରେ ନିବେଶ କରିଥିଲେ। ଡିପୋଜିଟୋରୀ ସୂଚନା ମୁତାବକ ଚଳିତ ମାସର ବର୍ତ୍ତମାନ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ୧୩୪୪ କୋଟି ଟଙ୍କା ନିବେଶ କରିଥିବା ବେଳେ ୪୫୫୨ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ନିବେଶକମାନେ ୩୨୦୭ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ଜଣାପଡ଼ିଛି।

# କିରାନାରେ କ୍ରାନ୍ତି ଆଣିବ ରିଲାଏନ୍ସ

<u>ନୂଆଦିଲ୍ଲୀ,୧୨-୫</u>

- ଦେଶରେ ୭୦୦ ବିଲିୟନ ଡଲାରର ଖୁଚୁରା ବଜାର
- ୯୦% ଖୁଚୁରା ବଜାର ଅସଙ୍ଗଠିତ
- ୨୦୨୩ ସୁଦ୍ଧା ୫୦ ଲକ୍ଷ ଛୁଇଁପାରେ ଡିଜିଟାଲ ରିଟେଲ ଷ୍ଟୋର
- ବିଶ୍ୱର ସର୍ବବୃହତ୍ ଅନ୍‌ଲାଇନ ଟୁ ଅଫଲାଇନ ପ୍ଲାଟଫର୍ମ ପ୍ରସ୍ତୁତ କରୁଛି ରିଲାଏନ୍ସ



ମୁକେଶ ଅମ୍ବାନୀଙ୍କ ଦ୍ୱାରା ପରିଚାଳିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦେଶର ଟେଲିକମ୍ ଶିଳ୍ପରେ ପରିବର୍ତ୍ତନ ଆଣିବା ପରେ ଏବେ କିରାନା ବା ଖୁଚୁରା ଷ୍ଟୋର କ୍ଷେତ୍ରରେ କ୍ରାନ୍ତି ଆଣିବା ଦିଗରେ ଅଗ୍ରସର ହେଉଛି। ଦେଶରେ ୭୦୦ ବିଲିୟନ ଡଲାରର ଖୁଚୁରା ବଜାର ରହିଛି। ଏହାର ୯୦% ଅସଙ୍ଗଠିତ । ରିଲାଏନ୍ସ ବର୍ତ୍ତମାନ ଦେଶରେ ବିଶ୍ୱର ସର୍ବବୃହତ୍ ଅନଲାଇନ ଟୁ ଅଫଲାଇନ ଇ-କମର୍ସ ପ୍ଲାଟଫର୍ମ ଆଣିବା ଦିଗରେ କାର୍ଯ୍ୟ କରୁଛି। ଅନ୍‌ଲାଇନ ରିଟେଲରେ ରିଲାଏନ୍ସର ଏଭଳି ପ୍ରୟାସ ଯୋଗୁ ଦେଶରେ ଥିବା ବର୍ତ୍ତମାନର ୧୫୦୦୦ ଡିଜିଟାଲ ରିଟେଲ ଷ୍ଟୋର ୨୦୨୩ ବେଳକୁ ୫୦ ଲକ୍ଷ ଛୁଇଁପାରେ। ବ୍ୟାଙ୍କ ଅଫ୍ ଆମେରିକା ମେରିଲ ଲିଞ୍ଚ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଘରୋଇ ବଜାରର କିରାନା ଷ୍ଟୋରଗୁଡ଼ିକ ସାଧାରଣତଃ ତେଜରାତି ଏବଂ ଅନ୍ୟ ସାମଗ୍ରୀ ବିକ୍ରି କରିଥାନ୍ତି। ଉକ୍ତ ଷ୍ଟୋରଗୁଡ଼ିକ ସେମାନଙ୍କ ଟେକ୍ନୋଲୋଜିକୁ ଉନ୍ନତୀକରଣ ଲାଗି ଆଗ୍ରହୀ ଥିବାରୁ ଏହା ଆଧୁନିକୀକରଣକୁ ପ୍ରୋତ୍ସାହନ କରିବାରେ ବିଶେଷ ସହାୟକ ହେବ ବୋଲି ଅଧ୍ୟୟନରୁ ସାମ୍ନାକୁ ଆସିଛି। ବାଣିଜ୍ୟର ପରିଭାଷା ଏବେ ବଦଳୁଛି। ଆଧୁନିକ ବାଣିଜ୍ୟରେ ଇ-କମର୍ସ ଅନ୍ୟ ବାଣିଜ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଏ ଦିଗରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଜିଏସ୍‌ଟି ଅନୁପାଳନ ବିଲ୍ ଏବେ ବାଧ୍ୟତାମୂଳକ ହୋଇଥିବାରୁ ସଂସ୍ଥାଗୁଡ଼ିକ ଏହା ଗ୍ରହଣ କରିବାକୁ ବାଧ ହୋଇଛନ୍ତି।

ସାରା ଦେଶରେ ରିଲାଏନ୍ସର ୧୦,୦୦୦ ରିଟେଲ ଆଉଟଲେଟ ରହିଛି। ବିଶ୍ୱର ସର୍ବବୃହତ୍ ଅନଲାଇନ ଟୁ ଅଫଲାଇନ ମାର୍କେଟ ପ୍ଲେସ ଆଡକୁ ଏହା ଏବେ ଅଗ୍ରସର। ରିଲାଏନ୍ସ ବର୍ତ୍ତମାନ କିରାନା ଷ୍ଟୋରଗୁଡ଼ିକରେ ଜିଓ ମୋବାଇଲ ପଏଣ୍ଟ ଅଫ୍ ସେଲ(ଜିଓ ଏମ୍‌ପିଓଏସ୍) ସ୍ଥାପନା ଦିଗରେ କାର୍ଯ୍ୟ କରୁଛି। ଏହା ଦ୍ୱାରା ସ୍ଥାନୀୟ ଯୋଗାଣକାରୀ କମ୍ପାନୀର ୪ଜି ହାଇସ୍ପିଡ ନେଟୱର୍କ ସହ ଯୋଡି ହେବେ। ସେହିଭଳି ଗ୍ରାହକମାନେ ଏହାକୁ ଅର୍ଡର ଯୋଗାଣ ଲାଗି ବ୍ୟବହାର କରିପାରିବେ। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ନାପବିଜ, ନୁକଡ ଶପ୍ ଗୋଫ୍ରୁଗାଲ ଭଳି ପ୍ଲାଟଫର୍ମକୁ ଏହା ପଛରେ ପକାଇବ ବୋଲି ଅନୁମାନ କରାଯାଉଛି।

ଜିଓ ଏମ୍‌ପିଓଏସ୍ ୩୦୦୦ ଟଙ୍କା ନିବେଶରେ ଉପଲବ୍ଧ ହେଉଛି। ଯାହାକୁ ସ୍ନାପବିଜ ୫୦,୦୦୦ ଟଙ୍କାରେ ବିକ୍ରି କରୁଛି। ସେହିଭଳି ନୁକଡ ଶପ୍ ଏଥିଲାଗି ୩୦ ହଜାର ଏବଂ ଗୋ ଫ୍ରୁଗାଲ ୫୫ ହଜାର ଚାର୍ଜ କରୁଛି। ଏଥିଲାଗି ସଫ୍ଟୱେର ଲାଗି ୧୫ ହଜାରରୁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଜିଓ ଏହାର ଏମ୍‌ପିଓଏସ୍ ଲାଗି କୌଣସି ମର୍ଚ୍ଚାଣ୍ଡାଇଜ ଡିସକାଉଣ୍ଟ ରେଟ(ଏମ୍‌ଡିଆର୍) ଚାର୍ଜ ନେବ ନାହିଁ। ଏଥିରେ ଲୟାଲଟି ପ୍ରୋଗ୍ରାମ ପ୍ରଦାନ କରିବ। ସେହିଭଳି ମର୍ଚ୍ଚାଣ୍ଡାଇଜ ଡେଲିଭରି, ବିଜ୍ଞାପନ, ଯୋଗାଣ କ୍ଷେତ୍ର ସଂଯୋଗୀକରଣ ଭଳି କ୍ଷେତ୍ରରେ ମଧ୍ୟ ସହାୟତା କରିବ। ଏଣୁ ଏହି କ୍ଷେତ୍ରରେ ରିଲାଏନ୍ସର ପ୍ରବେଶ କ୍ରାନ୍ତିକାରୀ ସାବ୍ୟସ୍ତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି।

## ବ୍ରିଟେନର ଅତିଧନୀ ତାଲିକା

# ହିନ୍ଦୁଜା ଭ୍ରାତା ଶୀର୍ଷରେ

<u>ଲଣ୍ଡନ,୧୨-୫</u>

ବ୍ରିଟେନର ଅତିଧନୀଙ୍କ ତାଲିକାରେ ଏନ୍‌ଆର୍‌ଆଇ ହିନ୍ଦୁଜା ଭ୍ରାତା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୨୨ ବିଲିୟନ ପାଉଣ୍ଡ(ପ୍ରାୟ ୨ ଲକ୍ଷ କୋଟି ଟଙ୍କା) ସମ୍ପତ୍ତି ସହ ହିନ୍ଦୁଜା ଭ୍ରାତା ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଅନ୍ୟତମ ପ୍ରବାସୀ ଭାରତୀୟ ରୁବେନ ଭ୍ରାତା ୧୮.୬୬ ବିଲିୟନ ପାଉଣ୍ଡ (୧,୬୯,୫୦୦ କୋଟି ଟଙ୍କା)ର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନକୁ ଉଠି ଆସିଛନ୍ତି। ବ୍ରିଟେନରେ ହିନ୍ଦୁଜା ଗ୍ରୁପ୍ ଅଫ୍ କମ୍ପାନୀ ଚଳାଉଥିବା ଶ୍ରୀଚନ୍ଦ ଏବଂ ଗୋପୀଚନ୍ଦ ହିନ୍ଦୁଜାଙ୍କ ସମ୍ପତ୍ତି ଗତବର୍ଷ ତୁଳନାରେ ୧.୩୫ ବିଲିୟନ ପାଉଣ୍ଡ ବୃଦ୍ଧି ପାଇଛି। ଏଭଳି ଭାବେ ସେମାନେ 'ସଣ୍ଡେ ଟାଇମ୍ସ'ର ସବୁଠାରୁ ଧନୀ ତାଲିକାର ପ୍ରଥମ ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି। ଏଥିପୂର୍ବରୁ ୨୦୧୪ ଏବଂ ୨୦୧୭ରେ ମଧ୍ୟ ସେମାନେ ଏହି ତାଲିକାର ଶୀର୍ଷରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ରୁବେନ ଭ୍ରାତା ମୁମ୍ବାଇରେ ଜନ୍ମିତ ୮୦ ବର୍ଷୀୟ ଡେଭିଡ୍ ରୁବେନ ଏବଂ ୭୭ ବର୍ଷୀୟ ସାଇମନ ରୁବେନ ଗତବର୍ଷ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ସେମାନଙ୍କ ସମ୍ପତ୍ତି ୩.୫୬ ବିଲିୟନ ପାଉଣ୍ଡ ବୃଦ୍ଧି ପାଇଛି।



ଶ୍ରୀଚନ୍ଦ ହିନ୍ଦୁଜା ଓ ଗୋପିଚାନ୍ଦ ହିନ୍ଦୁଜା

ସେହିପରି ଅନ୍ୟତମ ଏନ୍‌ଆର୍‌ଆଇ ଲକ୍ଷ୍ମୀ ନିବାସ ମିତ୍ତଲଙ୍କ ସମ୍ପତ୍ତି ୩.୯୯ ବିଲିୟନ ପାଉଣ୍ଡ ହ୍ରାସ ପାଇଛି। ଫଳରେ ସେ ଅତିଧନୀନଙ୍କ ତାଲିକାରେ ଗତବର୍ଷ ୫ମ ସ୍ଥାନରେ ରହିଥିବା ବେଳେ ଚଳିତବର୍ଷ ୧୧ତମ ସ୍ଥାନକୁ ଖସିଯାଇଛନ୍ତି। ଅନ୍ୟପକ୍ଷରେ ଗତବର୍ଷ ଶୀର୍ଷ ସ୍ଥାନରେ ରହିଥିବା ଏକ ରାସାୟନିକ କମ୍ପାନୀର ପ୍ରତିଷ୍ଠାତା ସାର୍ ଜିମ୍ ର୍ୟାଟକ୍ଲିଫ୍ ୧୮.୧୫ ବିଲିୟନ ପାଉଣ୍ଡ ସମ୍ପତ୍ତି ସହ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି।

# ନିଯୁକ୍ତି ସଙ୍କଟ: ନୂଆ ସରକାରଙ୍କୁ ଆହ୍ୱାନ

<u>ନୂଆଦିଲ୍ଲୀ,୧୨-୫</u>




ଆଉ କେଇଟା ଦିନ ପରେ ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ମହାକୁମ୍ଭ ଶେଷ ହୋଇଯିବ। ମେ ୨୩ରେ ଫଳାଫଳ ଘୋଷଣା ପରେ କେନ୍ଦ୍ରରେ ନୂଆ ସରକାର କ୍ଷମତାକୁ ଆସିବେ। କିନ୍ତୁ ଆର୍ଥିକ ଦୃଷ୍ଟିରୁ ଦେଖିଲେ ଅନେକ ଆର୍ଥିକ ଆହ୍ୱାନ ରହିଛି, ଯାହାର ସାମ୍ନା ନୂଆ ସରକାରଙ୍କୁ କରିବାକୁ ହେବ। ତନ୍ମଧ୍ୟରେ ନିଯୁକ୍ତି ହ୍ରାସ ସଙ୍କଟ ଦୂର କରିବା ପ୍ରାଥମିକତା ହେବ। କାରଣ ସମସ୍ତ ସଙ୍କେତରୁ ଜଣାପଡୁଛି ଯେ, ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହି କାରଣରୁ ନିଯୁକ୍ତି ସ୍ଥିତି ବିଗିଡି ଚାଲିଛି।

ଦେଶର ଆର୍ଥିକ ସ୍ଥିତିର ଅନୁଧ୍ୟାନ ଔଦ୍ୟୋଗିକ ଉତ୍ପାଦନରୁ ବେଶ ସ୍ପଷ୍ଟ ହୁଏ। ମାର୍ଚ୍ଚରେ ଆଇଆଇପି ଅର୍ଥାତ୍ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ୦.୧%କୁ ହ୍ରାସ ପାଇଛି। ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଔଦ୍ୟୋଗିକ ଉତ୍ପାଦନର ଏହି ସ୍ତର ବିଗତ ୨୧ ମାସର ସର୍ବନିମ୍ନ କୁହାଯାଉଛି। ଫଳରେ ବିନିର୍ମାଣ(ମାନୁଫାକଚରିଂ) କ୍ଷେତ୍ର ହ୍ରାସ ପାଇବା ଚିନ୍ତାର ବିଷୟ ହୋଇଛି। ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି ପ୍ରଫେସର ଏନ୍.ଆର.ଭାନୁମୂର୍ତ୍ତି କହିଛନ୍ତି ଯେ, ଔଦ୍ୟୋଗିକ ଉତ୍ପାଦନ ହ୍ରାସ ପାଇବା ଯୋଗୁ ରୋଜଗାର ସୃଷ୍ଟିରେ ଏହାର ଗଭୀର ପ୍ରଭାବ ପଡ଼ିବ। ଆର୍ଥିକ ବର୍ଷ ୨୦୧୮-୧୯ରେ ଆର୍ଥିକ ଅଭିବୃଦ୍ଧି(ଜିଡିପି) ୭%ରୁ କମ୍ ରହିପାରେ। ଏହି କାରଣରୁ ନୂଆ ରୋଜଗାର ସୃଷ୍ଟି ଉପରେ ଏହାର ପ୍ରଭାବ ପଡ଼ିବା ନିଶ୍ଚିତ।

## ସିମ୍ ଭଳି ପୋର୍ଟେବଲ ହେବ ସେଟ୍ ଟପ୍ ବକ୍ସ

**ନୂଆଦିଲ୍ଲୀ,୧୨-୫:** ଗ୍ରାହକଙ୍କୁ ଭଲ ତଥା ଅଧିକ ସେବା ଯୋଗାଣ ପ୍ରତି ଦୃଷ୍ଟିନିବଦ୍ଧ କରିଥିବା ଭାରତୀୟ ଟେଲିକମ ରେଗୁଲେଟୋରୀ ଅଥରିଟି(ଟ୍ରାଇ) ବର୍ଷ ଶେଷରେ ଏକ ନୂଆ ନିୟମ ଆଣିବାକୁ ଯାଉଛି। ଯାହାଦ୍ୱାରା ମୋବାଇଲ ସିମ୍ ଭଳି ସେଟ୍ ଟପ୍ ବକ୍ସ(ଏସ୍‌ଟିବି)କୁ ମଧ୍ୟ ପୋର୍ଟେବଲ କରିହେବ। ଏ ସମ୍ପର୍କରେ ଟ୍ରାଇ ସମସ୍ତ ବିକଳ୍ପ ଉପରେ ବିଚାର କରୁଛି। ବର୍ତ୍ତମାନ ପ୍ରତ୍ୟେକ ଡିଟିଏଚ୍ କମ୍ପାନୀ ନିଜସ୍ୱ ସେଟ୍ ଟପ୍ ବକ୍ସ ପ୍ରଚଳନ କରିଛନ୍ତି। ଏଭଳି ସ୍ଥିତିରେ ସେବାରେ ଅସନ୍ତୁଷ୍ଟ ଗ୍ରାହକ ସେଟ୍ ଟପ୍ ବକ୍ସ ବଦଳାଇ ପାରୁନାହାନ୍ତି। କାରଣ ତାଙ୍କୁ ପୁଣିଥରେ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ ଏବଂ ତାଙ୍କର ପୁରୁଣା ବକ୍ସ ବେକାର ହୋଇଯାଏ।

## ସିପେଟ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୨-୫:** ମଞ୍ଚେଶ୍ୱରସ୍ଥିତ ସିପେଟ ସିଏସ୍‌ଟିଏସ୍ ପକ୍ଷରୁ ପୁରୀର କଣାସ ବ୍ଲକରେ ରିଲିଫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିପେଟ ଶାଖାର କେନ୍ଦ୍ର ମୁଖ୍ୟ ନିହାରିକା ପରିଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶାଖାର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ଏବଂ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

# ବଜାଜର ନୂଆ ଆଭେଞ୍ଜର ଷ୍ଟ୍ରିଟ ୧୬୦

<u>ନୂଆଦିଲ୍ଲୀ,୧୨-୫</u>

ବଜାଜ ଅଟୋ ପକ୍ଷରୁ ବଜାରକୁ ଆସିଛି ନୂଆ ଆଭେଞ୍ଜର ଷ୍ଟ୍ରିଟ ୧୬୦ ଏବିଏସ୍ ଭାରିଆଣ୍ଟ। ନୂଆ ଉନ୍ମୋଚନ ସହ କମ୍ପାନୀ ସ୍ପୋର୍ଟସ ବାଇକ୍ ସେଗମେଣ୍ଟରେ ନିଜର ଉପସ୍ଥିତିକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏଥିରେ ସିଙ୍ଗଲ ଚ୍ୟାନେଲ ଏବିଏସ୍, ରୋଡଷ୍ଟର ଡିଜାଇନର ହେଡ ଲ୍ୟାମ୍ପ, ଏଲଇଡି ଡିଆର୍‌ଏଲ୍, ନୂଆ ଗ୍ରାଫିକ୍ସ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ୧୫୦-୧୬୦ ସିସି ବର୍ଗରେ ଗ୍ରାହକଙ୍କୁ ସ୍ପୋର୍ଟି କ୍ରୁଇଜର ଅନୁଭୂତି ପ୍ରଦାନ କରିବ। ଯୁବବର୍ଗଙ୍କ କ୍ରୁଇଜର ଷ୍ଟାଇଲ ଆବଶ୍ୟକତା ପୂରଣ ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆଭେଞ୍ଜର ଷ୍ଟ୍ରିଟ ୧୬୦ ଏବିଏସ୍ ସମସାମୟିକ ଷ୍ଟାଇଲ ସହିତ କ୍ଲାସିକାଲ ରୋଡଷ୍ଟର ଡିଜାଇନକୁ ବଜାୟ ରଖିଥିବା ବଜାଜ ଅଟୋର ମାର୍କେଟିଂ ଉପସଭାପତି ନାରାୟଣ ସୁନ୍ଦରରମଣ ସୂଚନା ଦେଇଛନ୍ତି। ଏହା ଇବୋନି ବ୍ଲାକ ଏବଂ ସ୍ପାଇସି ରେଡ ରଙ୍ଗରେ ଉପଲବ୍ଧ। ମଡେଲଟିର ବଜାର ଦର ୮୨,୨୫୩ ଟଙ୍କା ରହିଛି।

# ୨ ଆଞ୍ଚଳିକ ମୁଖ୍ୟଙ୍କ ଦାୟିତ୍ୱ ଗ୍ରହଣ

<u>ଭୁବନେଶ୍ୱର,୧୨-୫</u>

## ଆଲ୍ଲାହାବାଦ ବ୍ୟାଙ୍କ



ସନ୍ଦୀପ କୁମାର ଘୋଷାଲ



ଉତ୍ତମ ଦତ୍ତ

ଆଲ୍ଲାହାବାଦ ବ୍ୟାଙ୍କ ଭୁବନେଶ୍ୱର-୧ ଏବଂ ୨ର ନୂଆ ଆଞ୍ଚଳିକ ମୁଖ୍ୟ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଭୁବନେଶ୍ୱର-୧ ଆଞ୍ଚଳିକ କାର୍ଯ୍ୟାଳୟ ନୂଆ ମୁଖ୍ୟ ଭାବେ ସନ୍ଦୀପ କୁମାର ଘୋଷାଲ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେହିଭଳି କାର୍ଯ୍ୟାଳୟ ୨ର ନୂଆ ଆଞ୍ଚଳିକ ମୁଖ୍ୟ ଭାବେ ସହାୟକ ମହାପ୍ରବନ୍ଧକ ଉତ୍ତମ ଦତ୍ତ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଘୋଷାଲ ପୂର୍ବରୁ ଦେଓଗଡସ୍ଥିତ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୯୧ରେ ଆଲ୍ଲାହାବାଦ ବ୍ୟାଙ୍କରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ହରିୟାଣା ଓ ଚଣ୍ଡିଗଡ ଭଳି ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ଦୀର୍ଘ ୨୮ ବର୍ଷର ଅଭିଜ୍ଞତା ରହିଛି। କ୍ରେଡିଟର ଅଭିବୃଦ୍ଧି, ମାନବ ସମ୍ବଳ କ୍ଷେତ୍ରରେ ଦକ୍ଷତା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସେହିଭଳି ଉତ୍ତମ ଦତ୍ତ ପୂର୍ବରୁ କଲିକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ।

# ଏସିସି ସିମେଣ୍ଟ ପକ୍ଷରୁ ଫନୀ ସହାୟତା




**ଭୁବନେଶ୍ୱର,୧୨-୫:** ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଏସିସି ସିମେଣ୍ଟ ସହାୟତାର ହାତ ବଢ଼ାଇଛି। କମ୍ପାନୀ ପକ୍ଷରୁ ରିଲିଫ ଏବଂ ପୁନର୍ବାସ ସହାୟତା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କ ସହାୟତା ଦିଗରେ ପଦକ୍ଷେପ ଜାରି ରହିବ ବୋଲି ଏସିସି ଲିମିଟେଡର ଏମ୍‌ଡି ତଥା ସିଇଓ ନୀରଜ ଅଖୌରୀ ସୂଚନା ଦେଇଛନ୍ତି। ପୁରୀ ଜିଲାର ବ୍ରହ୍ମଗିରି ଅଞ୍ଚଳରେ କମ୍ପାନୀ ପକ୍ଷରୁ ୧୦୦ ଲୋକ ରିଲିଫ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ଏଥିରେ ଏସିସି ହେଲ୍‌ପ ଭ୍ୟାନକୁ ନିୟୋଜିତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଚାଇନାକୁ ଟ୍ରମ୍ପଙ୍କ ଚେତାବନୀ

# ସାଲିସ ନ କଲେ ପରିଣାମ ଭୋଗିବ

<u>ନୂଆଦିଲ୍ଲୀ,୧୨-୫</u>

ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଥମୁନାହିଁ। ଏପରିସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାକୁ ଚେତାବନୀ ଦେଇଛନ୍ତି। ବାଣିଜ୍ୟ ନେଇ ଆମେରିକା ସହ ସାଲିସ କରିବାକୁ ଟ୍ରମ୍ପ କହିଛନ୍ତି। ଏଭଳି ନ କଲେ ପରିଣାମ ଭୟାବହ ହେବା ସହ ଅସୁବିଧା ଭୋଗିବ ବୋଲି ଟ୍ରମ୍ପ ଚାଇନାକୁ କହିଛନ୍ତି। ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧର ସମାପ୍ତି ଲାଗି ଅନେକ ଚେଷ୍ଟା ହୋଇଛି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହେଉଛି। ଏହି କ୍ରମରେ ଚାଇନା ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବେଜିଂଠାରେ ଆଗାମୀ ଦିନରେ ଅନୁଷ୍ଠିତ ହେବ ବୋଲି ଚାଇନାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୈଠକ କେବେ ଅନୁଷ୍ଠିତ ହେବ ସେ ନେଇ ଅଧିକାରୀ ଜଣକ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ଚାଇନା କୌଣସି ସାଲିସ କରିବ ନାହିଁ ବୋଲି ଅଧିକାରୀ କହିଛନ୍ତି। ଟ୍ରମ୍ପ ଏକ ଟୁଇଟ ଯୋଗେ କହିଛନ୍ତି ଯେ, ଆମେରିକା ନିଷ୍ପତ୍ତିରେ ଚାଇନାକୁ ଏଭଳି ଝଟକା ଲାଗିଛି ଯେ, ୨୦୨୦ରେ ଆସିବାକୁ ଥିବା ନିର୍ବାଚନ ଯାଏ ଏହା ଅପେକ୍ଷା କରିବାକୁ ଚାହୁଁଛି। ସେମାନେ ଏୟା ଦେଖିବାକୁ ଚାହିଁଛନ୍ତି ଯେ, ୨୦୨୦ରେ କିଏ ଆମେରିକା ରାଷ୍ଟ୍ରପତି ହେଉଛି। ଯଦି କୌଣସି ଡେମୋକ୍ରାଟ ଆମେରିକାର ରାଷ୍ଟ୍ରପତି ହେଲେ ତେବେ ସେମାନେ ପ୍ରତିବର୍ଷ ୫୦୦ ବିଲିୟନ ଡଲାର ଲୁଟ୍ ଲଗେଇବା ଜାରି ରଖିବେ। ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ନିର୍ବାଚନରେ ମୁଁ ପୁଣି ଆସିବି। ଆମେରିକା ଇତିହାସରେ ରୋଜଗାର ତଥା ଆର୍ଥିକ ସ୍ଥିତି ତାଙ୍କ ସମୟରେ ଭଲ ରହିଥିବା ଟ୍ରମ୍ପ କହିଛନ୍ତି। ତେଣୁ ତାଙ୍କର ଦ୍ୱିତୀୟ ପାଳିରେ ବାଣିଜ୍ୟିକ ଆଲୋଚନା ହେଲେ ଏହା ଚାଇନା ପାଇଁ ମଙ୍ଗଳକର ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏଣୁ ବର୍ତ୍ତମାନ ଆଲୋଚନା କରିନେବା ଚାଇନା ଲାଗି ମଙ୍ଗଳକାରୀ ହେବ।

# ଟେଲିକମ୍ ନେଟୱର୍କ ପୁନରୁଦ୍ଧାର ହେଲା

<u>ଭୁବନେଶ୍ୱର,୧୨-୫(ବ୍ୟୁରୋ)</u>



**କମ୍ପାନୀଗୁଡ଼ିକର କ୍ଷତି ୭୦୦ କୋଟି ଛୁଇଁପାରେ**

ବାତ୍ୟା ପରେ ରାଜ୍ୟର ୧୪ ଉପକୂଳବର୍ତ୍ତୀ ଜିଲାରେ ଟେଲିକମ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ପୁରୀ,ଖୋର୍ଦ୍ଧା, କଟକ ଭଳି ଜିଲାଗୁଡ଼ିକରେ ଟେଲିକମ୍ ଭିତ୍ତିଭୂମି ବିଶେଷ ପ୍ରଭାବିତ ହୋଇଛି। ମାତ୍ର ବାତ୍ୟାର ଗୋଟିଏ ସପ୍ତାହ ପରେ ପ୍ରମୁଖ କମ୍ପାନୀଗୁଡ଼ିକ ସେମାନଙ୍କ ନେଟୱର୍କ ସର୍ଭିସକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଥିବା ଶିଳ୍ପ ସୂତ୍ରରୁ ସୂଚନା ରହିଛି। କମ୍ପାନୀଗୁଡ଼ିକ ଫନୀ ଯୋଗୁ ଓଡ଼ିଶାରେ ୭୦୦ କୋଟି ଟଙ୍କା କ୍ଷୟକ୍ଷତି ସହି ପାରନ୍ତି ବୋଲି ଆକଳନ କରାଯାଇଛି। ଟେଲିକମ୍ ଶିଳ୍ପର ସୂଚନା ମୁତାବକ ଭୋଡାଫୋନ ଆଇଡିଆ ଲିମିଟେଡ, ଏୟାରଟେଲ, ରିଲାଏନ୍ସ ଜିଓ ଏବଂ ରାଷ୍ଟ୍ରାୟତ୍ତ ବିଏସ୍‌ଏନଏଲ୍ ସେମାନଙ୍କ ନେଟୱର୍କକୁ ପୁନରୁଦ୍ଧାର କରିଛନ୍ତି।

ଟେଲିକମ୍ ବିଭାଗ ତଥ୍ୟ ମୁତାବକ ୬୦୦ ବେସ୍ ଟ୍ରାନ୍ସିଭର ସିଷ୍ଟମ(ବିଟିଏସ୍) ଫନି ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଭୁବନେଶ୍ୱରରେ ପ୍ରାୟ ୩୪% ଏବଂ କଟକରେ ୩୭% ବିଟିଏସ୍ ସାମିଲ ରହିଛି। ଭୁବନେଶ୍ୱରରେ ୧୮୦୦ ବିଟିଏସ୍ ଟାୱାର ରହିଥିବା ବେଳେ କଟକରେ ଏହାର ସଂଖ୍ୟା ୧୩୦୦ ରହିଛି।

ରିଲାଏନ୍ସ ଜିଓ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାତ୍ୟା ପ୍ରଭାବିତ ଅଞ୍ଚଳରେ କମ୍ପାନୀ ଏହାର ୮୫% ନେଟୱର୍କକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛି। ରିଲାଏନ୍ସ ଜିଓର ୮୫% ସାଇଟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ପାରିଛି। ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଥିବା ବେଳେ ଅସୁବିଧା ଥିବା ଅନ୍ୟ ଅଞ୍ଚଳଗୁଡ଼ିକୁ ମଧ୍ୟ ଶୀଘ୍ର ଠିକ୍ କରାଯିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ବାତ୍ୟା ପ୍ରଭାବିତ ଅଞ୍ଚଳରେ ୧୫୦୦ରୁ ଊର୍ଦ୍ଧ୍ୱ ଟେଲିକମ୍ ସାଇଟକୁ ପୁନରୁଦ୍ଧାର କରାଯାଇଥିବା ଭୋଡାଫୋନ ଆଇଡିଆ ଲିମିଟେଡ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ କମ୍ପାନୀର ଆଇସିଆର ଏବଂ ଭିଆଇଏଲ୍ ନେଟୱର୍କ ଦ୍ୱାରା ଅନ୍ୟ ସେବା ଯୋଗାଣକାରୀଙ୍କ ୪.୫ ଲକ୍ଷ ଗ୍ରାହକ ଲାଭବାନ ହୋଇଥିବା ବେଳେ ବାତ୍ୟା ପରେ ପରେ ଦ୍ରୁତ ଭିତ୍ତିରେ ନେଟୱର୍କକୁ ସଜାଡିବାକୁ ସକ୍ଷମ ହୋଇଥିବା ଏହା ପ୍ରକାଶ କରିଛି।

ଅଧିକାଂଶ ସ୍ଥାନରେ କ୍ଷତିଗ୍ରସ୍ତ ନେଟୱର୍କକୁ ସୁଧାରିଥିବା ରାଷ୍ଟ୍ରାୟତ୍ତ ବିଏସ୍‌ଏନ୍‌ଏଲ୍ କହିଛି। ଏହା ମଧ୍ୟରେ ପୁରୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଏଠାରେ କମ୍ପାନୀ ନେଟୱର୍କ ଉନ୍ନତୀକରଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କହିଛି।

ସେହିଭଳି ଅନ୍ୟତମ ପ୍ରମୁଖ ଟେଲିକମ୍ କମ୍ପାନୀ ଏୟାରଟେଲ ନେଟୱର୍କ ପୁନରୁଦ୍ଧାର କାର୍ଯ୍ୟକୁ ଜୋରଦାର କରିଥିବା କହିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ରାଜ୍ୟର ପୁରୀ-ଭୁବନେଶ୍ୱର ବେଲ୍ଟରେ ମୋବାଇଲ ନେଟୱର୍କର ଦ୍ରୁତ ପୁନରୁଦ୍ଧାର ଲାଗି ସେଲ୍ ଅନ୍ ହ୍ୱିଲ ପଦକ୍ଷେପ ଗ୍ରହଣ କରିଛି। ସଂଯୋଗ ସୁବିଧା ଉନ୍ନତିକରଣରେ ଏହା ୧୩ ସେଲ୍ ଅନ୍ ହ୍ୱିଲ ନିୟୋଜିତ କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ମେ, ୨୦୧୯



“ ଚଳିତ ଇଂଲଣ୍ଡ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଜିତିବାକୁ ହେଲେ ଆମକୁ ଜୋସ୍ ବଟଲରଙ୍କ ବ୍ୟାଟିଂରେ ଅଙ୍କୁଶ ଲଗାଇବାକୁ ପଡ଼ିବ ।

–ମିକି ଆର୍ଥର,ପାକିସ୍ତାନ କ୍ରିକେଟ କୋଚ୍



“ ଅଂଶା, ଅଜୱା, ଅସ୍ମାରା ଏବଂ ଅକ୍ସା ନାମ୍ନୀ ୪ ଝିଅ ମୋ ପାଇଁ ବହୁ ମୂଲ୍ୟବାନ। ସେମାନଙ୍କ ଅଭିଳାଷ ପୂରଣ ଲାଗି ମୋର ଚେଷ୍ଟା ରହିବ ।

–ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ କ୍ରିକେଟର



## ସଂକ୍ଷେପରେ

### ସବ୍‌ଜୁନିୟର ହକି: ଓଡ଼ିଶାର ବିଜୟଧାରା ଜାରି

**କଟକ ଅଫିସ,୧୨।୫:** ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଚାଲିଥିବା ୯ମ ଜାତୀୟ ସବ୍‌ଜୁନିୟର ବାଳକ ଚାମ୍ପିୟନଶିପ୍‌-୨୦୧୯(ଡିଭିଜନ-ଏ)ରେ ଓଡ଼ିଶା ଦଳର ବିଜୟ ଯାତ୍ରା ଜାରି ରହିଛି। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ହକି ଓଡ଼ିଶା ୬-୦ ଗୋଲରେ ନାମଧାରୀ ଏକାଦଶକୁ ପରାସ୍ତ କରିଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ଦଳ ୧୫-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇ ଦେଇଥିଲା। ରବିବାର ମ୍ୟାଚ୍‌ର ୪ର୍ଥ ମିନିଟରେ ପ୍ରତାପ ଟପ୍ପୋ ଫିଲ୍ଡ ଗୋଲ ମାଧମରେ ହକି ଓଡ଼ିଶା ତରଫରୁ ପ୍ରଥମ ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟରରେ ଓଡ଼ିଶା ୩ଟି ଗୋଲ ଦେଇଥିଲା। ୭ମ ମିନିଟରେ ରାଜମୋନ ତେଲି ଓ ୧୦ମ ମିନିଟରେ ଆଶିଷ ଖେସ୍ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅଧିନାୟକ ଲାବନ ଲୁଗୁନ ୪୦ତମ ମିନିଟରେ, ରୋଶନ କୁଜୁର ୫୦ତମ ମିନିଟରେ ଓ ପାଲୁସ ଲାକ୍ରା ୬୦ମିନିଟରେ ଗୋଟିଏ ଲେଖାଏଁ ଗୋଲ ଦେଇଛନ୍ତି ।

### ଫୁଟ୍‌ବଲ ତାଲିମ ଶିବିର ପୁନଃ ଆରମ୍ଭ

**ଭୁବନେଶ୍ୱର, ୧୨।୫(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ୟୁନିଟ୍‌-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ତାଲିମ ଶିବିର ଗତ ଏପ୍ରିଲ ୨୮ରୁ ଆରମ୍ଭ ହୋଇ ମେ ୧୯ ପର୍ଯ୍ୟନ୍ତ ଚାଲିବାର ସ୍ଥିରୀକୃତ ହୋଇଥିଲା। କିନ୍ତୁ ସାମୁଦ୍ରିକ ବାତ୍ୟା ଫନୀ ହେତୁ ଏହି ଶିବିର ମେ ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ସାମୟିକ ସ୍ଥଗିତ ରଖାଯାଇଥିଲା। ଫଳରେ ରବିବାରଠାରୁ ଏହି ଶିବିର ପୁଣି ଆରମ୍ଭ ହୋଇଛି ଏବଂ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ମୋଟ୍ ୩ଟି ବୟସ ବର୍ଗରେ ୪୫ଜଣ ବାଳକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବାବେଳେ ସୋମବାରଠାରୁ ଶିବିରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆୟୋଜକ କ୍ଲବର ସଭାପତି ତପନ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି। କ୍ଲବ ପକ୍ଷରୁ ମୋବାଇଲ ଦ୍ୱାରା ଅଭିଭାବକ ଓ ଖେଳାଳିଙ୍କୁ ଯୋଗାଯୋଗ ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଥିବା ସମ୍ପାଦକ ଦିଲୀପ ଦାସ କହିଛନ୍ତି।

### ନାଡାଲଙ୍କ ବିଦାୟ, ଫାଇନାଲରେ ଜୋକୋଭିଚ୍

**ମାଡ୍ରିଡ୍‌,୧୨।୫(ଏଏଫ୍‌ପି):** ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଟାଇଟଲ ପାଇଁ ଷ୍ଟେଫାନସ ତସିତ୍‌ସିପାସଙ୍କ ସହ ମୁକାବିଲା କରିବେ। ୨୦ ବର୍ଷୀୟ ଷ୍ଟେଫାନସ ସେମିଫାଇନାଲରେ କ୍ଲେ କୋର୍ଟ ରାଜା ଭାବେ ଜଣାଶୁଣା ରାଫାଲ ନାଡାଲଙ୍କୁ ହରାଇ ଦେଇଛନ୍ତି। ସେମିଫାଇନାଲରେ ୬-୪, ୨-୬, ୬-୩ ସେଟ୍‌ରେ ସ୍ପାନିଶ କିମ୍ବଦନ୍ତୀ ତଥା ୧ନଂ ର୍‍ୟାଙ୍କ ନାଡାଲ ପରାସ୍ତ ହୋଇଛନ୍ତି। ଅନ୍ୟ ଏକ ସେମିଫାଇନାଲରେ ୨ୟ ସିଡ୍ ଜୋକୋଭିଚ୍ ୭-୬ (୭/୨), ୭-୬ (୭/୪) ସେଟ୍‌ରେ ଡୋମିନିକ ଥିମ୍‌ଙ୍କୁ ପରାସ୍ତ କରିଛନ୍ତି।

# ଆମିକସ୍ କ୍ୟୁରିଙ୍କୁ ଭେଟିଲେ ଆଶୀର୍ବାଦ, ଧୀରେନ, ଦୀପକ

**କଟକ ଅଫିସ, ୧୨।୫**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ବିଧାନ ସଂଶୋଧନକୁ ନେଇ ଏବେ ବି ଅଡୁଆ ରହିଛି। ପୂର୍ଣ୍ଣ ସଦସ୍ୟତା ଦେବା କ୍ଷେତ୍ରରେ ଟାଳଟୁଳ ନୀତି ଆପଣାଯାଇଛି ବୋଲି ରାଜ୍ୟର ବିଭିନ୍ନ କ୍ରିକେଟ କ୍ଲବ ଅଭିଯୋଗ କରିଛନ୍ତି। ଏହି ଅଡୁଆ ତୁଟାଇବାକୁ ବିସିସିଆଇ ଆମିକସ୍ କ୍ୟୁରି ଶନିବାର ସ୍ୱତନ୍ତ୍ର ବୈଠକ ଡକାଇଥିଲେ। ଦିଲ୍ଲୀ ସୁପ୍ରିମକୋର୍ଟରେ ଆମିକସ୍ କ୍ୟୁରି ପି.ଏସ୍. ନରିସୀମାଙ୍କୁ ଭେଟିଛନ୍ତି ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ଓ ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ। ଓଡ଼ିଶା କ୍ରିକେଟର ଭାଗ୍ୟ, ଭବିଷ୍ୟତକୁ ନେଇ ଦୀର୍ଘ ସମୟର ଆଲୋଚନା ହୋଇଛି। ସମ୍ବିଧାନ ସଂଶୋଧନକୁ ନେଇ ରହିଥିବା ବିବାଦକୁ ତୁଟାଇବାକୁ ଆମିକସ୍ କ୍ୟୁରି ମତ ରଖିଛନ୍ତି। ତିନିଜଣଙ୍କୁ ପୃଥକ୍ ପୃଥକ୍ ଭାବେ ଆମିକସ୍ କ୍ୟୁରି ଡାକି ପଚରାଉଚରା କରିଛନ୍ତି। ଏହି ବୈଠକ ଓ ଆଲୋଚନାରୁ ଏହା ପ୍ରତିଫଳିତ ହେଉଛି ଯେ, ଓସିଏ ନିର୍ବାଚନ ପାଖେଇ ଆସୁଛି। ଓସିଏର ସମ୍ବିଧାନକୁ ତ୍ରୁଟିଶୂନ୍ୟ କରାଯାଇ ଓ ବିଭିନ୍ନ କ୍ଲବ, ସଙ୍ଗଠନର ଅଭିଯୋଗକୁ ସମାଧାନ କରାଯାଇ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହେବାର ଏହା ପୂର୍ବାଭାଷ।

ଗତବର୍ଷ ଅଗଷ୍ଟ ୨୧ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ସମ୍ବିଧାନ ସଂଶୋଧନ କରାଯିବା ନେଇ ନିର୍ଦ୍ଦେଶ ଆସିଥିଲା। ନିର୍ଦ୍ଦେଶନାମାରେ ଏକ ମାସ ମଧ୍ୟରେ ସମ୍ବିଧାନ ସଂଶୋଧନ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଏ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯିବା ପରେ ସମସ୍ତଙ୍କ ମତ ଲୋଡ଼ି ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଓସିଏ କାର୍ଯ୍ୟକାରୀ କମିଟି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ କୁହାଯାଇଥିଲା। ମାତ୍ର ବୈଠକ ଡକା ନ ଯାଇ ସମ୍ବିଧାନ ସଂଶୋଧନ ରିପୋର୍ଟ ପ୍ରସ୍ତୁତ କରାଯାଇ ପଠାସରିଛି ବୋଲି ଜଣାପଡ଼ିବା ପରେ ସେପ୍ଟେମ୍ବର ଶେଷ ସପ୍ତାହରେ ରାଜ୍ୟ କ୍ରିକେଟ କ୍ଷେତ୍ରରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ସମ୍ବିଧାନ ସଂଶୋଧନ ରିପୋର୍ଟରେ କ୍ଲବଗୁଡ଼ିକୁ ବାଦ୍ ଦିଆଯାଇଥିବା ଜାଣି ପ୍ରମୁଖ କ୍ଲବର ମାଲିକମାନେ ମେଳି ବାନ୍ଧିବା ସହ ଏହାକୁ ତୀବ୍ର ବିରୋଧ କରିଥିଲେ। ଏପରି କି ଏ ନେଇ କ୍ଲବ ମାଲିକମାନେ ବିସିସିଆଇର ସିଇଓ ରାହୁଲ ଜୋହରୀ ଓ ସିଓଏର ଅଧକ୍ଷ ବିନୋଦ ରୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏପରି କି ବରିଷ୍ଠ କ୍ରୀଡ଼ା ସଙ୍ଗଠକମାନେ ଆଇନର ଦ୍ୱାରସ୍ଥ ମଧ୍ୟ ହୋଇଥିବା ଜଣାପଡ଼ିଥିଲା। ଯେଉଁ ୨୦ଟି କ୍ଲବର ନାମ ଓସିଏ ପଠାଇଛି ସେଗୁଡ଼ିକ ହେଲା– ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନ୍‌ରାଇଜ କ୍ଲବ, ସନ୍‌ସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ସହିଦ ସ୍ପୋର୍ଟିଂ କ୍ଲବ, ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦଙ୍କୁ କ୍ଲବ, ସ୍କୁଲ ଓ କଲେଜର ସଦସ୍ୟତା ନେଇ ଆମିକସ୍ ଅଧିକ ପଚରାଉଚରା କରିଛନ୍ତି। ଆଗାମୀ ଦିନରେ ବିଭିନ୍ନ ଘରୋଇ ଟୁର୍ନାମେଣ୍ଟର ତାରିଖ ପାଖେଇ ଆସୁଥିବାରୁ ପୂର୍ଣ୍ଣ ସଦସ୍ୟତା ଦେବା କ୍ଷେତ୍ରରେ ହେଉଥିବା ସମସ୍ୟାର ସମାଧାନ ନେଇ ମତ ରଖିବାକୁ ଆଶୀର୍ବାଦଙ୍କୁ କୁହାଯାଇଥିଲା। ପୂର୍ବରୁ ଓସିଏର ବାଇ ଲ’ ଅନୁଯାୟୀ କ୍ଲବ, ସ୍କୁଲ ଓ କଲେଜକୁ ସଦସ୍ୟତା ମିଳିଛି ବୋଲି ଆଶୀର୍ବାଦ କହିଥିଲେ। ଏହାଛଡ଼ା ଓସିଏର ସମସ୍ତ ପଦବୀ ଫାଙ୍କା ହେବା ପରଠାରୁ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ବିଭିନ୍ନ କାର୍ଯ୍ୟ ଆଗେଇନେବା ସମ୍ପର୍କରେ ମଧ୍ୟ ଆଶୀର୍ବାଦ ଆଲୋଚନା କରିଛନ୍ତି। ଓସିଏରେ ମୁଖ୍ୟ ସମସ୍ୟା କ’ଣ ରହିଛି ବୋଲି ଆମିକସ୍ କ୍ୟୁରି କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇଙ୍କୁ ପଚାରିଥିଲେ। ଏହାର ଜବାବରେ ଅଧକ୍ଷ ପଲାଇ କେବଳ ଅର୍ଥସଙ୍କଟ ବୋଲି ମତ ଦେଇଛନ୍ତି। ସମ୍ବିଧାନ ସଂଶୋଧନର ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ କ୍ଲବଗୁଡ଼ିକୁ ସଦସ୍ୟତା ନ ଦେବାର ପ୍ରଶ୍ନରେ ଅଧକ୍ଷ ପଲାଇ କହିଥିଲେ ଯେ, ଲୋଧା କମିଟିର ସୁପାରିସ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଥିଲା। ନିୟମ ବାହାରକୁ ଯାଇ କୌଣସି କାର୍ଯ୍ୟ କରାଯାଇନାହିଁ। କ୍ଲବଗୁଡ଼ିକୁ ସଦସ୍ୟତା ଦିଆଯିବ କି ନାହିଁ ସେ ନେଇ ଅନେକଥର ସିଓଏକୁ ଚିଠି ଲେଖାଯାଇଥିଲା ବୋଲି ସେ କହିଥିଲେ। ଭୁବନେଶ୍ୱରର ଦୁଇ କ୍ଲବ ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ସଦସ୍ୟତା ନେଇ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଦୁଇ କ୍ଲବ ପକ୍ଷରୁ ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ଆମିକସ୍ କ୍ୟୁରିଙ୍କ ନିକଟରେ ହାଜର ହୋଇଥିଲେ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିଲେ ମଧ୍ୟ ପୂର୍ଣ୍ଣ ସଦସ୍ୟତା ଦିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଦୀପକ ମତ ଦେଇଥିଲେ। ଦୀପକ ନିଜେ ଜଣେ ଜାତୀୟସ୍ତରର ଖେଳାଳି ହୋଇଥିବାବେଳେ ତାଙ୍କ ଦ୍ୱାରା ପରିଚାଳିତ ଏହି କ୍ଲବରୁ ପେସ୍ ବୋଲର ରାଜେଶ ମହାନ୍ତି ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଏବେ ରାଜେଶ ରାଜ୍ୟ ରଣଜୀ ଦଳର ଜଣେ ଆଗଧାଡ଼ିର ଦ୍ରୁତ ବୋଲର। ରାମେଶ୍ୱର ସ୍ପୋର୍ଟିଂକୁ ସଦସ୍ୟତା ନ ଦିଆଯିବା ଯୋଗୁ ଆମିକସ୍ କ୍ଷୋଭ ମଧ୍ୟ ପ୍ରକାଶ କରିଥିଲେ ବୋଲି ଦୀପକ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରୁ ମୋଟ ୫୧ଟି କ୍ଲବ ସଦସ୍ୟତା ପାଇବା ନିମନ୍ତେ ସିଓଏ ନିବେଦନ କରିଛନ୍ତି। ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂକୁ ସଦସ୍ୟତା ଦିଆଯିବା ନେଇ କିଛିମାତ୍ରାରେ ଗ୍ରୀନ୍ ସିଗ୍‌ନାଲ ମିଳିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।



ଆଶୀର୍ବାଦ ବେହେରା



ଧୀରେନ ପଲାଇ



ଦୀପକ ମଙ୍ଗରାଜ

**ଓସିଏ ସମ୍ବିଧାନ ସଂଶୋଧନ ଘଟଣା**

- ଅଡୁଆ ତୁଟାଇବାକୁ ଆମିକସ୍‌ଙ୍କ ଆହ୍ୱାନ
- ସଦସ୍ୟତା ଆଶାରେ ରାଜ୍ୟର ୫୧ କ୍ଲବ
- ସହିଦ, ରାମେଶ୍ୱର ସ୍ପୋର୍ଟିଂକୁ ଗ୍ରୀନ୍ ସିଗ୍‌ନାଲ



ବ୍ରାଇଟନ୍ (ଇଂଲଣ୍ଡ): ଇଂଲିଶ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଟ୍ରଫି ସହ ମାଞ୍ଚେଷ୍ଟର ସିଟି ଦଳର ଖେଳାଳିମାନେ। ରବିବାର ଆମେକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ଦଳ ୪–୧ ଗୋଲରେ ବ୍ରାଇଟନକୁ ହରାଇ ଚାମ୍ପିୟନ ହୋଇଛି।

# ହାମିଲଟନ ଜିତିଲେ ସ୍ପାନିଶ ଗ୍ରାଁ ପ୍ରି

**ମଣ୍ଟମେଲ (ସ୍ପେନ୍), ୧୨।୫**

(ଏଏଫ୍‌ପି) – ମର୍ସିଡିଜର ଲୁଇସ୍ ହାମିଲଟନ ସ୍ପାନିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ତାଙ୍କ ମର୍ସିଡିଜ ଟିମ୍‌ମେଟ୍ ଭାଲଟେରି ବୋଟାସ ଦ୍ୱିତୀୟ ହୋଇଛନ୍ତି। ଫଳରେ ଚଳିତ ସିଜନରେ ମର୍ସିଡିଜ ଟିମ୍ କ୍ରମାଗତ ଭାବେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଛି। ଫେରାରି ଟିମ୍‌ର କୌଶଳ ସତ୍ତ୍ୱେ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତୃତୀୟ ହୋଇଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲ ଏବଂ ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ଯଥାକ୍ରମେ ୪ର୍ଥ ଓ ୫ମସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଟପ୍ ୧୦ରେ ଯଥାକ୍ରମେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ପିଏରେ ଗାସ୍‌ଲି (ରେଡ୍ ବୁଲ୍), କେଭିନ ମାଗ୍ନସେନ (ହାସ୍), କାର୍ଲୋସ ସେଞ୍ଜ ଜୁନିୟର (ମ୍ୟାକଲରେନ), ଡାନିଲ କ୍ୟାଟ୍(ଟୋରୋ ରୋସୋ) ଏବଂ ରୋମେନ ଗ୍ରୋସ୍‌ଜେଁ (ହାସ୍)। କ୍ରମାଗତ ୫ଟି ରେସ୍‌ରେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ମର୍ସିଡିଜର ଦୁଇ ଡ୍ରାଇଭରଙ୍କ ମଧ୍ୟରୁ ହାମିଲଟନ ୩ନୋଟି ବିଜୟ ଲାଭ କରିଛନ୍ତି। ସ୍ପେନରେ ଟାଇଟଲ ହାସଲ ଦ୍ୱାରା ହାମିଲଟନ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ବୋଟାସଙ୍କଠାରୁ ୭ ପଏଣ୍ଟ ଆଗରେ ପ୍ରଥମ ସ୍ଥାନରେ ଅଛନ୍ତି। ଉଭୟଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭର୍ଷ୍ଟାପେନ ୪୬ ପଏଣ୍ଟ ପଛରେ ରହିଛନ୍ତି। ଭେଟେଲ ଭର୍ଷ୍ଟାପେନଙ୍କଠାରୁ ୨ ପଏଣ୍ଟ ପଛରେ ଚତୁର୍ଥ ସ୍ଥାନରେ ଅଛନ୍ତି।

# ମତଦାନ ସାବ୍ୟସ୍ତ କଲେ କୋହଲି

**ଗୁରୁଗ୍ରାମ,୧୨।୫:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ରବିବାର ହରିୟାଣାର ଗୁରୁଗ୍ରାମରେ ଚଳିତ ଲୋକ ସଭା ନିର୍ବାଚନର ୬ଷ୍ଠ ପର୍ଯ୍ୟାୟରେ ମତଦାନ ସାବ୍ୟସ୍ତ କରିଛନ୍ତି। ଏକ ଟିଶାର୍ଟ ପରିଧାନ କରିଥିବା କୋହଲି ଭୋଟ ଦେବା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ସେ କାହାରି ସହ କଥା ହୋଇ ନ ଥିଲେ। କିନ୍ତୁ ପ୍ରଶଂସକଙ୍କ ଅନୁରୋଧ ପରେ କିଛି ଅଟୋଗ୍ରାଫ ଦେଇଥିଲେ। ମତଦାନ କରିବା ପରେ ବୁଥ୍ ଭଲ୍ୟୁଣ୍ଟରଙ୍କ ନିବେଦନ କ୍ରମେ ଭୋଟରଙ୍କ ଲାଗି ସଚେତନ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବାକୁ ସେ ରାଜି ହୋଇଥିଲେ। ଏହାପରେ କ୍ରିକେଟର କାଳି ଲାଗିଥିବା ଆଙ୍ଗୁଠି ଦେଖାଇ ପ୍ରଶଂସକଙ୍କ ସେଲଫି ଓ ଫଟୋ ଉଠାଇଥିଲେ। ହରିୟାଣାର ଗୁରୁଗ୍ରାମରେ ଭାଜପା ପ୍ରାର୍ଥୀ ରାଓ ଇନ୍ଦ୍ରଜିତ ସିଂ ଓ କଂଗ୍ରେସର କ୍ୟାପଟେନ ଅଜୟ ସିଂ ଯାଦବଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀ ହେଉଛି। ଗତ ୨୦୧୪ରେ ଇନ୍ଦ୍ରଜିତ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ହାରିଥିଲେ।

# ବର୍ଟେନ୍ସଙ୍କୁ ମାଡ୍ରିଡ୍ ଓପନ ଟାଇଟଲ

**ମାଡ୍ରିଡ୍, ୧୨।୫ (ଏଏଫ୍‌ପି):** କିକି ବର୍ଟେନ୍ସ କ୍ୟାରିୟରର ବଡ଼ ଟାଇଟଲ ହାତେଇଛନ୍ତି। ସେ ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ମହିଳା ସିଙ୍ଗଲ୍ସ ବର୍ଗର ଫାଇନାଲରେ ସିମୋନା ହାଲେପଙ୍କୁ ୬–୪, ୬–୪ ସେଟ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ବିଜୟ ଲାଗି ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଲାଗିଥିଲା। ବିନା କୌଣସି ସେଟ୍ ହରାଇ ଏଠାରେ ଟାଇଟଲ ଜିତିବାରେ ସେ ପ୍ରଥମ ମହିଳା। ଏହି ଟାଇଟଲ ଯୋଗୁ ସେ କ୍ୟାରିୟରର ସର୍ବଶ୍ରେଷ୍ଠ ଚତୁର୍ଥ ସ୍ଥାନ ହାସଲ ନିଶ୍ଚିତ ହୋଇଛି।

# ସାଇ ଏସ୍‌ଟିସି କଟକ ବିଜୟୀ

**ଲୁଧିଆନା, ୧୨।୫ (ପି.ଟି.)**

**ଇଣ୍ଡିଆନ ଓମେନ୍ସ ଲିଗ୍**

ଏଠାରେ ଚାଲିଥିବା ଇଣ୍ଡିଆନ୍ସ ଓମେନ୍ସ ଲିଗ୍ (ଆଇଡବ୍ଲୁଏଲ)ରେ ଓଡ଼ିଶାର ସାଇ ଏସଟିସି କଟକ ୪–୦ ଗୋଲରେ ବରୋଦା ଫୁଟବଲ ଏକାଡେମୀକୁ ପରାସ୍ତ କରିଥିବାବେଳେ ଏଫ୍‌ସି କୋହ୍ଲାପୁର ସିଟି ବିପକ୍ଷରେ ସେଥୁ ଏଫ୍‌ସି ୯–୦ ଗୋଲରେ ବିଜୟ ହାସଲ କରିଛି। ରବିବାର ବରୋଦା ଫୁଟ୍‌ବଲ ଏକାଡେମୀ ବିପକ୍ଷ ମ୍ୟାଚରେ ସାଇ ଏସଟିସି କଟକ ପକ୍ଷରୁ ସସ୍ମିତା ହେଡର ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ମାତ୍ର ୩ ମିନିଟ ବ୍ୟବଧାନରେ ଦୀପା ନାୟକ ଏକ ଗୋଲ ଦେଇ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚର ଶେଷ ୧୦ ମିନିଟ୍ ମଧ୍ୟରେ ନିକିତା ବିଶି ଏବଂ ରଶ୍ମି ଜୀ ଆହୁରି ଦୁଇଟି ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଓଡ଼ିଶା ଦଳ ୩ ପଏଣ୍ଟ ଅର୍ଜନ କରିପାରିଛି। ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଆରତୀ ସେଠୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ସି କୋହ୍ଲାପୁର ସିଟି ବିପକ୍ଷ ମ୍ୟାଚରେ ସେଥୁ ଏଫ୍‌ସିର ସବିତ୍ରା ଭଣ୍ଡାରୀ ଏବଂ ରତ୍ନବାଳା ଦେବୀ ଉଭୟେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ସେଥୁ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ଚତୁର୍ଥ ମିନିଟ୍‌ରେ ଡାଙ୍ଗମେଇ ଗ୍ରେସ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ଭାରତର ଏହି ଅନ୍ତର୍ଜାତୀୟ ଖେଳାଳି ୧୫ ମିନିଟ୍ ପରେ ପେନାଲ୍ଟି ସ୍ପଟ୍‌ରୁ ତାଙ୍କ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ସେଥୁ ଏହାର ପ୍ରଦର୍ଶନ ଜାରି ରଖିଥିଲା। ଡାଙ୍ଗମେଇଙ୍କ ଭାରତୀୟ ଦଳର ଟିମ୍‌ମେଟ ରତ୍ନବାଳା ଅଳ୍ପ ସମୟ ବ୍ୟବଧାନରେ ଲଗାତର ଦୁଇଟି ଗୋଲ ସ୍କୋର କରି ଦଳର ଗୋଲ ବ୍ୟବଧାନ ୪–୦କୁ ବୃଦ୍ଧି କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ କୋହ୍ଲାପୁର ଡିଫେଣ୍ଡର ଜବାମଣି ଟୁଡୁ ରତ୍ନବାଳାଙ୍କ ଏକ କ୍ରସ୍‌କୁ ତ୍ରୁଟି ବଶତଃ ଆତ୍ମଘାତୀ ଗୋଲ୍‌ରେ ପରିଣତ କରିଦେଇଥିଲେ। ସେଥୁର ନେପାଳ ଅନ୍ତର୍ଜାତୀୟ ଖେଳାଳି ସବିତ୍ରା ଦ୍ୱିତୀୟାର୍ଦ୍ଧରେ ତାଙ୍କ କାରନାମା ଦେଖାଇଥିଲେ। ସେ ୨୦ ମିନିଟ୍ ମଧ୍ୟରେ ତାଙ୍କ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ୫୭ତମ ମିନିଟ୍‌ରେ ସେ ତାଙ୍କ ପ୍ରଥମ ଗୋଲ ସ୍କୋର କରିଥିଲେ। ସନ୍ଧ୍ୟାଙ୍କ ଏକ ପାସ୍ ରତ୍ନବାଳାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସେ ବଲ୍‌କୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। କିଛି ସମୟ ପରେ ସନ୍ଧ୍ୟାଙ୍କ ସହାୟତାରେ ସେ ତୃତୀୟ ଗୋଲ କରିବାର ସଫଳ ହୋଇଥିଲେ। ଖେଳ ଶେଷ ହେବାକୁ ଆଉ ମାତ୍ର ୧୦ ମିନିଟ୍ ସମୟ ବାକି ଥିବାବେଳେ ରତ୍ନବାଳା ଦେବୀ ତାଙ୍କ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ସେ ମଧ୍ୟ ସନ୍ଧ୍ୟାଙ୍କଠାରୁ ବଲ୍ ପାସ୍ ପାଇ ଏହି ଗୋଲଟିକୁ ସ୍କୋର କରିଥିଲେ।



ସାଇ–ଏସ୍‌ଟିସି କଟକ ଦଳର ଖେଳାଳିମାନେ।



ମତଦାନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ବିରାଟ କୋହଲି।

“ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଏକାଧିକ ମ୍ୟାଚ ବିଜୟୀ ଖେଳାଳି ଥିବାରୁ ଆଇପିଏଲରେ ସ୍ଥିର ପ୍ରଦର୍ଶନ କରିପାରୁଛି ।

–ମାହେଲା ଜୟବର୍ଦ୍ଧନେ, ମୁମ୍ବାଇ ଇଣ୍ଡିଆନ୍ସ କୋଚ୍



“ ମହେନ୍ଦ୍ର ସିଂ ଧୋନୀ କେବଳ ଜଣେ ଖେଳାଳି ନୁହନ୍ତି, ତାଙ୍କୁ କ୍ରିକେଟର ଏକ ଯୁଗ ବୋଲି କୁହାଯାଇପାରେ ।

–ମାଥ୍ୟୁ ହେଡେନ
ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ



# ମୁମ୍ବାଇକୁ ଚତୁର୍ଥ ଟାଇଟଲ

**ହାଇଦ୍ରାବାଦ, ୧୨।୫ (ପି.ଟି.)**

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୯ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହାଇଭୋଲ୍ଟେଜ ଫାଇନାଲ ମ୍ୟାଚ୍‌ରେ ମୁମ୍ବାଇ ୧ ରନରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସକୁ ଶେଷ ବଲ୍‌ରେ ହରାଇ ରେକର୍ଡ ଚତୁର୍ଥଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଚେନ୍ନାଇ ଅନ୍ତିମ ବଲରେ ଆବଶ୍ୟକ ଦୁଇ ରନ ସଂଗ୍ରହ କରି ନ ପାରି ୭ ଉଇକେଟ ହରାଇ ୧୪୮ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ୪ ଓଭର ବୋଲିଂ କରି ମାତ୍ର ୧୪ ରନ ବ୍ୟୟ କରିବା ସହ ମୂଲ୍ୟମାନ ୨ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୂର୍ବରୁ ମୁମ୍ବାଇ ୨୦୧୩, ୨୦୧୫, ୨୦୧୭ରେ ଟାଇଟଲ ହାସଲ କରିଥିଲା। ଅନ୍ୟପଟେ ଚେନ୍ନାଇ ୩ ଥର (୨୦୧୦, ୨୦୧୧, ୨୦୧୮) ଚାମ୍ପିୟନ ହୋଇଛି।

୧୫୦ ରନ ସାଧାରଣ ଟାର୍ଗେଟର ପିଛା କରି ଚେନ୍ନାଇ ପ୍ରଥମେ ଫାଫ୍ ଡୁପ୍ଲେସିଙ୍କୁ ହରାଇଥିଲା। ଡୁପ୍ଲେସି ୧୩ ବଲରୁ ୩ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କ ଦ୍ୱାର ଷ୍ଟମ୍ପ ଆଉଟ୍ ହୋଇଥିଲେ। ପ୍ରଥମ ଉଇକେଟରେ ଡୁପ୍ଲେସି ଓ ଶେନ୍ ୱାଟସନ ୨୩ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଅଭିଜ୍ଞ ସୁରେଶ ରାଇନା ୮ ରନ କରିଥିବା ବେଳେ ରାହୁଲ ଚହରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ରାଇନା ଓ ୱାଟସନ ୩୨ ବଲରୁ ୩୭ ରନ କରିଥିଲେ। ଏହାପରେ ମାତ୍ର ୧ ରନ କରିଥିବା ବେଳେ ନିର୍ଭରଯୋଗ୍ୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଉଇକେଟ କିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ଯଶପ୍ରୀତ୍ ବୁମରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମାତ୍ର ୨ ରନ କରିଥିବା ବେଳେ ଇଶାନ କିଷନଙ୍କ ଡାଇରେକ୍ଟ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ଓ ଚେନ୍ନାଇର ସମସ୍ୟା ବଢ଼ିଯାଇଥିଲା। ତେବେ ୧୬ତମ ଓଭରରେ ଲସିଥ ମାଲିଙ୍ଗା ୨୦ ରନ ବ୍ୟୟ କରି ଚେନ୍ନାଇକୁ ସୁଯୋଗ ଦେଇଥିଲେ। ଅର୍ଦ୍ଧଶତକ ହାସଲ ପରେ ୱାଟସନ ଏକ ଜୀବନ ଦାନ ପାଇଥିଲେ ଓ ସେ ଏହାର ଭରପୂର ଫାଇଦା ଉଠାଇଥିଲେ। ୧୮ ଓଭରରେ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ୨୦ ରନ ବ୍ୟୟ କରିଥିଲେ। ଡ୍ୱେନ ବ୍ରାଭୋ ୧୫ ବଲରୁ ୧ ଛକା ସହ ୧୫ ରନ ବୁମ୍‌ରାଙ୍କ ବଲରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟ ଯୋଡିରେ ୩୪ ବଲରୁ ୱାଟସନ ଓ ବ୍ରାଭୋ ୫୧ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ବିଜୟ ପାଇଁ ୯ ରନ ଆବଶ୍ୟକ ହେଉଥିବା ବେଳେ ଚତୁର୍ଥ ବଲ୍‌ରେ ୱାଟସନ ୫୯ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୪ ଛକା ସହ ୮୦ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଫଳରେ ମ୍ୟାଚ୍‌ର ରୋମାଞ୍ଚ ବଢ଼ିଯାଇଥିଲା। ଅନ୍ତିମ ବଲ୍‌ରେ ବିଜୟ ପାଇଁ ୨ ରନ ଆବଶ୍ୟକ ହେଉଥିବା ବେଳେ ଶାର୍ଦ୍ଦୁଳ ଠାକୁର ମାଲିଙ୍ଗାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଫଳରେ ମୁମ୍ବାଇ ୧ ରନରେ ବାଜି ମାରିଥିଲା। ଶେଷରେ ୱାଟସନଙ୍କ ଲଢୁଆ ଇନିଂସ ବେକାର ସାବ୍ୟସ୍ତ ହୋଇଥିଲା। ବୋଲିଂରେ ମୁମ୍ବାଇ ତରଫରୁ ବୁମରା ୨, କ୍ରୁନାଲ, ମାଲିଙ୍ଗା ଓ ରାହୁଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଆରମ୍ଭରୁ ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ସାଥୀ ଓପନର କ୍ୱିଣ୍ଟନ ଡିକକ୍ ଧୂଆଁଧାର ବ୍ୟାଟିଂର ନମୁନା ପ୍ରଦର୍ଶନ କରିଥିଲେ। ତେବେ ଡିକକ୍ ୧୭ଟି ବଲ୍ ଖେଳି ୪ ଛକା ସହ ୨୯ ରନ କରିଥିବା ବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ଉଇକେଟରେ ରୋହିତ ଓ ଡିକକ୍ ୨୯ ବଲରୁ ୪୫ ରନ ସଂଗ୍ରହ କରିଥିଲେ। ଏହାର ଠିକ୍ ଦୁଇଟି ବଲ୍ ପରେ ରୋହିତ ଦୀପକ ଚହରଙ୍କ ଏକ ସ୍ଲୋ ବଲ୍‌କୁ ଖେଳିବାକୁ ପ୍ରୟାସ କରି ଉଇକେଟ ପଛରେ କ୍ୟାଚ୍ ହୋଇଥିଲେ। ଚହର ଦ୍ୱିତୀୟ ଓଭରରେ କୌଣସି ରନ୍ ନ ଦେଇ ମେଡେନ ନେବା ସହ ଗୋଟିଏ ଉଇକେଟ ନେଇଥିଲେ। ରୋହିତ ୧୪ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୫ ରନ ସଂଗ୍ରହ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରି ତୃତୀୟ ଉଇକେଟରେ ୩୬ ବଲରୁ ୩୭ ରନ ସଂଗ୍ରହ କରିଥିଲେ। ତେବେ ସୂର୍ଯ୍ୟକୁମାର ୧୫ ରନ କରି ଇମ୍ରାନ ତାହିରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ୭ ରନ କରି ଠାକୁରଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ଇଶାନ ୨୬ଟି ବଲରୁ ୩ ଚୌକା ସହ ୨୩ ରନ କରିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇପାରି ନ ଥିଲେ। ସେ ୧୦ଟି ବଲ୍ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ସହ ମାତ୍ର ୧୬ ରନ କରି ଚହରଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରାହୁଲ ଖାତା ଖୋଲିବା ପୂର୍ବରୁ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ଚହରଙ୍କ ତୃତୀୟ ଶିକାର ହୋଇଥିଲେ। ୧୯ତମ ଓଭରର ଦ୍ୱିତୀୟ ଓ ଚତୁର୍ଥ ବଲ୍‌ରେ ଚହର ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ରନ ନେବାକୁ ପ୍ରୟାସ କରି ମିଚେଲ ମ୍ୟାକକ୍ଲିନହାନ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ମୁମ୍ବାଇ ୧୯ତମ ଓଭରରେ ଦୁଇ ଉଇକେଟ ହରାଇବା ସହ ୪ ଓ ଅନ୍ତିମ ଓଭରରେ ଗୋଟିଏ ଉଇକେଟ ହରାଇବା ସହ ମାତ୍ର ୮ ରନ କରିଥିଲା। ଫଳରେ ଦଳର ସ୍କୋର ଦେଢଶହ ମଧ୍ୟରେ ସୀମିତ ରହିଥିଲା। ଚେନ୍ନାଇ ବିପକ୍ଷରେ ଚଳିତ ସେସନରେ ବେଶ୍ ଭଲ ପ୍ରଦର୍ଶନ କରିଥିବା କିରନ ପୋଲାର୍ଡ ନିଜ ଜନ୍ମଦିନରେ ୨୫ ବଲରୁ ୩ଟି ଲେଖାଏ ଚୌକା ଓ ଛକା ସହ ୪୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଚହର ସର୍ବାଧିକ ୩, ତାହିର ଓ ଠାକୁର ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୪୯/୮ (ପୋଲାର୍ଡ- ୪୧*, ଡିକକ୍- ୨୯, ଇଶାନ-୨୩, ରୋହିତ- ୧୫, ସୂର୍ଯ୍ୟକୁମାର- ୧୫, ହାର୍ଦ୍ଦିକ- ୧୬, ଚହର- ୩/୨୬, ଠାକୁର- ୨/୩୭, ତାହିର- ୨/୨୩ )।
- ଚେନ୍ନାଇ ସୁପର କିଙ୍ଗ ୨୦ ଓଭରରେ ୧୪୮/୭ (ୱାଟସନ- ୮୦, ଡୁପ୍ଲେସି- ୨୬, ବୁମରା- ୨/୧୪, କ୍ରୁନାଲ- ୧/୩୯, ମାଲିଙ୍ଗା- ୧/୪୯,ରାହୁଲ-୧/୧୪ )।



ବିଜୟ ହାସଲ ପରେ ଉଲ୍ଲସିତ ମୁମ୍ବାଇ ଦଳର ଖେଳାଳିମାନେ।

### ପୁରସ୍କାର ରାଶି

**ଚାମ୍ପିୟନ:** ମୁମ୍ବାଇ ଇଣ୍ଡିଆନ୍ସ–୨୫ କୋଟି
**ରନର୍ସଅପ:** ଚେନ୍ନାଇ ସୁପର୍ କିଙ୍ଗ୍ସ– ୧୨.୫ କୋଟି
**୩ୟ ସ୍ଥାନ:** ଦିଲ୍ଲୀ କ୍ୟାପିଟାଲ୍ସ– ୧୦.୫ କୋଟି
**୪ର୍ଥ ସ୍ଥାନ:** ସନ୍‌ରାଇଜର୍ସ ହାଇଦ୍ରାବାଦ– ୮.୫ କୋଟି
**ଅରେଞ୍ଜ କ୍ୟାପ୍ ବିଜେତା:** ଡେଭିଡ୍ ୱାର୍ନର– ୧୦ ଲକ୍ଷ
**ପର୍ପଲ କ୍ୟାପ୍ ବିଜେତା:** ଇମ୍ରାନ ତାହିର– ୧୦ ଲକ୍ଷ
**ମୋଷ୍ଟ ଭ୍ୟାଲୁଏବଲ ପ୍ଲେୟାର (ଏମ୍‌ଭିପି):** ଆନ୍ଦ୍ରେ ରସେଲ– ୧୦ ଲକ୍ଷ
**ବେଷ୍ଟ ଷ୍ଟ୍ରାଇକ୍ ରେଟ୍ ଆୱାର୍ଡ:** ଆନ୍ଦ୍ରେ ରସେଲ
**ସିଜନ ବେଷ୍ଟ କ୍ୟାଚ୍:** କିରନ ପୋଲାର୍ଡ
**ଫେୟାର ପ୍ଲେ ଆୱାର୍ଡ:** ସନ୍‌ରାଇଜର୍ସ ହାଇଦ୍ରାବାଦ
**ଇମର୍ଜିଂ ପ୍ଲେୟାର:** ଶୁବମନ ଗିଲ୍
**ମ୍ୟାନ ଅଫ୍ ଦି ମ୍ୟାଚ୍:** ଯଶପ୍ରୀତ୍ ବୁମରା
**ବେଷ୍ଟ ଗ୍ରାଉଣ୍ଡ:** ପଞ୍ଜାବ ଓ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ

### ଟୁର୍ନାମେଣ୍ଟରେ ଛକା/ଚୌକା

**ତାଲିକା ଶୀର୍ଷରେ**

| ଖେଳାଳି | ଟିମ୍ | ଛକା |
|---|---|---|
| ଆନ୍ଦ୍ରେ ରସେଲ | କୋଲକାତା | ୫୨ |
| କ୍ରିସ ଗେଲ୍ | ପଞ୍ଜାବ | ୩୪ |
| ହାର୍ଦ୍ଦିକ ପାଣ୍ଡ୍ୟା | ମୁମ୍ବାଇ | ୨୯ |
| ରିଷଭ ପନ୍ତ | ଦିଲ୍ଲୀ | ୨୭ |
| ଏବି ଡି ଭିଲର୍ସ | ବାଙ୍ଗାଲୋର | ୨୬ |
| ଲୋକେଶ ରାହୁଲ | ପଞ୍ଜାବ | ୨୫ |
| କ୍ୱିଣ୍ଟନ ଡି କକ୍ | ମୁମ୍ବାଇ | ୨୫ |
| ମହେନ୍ଦ୍ର ସିଂ ଧୋନୀ | ଚେନ୍ନାଇ | ୨୩ |
| କ୍ରିସ ଲିନ୍ | କୋଲକାତା | ୨୨ |
| କିରନ ପୋଲାର୍ଡ | ମୁମ୍ବାଇ | ୨୨ |

**ତାଲିକା ଶୀର୍ଷରେ**

| ଖେଳାଳି | ଟିମ୍ | ଚୌକା |
|---|---|---|
| ଶିଖର ଧାୱନ | ଦିଲ୍ଲୀ | ୬୪ |
| ଡେଭିଡ୍ ୱାର୍ନର | ହାଇଦ୍ରାବାଦ | ୫୭ |
| ରୋହିତ୍ ଶର୍ମା | ମୁମ୍ବାଇ | ୫୨ |
| ଲୋକେଶ ରାହୁଲ | ପଞ୍ଜାବ | ୪୯ |
| ଜନି ବେୟାରଷ୍ଟୋ | ହାଇଦ୍ରାବାଦ୍ | ୪୮ |
| ପାର୍ଥିବ ପଟେଲ | ବାଙ୍ଗାଲୋର | ୪୮ |
| ବିରାଟ କୋହଲି | ବାଙ୍ଗାଲୋର | ୪୬ |
| ଅଜିଙ୍କ୍ୟ ରାହାନେ | ରାଜସ୍ଥାନ | ୪୫ |
| କ୍ରିସ ଗେଲ୍ | ପଞ୍ଜାବ | ୪୫ |
| ପୃଥ୍ୱୀ ଶ’ | ଦିଲ୍ଲୀ | ୪୫ |

### ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ (ଅରେଞ୍ଜ କ୍ୟାପ୍)

| ଖେଳାଳି | ଟିମ୍ | ରନ୍ | ଆଭରେଜ |
|---|---|---|---|
| ଡେଭିଡ୍ ୱାର୍ନର | ହାଇଦ୍ରାବାଦ୍ | ୬୯୨ | ୬୯.୨୦ |
| ଲୋକେଶ ରାହୁଲ | ପଞ୍ଜାବ | ୫୯୩ | ୫୩.୯୧ |
| କ୍ୱିଣ୍ଟନ ଡି କକ୍ | ମୁମ୍ବାଇ | ୫୨୯ | ୩୫.୨୧ |
| ଶିଖର ଧାୱନ | ଦିଲ୍ଲୀ | ୫୨୧ | ୩୪.୭୩ |
| ଆନ୍ଦ୍ରେ ରସେଲ | କୋଲକାତା | ୫୧୦ | ୫୬.୬୭ |

### ସର୍ବାଧିକ ଉଇକେଟ୍ ସଂଗ୍ରହକାରୀ ବୋଲର (ପର୍ପଲ କ୍ୟାପ୍)

| ଖେଳାଳି | ଟିମ୍ | ବଲ୍ | ଉଇକେଟ୍ |
|---|---|---|---|
| ଇମ୍ରାନ ତାହିର | ଚେନ୍ନାଇ | ୩୯୨ | ୨୬ |
| କାଗିସୋ ରାବାଡ଼ା | ଦିଲ୍ଲୀ | ୨୮୨ | ୨୫ |
| ଦୀପକ ଚହର | ଚେନ୍ନାଇ | ୩୮୭ | ୨୨ |
| ଶ୍ରେୟାସ ଗୋପାଳ | ରାଜସ୍ଥାନ | ୨୮୮ | ୨୦ |
| ଖଲିଲ୍ ଅହମ୍ମଦ | ହାଇଦ୍ରାବାଦ୍ | ୨୦୯ | ୧୯ |



ଝିଅ ସାମାଇରା ସହ ରୋହିତ ଶର୍ମା।

# ଟାଇଟଲ ଦୌଡ଼ରେ ଭାରତ, ଇଂଲଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ: ନାସିର

**ଲଣ୍ଡନ,୧୨।୫**

ଆଉ କିଛିଦିନ ପରେ ଇଂଲଣ୍ଡରେ ଆୟୋଜନ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍। ଏଥର ବିଶ୍ୱକପ୍‌ରେ କେଉଁ ଦଳଗୁଡ଼ିକ ଟାଇଟଲ ଦୌଡ଼ରେ ଅଛନ୍ତି, ସେନେଇ ପୂର୍ବାନୁମାନ କରିଛନ୍ତି ଇଂଲଣ୍ଡ ପୂର୍ବତନ ଅଧିନାୟକ ନାସିର ହୁସେନ। ବିଶ୍ୱର ୧ ନମ୍ବର ଦିନିକିଆ ଦଳ ତଥା ଆୟୋଜକ ଇଂଲଣ୍ଡ ସମେତ ୨୦୧୫ ବିଶ୍ୱକପ୍ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ, ପୂର୍ବତନ ଚାମ୍ପିୟନ ଭାରତ ଓ ପାକିସ୍ତାନ ଟାଇଟଲ ଦୌଡ଼ରେ ଅନ୍ୟ ଦଳଗୁଡ଼ିକଠାରୁ ଆଗରେ ଅଛନ୍ତି ବୋଲି ନାସିର କହିଛନ୍ତି। ଘରୋଇ ପରିବେଶରେ ଇଂଲଣ୍ଡ ଚାପର ସଫଳ ମୁକାବିଲା କରିବ। ତେବେ ଇଂଲଣ୍ଡକୁ ଭାରତ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେବେ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ପାକିସ୍ତାନ କ୍ରିକେଟକୁ ପ୍ରଶଂସା କରିବାକୁ ସେ ପଛାଇନାହାନ୍ତି। ୧୯୯୨ରେ ଇମ୍ରାନ୍ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ଶେଷଥର ପାଇଁ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଏହାପରେ ୧୯୯୯ରେ ପାକିସ୍ତାନ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଗତ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ହରାଇ ଟାଇଟଲ ଜିତିଥିଲା। ତେଣୁ ପାକିସ୍ତାନ ଏକ ବିପଜ୍ଜନକ ଦଳ। ଯେକୌଣସି ସମୟରେ ଯେକୌଣସି ଦଳକୁ ପାକିସ୍ତାନ ହରାଇପାରିବ ବୋଲି ନାସିର କହିଛନ୍ତି।



ସେହିପରି ଭାରତ ମଧ୍ୟ ଏକ ବିଶ୍ୱସ୍ତରୀୟ ଦଳ। ଭାରତୀୟ ଦଳରେ ସନ୍ତୁଳନ ରହିଛି। ଭାରତ ଏକ ଚାମ୍ପିୟନ ଦଳ। ଇଂଲଣ୍ଡ ପରିବେଶରେ ଭାରତ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ସେହିପରି ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟ ଟାଇଟଲ ଦୌଡ଼ରେ ସାମିଲ ହୋଇଛନ୍ତି ବୋଲି ନାସିର କହିଛନ୍ତି। ପାକିସ୍ତାନ ଏବେ ଆୟୋଜକ ଇଂଲଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଖେଳୁଛି। ସେହିପରି ନ୍ୟୁଜିଲାଣ୍ଡ ମଧ୍ୟ ଏଥର ସମସ୍ତଙ୍କୁ ଚକିତ କରିବ। ନ୍ୟୁଜିଲାଣ୍ଡ ଦଳରେ କେତେକ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ, ବୋଲର ଓ ଅଲ୍‌ରାଉଣ୍ଡର ଅଛନ୍ତି। ତେଣୁ ଇଂଲଣ୍ଡ ସମେତ ଭାରତ ଓ ପାକିସ୍ତାନକୁ ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେବାର ସମ୍ଭାବନା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ନାସିର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଅଣଦେଖା କରିଛନ୍ତି। ଟାଇଟଲ ଦୌଡ଼ରେ ଅଷ୍ଟ୍ରେଲିଆକୁ ସେ ସାମିଲ କରିନାହାନ୍ତି।

ଘରୋଇ ପରିବେଶରୁ ଇଂଲଣ୍ଡ ଫାଇଦା ଉଠାଇବ। ତେବେ ଅତିରିକ୍ତ ଚାପର ମଧ୍ୟ ସମ୍ମୁଖୀନ ହେବ। ୨୦୧୫ ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡିବା ପରେ ଇଂଲଣ୍ଡ ଇଅନ ମୋର୍ଗାନଙ୍କ ନେତୃତ୍ୱରେ କ୍ରମାଗତ ଭାବେ ଦିନିକିଆ ଫର୍ମାଟରେ ଭଲ ପ୍ରଦର୍ଶନ କରିଆସୁଛି। ଇଂଲଣ୍ଡ ଏପର୍ଯ୍ୟନ୍ତ ୩ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ତେବେ ଏଥର ଇଂଲଣ୍ଡ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ନାସିର ଜୋର୍ ଦେଇ କହିଛନ୍ତି। ଉଲ୍ଲେଖଥାଉ କି, ୨୦୧୯– ବିଶ୍ୱକପ୍ ଇଂଲଣ୍ଡରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ। ଲଣ୍ଡନର କେନିଂଟନ୍ ଓଭାଲ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।




## ଦଳ ଚୟନ କଷ୍ଟକର: ମୋର୍ଗାନ

ଆଗାମୀ ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ୧୫ଜଣିଆ ଦଳ ଚୟନ କରିବା କଷ୍ଟକର ବୋଲି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ୍ ସ୍ୱୀକାର କରିଛନ୍ତି। ଚଳିତ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜରେ ଇଂଲଣ୍ଡ ଦଳରେ ୧୭ଜଣ ଖେଳାଳି ସାମିଲ ହୋଇଛନ୍ତି। କିନ୍ତୁ ବିଶ୍ୱକପ୍ ପାଇଁ ୧୫ଜଣିଆ ଦଳ ଚୟନ କରାଯିବ। ତେଣୁ ଅନ୍ତିମ ଦଳ ଚୟନ ନିଶ୍ଚିତ ଭାବେ କଷ୍ଟକର ବୋଲି ସେ କହିଛନ୍ତି। ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ କେତୋଟି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରି ଆର୍ଚର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବତନ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍ ମଧ୍ୟ ଆର୍ଚରଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରିବାକୁ ମତ ଦେଇଥିଲେ। କିନ୍ତୁ ଅନ୍ତିମ ୧୫ ଜଣିଆ ଦଳରେ ସବୁ ଖେଳାଳିଙ୍କୁ ସାମିଲ କରିହେବନାହିଁ। ଦୁଇଜଣଙ୍କୁ ବାଦ୍ ଦେବାକୁ ହେବ। କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବା କଷ୍ଟକର ବୋଲି ମୋର୍ଗାନ କହିଛନ୍ତି। ଗତ ୪ ବର୍ଷ ଧରି ଲିୟମ ପ୍ଲଙ୍କେଟ ଓ ଡେଭିଡ ୱିଲି ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଆସୁଛନ୍ତି। ତେବେ ଏହି ଦୁଇ ଖେଳାଳିଙ୍କୁ ସେତେଟା ପ୍ରଶଂସା କରାଯାଇନାହିଁ। ଏହି ଖେଳାଳିଦ୍ୱୟଙ୍କୁ ଯେଉଁ ଦାୟିତ୍ୱ ପ୍ରଦାନ କରାଯାଇଛି ସେମାନେ ତାହାକୁ ସଫଳତାର ସହ ତୁଲାଇଛନ୍ତି। କିନ୍ତୁ ଯଦି ପରିସ୍ଥିତି ସୃଷ୍ଟି ହୁଏ, ତେବେ ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦିଆଯିବା ନିଷ୍ପତ୍ତି କଷ୍ଟକର ହେବ। କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ ଓ କାହାକୁ ଦଳରେ ସାମିଲ କରାଯିବ ତାହା ଚୟନକର୍ତ୍ତାଙ୍କ ଉପରେ ଅବଶ୍ୟ ନିର୍ଭର କରେ ବୋଲି ମୋର୍ଗାନ କହିଛନ୍ତି। ଆସନ୍ତା ୩୦ ତାରିଖ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ଭେଟିବା ପୂର୍ବରୁ ଦୁଇଟି ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିବ। ଅନ୍ୟପକ୍ଷେ ଇଂଲଣ୍ଡ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ବିପକ୍ଷରେ ଦୁଇଟି ୱାର୍ମଅପ୍ ମ୍ୟାଚ୍ ମଧ୍ୟ ଖେଳିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମେ ୧୩/୨୦୧୯ Bhubaneswar, Monday, May 13/2019

## ସଂକ୍ଷେପରେ

### ଆଜି ପୁରୀ ଆସୁଛନ୍ତି କେନ୍ଦ୍ରୀୟ ଟିମ୍

**ପୁରୀ ଅଫିସ, ୧୨।୫:** ବାତ୍ୟାରେ ପୁରୀ ଜିଲାରେ ହୋଇଥିବା କ୍ଷୟକ୍ଷତି ଅନୁଧାନ ଲାଗି ସୋମବାର କେନ୍ଦ୍ରୀୟ ଟିମ୍ ପୁରୀ ଆସୁଛନ୍ତି। ଏହି ଟିମ୍ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ବ୍ଲକଗୁଡ଼ିକ ବୁଲିବେ। କଣ କଣ କ୍ଷୟକ୍ଷତି ହୋଇଛି ତାହାର ଅନୁଧାନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ। ଏହି ଟିମ୍ ବ୍ରହ୍ମଗିରି, ପିପିଲି, ସତ୍ୟବାଦୀ, ପୁରୀ, ଗୋପ, ନିମାପଡ଼ା ପ୍ରଭୃତି ବ୍ଲକ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଟିମ୍ ସହିତ ଜିଲା ପ୍ରଶାସନର କେଉଁ ଅଧିକାରୀମାନେ ରହିବେ, ଗସ୍ତ କରିବାକୁ ଥିବା ବିଭିନ୍ନ ଅଞ୍ଚଳର ତାଲିକା କରାଯାଇଛି। ସୋମବାର ପୂର୍ବାହ୍ନରେ ଏହି କେନ୍ଦ୍ରୀୟ ଟିମ୍ ପୁରୀରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି।

### କ୍ୟାପିଟାଲ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲା ଏସ୍‌ଏନ୍‌ସିୟୁ

**ଭୁବନେଶ୍ୱର,୧୨।୫(ବ୍ୟୁରୋ):** 'ଫନୀ' ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା କ୍ୟାପିଟାଲ ହସ୍ପିଟାଲର ଏସ୍‌ଏନ୍‌ସିୟୁ ବର୍ତ୍ତମାନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ନବଜାତ ଶିଶୁଙ୍କ ଚିକିତ୍ସାକୁ ଦୃଷ୍ଟିରେ ରଖି ବାତ୍ୟାପରଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହୋଇଥିଲା। ଭାଙ୍ଗିରୁଜି ଯାଇଥିବା ଏସ୍‌ଏନ୍‌ସିୟୁକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଥିଲା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ବାତ୍ୟାର ଗତି କମିବା ପରେ ପରେ କର୍ତ୍ତୃପକ୍ଷ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ହସ୍ପିଟାଲ ଆଖାପାଖ ଲୋକଙ୍କ ଘରକୁ ଏବେ ସୁଦ୍ଧା ବିଜୁଳି ସଂଯୋଗ ହୋଇପାରି ନ ଥିବାବେଳେ ଏସ୍‌ଏନ୍‌ସିୟୁ କିନ୍ତୁ ପୁନଃ କାର୍ଯ୍ୟକ୍ଷମ ହୋଇପାରିଛି। ସେହିଭଳି ରୋଗୀ ଚିକିତ୍ସା କ୍ଷେତ୍ରରେ ଅନ୍ୟତମ ଜରୁରୀ ଉପକରଣ ଅମ୍ଳଜାନ ପାଇପ୍ ଲାଇନ୍ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତାହାକୁ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିଛି।

# ବିଦ୍ୟୁତ୍ ଖୁଣ୍ଟ ପଡ଼ି ନାବାଳକ ମୃତ

**ଫୁଲନଖରା, ୧୨।୫(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ନୁଆଗଡ ଗ୍ରାମରେ ରବିବାର ବିଦ୍ୟୁତ୍ ଖୁଣ୍ଟ ପଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅଧୀନ ତେନ୍ତୁଳିନାଳୀ ଗ୍ରାମର ବଣ୍ଟି ନାୟକ(୧୨)। ମିଳିଥିବା ସୂଚନା ଅନୁଯାୟୀ, ଫନୀ ପ୍ରଭାବରେ ଅନେକ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ରବିବାର ନୁଆଗଡ ଗ୍ରାମରେ ନୂତନ ବିଦ୍ୟୁତ୍ ଖୁଣ୍ଟ ପୋତାଯାଉଥିଲା। ଉକ୍ତ ଗ୍ରାମରେ ଥିବା ମାମୁଘରକୁ ବୁଲିବାକୁ ଆସିଥିବା ବଣ୍ଟି ଓ ସ୍ଥାନୀୟ କେତେଜଣ ପିଲା ଛିଡା ହୋଇ ଏହି କାର୍ଯ୍ୟକୁ ଦେଖୁଥିଲେ। ବିଦ୍ୟୁତ୍ ଖୁଣ୍ଟ ଉପରକୁ ଉଠାଇବା ପାଇଁ ଶ୍ରମିକମାନେ ରଶି ଲଗାଇ ଟାଣୁଥିଲେ। ହଠାତ୍ ରଶି ଛିଣ୍ଡି ଯିବାରୁ ଖୁଣ୍ଟଟି ବଣ୍ଟିଙ୍କ ଉପରେ ପଡିଯାଇଥିଲା। ଫଳରେ ବଣ୍ଟି ଗୁରୁତର ହୋଇଥିଲେ। ତାଙ୍କ ଚିକିତ୍ସା ପାଇଁ ନୁଆଗଡ ଗ୍ରାମର ଯୁବକମାନେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ଫଳରେ ଯୁବକମାନେ ବଣ୍ଟିଙ୍କୁ ନିକଟସ୍ଥ ତେଲେଙ୍ଗାପେଣ୍ଠଠାରେ ଥିବା ଏକ ଘରୋଇ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଥିବା ଆମ୍ବୁଲାନ୍ସ ଯୋଗେ ବଣ୍ଟିଙ୍କୁ କଟକ ବଡ ଡାକ୍ତରଖାନା ପଠାଇବାକୁ ଉକ୍ତ ହସ୍ପିଟାଲର ମ୍ୟାନେଜରଙ୍କୁ କହିଥିଲେ। ଆମ୍ବୁଲାନ୍ସ ଚାଳକ ନାହିଁ ବୋଲି ଉକ୍ତ ହସ୍ପିଟାଲର ମ୍ୟାନେଜର ସମ୍ପୃକ୍ତ ଯୁବକମାନଙ୍କୁ କହିବାରୁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟ ଭିତରେ ସେଠାରେ ବଣ୍ଟିର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ହସ୍ପିଟାଲରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଏ ନେଇ ଏତଲା ହୋଇନାହିଁ।

## ଗଛ ଡାଳ ପଡି ହାବିଲଦାର ଗୁରୁତର

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ବାତ୍ୟାରେ କମିଶନରେଟ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ବାତ୍ୟା ପରେ ରାଜଧାନୀର ସୁରକ୍ଷା ବ୍ୟବସ୍ଥା ସହ ବିଭିନ୍ନ ସ୍ଥାନରେ ପଡିଥିବା ଗଛ ସଫା କରିବା କାର୍ଯ୍ୟ ଜାରି ରହିଛି। ବହୁ ପୋଲିସ କର୍ମଚାରୀ ଦିନରାତି ପୁନରୁଦ୍ଧାର ଓ ସଫେଇ କାର୍ଯ୍ୟରେ ଲାଗି ପଡିଛନ୍ତି। ଏହି ସମୟରେ କେତେଜଣ ପୋଲିସ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ଭାଙ୍ଗିପଡିଥିବା ଗଛ କାଟୁଥିବା ସମୟରେ ଏକ ଡାଳ ପଡିବାରୁ ଜଣେ ହାବିଲଦାର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶରତ ତ୍ରିପାଠୀ। ଶନିବାର ଅପରାହ୍ନରେ ସେ ଗଣେଶ ମନ୍ଦିର ନିକଟରେ ଗଛରେ ଓହଳି ଥିବା ଡାଳକୁ କାଟି ସଫା କରୁଥିଲେ। ଏକ ବଡ଼ ଡାଳ ଆସି ତାଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେଠାରେ କାର୍ଯ୍ୟରତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ୪ଟି ଷ୍ଟିଚ୍ ପଡ଼ିଛି। ଶରତ ଚିକିତ୍ସିତ ହୋଇ ହସ୍ପିଟାଲରୁ ଘରକୁ ଫେରିବା ପରେ ରବିବାର ପୁଣି ନିଜ କାର୍ଯ୍ୟରେ ଯୋଗଦେଇଛନ୍ତି।

## ଏସ୍‌ସିବିରେ ଅଗ୍ନିକାଣ୍ଡ



**କଟକ ଅଫିସ,୧୨।୫**

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ(ଏସ୍‌ସିବି) ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମହିଳା ୱାର୍ଡରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଉକ୍ତ ୱାର୍ଡରେ ଥିବା କେତେକ ବିଦ୍ୟୁତ୍ ଉପକରଣ ପୋଡିଯାଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ୧୧ ଜଣ ମାନସିକ ରୋଗୀ। ମାନସିକ ରୋଗୀ ୱାର୍ଡରେ ପାଖାପାଖି ୧୧ଜଣ ମହିଳା ରୋଗୀଥିଲେ। ହଠାତ୍ ୱାର୍ଡଟି ଧୂଆଁମୟ ହୋଇଯାଇଥିଲେ ମଧ୍ୟ ମାନସିକ ରୋଗୀମାନେ କିଛି ଜାଣିପାରି ନ ଥିଲେ। ସୌଭାଗ୍ୟବଶତଃ ଜଣେ ନର୍ସ ୱାର୍ଡଟିରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ କର୍ମଚାରୀମାନଙ୍କୁ ଖବର ଦେଇଥିଲେ। ଏହାପରେ ୱାର୍ଡରୁ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରାଯାଇଥିଲା। ଏ ନେଇ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି, ଶଟ୍ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ବିଦ୍ୟୁତ୍ ବିଭାଗ ରିପୋର୍ଟ ଦେଇଛି। ଏହି ରିପୋର୍ଟ ଉପରେ ତର୍ଜମା କରାଯାଉଛି। ଉକ୍ତ ୱାର୍ଡରେ ୧୧ଜଣ ମହିଳା ରୋଗୀଙ୍କୁ ଅଗ୍ନିକାଣ୍ଡ ପରେ ନିଶା ନିବାରଣ କେନ୍ଦ୍ରରେ ସାମୁହିକ ଥଇଥାନ କରାଯାଇଛି।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୁଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ତୁଲକିଲ ମୋଟର୍ସ - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### କାରପୋଡ଼ି ଘଟଣା: ୪ ଗିରଫ

**କଟକ ସଦର, ୧୨।୫(ଡି.ଏନ୍.ଏ.):** କିଶୋରନଗର ଥାନା ଅଧୀନ ତରିତୋ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ କାରକୁ ଶନିବାର ଅପରାହ୍ନରେ ପଡୋଶୀ ଲୋକେ ପୋଡି ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମୁର୍କଣ୍ଡି ଗ୍ରାମର ରାକେଶ ମଲ୍ଲିକ, ମିଟୁ ମଲ୍ଲିକ, ସୁମନ୍ତ କାଣ୍ଡି ଓ ବୁରୁଡା ଗ୍ରାମର ପ୍ରମୋଦ ସ୍ୱାଇଁ। ଏ ନେଇ ଥାନାରେ ଏକ ମାମଲା(ନଂ.୪୯/୧୯) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ରମେଶ ମହାନ୍ତିଙ୍କ ପରିବାର ସଦସ୍ୟ ଓ ସହଯୋଗୀମାନେ ରବୀନ୍ଦ୍ରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏଥିସହ ଘର ପାଖ ଗ୍ୟାରେଜରେ ଥିବା ତାଙ୍କ କାରକୁ ମଧ ପୋଡି ଦେଇଥିଲେ। ଏ ନେଇ ରବୀନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

### ବାକି ଟଙ୍କା ମାଗିବାରୁ ମାଡ଼: ଜଣେ ଗିରଫ

**କଟକ ଅଫିସ,୧୨।୫:** ବାକି ଟଙ୍କା ମାଗିବାରୁ ମାଡ ମାରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଚାଉଳିଆଗଞ୍ଜ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗଡିରାଉତପାଟଣା ଅଞ୍ଚଳର ପ୍ରଶାନ୍ତ ପରିଡା(୪୩)। ପୋଲିସ ସୂଚନା ଅନୁଯାୟୀ, ଗଡିରାଉତପାଟଣାରେ ଅମରେଶ ଜେନା ନାମକ ଜଣେ ବ୍ୟକ୍ତଙ୍କର ତେଜରାତି ଦୋକାନ ଅଛି। ପ୍ରଶାନ୍ତ ତାଙ୍କ ଦୋକାନରୁ ବାକିରେ କିଛି ସାମଗ୍ରୀ ନେଇଥିଲେ। ଗତ ଶନିବାର ପ୍ରଶାନ୍ତ ଦୋକାନକୁ ଆସିଥିବାବେଳେ ଅମରେଶ ତାଙ୍କୁ ବାକି ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଗଲା। ଏଥିରେ ପ୍ରଶାନ୍ତ ଉତ୍କ୍ଷିପ୍ତ ହୋଇ ଅମରେଶଙ୍କୁ ମାଡ ମାରିଥିଲେ। ଏ ନେଇ ଅମରେଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୪୧/୧୯) ରୁଜୁ କରିଥିଲା।

### ବାଙ୍କୀ ଆହାର କେନ୍ଦ୍ର ବନ୍ଦ



**ବାଙ୍କୀ,୧୨।୫(ସ୍ୱ.ପ୍ର.):** ପ୍ରଳୟଙ୍କରୀ ବାତ୍ୟା ଫନୀ ବାଙ୍କୀ ଅଞ୍ଚଳରେ ଅନେକ ଗରିବ ଲୋକଙ୍କ ଜୀବନ ଜୀବିକା ଉଜାଡି ଦେଇ ସେମାନଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ଦିନ ମଜୁରିଆ କାମ ନପାଇ ଅଭାବ ଅନାଟନରେ ଦିନ କାଟୁଛନ୍ତି। ସେମାନେ ସ୍ଥାନୀୟ ଆହାର କେନ୍ଦ୍ରରେ ୫ଟଙ୍କା ଦେଇ ମଧାହ୍ନ ଭୋଜନ କରୁଥିଲେ। କିନ୍ତୁ ବାତ୍ୟାପରଠାରୁ ବାଙ୍କୀ ଟାଉନକ୍ଲବ ଆଗରେ ଥିବା ଆହାର କେନ୍ଦ୍ର ବନ୍ଦ ହୋଇଯାଇଛି। ଫଳରେ ବହୁ ବ୍ୟକ୍ତି ଆହାର କେନ୍ଦ୍ରକୁ ଆସି ନିରାଶ ହୋଇ ଫେରୁଛନ୍ତି। ପ୍ରତ୍ୟେକ ଦିନ ଏଠାରେ ୩୦୦ଜଣଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ। ଏହି କେନ୍ଦ୍ର ଖୋଲାଗଲେ ଗରିବ ଜନସାଧାରଣ ଉପକୃତ ହୋଇ ପାରିବେ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ଅଫିସ,୧୨।୫:** ପୁରୀଘାଟ ଥାନା ଅଧୀନ ହଜାରୀ ଲେନ୍ ଅଞ୍ଚଳରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ସୌରଭ କାନୁନ୍‌ଗୋ(୨୬)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ସୌରଭ ଏକ ଘରେ ଏକୁଟିଆ ଶୋଇଥିଲେ। ରବିବାର ସକାଳୁ ସେ ନ ଉଠିବାରୁ ଘର ଲୋକ କବାଟ ବାଡେଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଫଳରେ ଘରଲୋକେ କବାଟ ଭାଙ୍ଗି ଭିତରକୁ ଯିବାରୁ ସୌରଭ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା।

■ ଫନୀ ପରେ କଳବଲ କଲାଣି ତାତି

# ପାଣି, ବିଦ୍ୟୁତ୍ ପାଇଁ ଡହଳବିକଳ

**ନିଶ୍ଚିନ୍ତକୋଇଲି,୧୨।୫(ସ୍ୱ.ପ୍ର.)**



ଫନୀ ପ୍ରଭାବରେ ଉପୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।

■ ୭ ଉଠା ଜଳସେଚନ ପ୍ରକଳ୍ପ ଅଚଳ

■ ୯୧ ଗ୍ରାମ ଏବେବି ଅନ୍ଧାରରେ

ବାତ୍ୟା ଫନୀ ଯିବାପରେ ଏବେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଦିନକୁ ଦିନ ତାପମାତ୍ରା ବଢୁଥିବାରୁ ଘରୁ ପାଦ କାଢ଼ିବା କଷ୍ଟକର ହୋଇପଡ଼ିଛି। ଘରୁ ବାହାରିଲେ ମୁହଁ ପୋଡି ଯାଉଛି। ଘର ଭିତରେ ଗମ୍‌ଗମ୍ ଝାଳ ବୋହୁଛି। ଅସହ୍ୟ ଝାଞ୍ଜିରେ ସନ୍ତୁଳିତ ହେଉଛି ସମଗ୍ର ଜୀବ ଜଗତ। ବୃକ୍ଷଲତା ଠାରୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ପାଣି ନ ପାଇ ହତାଶ ହେଉଛନ୍ତି। ନାଳ, ପୋଖରୀ ଶୁଖି ଗଲାଣି। ଫନୀ ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୯୧ ଗ୍ରାମ ଏବେବି ଅନ୍ଧାରରେ ରହିଛି। ସେହିପରି ବ୍ଲକରେ ୭ଟି ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ଜନସାଧାରଣ ଏବେ ପାଣି ଓ ବିଦ୍ୟୁତ୍ ପାଇଁ ଡହଳବିକଳ ହେଉଛନ୍ତି।

ବ୍ଲକର ୪୧ ପଞ୍ଚାୟତରେ ୨୨୧ ରାଜସ୍ୱ ଗ୍ରାମ ପ୍ରଭାବିତ ହୋଇଛି। ୧ଲକ୍ଷ୯୪ହଜାର ୪୬୮ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ୭୫ ହଜାର ୫୫୯ ଗୃହ ପାଳିତ ପଶୁ ମଧ ପ୍ରଭାବିତ ହୋଇଛନ୍ତି। ବ୍ଲକ ଅଞ୍ଚଳରେ ୪୦ ପାନୀୟ ଜଳ ପ୍ରକଳ୍ପ ଥିବା ବେଳେ ବାବୁଜଙ୍ଗ, ଜିଗ୍ନିପୁର, ଶିର୍ଲୋ, ବାଲିଆପଦା, ମାଣପୁର, ଜନାର୍ଦ୍ଦନପୁର, ଲେଣ୍ଡୁରାଭଗବାନପୁର ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। କେତେକ ପ୍ରକଳ୍ପରେ ପାଇପ ଫାଟି ଯାଇଥିବାରୁ ଠିକରେ ଲୋକଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ। ଯଦିଓ ପ୍ରଶାସନ ପକ୍ଷରୁ ୭ଟି ଟ୍ୟାଙ୍କର ଯୋଗେ ବ୍ଲକର ୧୦୪ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ବିଦ୍ୟୁତ ମରାମତି କାର୍ଯ୍ୟ କରାଯାଉଥିବାରୁ ଲୋକେ ତ୍ୱରିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ପ୍ରତି ଗାଁରେ ଉତ୍ତେଜନା ଦେଖାଦେଲାଣି। ଗୁଳୁ ଗୁଳି ସହ ନ ପାରି ଲୋକେ ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ସେକ୍ସନ ଅଫିସ ସମ୍ମୁଖରେ ହଟଗୋଳ କରୁଛନ୍ତି। ଏପରି କି ଶନିବାର ରାତିରେ ବିଦ୍ୟୁତ୍ କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧରେ ହାତାହାତି ପରିସ୍ଥିତି ଉପୁଜିଥିଲା। ସାଧାରଣ ଲୋକଙ୍କ ରୋଷର ଶିକାର ହୋଇଥିଲେ କେତେଜଣ ବିଦ୍ୟୁତ କର୍ମଚାରୀ। ପ୍ରତିବାଦରେ ବିଦ୍ୟୁତ କର୍ମଚାରୀ କାମ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ଥାନାରେ ମଧ ଅଭିଯୋଗ ହୋଇଥିଲା। ପର ମୁହୂର୍ତ୍ତରେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ଏହାର ଆପୋସ ସମାଧାନ କରିଥିଲେ। ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ଅଧୀନରେ ଓରିକଣ୍ଡା, ଅସୁରେଶ୍ୱର ଓ ନିଶ୍ଚିନ୍ତକୋଇଲି ୩ଟି ସେକ୍ସନ ରହିଛି। ଏହି ୩ ସେକ୍ସନରେ ମୋଟ ୨୨୧ ରାଜସ୍ୱ ଗ୍ରାମର ୩୩ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ରହିଛନ୍ତି। ସେଥିମଧ୍ୟରୁ ୧୩୦ ଗ୍ରାମର ୧୨ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ବାକି ୯୧ ଗ୍ରାମରେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ବିଦ୍ୟୁତ ବିଭାଗ ତତ୍ପର ପ୍ରକାଶ କରୁ ନ ଥିବାରୁ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସଡିଓ ମାନସ ମହାନ୍ତି କହିଛନ୍ତି, ବରଗଡ଼ ଓ ବାଲେଶ୍ୱରରୁ ୫୦ଜଣ କୁଶଳୀ କର୍ମଚାରୀ ଓ ସ୍ଥାନୀୟ ୨୦୦ କର୍ମଚାରୀଙ୍କୁ ନେଇ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରାଯାଉଛି। ଖୁବଶୀଘ୍ର ସବୁ ଗ୍ରାମରେ ବିଦ୍ୟୁତ୍ ପହଞ୍ଚିବ। ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଚିନ୍ମୟ ବେହେରା କହିଛନ୍ତ, ଯେଉଁ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ଅଚଳ ଅଛି ସେଠାରେ ଭ୍ରାମ୍ୟ ଟ୍ୟାଙ୍କର ଯୋଗେ ଜଳ ଯୋଗଣ କରାଯାଉଛି। ସବୁ ଅଞ୍ଚଳରେ ବିଦ୍ୟୁତ୍ ସେବା ପହଞ୍ଚି ନ ଥିବାରୁ ଜେନେରେଟର ସାହାଯ୍ୟରେ ପାଣି ଉଠାଯାଇ ଲୋକଙ୍କ ପାଖରେ ପହଞ୍ଚାଯାଉଛି। ବନ୍ଦ ହୋଇଥିବା ପ୍ରକଳ୍ପ ଗୁଡିକ ମରାମତି ପାଇଁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ଦୂର ହେବ। ଏବେ ଦେଖିବାକୁ ଅପେକ୍ଷା କେବେ ଲୋକଙ୍କୁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଓ ପାନୀୟ ଜଳ ସୁବିଧା ମିଳି ପାରୁଛି।



ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ବଡ଼ମ୍ବା,୧୨।୫(ଡ.ଏନ.ଏ.)**

ବଡ଼ମ୍ବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୬ଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ କଚେରି ପଡ଼ିଆଠାରେ ପାଳିତ ହୋଇଯାଇଛି। ଅତିଥି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ଉତ୍ସବ ଆରମ୍ଭ ହୋଇଥିଲା। ଅନୁଷ୍ଠାନ ସଭାପତି ଅଧାପକ ସୁଧାକର ସାହୁ ସଭାପତି ଭାବେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବଡ଼ମ୍ବା ସହ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜସିଂହ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷାଧିକାରୀ ସନାତନ ବେହେରା, ସମ୍ମାନିତ ଅତିଥି ଖବରଦାତା ବିରଜା ଚରଣ ପଟ୍ଟନାୟକ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବୈଦ୍ୟନାଥ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଷ୍ଠାପର ଭାବେ ପାଠ ପଢ଼ି ଭବିଷ୍ୟତରେ ଉତ୍ତମ ନାଗରିକ ହେବାପାଇଁ ପରାମର୍ଶ ଦେଇଥିଲେ। ଏହାପରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ରଶ୍ମୀରଞ୍ଜନ ରଥ, ବିଦ୍ୟାଳୟର ସମସ୍ତ ଗୁରୁମା ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲାପାଳଙ୍କ ସମୀକ୍ଷା ବୈଠକ

**କଣ୍ଟାପଡା, ୧୨।୫(ଡି.ଏନ୍.ଏ.)**

ଫନୀ ପ୍ରଭାବରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ଓ ବିପନ୍ନଙ୍କୁ ରିଲିଫ ପ୍ରଦାନ ସମ୍ପର୍କରେ ସମୀକ୍ଷା କରିବା ପାଇଁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ରବିବାର କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବୈଠକ କରିଥିଲେ। ବୈଠକରେ ବିଡିଓ କେ. ଅଶୋକ କୁମାର, ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ, ୭ଟି ସର୍କଲର ରାଜସ୍ୱ ନିରୀକ୍ଷକ ଓ ରିଲିଫ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ ନେଇ ଜିଲାପାଳ ସମୀକ୍ଷା କରିଥିଲେ। କ୍ଷତିଗ୍ରସ୍ତଙ୍କ ନିକଟରେ ରିଲିଫ ଓ ପଲିଥିନ ଠିକ୍‌ଭାବେ ପହଞ୍ଚାଇବା ନିର୍ଦ୍ଦେଶ ଦେଇଥିଲେ।

## ନାବାଳିକା ବିବାହ ରୋକିଲେ ଚାଇଲ୍ଡ ଲାଇନ ଅଧିକାରୀ

**ମାହାଙ୍ଗା,୧୨।୫(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷ ନାବାଳିକାଙ୍କୁ ପରିବାର ଲୋକେ ବିବାହ ଦେଉଥିବାବେଳେ ଚାଇଲ୍ଡ ଲାଇନ ସଦସ୍ୟ ଓ ମାହାଙ୍ଗା ପୋଲିସ ସେଠାରେ ପହଞ୍ଚି ଏହି ବିବାହକୁ ରୋକିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳରେ ବିବାହ ପାଇଁ ରବିବାର କୋଳିଅଠା କପିଳେଶ୍ୱର ମହାଦେବ ମନ୍ଦିରରେ ପ୍ରସ୍ତୁତି ଚାଲିଥିଲା। ବିଶେଷ ସୂତ୍ରରୁ ଖବର ପାଇ କଟକ ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳାଙ୍କ ନେତୃତ୍ୱରେ ଏକ ଟିମ ପୋଲିସ ସହାୟତାରେ ଘଟଣାସ୍ଥଳରେ ଚଢ଼ାଉ କରି ବିବାହ ରୋକିବା ସହ ନାବଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ନାବାଳିକାଙ୍କୁ ଥାନାକୁ ଆଣି କାଗଜପତ୍ର ଯାଞ୍ଚ କରିଥିଲେ। ଏହାପରେ ବ୍ୟକ୍ତିଗତ ମୁଚାଲିକାରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବରପକ୍ଷଙ୍କୁ ଛାଡ଼ି ଦିଆଯାଇଛି। ଉଭୟ ପକ୍ଷ ସୋମବାର କଟକ ଚାଇଲ୍ଡ ଲାଇନ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୨ ମୋବାଇଲ ଜବତ ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୨।୫**

ମୋବାଇଲ ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳର ସୁକଦେବ ବେହେରା(୩୫)। ପୋଲିସ ତାଙ୍କ ଠାରୁ ୨ଟି ମୋବାଇଲ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଦାମବାଡି ଅଞ୍ଚଳରେ ରହୁଥିବା ସୁଲୋଚନା ବେହେରା ନାମ୍ନୀ ଜଣେ ମହିଳାଙ୍କ ଘରୁ ଗତ ଶନିବାର ସକାଳେ ୨ଟି ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୦୦/୧୯) ରୁଜୁ କରିଥିଲା।

## ବିଦ୍ୟୁତ୍ ଯୋଗାଣ ଦାବିରେ ରାସ୍ତାରୋକୋ



ବିଦ୍ୟୁତ୍ ଯୋଗାଣ ଦାବିରେ ଶତାଧିକ ଉପଭୋକ୍ତା ରାସ୍ତାରୋକୋ କରିଛନ୍ତି।

**ସାଲେପୁର,୧୨।୫(ଡି.ଏନ.ଏ.)**

ବାତ୍ୟା ଫନୀ ଯିବାର ୧୦ଦିନ ପରେ ମଧ ବିଦ୍ୟୁତ୍ ବିଭାଗର ନିଷ୍କ୍ରିୟତା ଯୋଗୁ ସାଲେପୁର ବ୍ଲକ ଅଞ୍ଚଳର ବହୁ ଗ୍ରାମକୁ ଅଦ୍ୟାବଧି ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇ ପାରିନାହିଁ। ଫଳରେ ଏହାକୁ ନେଇ ବହୁଗ୍ରାମ ବିଦ୍ୟୁତ୍ ସେକ୍‌ସନ୍ ଅଧୀନରେ ଥିବା ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ରବିବାର ସକାଳେ ବିଦ୍ୟୁତ୍ ସେକ୍‌ସନ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାରୋକୋ କରିଥିଲେ। ଫଳରେ ପାଗା ବଜାର ଦେଇ ସମସ୍ତ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ କଟକ ଏସିପି ବି.ଏନ. ଭଞ୍ଜ, ଜଗତପୁର ଥାନା ଭାରପ୍ରାପ୍ତ ଅଧିକାରୀ, ପାଗା ଫାଣ୍ଡି ଅଧିକାରୀ ପ୍ରମୁଖ ଫୋର୍ସ ସହ ଘଟଣାସ୍ଥଳକୁ ଆସି ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ଲୋକେ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଅଡିବସିଥିଲେ। ଶେଷରେ ସାଲେପୁର ସେସୁ ଡିଭିଜନ୍‌ର ସହକାରୀ ପରିଚାଳକ ଇଂ. ସୁଜିତ୍ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ବୁଧବାର ସୁଦ୍ଧା ବହୁଗ୍ରାମ ଫିଡର ଅଧୀନରେ ଥିବା ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ରାସ୍ତାରୋକୋରେ ଯୁବନେତା ସୁନାକର ବରାଳ, ମଧୁସୂଦନ ବାରିକ, ମାୟାଧର ଦଲାଇ, ଦେବବ୍ରତ ନାୟକ ଓ ଜଟିଆ ଷଣ୍ଢଙ୍କ ସମେତ ବହୁଗ୍ରାମ, ପାଗା, ତ୍ରିଲୋଚନପୁର, ମହାଜନପୁର, ମୁତାରିଫା ଆଦି ପଞ୍ଚାୟତର ଶହଶହ ଉପଭୋକ୍ତା ସାମିଲ ହୋଇଥିଲେ।

## ବାଙ୍କୀରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

**ବାଙ୍କୀ,୧୨।୫(ସ୍ୱ.ପ୍ର.)**

ଫନୀ ବାତ୍ୟାପରେ ବାଙ୍କୀରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ବ ବାଙ୍କୀ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ। ସେପେଟ ପୁନଶ୍ଚ ବାରମ୍ବାର ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ଯଦ୍ୱାରା ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବାଙ୍କୀ ଉପଖଣ୍ଡରେ ସେସୁର ସ୍ଥାୟୀ ସହକାରୀ ଯନ୍ତ୍ରୀ ନ ଥିବାରୁ ପ୍ରଶାସନିକ ଅସୁବିଧା ଦେଖାଦେଇଛି। ଖୋର୍ଦ୍ଧା ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ବାଙ୍କୀର ଅତିରିକ୍ତ ଦାୟିତ୍ୱ ଦିଆଯିବା ସହିତ ସେ ବାରଙ୍ଗ ଓ ଗୋଡିସାହି ଅଞ୍ଚଳର ଦାୟିତ୍ୱରେ ମଧ ଅଛନ୍ତି। ତେଣୁ ସେ ବାଙ୍କୀ ପ୍ରତି ବିଶେଷ ଧ୍ୟାନ ଦେଇପାରୁନାହାନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ବାଙ୍କୀରେ ବିଦ୍ୟୁତ ସେବା ପରିଚାଳିତ ହେଉଛି। କେତକ ଅଞ୍ଚଳରେ ଲୋଭୋଲଟେଜ୍ ସମସ୍ୟା ସୃଷ୍ଟି ହୋଇଛି। ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୬ନମ୍ବର ୱାର୍ଡ ଖମାରଙ୍ଗବାସୀଙ୍କ ପାଇଁ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ଦୀର୍ଘ ଦିନ ହେଲା ଏକ ଟ୍ରାନ୍ସଫର୍ମର ବସାଯାଇଛି। ହେଲେ ତାହା ଏ ପର୍ଯ୍ୟନ୍ତ ଚାଲୁକରା ଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ଏହି ଟ୍ରାନ୍ସଫର୍ମର ଚାଲୁ କରା ନ ଯାଏ ଗ୍ରାମବାସୀ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେବୋଲି ଚେତାବନୀ ଦେଇଛନ୍ତି। ସେହିପରି ଫିଡ୍‌କୋ କାର୍ଯ୍ୟାଳୟରେ ମିଟର ରିଡରମାନେ ସେମାନଙ୍କ ବର୍ଦ୍ଧିତ ଦରମା ପାଇବା ଦାବିକରି ଅଫିସରେ ତାଲା ପକାଇ ଦେବାରୁ ୧୦ଦିନ ହେବ କାର୍ଯ୍ୟାଳୟ ବନ୍ଦ ରହିଛି। ମିଟର ରିଡର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଫଳରେ ମିଟର ରିଡିଂ ଓ ବିଦ୍ୟୁତ ଦେୟ ପ୍ରଦାନରେ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫିଡ୍‌କୋରେ କାର୍ଯ୍ୟରତ ଲାଇନମ୍ୟାନମାନେ ୩ମାସର ବକେୟା ଦରମା ପାଇ ନ ଥିବାରୁ ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗଯୋଗ କରାଯାଇଥିଲେ ମଧ ସେମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ବାଙ୍କୀ ଜନସାଧାରଣ ଦାବି କରିଛନ୍ତି।

## ଟ୍ରକ୍ ସହ କାର୍ ଧକ୍କା: ଘଣ୍ଟାଏ ରାସ୍ତା ଜାମ୍

**ସାଲେପୁର,୧୨।୫(ଡି.ଏନ.ଏ.)**

ସାଲେପୁର-କୁଆଁପାଳ ରାସ୍ତାର ବେଙ୍ଗସାହୁ କଲୋନୀ ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ୧୨ ଚକିଆ ଟ୍ରକ୍ ସହ କାର୍ ଧକ୍କା ହୋଇଥିଲା। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ଘଣ୍ଟାଏ କାଳ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ସାଲେପୁର ପୋଲିସ ପହଞ୍ଚି ଉଭୟ ଟ୍ରକ୍ ଓ କାର୍‌କୁ ଜବତ କରିଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଟ୍ରକ୍‌ଟି ସାଲେପୁରରୁ କୁଆଁପାଳ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର୍ ଟ୍ରକ୍ ସହିତ ଧକ୍କା ହୋଇଥିଲା। କାର୍‌ର ଆଗପଟ ଟ୍ରକ୍‌ର ପଛ ଚକରେ ପଶିଯିବାରୁ କାର୍‌କୁ ଟ୍ରକ୍ କିଛିବାଟ ଟାଣି ନେଇଥିଲା। ଏହି ସମୟରେ କାର୍ ଚାଳକ ବାମପାର୍ଶ୍ୱ ଡୋର ଖୋଲି ବାହାରି ଆସିଥିଲେ। ଘଟଣାପରେ ଟ୍ରକ୍ ଚାଳକଙ୍କୁ ଲୋକେ ଅଟକାଇ ପୋଲିସ ଜିମା ଦେଇଛନ୍ତି। କାର୍ ଚାଳକ ଓ ଅନ୍ୟମାନେ ବର୍ତ୍ତି ଯାଇଛନ୍ତି।

■ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା

# ସମସ୍ତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ

**ମାହାଙ୍ଗା,୧୨।୫(ସ୍ୱ.ପ୍ର.)**



ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ମାହାଙ୍ଗା ବ୍ଲକ ଅଞ୍ଚଳରେ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରବିବାର ସମୀକ୍ଷା କରାଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଅଞ୍ଚଳରେ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବିଭିନ୍ନ ସହାୟତା କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ବିଶେଷ କରି ବ୍ଲକ ଅଞ୍ଚଳର ବହୁ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ଚିହ୍ନଟ କରାଯାଇ ପଲିଥିନ ଦିଆଯାଇ ନ ଥିବାରୁ ତୁରନ୍ତ ପଲିଥିନଠାରୁ ଆରମ୍ଭ କରି ସମସ୍ତ ସହାୟତା ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଦ୍ୟୁତ୍, ପାନୀୟ ଜଳ, ଗୋଖାଦ୍ୟ ପ୍ରଦାନ ଓ କୃଷି କ୍ଷୟକ୍ଷତି ଆକଳନ କରି ତୁରନ୍ତ ସମସ୍ତ ସୁବିଧା ଯୋଗାଇ ଦେବାପାଇଁ କହିଥିଲେ। ଏଥିରେ ବ୍ଲକ ଅଧକ୍ଷ ଶରତ ନାୟକ, ଏବିଡିଓ ମହେଶ୍ୱର ସେଠୀ, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ମାନସ ଦଳେଇ, ସହକାରୀ ଯନ୍ତ୍ରୀ ବିଭୂତି ପ୍ରଧାନ, ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ତନ୍ମୟ ମହାନ୍ତି, ଯୋଗାଣ ଅଧିକାରୀ ସକଳେଶ୍ୱର ଦାସ, ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ, ପୂର୍ବତନ ବ୍ଲକ୍ ଅଧକ୍ଷ ରାଜକିଶୋର ଜେନା, ପ୍ରାକ୍ତନ ବ୍ଲକ ଅଧକ୍ଷ ଭିକାରୀ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଲର ପଏଣ୍ଟ ବୁଲିଲେ ଆରଡିସି

**କଟକ ଅଫିସ,୧୨।୫**

ଫନୀ ଯିବା ପରେ କଟକ ମହାନଗର ନିଗମ(ସିଏମ୍‌ସି)ରେ ରିଲିଫ ପ୍ରଦାନ କାର୍ଯ୍ୟ ଜାରି ରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ବୈଠକ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି କେନ୍ଦ୍ରାଞ୍ଚଳ ଆରଡିସି ତଥା କଟକ ମହାନଗର ନିଗମ ପ୍ରଶାସକ ଅନିଲ କୁମାର ସାମଲ। ଫନୀ ବିପନ୍ନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସ୍ୱତନ୍ତ୍ର ସହାୟତା ସମ୍ପର୍କରେ ଆରଡିସି ବିଭିନ୍ନ ଡିଲର ପଏଣ୍ଟ ବୁଲିବା ସହ କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ସିଏମ୍‌ସି କାର୍ଯ୍ୟାଳୟ ପ୍ରକୋଷ୍ଠରେ ସିଏମ୍‌ସି କମିଶନର ଏବଂ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆରଡିସି କଟକ ବକ୍ସିବଜାର ଅଞ୍ଚଳର ବିଭିନ୍ନ ଡିଲର ପଏଣ୍ଟ ବୁଲିବା ସମୟରେ ଅଧିକାଂଶ ପଏଣ୍ଟ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସମସ୍ତ ଡିଲର ପଏଣ୍ଟ ଖୋଲିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ପ୍ୟାକେଜ ଅନୁସାରେ ହିତାଧିକାରୀମାନଙ୍କୁ ଅଧିକ ଏକମାସର ଭତ୍ତା, ଅତିରିକ୍ତ ୫୦୦ଟଙ୍କା ଓ ଏକ ମାସର ଅତିରିକ୍ତ ଚାଉଳ ପ୍ରଦାନ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ସିଏମ୍‌ସି ଅଧୀନରେ ହିତାଧିକାରୀମାନେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଦୁଇଦିନ ହେବ ସରକାରଙ୍କ ଭତା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସିଏମ୍‌ସି ଅଧୀନରେ ୭୮୯୭୧ ରାଶନ କାର୍ଡଧାରୀ ଅଛନ୍ତି। ସିଏମ୍‌ସି ପକ୍ଷରୁ ପାଖାପାଖି ୪୫ ପ୍ରତିଶତ ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା କମିଶନର କହିଛନ୍ତି। ଏହି ସମୀକ୍ଷା ବୈଠକରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ଡେପୁଟି କମିଶନର ଦେବାଶିଷ ମହାନ୍ତି, ପି.ଡି. ଡିଆରଡିଏ ସରୋଜ କାନ୍ତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ବାକି ଟଙ୍କା ମାଗିବାରୁ ମାଡ଼: ଜଣେ ଗିରଫ

**କଟକ ଅଫିସ,୧୨।୫:** ବାକି ଟଙ୍କା ମାଗିବାରୁ ମାଡ ମାରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଚାଉଳିଆଗଞ୍ଜ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗତିରାଉତପାଟଣା ଅଞ୍ଚଳର ପ୍ରଶାନ୍ତ ପରିଡା(୪୩)। ପୋଲିସ ସୂଚନା ଅନୁଯାୟୀ, ଗତିରାଉତପାଟଣାରେ ଅମରେଶ ଜେନା ନାମକ ଜଣେ ବ୍ୟକ୍ତଙ୍କର ତେଜରାତି ଦୋକାନ ଅଛି। ପ୍ରଶାନ୍ତ ତାଙ୍କ ଦୋକାନରୁ ବାକିରେ କିଛି ସାମଗ୍ରୀ ନେଇଥିଲେ। ଗତ ଶନିବାର ପ୍ରଶାନ୍ତ ଦୋକାନକୁ ଆସିଥିବାବେଳେ ଅମରେଶ ତାଙ୍କୁ ବାକି ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଗଲା। ଏଥିରେ ପ୍ରଶାନ୍ତ ଉତ୍କ୍ଷିପ୍ତ ହୋଇ ଅମରେଶଙ୍କୁ ମାଡ ମାରିଥିଲେ। ଏ ନେଇ ଅମରେଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୪୧/୧୯) ରୁଜୁ କରିଥିଲା।

### କଟକ ଗ୍ରାମାଞ୍ଚଳ ପୋଲିସ ପକ୍ଷରୁ ପୁରୀ ଗଲା ରିଲିଫ ସାମଗ୍ରୀ

**କଟକ ଅଫିସ,୧୨।୫:** କଟକ ଗ୍ରାମାଞ୍ଚଳର ପୋଲିସ ପକ୍ଷରୁ ରବିବାର ବାତ୍ୟାରେ ସବୁଠୁ ଅଧିକ କ୍ଷତିଗସ୍ତ ହୋଇଥିବା ପୁରୀ ଜିଲାକୁ ରିଲିଫ୍ ସାମଗ୍ରୀ ପଠାଯାଇଛି। ଦୁଇଟି ଟ୍ରକରେ ଚାଉଳ, ଡାଲି, ବିସ୍କୁଟ, ପାଣି ବୋତଲ ସମେତ ୨୦ କୁଇଣ୍ଟାଲର ପରିବା ପଠାଯାଇଛି। ବିଶେଷକରି ଓଡ଼ିଶା ପୋଲିସ ପକ୍ଷରୁ ପୁରୀରେ ଖୋଲାଯାଇଥିବା କରୁଣା କ୍ୟାମ୍ପରେ ଏସବୁ ସାମଗ୍ରୀରେ ରୋଷେଇ କରି ଲୋକମାନଙ୍କୁ ଦିଆଯିବ। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଓଡ଼ିଶା ପୋଲିସ ପକ୍ଷରୁ ପୁରୀର ୨ଟି ସ୍ଥାନରେ ଏହି କ୍ୟାମ୍ପ ଆରମ୍ଭ ହୋଇଥିଲା। ପରବର୍ତ୍ତି ସମୟରେ ପୁରୀ ଜିଲାର ୧୯ଟି ସ୍ଥାନରେ କରୁଣା କ୍ୟାମ୍ପ ଖୋଲାଯାଇଥିଲା। ଏହି କ୍ୟାମ୍ପରେ ପ୍ରତିଦିନ ୧୨ ହଜାର ଲୋକଙ୍କୁ ଖାଦ୍ୟ ଦିଆଯାଉଛି।

### ୨ ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୨।୫:** ମୋବାଇଲ ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳର ସୁକଦେବ ବେହେରା(୩୫)। ପୋଲିସ ତାଙ୍କ ଠାରୁ ୨ଟି ମୋବାଇଲ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଦାମବାଡି ଅଞ୍ଚଳରେ ରହୁଥିବା ସୁଲୋଚନା ବେହେରା ନାମ୍ନୀ ଜଣେ ମହିଳାଙ୍କ ଘରୁ ଗତ ଶନିବାର ସକାଳେ ୨ଟି ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୦୦/୧୯) ରୁଜୁ କରିଥିଲା।

### ଫନୀ ପ୍ରଭାବିତଙ୍କୁ ସହାୟତା ପ୍ରଦାନ

**କଟକ ଅଫିସ,୧୨।୫ :** କଟକ ଜିଲାରେ ଫନୀ ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରଦାନ କରାଯାଇଛି। ରବିବାର ସୁଦ୍ଧା ଜିଲାରେ ବିଭିନ୍ନ ଭତ୍ତା ପାଉଥିବା ୨ଲକ୍ଷ ୭୬ ହଜାର ୯୪୫ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨ଲକ୍ଷ ୪୫ ହଜାର ୭୭୯ ଜଣଙ୍କୁ ଅତିରିକ୍ତ ଏକ ମାସର ଭତ୍ତା ପ୍ରଦାନ କରାଯାଇଛି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୫ଲକ୍ଷ ୭ହଜାର ୩ଜଣ ହିତାଧିକାରୀ ମଧ୍ୟରୁ ରବିବାର ସୁଦ୍ଧା ୪ଲକ୍ଷ ୨୭ହଜାର ୧୬୪ ଜଣଙ୍କୁ ୫ଶହ ଟଙ୍କା ଲେଖାଏ ପ୍ରଦାନ ଓ ୪ଲକ୍ଷ ୫୪ହଜାର ୫୯୨ଜଣଙ୍କୁ ଅତିରିକ୍ତ ଏକ ମାସର କୋଟା ୮୨,୬୫୦ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। କୃଷି ବିଭାଗର ଆକଳନ ଅନୁସାରେ ଜିଲାରେ ୧୫ହଜାର ୮୨୫.୮୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି ଓ ୧୪ ହଜାର ୯୧୯.୮୦ ହେକ୍ଟର ଜମିରେ ଫସଲ ହାନି ଘଟିଛି। ସେହିପରି ୧୨୬ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫଳଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

■ ସିଆରଆରଆଇ-କନ୍ଦରପୁର ୩୩କେଭି ଫିଡର କାମ ଅଧାପନ୍ତରିଆ

# ୩ ବ୍ଲକର ବିଦ୍ୟୁତ୍ ଉପଭୋକ୍ତା ହନ୍ତସନ୍ତ

**କଟକ ସଦର, ୧୨।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ସମେତ ପଡୋସୀ ଜଗତ୍‌ସିଂହପୁର ଜିଲା ଅଧୀନ ରଘୁନାଥପୁର ଓ ବିରିଡି ବ୍ଲକ ଅଞ୍ଚଳର ବିଦ୍ୟୁତ୍ ସେବାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସିଆରଆରଆଇ-କନ୍ଦରପୁର ୩୩ କେଭି ନୂତନ ଫିଡରର କାମ ୨୦୧୪ରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ ୮ କିମି ଲମ୍ୱ ଫିଡରରେ ତାର ଟଣା ଯାଇପାରୁନାହିଁ। ଫଳରେ ଏହା ଉପରେ ନିର୍ଭର କରୁଥିବା ୩ଟି ବ୍ଲକର ବହୁ ସଂଖ୍ୟାରେ ବିଦ୍ୟୁତ୍ ଉପଭୋକ୍ତା ଠିକ୍ ଭାବେ ସେବା ନ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ଅଧପାନ୍ତରିଆ କାମ ଯୋଗୁ ବର୍ତ୍ତମାନ ଉକ୍ତ ଅଞ୍ଚଳର ଉପଭୋକ୍ତାମାନେ ପୋପରଡା-ଜଗତ୍‌ସିଂହପୁର ପୁରୁଣା ୩୩ କେଭି ଫିଡରରୁ ବିଦ୍ୟୁତ୍ ଶକ୍ତି ପାଉଛନ୍ତି। ବଣଜଙ୍ଗଲ, ନଦୀ, ଜନବସତି ଦେଇ ଆସିଥିବା ଏହି ପୁରୁଣା ଫିଡରର ମରାମତି କାମ ଠିକ୍ ଭାବେ କରିବା ସମ୍ଭବ ହୋଇପାରୁନାହିଁ। ସେଥିପାଇଁ ସାମାନ୍ୟ ବର୍ଷା, ପବନ ହେଲେ ବିଦ୍ୟୁତ୍ ସରବରାହ ବ୍ୟାଘାତ ଯୋଗୁ ବିସ୍ତିର୍ଣ୍ଣ ଅଞ୍ଚଳର ଲୋକମାନେ ବହୁ ସମୟ ଧରି ଅନ୍ଧାରରେ ରହିବା ପାଇଁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ନୂଆ ଫିଡର କାମ ଦାଦାବଟି ଆଦାୟକୁ ନେଇ

**ଦାଦାବଟି ଆଦାୟ କାର୍ଯ୍ୟ ବିଳମ୍ବର ମୁଖ୍ୟକାରଣ**

ଆଗେଇ ପାରୁନାହିଁ ବୋଲି ସେସୁର ଜଣେ ବରିଷ୍ଠ ଯନ୍ତ୍ରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। ବାତ୍ୟାରେ ପୁରୁଣା ଫିଡର ମରାମତି କାମ ସହଜ ହୋଇପାରୁ ନ ଥିବାରୁ ରବିବାର ସନ୍ଧ୍ୟା ସୁଦ୍ଧା କନ୍ଦରପୁର ଷ୍ଟ୍ରକଚରରେ କରେଣ୍ଟ ପହଞ୍ଚିପାରିନାହିଁ। ନୂତନ ଫିଡର କାମ ପାଇଁ ସେସୁର ଆନ୍ତରିକତା ନାହିଁ ବୋଲି ରଘୁନାଥପୁର ଅଞ୍ଚଳର ଉପଭୋକ୍ତା ବିନୋଦ ବିହାରୀ ମହାପାତ୍ର କହିଛନ୍ତି। ଦୁଇଟି ଜିଲାର ସ୍ୱାର୍ଥ ଏହି ନୂତନ ଫିଡରରେ ରହିଥିବାବେଳେ କାମ କରିବା ପାଇଁ ଯନ୍ତ୍ରୀ, ପୋଲିସ ପ୍ରଶାସନ ଓ ରାଜନେତାମାନଙ୍କର ଆନ୍ତରିକତା ନାହିଁ ବୋଲି ସୋମପୁର ଅଞ୍ଚଳର ସାମାଜିକ କର୍ମୀ କାର୍ତ୍ତିକ ପୁହାଣ କହିଛନ୍ତି। ନୂଆ ଲାଇନ୍‌ଟି ଗତିରାଉତପାଟଣା, ବିରିବାଟୀ, ଦେଓପୁର, ନାହାଭଙ୍ଗା, ଫକୀରପଡା ଦେଇ କନ୍ଦରପୁର ଷ୍ଟ୍ରକଚରକୁ ଆସିବ। କାର୍ଯ୍ୟରେ ବିଳମ୍ବ ସମ୍ପର୍କରେ ସେସୁ କଟକ ଡିଭିଜନ ନଂ.୨ ପରିଚାଳକ ସତ୍ୟବ୍ରତ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନଥିଲେ। ନୁଆ ଫିଡର କାମ ସରିଥିଲେ ୧ ଦିନରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ଏହି ଅଞ୍ଚଳରେ କରାଯାଇପାରିଥାନ୍ତା।



କଟକ ରାଣୀହାଟ ତାଳଦଣ୍ଡା କେନାଲର ପ୍ରଦୂଷିତ ଜଳରେ ବସ୍ତି ଅଞ୍ଚଳର ପିଲାମାନେ ଗାଧଉଛନ୍ତି।

## କାରପୋଡ଼ି ଘଟଣା: ୪ ଗିରଫ

**କଟକ ସଦର, ୧୨।୫(ଡି.ଏନ୍.ଏ.)**

କିଶୋରନଗର ଥାନା ଅଧୀନ ତରିତୋ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ କାରକୁ ଶନିବାର ଅପରାହ୍ନରେ ପଡୋସୀ ଲୋକେ ପୋଡି ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମୁର୍କଣ୍ଡି ଗ୍ରାମର ରାକେଶ ମଲ୍ଲିକ, ମିଟୁ ମଲ୍ଲିକ, ସୁମନ୍ତ କାଣ୍ଡି ଓ ବୁରୁଡା ଗ୍ରାମର ପ୍ରମୋଦ ସ୍ୱାଇଁ। ଏ ନେଇ ଥାନାରେ ଏକ ମାମଲା(ନଂ.୪୯/୧୯) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ରମେଶ ମହାନ୍ତିଙ୍କ ପରିବାର ସଦସ୍ୟ ଓ ସହଯୋଗୀମାନେ ରବୀନ୍ଦ୍ରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏଥିସହ ଘର ପାଖ ଗ୍ୟାରେଜରେ ଥିବା ତାଙ୍କ କାରକୁ ମଧ ପୋଡି ଦେଇଥିଲେ। ଏ ନେଇ ରବୀନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।



ପ୍ରବଳ ଖରା ହେତୁ ରବିବାର ଅପରାହ୍ନ ୩ଟା ୪୫ ମିନିଟ୍‌ରେ କଟକ ଓଏମ୍‌ପି ଓଭରବ୍ରିଜ ଜାତୀୟ ରାଜପଥ ଖାଁ ଖାଁ।

## ଶନିଯାତ୍ରାରେ ଡ୍ରିମ୍‌ସ ପକ୍ଷରୁ ଜଳ ବିତରଣ

**କଟକ ଅଫିସ,୧୨।୫**

କଟକ ଜିଲାର ଜଲୌକାସ୍ଥିତ ଅଡମ୍ବରୁର ପ୍ରସିଦ୍ଧ ଶନିଯାତ୍ରାରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଏବଂ ଜାତୀୟ ସେବା ସଂସ୍ଥା ପକ୍ଷରୁ ଜଳ ବିତରଣ କେନ୍ଦ୍ର ଖୋଲାଯାଇ ବହୁ ଶ୍ରଦ୍ଧାଳୁଙ୍କୁ ଦହିପାଣି ବଣ୍ଟନ କରାଯାଇଥିଲା। 'ଡ୍ରିମ୍‌ସ'ର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ପରିବାରର ସଦସ୍ୟମାନେ ପରିଚାଳନା କରିଥିଲେ।

## ବିଶ୍ୱ ମାତୃତ୍ୱ ଦିବସ ପାଳିତ

**ଚୌଦ୍ୱାର, ୧୨।୫(ଡି.ଏନ୍.ଏ.)**

ଉତ୍କଳ ପୂଜ୍ୟ ପୂଜନ ପରିଷଦ ପକ୍ଷରୁ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବିଶ୍ୱ ମାତୃତ୍ୱ ଦିବସ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଚକ୍ର ଅନୁଷ୍ଠାନର ଅଧକ୍ଷା ନମିତା ପଣ୍ଡା, ପ୍ରାଧ୍ୟାପିକା ବିଦ୍ୟୁତ୍ କୁମାରୀ ଲାଲା, ଡ. ଝରଣା ସାହୁ ଅତିଥିଭାବେ ଯୋଗଦେଇ ମାତୃତ୍ୱ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷ ମାନସ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂଜା ବାରିକ, ସୁନୀତା ଦାସ, ପିଙ୍କି ସାହୁ, ଗାୟତ୍ରୀ ସାହୁ, ନିରୁପମା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେଶ ଓଝା ଧନ୍ୟବାଦ ଦେଇଥିଲେ।

## ୧୨ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଆନ୍ଧ୍ର ପ୍ରଦେଶରୁ ପଶ୍ଚିମବଙ୍ଗ ଚାଲାଣବେଳେ ଶହୀଦନଗର ଥାନା ପୋଲିସ ଆଚାର୍ଯ୍ୟବିହାର ନିକଟରୁ ଏକ ମିନିଟ୍ରକ୍ ସହ ୨୧୮ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହି ଘଟଣାରେ ଟ୍ରକ୍ ଡ୍ରାଇଭର ଆନ୍ଧ୍ରପ୍ରଦେଶ ଭାଡ୍ରାଖାତା ଅଞ୍ଚଳର ଏସ୍. କୋବିନ୍ଦ ଓ ପୋଟମପେଟା ଅଞ୍ଚଳର ଆର୍. ସତ୍ୟ ନାରାୟଣଙ୍କୁ ଗିରଫ କରାଯାଇଛି। କେସ୍ ନଂ.୨୦୮/୧୯, ଏନ୍‌ଡିପିଏସ୍ ଆକ୍ଟ ୨୦(ବି) ଲଗାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୧୦ଟା ୧୫ରେ ଗଞ୍ଜେଇ ଭର୍ତ୍ତି ୪୦୭ ମିନିଟ୍ରକ୍‌ଟି ଆଚାର୍ଯ୍ୟ ବିହାର-ଜୟଦେବବିହାର ରାସ୍ତା ପାର୍ଶ୍ୱରେ ପାର୍କିଂ ହୋଇଥିଲା। ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଗଞ୍ଜେଇରୁ କିଛି ଭୁବନେଶ୍ୱରର କେତେଜଣ ଖୁଚୁରା ବେପାରି ନେବାର ଥିଲା। ତେଣୁ ଡ୍ରାଇଭର ଗାଡ଼ି ପାର୍କିଂ କରି ସେମାନଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଶହୀଦନଗର ପୋଲିସ ଉକ୍ତ ଗାଡିକୁ ଯାଞ୍ଚ କରିବା ପରେ ଭିତରେ ବିପୁଳ ଗଞ୍ଜେଇ ଠାବ କରିଥିଲେ। ତେବେ ଏହି ଗଞ୍ଜେଇ ସେମାନେ କେଉଁଠିକୁ ଚାଲାଣ କରୁଥିଲେ, ଏଥିରେ ମାଷ୍ଟରମାଇଣ୍ଡ୍ କିଏ ଓ ଭୁବନେଶ୍ୱରରେ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

## ନାବାଳିକା ବିବାହ ରୋକିଲେ ଚାଇଲ୍ଡ ଲାଇନ ଅଧିକାରୀ

**ମାହାଙ୍ଗା,୧୨।୫(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷ ନାବାଳିକାଙ୍କୁ ପରିବାର ଲୋକେ ବିବାହ ଦେଉଥିବାବେଳେ ଚାଇଲ୍ଡ ଲାଇନ ସଦସ୍ୟ ଓ ମାହାଙ୍ଗା ପୋଲିସ ସେଠାରେ ପହଞ୍ଚି ଏହି ବିବାହକୁ ରୋକିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳରେ ବିବାହ ପାଇଁ ରବିବାର କୋଳିଅଠା କପିଳେଶ୍ୱର ମହାଦେବ ମନ୍ଦିରରେ ପ୍ରସ୍ତୁତି ଚାଲିଥିଲା। ବିଶେଷ ସୂତ୍ରରୁ ଖବର ପାଇ କଟକ ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଲାଙ୍କ ନେତୃତ୍ୱରେ ଏକ ଟିମ ପୋଲିସ ସହାୟତାରେ ଘଟଣାସ୍ଥଳରେ ଚଢ଼ାଉ କରି ବିବାହ ରୋକିବା ସହ ନାବଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ନାବାଳିକାଙ୍କୁ ଥାନାକୁ ଆଣି କାଗଜପତ୍ର ଯାଞ୍ଚ କରିଥିଲେ। ଏହାପରେ ବ୍ୟକ୍ତିଗତ ମୁଚାଲିକାରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବରପକ୍ଷଙ୍କୁ ଛାଡ଼ି ଦିଆଯାଇଛି। ଉଭୟ ପକ୍ଷ ସୋମବାର କଟକ ଚାଇଲ୍ଡ ଲାଇନ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ଅଫିସ, ୧୨।୫**

ପୁରୀଘାଟ ଥାନା ଅଧୀନ ହଜାରୀ ଲେନ୍ ଅଞ୍ଚଳରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ସୌରଭ କାନୁନ୍‌ଗୋ(୨୬)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ସୌରଭ ଏକ ଘରେ ଏକୁଟିଆ ଶୋଇଥିଲେ। ରବିବାର ସକାଳୁ ସେ ନ ଉଠିବାରୁ ଘର ଲୋକ କବାଟ ବାଡେଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଫଳରେ ଘରଲୋକେ କବାଟ ଭାଙ୍ଗି ଭିତରକୁ ଯିବାରୁ ସୌରଭ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା।

## ଫନୀ: ଡିଲର ପଏଣ୍ଟ ବୁଲିଲେ ଆରଡିସି

**କଟକ ଅଫିସ,୧୨।୫**

ଫନୀ ଯିବା ପରେ କଟକ ମହାନଗର ନିଗମ(ସିଏମ୍‌ସି)ରେ ରିଲିଫ ପ୍ରଦାନ କାର୍ଯ୍ୟ ଜାରି ରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ବୈଠକ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି କେନ୍ଦ୍ରାଞ୍ଚଳ ଆରଡିସି ତଥା କଟକ ମହାନଗର ନିଗମ ପ୍ରଶାସକ ଅନିଲ କୁମାର ସାମଲ। ଫନୀ ବିପନ୍ନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସ୍ୱତନ୍ତ୍ର ସହାୟତା ସମ୍ପର୍କରେ ଆରଡିସି ବିଭିନ୍ନ ଡିଲର ପଏଣ୍ଟ ବୁଲିବା ସହ କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ସିଏମ୍‌ସି କାର୍ଯ୍ୟାଳୟ ପ୍ରକୋଷ୍ଠରେ ସିଏମ୍‌ସି କମିଶନର ଏବଂ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆରଡିସି କଟକ ବକ୍ସିବଜାର ଅଞ୍ଚଳର ବିଭିନ୍ନ ଡିଲର ପଏଣ୍ଟ ବୁଲିବା ସମୟରେ ଅଧିକାଂଶ ପଏଣ୍ଟ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସମସ୍ତ ଡିଲର ପଏଣ୍ଟ ଖୋଲିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ପ୍ୟାକେଜ ଅନୁସାରେ ହିତାଧିକାରୀମାନଙ୍କୁ ଅଧିକ ଏକମାସର ଭତ୍ତା, ଅତିରିକ୍ତ ୫୦୦ଟଙ୍କା ଓ ଏକ ମାସର ଅତିରିକ୍ତ ଚାଉଳ ପ୍ରଦାନ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ସିଏମ୍‌ସି ଅଧୀନରେ ହିତାଧିକାରୀମାନେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଦୁଇଦିନ ହେବ ସରକାରଙ୍କ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସିଏମ୍‌ସି ଅଧୀନରେ ୭୮୯୭୧ ରାଶନ କାର୍ଡଧାରୀ ଅଛନ୍ତି। ସିଏମ୍‌ସି ପକ୍ଷରୁ ପାଖାପାଖି ୪୫ ପ୍ରତିଶତ ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା କମିଶନର କହିଛନ୍ତି। ଏହି ସମୀକ୍ଷା ବୈଠକରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ଡେପୁଟି କମିଶନର ଦେବାଶିଷ ମହାନ୍ତି, ପି.ଡି. ଡିଆରଡିଏ ସରୋଜ କାନ୍ତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ସମୀକ୍ଷା ବୈଠକ

**କଣ୍ଟାପଡା, ୧୨।୫(ଡି.ଏନ୍.ଏ.)**

ଫନୀ ପ୍ରଭାବରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ପରବର୍ତ୍ତି ପୁନଃରୁଦ୍ଧାର କାର୍ଯ୍ୟ ଓ ବିପନ୍ନଙ୍କୁ ରିଲିଫ ପ୍ରଦାନ ସମ୍ପର୍କରେ ସମୀକ୍ଷା କରିବା ପାଇଁ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ରବିବାର କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବୈଠକ କରିଥିଲେ। ବୈଠକରେ ବିଡିଓ କେ. ଅଶୋକ କୁମାର, ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ, ୭ଟି ସର୍କଲର ରାଜସ୍ୱ ନିରୀକ୍ଷକ(ଆରଆଇ) ଓ ରିଲିଫ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ ନେଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବାତ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ରିଲିଫ ଓ ପଲିଥିନ ଠିକ୍‌ଭାବେ ପହଞ୍ଚାଇବା ସହ ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆରଆଇ ଓ ଅନ୍ୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଫନୀରେ ଉପୁଡି ପଡିଥିବା ଗଛ ଓ ଆବର୍ଜନାକୁ ବାଲିଯାତ୍ରା ତଳପଡିଆରେ ପକାଯିବା ପରେ ନିଆଁ ଲଗାଇ ପୋଡି ଦିଆଯାଉଛି।



କଟକ ବିଜୁ ପଟ୍ଟନାୟକ ଛକଠାରେ ଉପୁଡି ପଡିଥିବା ଗଛକୁ କାଟି ରାସ୍ତାରୁ ହଟାଉଥିବା ଓଡ୍ରାଫ ଟିମ୍‌ର ସଦସ୍ୟମାନେ।

## ଗଛକଟା, ରିଲିଫ କାର୍ଯ୍ୟରେ ଲାଗିଛନ୍ତି ଏନ୍‌ଡିଆରଏଫ୍, ଓଡ୍ରାଫ୍, ଓଏଫ୍‌ଡିସି ଓ ଅଗ୍ନିଶମ ବିଭାଗର ୫୪୪ ୟୁନିଟ୍

**କଟକ ଅଫିସ,୧୨।୫**

ଫନୀ ଯୋଗୁ କଟକ, ଖୋର୍ଦ୍ଧା, ପୁରୀ ସମେତ ଓଡ଼ିଶାର ୧୫ଟି ଜିଲା କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଗଛ କ୍ଷତିଗ୍ରସ୍ତ ହୋଇଥିବାବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ତେବେ ଗଛଗୁଡିକୁ ରାସ୍ତାରୁ ହଟାଇବା ସହ ଲୋକମାନଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବା କାର୍ଯ୍ୟ ପାଇଁ ଏନ୍‌ଡିଆରଏଫ୍, ଓଡ୍ରାଫ୍, ଓଏଫ୍‌ଡିସି ଏବଂ ଅଗ୍ନିଶମ ବିଭାଗର ୫୪୪ ୟୁନିଟ୍ ଲାଗିଥିବା ନେଇ ରବିବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପୁରୀରେ ୯ ୟୁନିଟ୍ ଓଡ୍ରାଫ୍, ୨୦ ୟୁନିଟ୍ ଏନ୍‌ଡିଆରଏଫ୍, ୫୮ ଅଗ୍ନିଶମ ଦଳ ଏବଂ ୯୦ ଓଏଫ୍‌ଡିସି ଦଳ ନିୟୋଜିତ ହୋଇଛନ୍ତି। ସେହିପରି ଭୁବନଶ୍ୱରରେ ୭ ୟୁନିଟ୍ ଓଡ୍ରାଫ୍, ୨୦ ୟୁନିଟ୍ ଏନ୍‌ଡିଆରଏଫ୍, ୯୦ ଅଗ୍ନିଶମ ଦଳ ଏବଂ ୧୨୦ ଓଏଫ୍‌ଡିସି ଦଳ ନିୟୋଜିତ ହୋଇଥିବାବେଳେ ଖୋର୍ଦ୍ଧାରେ ୧ ୟୁନିଟ୍ ଓଡ୍ରାଫ୍, ୩ ୟୁନିଟ୍ ଏନ୍‌ଡିଆରଏଫ୍, ୩୨ ଅଗ୍ନିଶମ ଦଳ, କଟକରେ ୩ ୟୁନିଟ୍ ଓଡ୍ରାଫ୍, ୪ ୟୁନିଟ୍ ଏନ୍‌ଡିଆରଏଫ୍, ୭୭ ଅଗ୍ନିଶମ ଦଳ, ଜଗତ୍‌ସିଂହପୁରରେ ୨ ୟୁନିଟ୍ ଏନ୍‌ଡିଆରଏଫ୍, ୫ ଅଗ୍ନିଶମ ଦଳ, ବାଲେଶ୍ୱରରେ ୧ ୟୁନିଟ୍ ଏନ୍‌ଡିଆରଏଫ୍, ୨ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ତେବେ ମୋଟ ଉପରେ ୨୦ ୟୁନିଟ୍ ଓଡ୍ରାଫ୍, ୫୦ ୟୁନିଟ୍ ଏନ୍‌ଡିଆରଏଫ୍, ୨୬୪ ଅଗ୍ନିଶମ ଦଳ ଏବଂ ୨୧୦ ଓଏଫ୍‌ଡିସି ଦଳ କାର୍ଯ୍ୟରେ ଲାଗିଛନ୍ତି।



ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ଗାଡି ଧକ୍କାରେ ବୃଦ୍ଧ ମୃତ

**ବାଲିଅନ୍ତା, ୧୨।୫ (ଡି.ଏନ.ଏ.)**- ୧୬ ନଂ. ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ପାହଲ ଫାଣ୍ଡି ଅଧୀନ ରୁଦ୍ରପୁର ୨୨ ତାଲା ସମ୍ମୁଖରେ ରବିବାର ଭୋର ୫ଟାରେ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କ ବୟସ ୬୦ ପାଖାପାଖି ହେବ ବୋଲି ପୋଲିସ କହିଛି। ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ମୃତକଙ୍କ ପରିଚୟ ମିଳି ନ ଥିବାରୁ ତାଙ୍କର ଚିହ୍ନଟ ପାଇଁ ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ଫାଣ୍ଡି ଅଧିକାରୀ କାଶୀନାଥ ହାଂସଦା କହିଛନ୍ତି।

### ଛାତ୍ରଙ୍କ ମିଳୁନି ସନ୍ଧାନ

**ବେଗୁନିଆ, ୧୨।୫ (ଡି.ଏନ.ଏ.)**
ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅଧୀନ ଧଳାପଥର ଗ୍ରାମର ଶ୍ରୀଧର ମହାରଣାଙ୍କ ପୁଅ ପବିତ୍ର(୧୪) କେଉଁଆଡେ ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ସପ୍ତାହେ ହେଲା ଛାତ୍ରଙ୍କର କୌଣସି ଟେର ପାଇପାରିନାହିଁ। ଶ୍ରୀଧରଙ୍କ ଅଭିଯୋଗ ମୁତାବକ, ପବିତ୍ର ୧୦ମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଗତ ୩ ତାରିଖ ପରଠୁ ପବିତ୍ର କେଉଁଆଡେ ଚାଲି ଯାଇଛନ୍ତି। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା

**ବାଲୁଗାଁ, ୧୨।୫(ଡି.ଏନ.ଏ.)**- ଚିଲିକା ଅଞ୍ଚଳରେ ବାତ୍ୟା ପ୍ରପୀଡ଼ିତଙ୍କ ସାହାଯ୍ୟାର୍ଥେ ଆଇସିଆଇସିଆଇ ବ୍ୟାଙ୍କ ବାଲୁଗାଁ ଶାଖା ପକ୍ଷରୁ ପରିଚାଳକ ମହେନ୍ଦ୍ର କୁମାର ସାହୁ ୧୦ ଲକ୍ଷ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଶନିବାର ବ୍ଲକ୍ କାର୍ଯ୍ୟାଳୟରେ ଏବିଡ଼ିଓ ସୀମାଦ୍ରି ପାତ୍ରଙ୍କ ଉପସ୍ଥିତିରେ ବିଡ଼ିଓ ସୁଷମା ବାରିକଙ୍କୁ ବ୍ୟାଙ୍କ ପରିଚାଳକ ସାହୁ ଚେକ୍ ପ୍ରଦାନ କରିଥିଲେ।

### ଆମ୍ବତୋଟାରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**- ମଞ୍ଚେଶ୍ୱର ଥାନା ଗାଡକଣ କେଲୁଚରଣ ପାର୍କ ନିକଟ ଏକ ଆମ୍ବତୋଟାରୁ ରବିବାର ଜଣେ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ପୋଲିସ। ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ। ତାଙ୍କୁ କେହି ହତ୍ୟା କରି ସେଠାରେ ଟାଙ୍ଗି ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଯୁବକ ଜଣକ ବାତ୍ୟା ପରେ ଉକ୍ତ ଅଞ୍ଚଳରେ ବୁଲାବୁଲି କରୁଥିଲେ। ସେ ବଙ୍ଗଳା ଭାଷାରେ କଥା ହେଉଥିଲେ। ଲୋକଙ୍କ ବାଡିରେ ଭାଙ୍ଗିପଡିଥିବା ଗଛ କାଟି ମଜୁରି ନେଉଥିଲେ। ଯାହା ଟଙ୍କା ମିଳୁଥିଲା ସେଥିରେ ସେ ବାହାରୁ କିଣି ଖାଇବା ସହ ଉକ୍ତ ଆମ୍ବତୋଟା ନିକଟରେ ଶୋଉଥିଲେ। ରବିବାର ସକାଳୁ ତାଙ୍କ ମୃତଦେହ ଆମ୍ବତୋଟାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଆମ୍ବଗଛରେ ଦଉଡି ବନ୍ଧାଯାଇ ତାଙ୍କ ବେକରେ ଫାଶ ଲଗାଯାଇଥିଲା। ପୋଲିସ ସେଠାରେ ପହଞ୍ଚିଥିଲା। ତେବେ ଯୁବକ ଜଣକ ମାନସିକ ଚିନ୍ତାରେ ଥିବା ଓ ସେ ଆତ୍ମହତ୍ୟା କରିଦେଇଥିବା କେହି କେହି କହୁଛନ୍ତି। ତାଙ୍କୁ ହତ୍ୟା କରାଯାଇ ଟାଙ୍ଗି ଦିଆଯାଇଥିବା ମଧ ଶୁଣିବାକୁ ମିଳୁଛି। ତେବେ ତାଙ୍କର ପରିଚୟ ପାଇବା ପୋଲିସ ପାଇଁ ପ୍ରାଥମିକତା ହୋଇଛି। କାହିଁକି ଓ କିଏ ତାଙ୍କୁ ହତ୍ୟା କଲା ଏବଂ ଯଦି ଆତ୍ମହତ୍ୟା କରିଥିବେ ତା'ହେଲେ କ'ଣ ପାଇଁ ଏପରି ଘଟିଲା ତାହାର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ତଦନ୍ତ କରୁଛି।

# ମୁଣ୍ଡ ଉପରେ ଝୁଲୁଛି ବିପଦ

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**



ରାସ୍ତା କଡ଼ରେ ଭାଙ୍ଗିଯାଇଥିବା ଗଛରେ ଭଙ୍ଗା ଡାଳ ଓହଳି ରହିଛି।

- ଗଛରେ ଓହଳି ରହିଛି ଭଙ୍ଗା ଡାଳ
- ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ, ତାର
- ଭୟ, ଆଶଙ୍କା ବଢ଼ାଇଛି ଝୁଲନ୍ତା ହୋର୍ଡିଂ

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ର କେଇଘଣ୍ଟାର ତାଣ୍ଡବ ପରେ ରାଜଧାନୀରେ ଏବେ ଗଛକଟା, ସଫେଇ, ବିଦ୍ୟୁତ୍ ମରାମତି ସହ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱରର ସ୍ଥିତି କ୍ରମଶଃ ସୁଧୁରୁଥିବାବେଳେ ଯାତାୟାତଠାରୁ ଆରମ୍ଭ କରି ବିପର୍ଯ୍ୟସ୍ତ ହୋଇପଡିଥିବା ସହରୀ ଜୀବନ ବି ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି। ଏପରିସ୍ଥିତିରେ ପ୍ରତିମୁହୂର୍ତ୍ତରେ ସହରବାସୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଘରୁ ଗୋଡ଼ କାଢ଼ିବା ମାତ୍ରେ ଭୟ ମାଡ଼ି ବସୁଛି। କାରଣ ବିଭିନ୍ନ ସ୍ଥାନରେ ମୁଣ୍ଡ ଉପରେ ଝୁଲି ରହିଛି ବିପଦ। କେଉଁଠି ଗଛରେ ବଡ଼ ବଡ଼ ଡାଳ ଝୁଲି ରହିଛି ତ ଆଉ କେଉଁଠି ବିଦ୍ୟୁତ୍ ଖୁଣ୍ଟ, ତାର, ହୋର୍ଡିଂ, ପାଚେରି, ଘର ବିପଜ୍ଜନକ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି।

ବାତ୍ୟାରେ ରାଜଧାନୀରେ ଉପୁଡି ପଡ଼ିଥିବା ଓ ଭାଙ୍ଗିଯାଇଥିବା ଗଛକୁ କାଟି ସଫା କରାଯାଉଛି। ହେଲେ ଗଛରେ ଅଧା ଭଙ୍ଗା ହୋଇ ଓହଳିଥିବା ବଡ଼ ବଡ଼ ଡାଳକୁ କଟାଯାଉ ନ ଥିବାରୁ ତାହା ଏବେ ଝୁଲି ରହିଛି। ସାମାନ୍ୟ ପବନରେ ତାହା ତଳକୁ ଖସିବା ସମ୍ଭାବନା ରହିଛି। ଯଦି ଉକ୍ତ ଡାଳ କାହା ମୁଣ୍ଡରେ ପଡ଼ିବ, ତେବେ ଜୀବନ ଚାଲିଯିବା ନିଶ୍ଚିତ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ମଧ ଦେଖାଦେଇଛି। ସେହିଭଳି ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ପଡି ରହିଛି। କେତେକ ସ୍ଥାନରେ ବିଭିନ୍ନ ବିଦ୍ୟୁତ ସରଞ୍ଜାମ ଝୁଲି ରହିବା ସ୍ଥିତିରେ ରହିଛି। ରବିବାର କଟକରେ ଏଭଳି ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ପଡି ଜଣେ ପିଲାର ଜୀବନ ଯିବା ଖବର ଶୁଣି ରାଜଧାନୀବାସୀଙ୍କ ମନରେ ଚିନ୍ତା ଘାରିଛି। ଏହାସହ ସହରର ଅନେକ ସ୍ଥାନରେ ଲାଗିଥିବା ହୋର୍ଡିଂ ମଧ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଘର ଉପରେ ରହିଥିବା ବଡ଼ ବଡ଼ ଲୁହା ହୋର୍ଡିଂ ବାତ୍ୟାରେ ଭାଙ୍ଗି ଯାଇଛି। କେତେକ ସ୍ଥାନରେ ଏହା ଦୁର୍ବଳ ସ୍ଥିତିରେ ରହିଥିବାବେଳେ ଆଉ କେତେକ ସ୍ଥାନରେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବାତ୍ୟା ପରଠାରୁ ବନ୍ଦ ଥିବା ରାଜଧାନୀର ଏକାଧିକ ପାର୍କ ଏବେ ଖୋଲିଲାଣି। ସେଠାରେ ମଧ ଧୀରେ ଧୀରେ ସହରବାସୀଙ୍କ ସମାଗମ ବଢ଼ିଲାଣି। ହେଲେ ପାର୍କରେ ଉପୁଡି ପଡିଥିବା ଗଛଗୁଡ଼ିକୁ ସଫା କରାଯାଇଥିଲେ ମଧ ରହିଥିବା କେତେକ ଗଛ ଉପରେ ବହୁ ଶୁଖିଲା ଡ଼ାଳ ଝୁଲି ରହିଛି। ଏବେ ଖରାତାତି ଓ ଗୁଳୁଗୁଳି ଯୋଗୁ ଲୋକେ ବିଶେଷକରି ପାର୍କରେ ରହିଯାଇଥିବା ଗଛ ଛାଇ ତଳେ ଟିକେ ବସିବାକୁ ପସନ୍ଦ କରୁଛନ୍ତି। ହେଲେ ଉପରେ ଝୁଲୁଥିବା ଡାଳ ଯେ କେତେବେଳେ ବିପଦ ଆଣିବ ତାହା କହିବା ମୁସ୍କିଲ୍। କେବଳ ପାର୍କ ନୁହେଁ, ଅନେକ ସ୍କୁଲ ଓ କଲେଜରେ ସମାନ ସ୍ଥିତି ଦେଖିବାକୁ ମିଳୁଛି। କ୍ୟାମ୍ପସରେ ଅନେକ ବଡ଼ ବଡ଼ ଗଛ ରହିଛି। ଏସବୁ ଗଛରେ ଅଧା ଭଙ୍ଗା ଡାଳ ଲାଖି ରହିଛି। ସ୍କୁଲ, କଲେଜ ଖୋଲିଲେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ରାଜଧାନୀରେ ବାତ୍ୟାରେ ଯେତିକି ଗଛ ଭାଙ୍ଗିଛି ତାହାକୁ ପୂରା ସଫା କରିବାକୁ ଆହୁରି ସମୟ ଲାଗିବ। କର୍ମଚାରୀମାନେ ଠିକ୍‌ଭାବେ କାମ କରି ଏହିସବୁ ଗଛକୁ କାଟି ସଫା କରୁଛନ୍ତି। ହେଲେ ଗଛ ଉପରେ ଲାଖି ରହିଥିବା ଡାଳ କଥା ଆମେ ଚିନ୍ତା କରି ନ ଥିଲୁ। ଏବେ ଏହି ଡାଳ ଗଛରେ ଶୁଖି ପବନରେ ଝୁଲୁଛି। ବିଭିନ୍ନ ଆଡୁ ଅଭିଯୋଗ ଆସିବା ପରେ ଏହା ଉପରେ ଗୁରୁତ୍ୱ ଦିଆଯାଉଛି।। ଝୁଲି ରହିଥିବା ଡାଳକୁ କଟାଯାଇ ବାହାର କରାଯାଉଥିବା ସେ କହିଛନ୍ତି।

### ଅଭିଯୋଗ ପରେ ତତ୍ପରତା

ପୂର୍ବରୁ ଭଙ୍ଗା ଡାଳ କାଟି ସଫା କରାଯାଇଥିବା କେତେକ ଗଛ ଉପରେ ଲାଗିଥିବା ଡାଳକୁ ରବିବାର ପୁଣିଥରେ ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀ କାଟି ବାହାର କରିଛନ୍ତି। ଆଇଜି ପାର୍କ ନିକଟ, କ୍ୟାପିଟାଲ ହସ୍ପିଟାଲ ଛକ, ଗଭର୍ନର ହାଉସ୍ ଛକ ଆଦି ଅନେକ ସ୍ଥାନରେ ଓହଳିଥିବା ଡାଳକୁ କଢ଼ାଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟରେ କମିଶନରେଟ ପୋଲିସ ପକ୍ଷରୁ ମଧ ଏହାର ମୁଖ୍ୟାଳୟରେ ଏକ କଣ୍ଟ୍ରୋଲରୁମ୍ ଖୋଲାଯାଇଛି। ଯେଉଁ ସ୍ଥାନରେ ବିପଜ୍ଜନକ ଅବସ୍ଥାରେ ଗଛ ଡାଳ ରହିଛି ଓ ଗଛ ପଡି ରହିଛି ସେସମ୍ପର୍କରେ କଣ୍ଟ୍ରୋଲରୁମ୍ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ନଚେତ ନିକଟ ଥାନାରେ ଜଣାଇବାକୁ କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି।

### ବାତ୍ୟା କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ସହାୟତା ଦାବି

**ବାଲୁଗାଁ, ୧୨।୫(ଡି.ଏନ.ଏ.)**
ବାତ୍ୟା ଫନୀ ଯୋଗୁ ସମଗ୍ର ଚିଲିକା ନିର୍ବାଚନମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ରାଶନ କାର୍ଡ଼ଧାରୀ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଥିବା ବେଳେ କାର୍ଡ଼ରୁ ବଞ୍ଚିତ କ୍ଷତିଗ୍ରସ୍ତ ପରିବାରଙ୍କୁ ଅଦ୍ୟାବଧି କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ଏ ନେଇ ବିପନ୍ନ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହି ପରିପ୍ରେକ୍ଷୀରେ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପ୍ରାକ୍ତନ ସଭାପତି ମୁରଲୀଧର ବେହେରାଙ୍କ ଆବାହକତ୍ୱରେ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ଜାରି ରହିଥିବା ରିଲିଫ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇ ଯେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ସେମାନଙ୍କୁ ମଧ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରାଯାଇଛି । ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଥିବା ଘରଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ତୁରନ୍ତ ନିର୍ମାଣ କରାଇବା, ଆଂଶିକ କ୍ଷତିଗ୍ରସ୍ତଙ୍କୁ ୨୫ ହଜାର ସହାୟତା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କ ଡ଼ଙ୍ଗା ମରାମତି ଲାଗି ୧ ଲକ୍ଷ ପ୍ରଦାନ, ଉଜୁଡ଼ିଥିବା ରବି ଫସଲର କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ପ୍ରଦାନ, ବାତ୍ୟାରେ ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ପ୍ରଦାନ ସହ ଗୃହପାଳିତ ପ୍ରାଣୀଙ୍କ ପାଇ ୧ ଲକ୍ଷ ଟଙ୍କାର ସହାୟତା ଦିଆଯିବାକୁ ମତ୍ସ୍ୟଜୀବୀ ମହଲରୁ ଦୃଢ଼ ଦାବି ହୋଇଛି।

■ ବାତ୍ୟାରେ ଭାଙ୍ଗିଯାଇଛି ସ୍କୁଲଗୃହ

# ପାଠପଢ଼ା ବନ୍ଦ ଆଶଙ୍କା



ସ୍କୁଲଗୃହର ଆଜବେଷ୍ଟସ୍ ଛାତ ଉଡ଼ିଯାଇଛି।

**ଟାଙ୍ଗୀ (ଖୋର୍ଦ୍ଧା), ୧୨।୫ (ଡି.ଏନ.ଏ.)**

ଫନୀ ପ୍ରଭାବରେ ଟାଙ୍ଗୀ ବ୍ଲକର ଅଧିକାଂଶ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହୋଇଛି। କେତେକ ବିଦ୍ୟାଳୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ଆଜବେଷ୍ଟସ୍ ଛପରଗୁଡ଼ିକ ଭାଙ୍ଗିରୁଜି ଦୂରକୁ ଉଡ଼ିଯାଇଛି। ଏହି ବିଦ୍ୟାଳୟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଭାବେ ନିର୍ମାଣ କରା ନ ଗଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ତେବେ ସମ୍ପ୍ରତି ଗ୍ରୀଷ୍ମଛୁଟି ଚାଲିଥିବାରୁ ପିଲାଙ୍କ ପାଠପଢ଼ା ବନ୍ଦ ରହିଛି। ଜୁନ୍ ମାସ ୩ୟ ସପ୍ତାହରେ ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ନିଶ୍ଚିତ ରୂପେ ଆରମ୍ଭ ହେବ । ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହିସବୁ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକର ସମ୍ପୂର୍ଣ୍ଣ ବା ଆଂଶିକ ମରାମତିର ଆବଶ୍ୟକତା ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, କନ୍ତଲବାଇ ସ୍ୱପ୍ନତାରା ମିଳିତ ନୋଡାଲ ଏକାଡେମୀରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଏହି ବିଦ୍ୟାଳୟର ଆଜବେଷ୍ଟସ୍ ଛାତ ସମ୍ପୂର୍ଣ୍ଣ ଭାବେ ଉଡିଯାଇଛି। ସେହିପରି ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ, କମାଗୁରୁ ନୋଡାଲ ହାଇସ୍କୁଲ, ନୂଆପଡ଼ା ପଦ୍ମକୁମୁଦ ବିଦ୍ୟାନିକେତନ ଓ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀର ଛପର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଦ୍ୟାଳୟଗୁଡ଼ିକର ମରାମତି କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଓଷ୍ଟା ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ଦାବି କରିଛନ୍ତି ।

### ଚିଲିକାରାଣୀ ବିଦ୍ୟାଳୟରେ ବିବାଦର ଅନ୍ତ ଘଟିଲା

ନୂତନ ପରିଚାଳନା କମିଟି ଗଠିତ

**ବାଲୁଗାଁ, ୧୨।୫(ଡି.ଏନ.ଏ.)**

ବାଲୁଗାଁସ୍ଥିତ ଚିଲିକାରାଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ରବିବାର ସର୍ବସମ୍ମତିକ୍ରମେ ୨୧ଜଣିଆ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏହି ବିଦ୍ୟାଳୟଟି ୧୯୮୨ ମସିହାରୁ ପ୍ରତିଷ୍ଠା ଲାଭ କରିଥିଲା। ବିଦ୍ୟାଳୟରେ ତ୍ରୁଟିପୂର୍ଣ୍ଣ ପରିଚାଳନା ନେଇ ଗତ କିଛିବର୍ଷ ହେଲା ବାଦବିବାଦ ଉପୁଜିଥିଲା। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବାରମ୍ବାର ବୈଠକ ବସିବା ପରେ ଗତ ୫ ତାରିଖରେ ପୂର୍ବରୁ କାର୍ଯ୍ୟରତ ପରିଚାଳନା କମିଟି ଭଙ୍ଗ ହେବା ସହ ସଦସ୍ୟମାନେ ଇସ୍ତଫା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବିନାୟକ ମହାପାତ୍ରଙ୍କ ସଭାପତିତ୍ୱରେ ବାଲୁଗାଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସବିଶେଷ ଆଲୋଚନା ପରେ ନୂତନ ଭାବେ ୨୧ଜଣ ସଦସ୍ୟଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଥିଲା । ସର୍ବସମ୍ମତି କ୍ରମେ କମିଟି ସଭାପତି ଭାବେ ରମାକାନ୍ତ ପଟ୍ଟନାୟକ ଓ ସମ୍ପାଦକ ଭାବେ ମନୋଜ କୁମାର ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା । ଦୀର୍ଘବର୍ଷ ଧରି ଉପୁଜିଥିବା ବିବାଦକୁ ଦୂରେଇ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କରିବା ନିମନ୍ତେ ନୂତନ କମିଟି ସଂକଳ୍ପବଦ୍ଧ ବୋଲି ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି ।

# ଆମ୍ବ, କାଜୁ ଫସଲ ଧ୍ୱସ୍ତବିଧ୍ୱସ୍ତ

**ଟାଙ୍ଗୀ (ଖୋର୍ଦ୍ଧା), ୧୨।୫(ଡି.ଏନ.ଏ.)**

ଫନୀ କାଜୁ ଓ ଆମ୍ବ ଫସଲର ପ୍ରଭୂତ କ୍ଷୟକ୍ଷତି କରିଛି। ଏଥିଯୋଗୁ ବିଶେଷ ଭାବେ କାଜୁ ବଗିଚା ନିଲାମଧାରୀଙ୍କ ନିଦ ହଜିଯାଇଛି। ଏହାର ପ୍ରାଦୁର୍ଭାବରେ ଆମ୍ବ ଓ କାଜୁ ଫସଲ ସଂପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି। ଏହା ଦେଖି କେତେଜଣ ନିଲାମଧାରୀ ଚେତା ହରାଇଥିଲେ। କାଜୁ ଏକ ଲାଭଜନକ ଅର୍ଥକରୀ ଫସଲ ହୋଇଥିବାରୁ ଚାଷୀମାନେ ଏହାକୁ ଅଗ୍ରାଧିକାର ଦେଇଆସୁଛନ୍ତି। ସରକାର ଏଥିପ୍ରତି ସମସ୍ତ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ କରୁଥିଲେ। ପ୍ରତିବର୍ଷ ନିର୍ଦ୍ଧାରିତ ସମୟରେ ବନବିଭାଗ ଏହାକୁ ପ୍ରକାଶ୍ୟ ନିଲାମ କରି ନିର୍ଦ୍ଦିଷ୍ଟ ସମୟ ସୀମା ପର୍ଯ୍ୟନ୍ତ ଏହାର ଅସ୍ଥାୟୀ ମାଲିକାନା ସ୍ୱତ୍ୱ ନିଲାମଧାରୀଙ୍କୁ ପ୍ରଦାନ କରିଥାଏ । ଏଥିପାଇଁ ନିଲାମଧାରୀଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ହେବା ସହ ବନ ବିଭାଗ ବିପୁଳ ରାଜସ୍ୱ ପାଇଥାଏ । ଏବେ ଋଣ ଆଣିଥିବା ନିଲାମଧାରୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଟାଙ୍ଗୀ ବ୍ଲକ୍ ଦୀକ୍ଷିତପଡ଼ା ଗ୍ରାମର ଗଙ୍ଗାଧର ବେହେରା ଚଳିତ ବର୍ଷର ଜଣେ କାଜୁ ବଗିଚା ନିଲାମଧାରୀ। ସେ ପ୍ରାୟ କୋଟିଏ ଟଙ୍କା ବିନିଯୋଗ କରି ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ କୁହୁଡି, କୋଚଡ଼ ଓ କାଣ୍ଡଗାଡିଆର ୩ଟି କାଜୁ ବଗିଚା ନିଲାମ ନେଇଥିଲେ। ଫନୀ ପ୍ରାଦୁର୍ଭାବରେ କାଜୁ ଗଛ ସବୁ ଭାଙ୍ଗିଯିବା ସହ କଞ୍ଚା ଫଳ ସବୁ ଝଡ଼ିପଡ଼ିଛି। ଏହା ଦେଖି ଗଙ୍ଗାଧର ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ଅଭିଯୋଗ ପାଇ ଟାଙ୍ଗୀ ବନାଞ୍ଚଳ ବିଭାଗ ପକ୍ଷରୁ ଏହି ଉଜୁଡ଼ା କାଜୁ ବଗିଚା ଅନୁଧ୍ୟାନ କରାଯାଇଥିଲା। ବର୍ତ୍ତମାନ ସେ ସରକାରଙ୍କ ଦୟା ଓ ସହଯୋଗ ପ୍ରତି ଆଶା ରଖି ଦିନ ବିତାଉଛନ୍ତି।



ଉଜୁଡ଼ି ଯାଇଥିବା କାଜୁ ଫସଲ ।

# ରାଶନ କାର୍ଡଧାରୀଙ୍କ ସହ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ରିଲିଫ ମିଳୁ

■ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଆନ୍ଦୋଳନ ଡାକରା, ପ୍ରଶାସନକୁ ପତ୍ର

**ବେଗୁନିଆ, ୧୨।୫ (ଡି.ଏନ.ଏ.)**
ସାମୁଦ୍ରିକ ଝଡ ଫନୀ ପ୍ରବାହକୁ ଇତିମଧ୍ୟରେ ୧୦ ଦିନ ବିତିଛି। ଏଥିରେ ବେଗୁନିଆ ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାକୁ ନେଇ ପ୍ରଶାସନ ପକ୍ଷରୁ ପ୍ରାଥମିକ ଆକଳନ କରାଯାଇଥିଲା। ପରେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତମାନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ରାଶନ କାର୍ଡଧାରୀମାନଙ୍କୁ ୫୦ କେଜି ଚାଉଳ, ୨ ହଜାର ସହ ପଲିଥିନ ବାବଦକୁ ୫ ଶହ ଟଙ୍କା ଲେଖାଏ ବଣ୍ଟନ କରାଯାଉଛି। ଏଥିଯୋଗୁ ବହୁ ପ୍ରକୃତ କ୍ଷତିଗ୍ରସ୍ତ ବିପନ୍ନମାନଙ୍କ ସହ କାର୍ଡ ନ ଥିବା ହିତାଧିକାରୀମାନେ ବାଦ୍ ପଡିଛନ୍ତି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଅଞ୍ଚଳକୁ କୌଣସି ପ୍ରଶାସନିକ, ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କର ପାଦ ପଡିନାହିଁ। ତେବେ ଉପଯୁକ୍ତ ତଦନ୍ତ କରାଯାଇ ପ୍ରକୃତ ଗରିବ ବିପନ୍ନମାନଙ୍କୁ ରିଲିଫ ସାମଗ୍ରୀ ସହ କ୍ଷତିପୂରଣ ରାଶି ବଣ୍ଟନ କରାଯିବାକୁ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି । ଏ ନେଇ ସ୍ଥାନୀୟ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛ। ତେବେ ମଙ୍ଗଳବାର ସୁଦ୍ଧା ଯଦି ଉପଯୁକ୍ତ ତଦନ୍ତ କରା ନ ଯାଏ, ରାଶନ କାର୍ଡ ହିତାଧିକାରୀଙ୍କ ସହ ପ୍ରକୃତ କ୍ଷତିଗ୍ରସ୍ତମାନଙ୍କୁ ସହାୟତା ରାଶି ବଣ୍ଟନ ନ ହୁଏ, ତେବେ ବୁଧବାର ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନଆନ୍ଦୋଳନ ଡାକରା ଦିଆଯାଇଛି। ଏ ନେଇ ଖୋର୍ଦ୍ଧା ଜିଲାପାଳ, ରିଲିଫ କମିଶନର, ସ୍ଥାନୀୟ ବିଡିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ଦାବିପତ୍ର ମାଧ୍ୟମରେ ସୂଚାଇ ଦିଆଯାଇଛି ବୋଲି ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ ଉପଦେଷ୍ଟା ଭିକାରି ଚରଣ ସାହୁ, ସଭ୍ୟ ଅକ୍ଷୟ ରାଉତରାୟ, ସନାତନ ସାହୁ ପ୍ରମୁଖ କହିଛନ୍ତି।

# ୧୨ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**
ଆନ୍ଧ୍ର ପ୍ରଦେଶରୁ ପଶ୍ଚିମବଙ୍ଗ ଚାଲାଣବେଳେ ଶହୀଦନଗର ଥାନା ପୋଲିସ ରବିବାର ଆଚାର୍ଯ୍ୟବିହାର ନିକଟରୁ ଏକ ମିନିଟ୍ରକ୍ ସହ ୨୧୮ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଟ୍ରକ୍ ଡ୍ରାଇଭର ଆନ୍ଧ୍ରପ୍ରଦେଶ ଭାଜ୍ରାଖାତା ଅଞ୍ଚଳର ଏସ୍. କୋବିନ୍ଦ ଓ ପୋଟମପେଟା ଅଞ୍ଚଳର ଆର୍. ସତ୍ୟ ନାରାୟଣଙ୍କୁ ଗିରଫ କରାଯାଇଛି। କେସ୍ ନଂ.୨୦୮/୧୯, ଏନ୍‌ଡିପିଏସ୍ ଆକ୍ଟ ୨୦(ବି) ଲଗାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସକାଳେ ଗଞ୍ଜେଇ ଭର୍ତ୍ତି ୪୦୭ ମିନିଟ୍ରକ୍‌ଟି ଆଚାର୍ଯ୍ୟବିହାର- ଜୟଦେବ ବିହାର ରାସ୍ତାପାର୍ଶ୍ୱରେ ପାର୍କିଂ ହୋଇଥିଲା। ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଗଞ୍ଜେଇରୁ ଭୁବନେଶ୍ୱରର କେତେଜଣ ଖୁଚୁରା ବେପାରି ନେବାର ଥିଲା। ତେଣୁ ଡ୍ରାଇଭର ଗାଡ଼ି ପାର୍କିଂ କରି ସେମାନଙ୍କୁ ଅପେକ୍ଷା କରିଥିଲେ। ପୋଲିସ ଗାଡିକୁ ଯାଞ୍ଚ କରିବା ପରେ ଭିତରୁ ଗଞ୍ଜେଇ ଠାବ କରିଥିଲା।

■ ବଜାର ଅଞ୍ଚଳରେ ବଢୁଛି ଟ୍ରାଫିକ ସମସ୍ୟା

# ତୁରନ୍ତ ଟ୍ରାଫିକ ପୋଷ୍ଟ ନିର୍ମାଣ ଦାବି

**ବୋଲଗଡ଼, ୧୨।୫(ଡି.ଏନ.ଏ.)**
୫୭ ନଂ ଜାତୀୟ ରାଜପଥର ବୋଲଗଡ଼ ବ୍ଲକ ରାଜସୁନାଖଳା ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଟ୍ରାଫିକ୍ ଭିଡ଼ ଯୋଗୁ ସର୍ବଦା ବିଶେଷତଃ ଜରୁରିକାଳୀନ ସମୟରେ ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବଜାର ଉଭୟ ବୋଲଗଡ଼ ଏବଂ ରଣପୁର ବ୍ଲକ ଅଞ୍ଚଳର ଏକ ସଂଯୁକ୍ତ ସ୍ଥଳ ତଥା ଖୋର୍ଦ୍ଧା, ନୟାଗଡ଼ ଜିଲାର ସୀମାନ୍ତରେ ରହିଥିବାରୁ ଉଭୟ ଜିଲା ପାଇଁ ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ। ତେଣୁ ଏଠାରେ ସର୍ବଦା ଗହଳି ଲାଗି ରହିଥାଏ। ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଆଦି ଅନେକ ସଂସ୍ଥା ଏଠାରେ ରହିଛି। ଉକ୍ତ ଜାତୀୟ ରାଜପଥରେ ଭୁବନେଶ୍ୱରରୁ ପଶ୍ଚିମ ଓଡ଼ିଶା ଅଞ୍ଚଳକୁ ଭାରିଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍‌ଗୁଡିକ ବଜାର ଅଞ୍ଚଳ ଦେଇ ଯାତାୟାତ କରନ୍ତି। ଦିନକୁ ଦିନ ଯାନବାହନ ସଂଖ୍ୟା ବଢ଼ିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ନୂଆ ବସ୍‌ଷ୍ଟାଣ୍ଡଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ବ୍ୟାଙ୍କ୍ ଛକ ଏବଂ କୁମାରୀ ଛକ ଅଞ୍ଚଳରେ ସର୍ବଦା ଟ୍ରାଫିକ ସମସ୍ୟା ଲାଗି ରହିଥିବାରୁ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ବଜାର ଅଞ୍ଚଳର ଛକ ସ୍ଥାନଗୁଡିକରେ ତୁରନ୍ତ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରିବାକୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।



ଯାନବାହନ ଯାତାୟାତବେଳେ ଟ୍ରାଫିକ୍ ଭିଡ଼।

■ ଜଟଣୀରେ ବ୍ୟବସାୟୀଙ୍କ ଅଣ୍ଟା ଭାଙ୍ଗିଛି ଫନୀ

# ସଳଖି ହେବାରେ ବାଧକ ସାଜିଛି ବିଦ୍ୟୁତ୍

**ଜଟଣୀ, ୧୨।୫ (ଡି.ଏନ.ଏ.)**

ଜଟଣୀ ବ୍ୟବସାୟିକ ପେଣ୍ଠସ୍ଥଳ। ଏକଦା କଟକ ସମେତ ଜଟଣୀର ପାଇକାରୀ ଦର ଦୈନିକ ରେଡିଓରେ ଘୋଷଣା ହେଉଥିଲା। ତେବେ ବାତ୍ୟା ଫନୀ ଏହି ବ୍ୟବସାୟିକ ପେଣ୍ଠସ୍ଥଳୀକୁ ଛାରଖାର କରି ଦେଇଛି। ଛୋଟରୁ ବଡ ପର୍ଯ୍ୟନ୍ତ ସବୁ ବ୍ୟବସାୟ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ପରଠାରୁ ଏଠାରେ ବ୍ୟବସାୟିକ କାରବାର ଠପ ହୋଇଯାଇଛି। ସମସ୍ତେ ଚିନ୍ତାରେ ପଡିଛନ୍ତି। ବିଶେଷକରି କ୍ଷୁଦ୍ର ବ୍ୟବସାୟୀଙ୍କ ଅଣ୍ଟା ଭାଙ୍ଗିଯାଇଛି। କାହାର କବାଟ, ଝରକା ଭାଙ୍ଗିଛି ତ ଆଉ କାହାର ଆଜବେଷ୍ଟସ ଉଡେଇ ନେଇଛି। ଗଛ ପଡି ଆଉ କାହା ଦୋକାନର ଛାତ ଫାଟିଛି। ଦୋକାନ ମଧ୍ୟରେ ବର୍ଷା ପାଣି ପଶି ସାମଗ୍ରୀ ନଷ୍ଟ ହୋଇଯାଇଛି। ସେହିପରି ଏଠାରେ ଥିବା ଡାଲି, ତେଲ, ରାଇସ, ସୁଜି ମିଲ ସମେତ କ୍ଷୁଦ୍ର ଶିଳ୍ପଗୁଡିକର ଅନେକ କ୍ଷୟକ୍ଷତି ହୋଇଛି। ଫଳରେ ଏହିସବୁ ବ୍ୟବସାୟ ଓ ଶିଳ୍ପ ସଂସ୍ଥାର କାର୍ଯ୍ୟ କରୁଥିବା ଶତାଧିକ ଶ୍ରମିକ ମଧ ପ୍ରଭାବିତ ହୋଇଛନ୍ତି। ଉପରୋକ୍ତ ସଂସ୍ଥା ବନ୍ଦ ଥିବାରୁ ସେମାନେ ରୋଜଗାର ହରାଇଛନ୍ତି। ତେବେ ଅଣ୍ଟା ସଳଖ କରି ଛିଡା ହେବାକୁ ବ୍ୟବସାୟୀ ପୁଣି ଉଦ୍ୟମରେ ବାଧକ ସାଜିଛି ବିଦ୍ୟୁତ୍। ବାତ୍ୟା ପରଠାରୁ ଏଠାରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇରହିଛି। ସ୍ଥାନୀୟ ରାଜାବଜାର ଅଞ୍ଚଳରେ ଗ୍ରୋସରୀ ଦୋକାନ ଦେଇଥିବା ବିଜୟ ସିଂ କୁହନ୍ତି, ମିଲ ଚାଲୁ ନ ଥିବାରୁ ଅଟା, ବେସନ ବିକ୍ରି ପାଇଁ ମିଳୁନି। ବିଦ୍ୟୁତ୍ ନ ଥିବାରୁ ଇଲୋକ୍ଟ୍ରୋନିକ ଓଜନ ମେଶିନ କାମ କରୁନି। ଫ୍ରିଜ ଚାଲୁ ନ ଥିବାରୁ କ୍ଷୀର, ଦହି ପ୍ୟାକେଟ, ଥଣ୍ଡା ପାନୀୟ ଓ ଅନ୍ୟ ସାମଗ୍ରୀ ବିକ୍ରି ବନ୍ଦ ହୋଇଯାଇଛି। ଅନେକ ସାମଗ୍ରୀ ଉପଲବ୍ଧ ହେଉନାହିଁ। ସେହିପରି ଚା, ଜଳଖିଆ ଦୋକାନଠାରୁ ପାନ, ବିଦ୍ୟୁତ୍ ସମଗ୍ରୀ ଥିବା ସମସ୍ତ ପ୍ରକାର ଦୋକାନୀ ହାତ ବାନ୍ଧି ବସିଛନ୍ତି। ଦିନବେଳା ଯାହା ଯେମିତି ଗ୍ରାହକ ଆସୁଛନ୍ତି। ସନ୍ଧ୍ୟା ପରଠାରୁ ଗ୍ରାହକଙ୍କ ଦେଖା ମିଳୁନାହିଁ। ପୂର୍ବରୁ ରାତି ୧୦ଟାରୁ ୧୧ ପର୍ଯ୍ୟନ୍ତ ଖୋଲା ରହୁଥିବା ସମସ୍ତ ବଜାର ସନ୍ଧ୍ୟା ହେଲେ ବନ୍ଦ ହୋଇଯାଉଛି। ଅନ୍ଧାରରେ କାହିଁକି ଦୋକାନ ଖୋଲି ବସିବୁ ବୋଲି କେତେଜଣ ଦୋକାନୀ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଓ ଆଇନଜୀବୀ ବିଶ୍ୱନାଥ ଯୋଶୀ କୁହନ୍ତି, ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଗଲେ ଅନେକ ସମସ୍ୟା ଦୂର ହୋଇପାରିବ। ବ୍ୟବସାୟୀମାନେ ପୁଣି ଅଣ୍ଟା ସଳଖ କରି ଛିଡା ହୋଇପାରିବେ। ବ୍ୟବସାୟ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଥିବାରୁ ଏଥିରେ କାର୍ଯ୍ୟରତ ଶ୍ରମିକମାନେ ରୋଜଗାର ହରାଇଛନ୍ତି। ଗୋଟିଏ ପକ୍ଷରେ ରୋଜଗାର ହରାଇବା ସହ ବାତ୍ୟାରେ ସେମାନଙ୍କ ଘରଦ୍ୱାରା ଭାଙ୍ଗିଯାଇଛି। ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡିଛି। ଏଣୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ଉପରେ ସବୁ ନିର୍ଭର କରୁଥିବା ସେ କହିଛନ୍ତି।



ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।

- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ବେଳାଭୂମିରୁ କ୍ଷତାକ୍ତ ଶିଶୁକନ୍ୟା ଉଦ୍ଧାର

ପୁରୀ ଅଫିସ, ୧୨।୫: ପୁରୀ ପେଣ୍ଟକଟା ବେଳାଭୂମିରୁ ରବିବାର ସକାଳ ସମୟରେ ଏକ ନବଜାତ ଶିଶୁକନ୍ୟାକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଦୁଇଜଣ ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ପୁରୀ ମେଡିକାଲରେ ଭର୍ତ୍ତି କରିଥିଲେ। ଶିଶୁ କନ୍ୟାର ବାମ ଗୋଡ଼ରେ ଗଭୀର କ୍ଷତ ରହିଛି। ତାଙ୍କୁ ସ୍ପେଶାଲ ନ୍ୟୁବର୍ଣ୍ଣ କେୟର ୟୁନିଟ୍(ଏସ୍ଏନ୍ସିୟୁ)ରେ ଭର୍ତ୍ତି କରାଯାଇଛି। ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ମେଡିକାଲରେ ପହଞ୍ଚି ଶିଶୁର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସିଡବ୍ଲ୍ୟୁସିର ନିର୍ଦ୍ଦେଶକ୍ରମେ ଶିଶୁର ଯତ୍ନନେବା ପାଇଁ ଚାଇଲ୍ଡ ଲାଇନକୁ ନିର୍ଦ୍ଦେଶ ଦିଆଯାଇଥିବା ଡିସିପିଓ ତ୍ରିପାଠୀ କହିଛନ୍ତି।

### ବାଳାଶ୍ରମରୁ ଫେରାର୍ ନାବାଳିକା ଉଦ୍ଧାର

ପୁରୀ ଅଫିସ, ୧୨।୫: କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ସ୍ଥିତ ଉତ୍କଳବାଳାଶ୍ରମ ପରିସରରୁ ଶନିବାର ଭୋର ସମୟରେ ଶୌଚାଳୟର ସ୍କାଇଲାଇଟ୍ ଭାଙ୍ଗି ଜଣେ ନାବାଳିକା ଫେରାର ହୋଇଯାଇଥିଲେ। ସେହିଦିନ ବିଳମ୍ବିତ ରାତିରେ ରାତ୍ରି ପାଟ୍ରୋଲିଂ କରୁଥିବା ପିସିଆର୍ ପୋଲିସ ତାଙ୍କୁ ଉଦ୍ଧାର କରି କୁମ୍ଭାରପଡ଼ା ଥାନାକୁ ହସ୍ତାନ୍ତର କରିଥିଲେ। କୁମ୍ଭାରପଡ଼ା ପୋଲିସ ନାବାଳିକା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲେ। ରବିବାର ପୂର୍ବାହ୍ନରେ ଚାଇଲ୍ଡ ଲାଇନ ଉଦ୍ଧାର ନାବାଳିକାଙ୍କୁ ଜିଲା ଶିଶୁକଲ୍ୟାଣ କମିଟିରେ ହାଜର କରିଥିଲେ। ସିଡବ୍ଲ୍ୟୁସିର ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ପୁଣିଥରେ ବାଳାଶ୍ରମରେ ଛଡ଼ାଯାଇଛି। ଘଟଣାକୁ ୨୪ଘଣ୍ଟା ବିତିଥିଲେ ମଧ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସାମାଜିକ କର୍ମୀ ପ୍ରଶନ୍ନ ଦାଶ କହିଥିଲେ।

### ବିପନ୍ନଙ୍କୁ ମିଳୁନି ପଲିଥିନ

ନିମାପଡ଼ା, ୧୨।୫(ଡି.ଏନ୍.ଏ.): ପ୍ରଳଙ୍କରୀ ବାତ୍ୟା ଫନୀର ବିଭିଷିକା ସମଗ୍ର ପୁରୀ ଜିଲା ଉପରେ ପଡ଼ିଛି। ଏଥିରୁ ବାଦ୍ ପଡ଼ିନି ନିମାପଡ଼ା ବ୍ଲକ। ନିମାପଡ଼ାର ହଜାର ହଜାର ଲୋକ ବାସଗୃହ ହରାଇ ବିପନ୍ନ ହୋଇଛନ୍ତି। ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଭଙ୍ଗା ଘର ଉପରେ ପଲିଥିନଟିଏ ପକାଇବାକୁ ଲୋକେ ଚାତକ ପରି ଚାହିଁରହିଛନ୍ତି। ବ୍ଲକର ୩୨ଟି ଗ୍ରାମପଞ୍ଚାୟତରେ ଖାଉଟି କାର୍ଡଧାରୀ ସମସ୍ତ ବାତ୍ୟା ବିପନ୍ନ ପରିବାରଙ୍କୁ ଅଦ୍ୟାବଧି ପଲିଥିନ ମିଳି ନ ଥିବାରୁ ବିପନ୍ନ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି। ଏବେବି ରଟିଲୋ ପଞ୍ଚାୟତରେ ୧୫୦୦, ଶଗଡ଼ା ପଞ୍ଚାୟତର ୪ଶହ, ରେଞ୍ଚ ପଞ୍ଚାୟତରେ ୫ଶହ, କଳାପାଞ୍ଚଳଣ ପଞ୍ଚାୟତରେ ୧୪୦୦, କୋଟକୋସାଙ୍ଗ ପଞ୍ଚାୟତରେ ୧ହଜାର ବିପନ୍ନ ପରିବାର ବର୍ଗଙ୍କ ପାଇଁ ପଲିଥିନ ଆବଶ୍ୟକ ବୋଲି ସରପଞ୍ଚ ସସ୍ମିତା ନାୟକ, ବାସ୍ପଲତା ପ୍ରଧାନ, ଅଭିମନ୍ୟୁ ପଣ୍ଡା, ଅମୂଲ୍ୟ ନାରାୟଣ ସିଂ, ସମିତି ସଭ୍ୟ ରଘୁନାଥ ସ୍ୱାଇଁ, ରଘୁନାଥ ମହାନ୍ତି, ସୁରେଶ ମଙ୍ଗରାଜ, ରମେଶ ମଲ୍ଲିକ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର କମଳଜିତ ଦାସଙ୍କୁ ପଚାରିବାରେ ନିମାପଡ଼ା ଏନ୍ଏସି ଅଞ୍ଚଳରେ ଶତପ୍ରତିଶତ ବିପନ୍ନମାନଙ୍କୁ ପଲିଥିନ ଯୋଗାଇଦିଆଯାଇଥିବାବେଳେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ୩୨ହଜାର ବିପନ୍ନ ପରିବାର ବର୍ଗଙ୍କୁ ପଲିଥିନ ଯୋଗାଇଦିଆଯାଇଛି। ଏବେ ପଲିଥିନ ଯୋଗାଣ ଜାରି ରହିଛି। ୨ରୁ ୩ଦିନ ମଧ୍ୟରେ ନିମାପଡ଼ା ବ୍ଲକର ସମସ୍ତ ଖାଉଟି କାର୍ଡଧାରୀଙ୍କୁ ପଲିଥିନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

### ତରକୋରରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

କୋଣାର୍କ, ୧୨।୫(ଡି.ଏନ.ଏ.): ବାତ୍ୟା 'ଫନୀ' ବାଲୁଖଣ୍ଡ ଅଭୟାରଣ୍ୟ ସହ କୋଣାର୍କ ଓ ଏହା ଆଖପାଖକୁ ଦୋହଲାଇ ଦେଇଛି। ପ୍ରଭାବିତ ଲୋକଙ୍କୁ କାନାରା ବ୍ୟାଙ୍କ ତରଫରୁ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ କରାଯାଇଛି। କୋଣାର୍କ ନିକଟ ତରକୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ୮ ଶହ ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ କରାଯାଇଥିଲା। ତରକୋର ସହ ନିକଟସ୍ଥ ମଲିଆଠ୍ଠ, ଜଗନ୍ନାଥପାଟଣା ପ୍ରଭୃତି ଗାଁର ଲୋକଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା। କାନାରା ବ୍ୟାଙ୍କର ଭୁବନେଶ୍ୱର ସର୍କଲ ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର, ଆସିଷ୍ଟାଣ୍ଟ ଜିଏମ୍ ନେତ୍ରମୋହନ ପାତ୍ର, ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଧୁରୁନି ବସ୍ତି ଅବସ୍ଥା, ଜାରି ରହିଛି ଧାରଣା

ପୁରୀ ଅଫିସ, ୧୨।୫:

ବାତ୍ୟା ଫନୀ ପ୍ରଭାବରେ ପୁରୀ ସହର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସହରରେ ଥିବା ବହୁ ବସ୍ତି ଅଞ୍ଚଳ ବ୍ୟାପକ କ୍ଷତି ଘଟିଛି। ବାତ୍ୟାରେ ବସ୍ତି ଗୁଡ଼ିକ ଛାରଖାର ହୋଇଯାଇଛି। ବିଶେଷତଃ ସମୁଦ୍ରକୂଳ ଅଞ୍ଚଳରେ ରହିଥିବା ପେଣ୍ଟକଟା ବସ୍ତି, ଧୋବାଖାଲ, ବଲିଆପଣ୍ଡା, ମାଟିତୋଟା, ବାଲିନୋଲିଆ, ତ୍ରିଦେବୀନଗର ଓ ଜଗନ୍ନାଥ, ବାଲି ଉପର ବସ୍ତି ସମେତ ବହୁ ବସ୍ତି କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ବସ୍ତି ଚାଳ, ଛପର ଉପରେ ଠିଆ ହୋଇଥିବାରୁ ଫନୀ ମାଡରେ ବସ୍ତି ଗୁଡିକ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ମାଟିରେ ମିଶିଯାଇଛି ଏମାନଙ୍କ ଝାଟିମାଟିର ଘର। କାହାର ଚାଳଛପର ଉଡିଯାଇଛି, ତ କାହାର ଆଜବେଷ୍ଟସ୍ ଭାଙ୍ଗିଦେଇଛି। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦା ପ୍ରଭାବିତ ହୋଇଛନ୍ତି। ଆସବାବପତ୍ର ନଷ୍ଟ ହୋଇଯାଇଥିବାବେଳେ ଖାଦ୍ୟ ସାମଗ୍ରୀରେ ପାଣି ପସି ନଷ୍ଟ ହୋଇଯାଇଛି। ପାଖରେ କାମ ନାହିଁ। ଖାଇବାକୁ ଦାନା ନାହିଁ। ବର୍ତ୍ତମାନ ସୁଦ୍ଧା ବସ୍ତି ଗୁଡିକରେ ପୂର୍ବ ପ୍ରତିଶ୍ରୁତି ମୁତାବକ ପାନୀୟଜଳ, ରିଲିଫ ସାମଗ୍ରୀ ପହଞ୍ଚିପାରିନି। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଭୋକରେ ଦିନ କାଟୁଛନ୍ତି। ସମସ୍ତ କ୍ଷତିଗ୍ରସ୍ତ ଅଞ୍ଚଳରେ ପାନୀୟଜଳ, ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଥିବା ନେଇ ଜିଲା ପ୍ରଶାସନ ଡିଣ୍ଡିମ ପିଟୁଥିବା ବେଳେ ଗତ ସପ୍ତାହ ଧରି ବିଭିନ୍ନ ସାହି, ବସ୍ତି ବାସିନ୍ଦା ରିଲିଫ ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଡ଼େରାପକାଇ ରହୁଛନ୍ତି। ଶନିବାର ଶତାଧିକ କ୍ଷତିଗ୍ରସ୍ତ ପରିବାର ରିଲିଫ ପ୍ରଦାନ ଦାବିରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଗାଡିକୁ ଦୀର୍ଘ ଏକ ଘଣ୍ଟା ଧରି ଘେରିଥିଲେ।

## ମନ୍ତ୍ରୀଙ୍କ ଗାଡ଼ି ଅଟକାଇଲେ ଉତ୍ୟକ୍ତ ଲୋକେ



ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଧୋବାଖାଲ ବସ୍ତି।

### ସେମାନେ ଯାହା କୁହନ୍ତି...

ବସ୍ତିରେ ବର୍ତ୍ତମାନ ସୁଦ୍ଧା କୌଣସି ରିଲିଫ ମିଳିନାହିଁ। କେବେଳ ବାହାର ଜିଲାରୁ ଆସୁଥିବା ସ୍ୱେଚ୍ଛାସେବୀମାନେ ଯେଉଁ ରନ୍ଧାଖାଦ୍ୟ ଦେଉଛନ୍ତି, ସେଥିରେ ବସ୍ତି ବାସିନ୍ଦାଙ୍କ ଭୋକ ମେଣ୍ଟୁଛି। ରିଲିଫରେ ପାତର ଅନ୍ତର କରାଯାଉଛି। ଏକ ନିର୍ଦ୍ଦିଷ୍ଟ ଦଳର ଲୋକେ ଉପକୃତ ହେଉଛନ୍ତି। ଗୋଟିଏ ସାହିକୁ ସବୁକିଛି ମିଳୁଥିବା ବେଳେ ଅନ୍ୟ ସାହିକୁ କିଛି ମିଳୁନି।

-ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ତ୍ରିଦେବନଗର ବସ୍ତି

ସୁରେଶ ରାଉତ କୁହନ୍ତି ବାତ୍ୟାରେ ସମସ୍ତଙ୍କ ଘରଦ୍ୱାରକ୍ଷତିଗ୍ରସ୍ତ ହୋଇଛନ୍ତି। ବସ୍ତି ବାସିନ୍ଦା ରାସ୍ତାକଡରେ ପଡିଛନ୍ତି। ଭୋକ ଉପାସରେ ରହିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ମୌଳିକ ସୁବିଧା ମିଳିପାରିନାହିଁ। ପାଣି ଟୋପାଏ ଲାଗି ବାସିନ୍ଦା ତହଲବିକଳ ହେଉଛନ୍ତି। ଆଜିକାଲି କହି ଏପରି ୩ଦିନ ବିତିଲାଣି। ରିଲିଫ ଯାହା ମିଳିଛି, ତାହା ସମୁଦ୍ରକୁ ଶଙ୍ଖେ ପାଣି। ନକହିଲେ ଭଲ।

-ସୁରେଶ ଚନ୍ଦ୍ର ରଉତ, ମାଟିତୋଟା ବସ୍ତି

କେବଳ ୫ବସ୍ତା ଚୁଡା, ଗୁଡ ଏକ ବସ୍ତା ମିଳିଛି। ତାହା ମଧରେ ତିନି ଦିନ ଦୌଡିବା ପରେ ମିଳିଥିଲା। ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଏତିକି ପାଇଥିଲି। ପଲିଥିନ ମିଳିଛି। ଏହା ସମସ୍ତଙ୍କୁ ପ୍ରଦାନ କରାଯାଇନାହିଁ। ନିକଟ ବସ୍ତିକୁ ସବୁ କିଛି ମିଳୁଥିବାବେଳେ ଆମ ବସ୍ତିକୁ ସେଥିରୁ ବଞ୍ଚିତ କରାଯାଇଛି। ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଲାଗି ପ୍ରତିଶୃତି ଦେଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଆସିପାରିନାହିଁ।

-ବାପି ମଣ୍ଡଳ, ଧୋବାଖାଲ

ବସ୍ତିର ସମସ୍ତ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଖରାରୁ ରକ୍ଷା ପାଇବା ଲାଗି ପଲିଥିନ ଖଣ୍ଡେ ଲାଗି ୩ଦିନ ହେଲା,ଦୌଡୁଛୁ। ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ଲୁଣି ଲାଗୁଛି। ପାଟିରେ ଦେଉହେଉନି। ରିଲିଫରେ ଚୁଡାଗୁଡ ଓ ବିସ୍କୁଟ୍ ପକେଟ ମିଳିଥିଲା। ଜଣକୁ ନିୟନ୍ତ୍ରା। ଚାଉଳ ପୋକରା ଓ ବତୁରି ଯାଇଛି। ଏହା ଖାଇବା ଯୋଗ୍ୟ ବି ନୁହଁ।

-ବାସନ୍ତୀ ଦାଶ, ସୁଜତା ନଗର ବସ୍ତି

# ପୁରାତନ କୀର୍ତ୍ତିରାଜିର କ୍ଷୟକ୍ଷତି ଆକଳନ

ସାକ୍ଷୀଗୋପାଳ, ୧୨।୫(ଡି.ଏନ୍.ଏ.):

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ରହିଥିବା ସଂରକ୍ଷିତ ପୁରାତନ କୀର୍ତ୍ତିରାଜିଗୁଡ଼ିକ ବାତ୍ୟା ପ୍ରଭାବରେ କିଭଳି କ୍ଷତିଗ୍ରସ୍ତ ହୋଇଛି, ତାହାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ସାକ୍ଷୀଗୋପାଳ ମନ୍ଦିରରେ ରହିଥିବା ଦୁର୍ବଳ ପଥରଗୁଡ଼ିକର ଯାଞ୍ଚ କରାଯାଇଥିଲା। ଜଏଣ୍ଟଗୁଡ଼ିକରୁ ଝରୁଥିବା ବର୍ଷାପାଣି ଓ ଗଛ ପଡ଼ିବା ଯୋଗୁ ପାର୍ଶ୍ୱମନ୍ଦିରର କିଛି ଅଂଶ କ୍ଷତି ହୋଇଥିବା ଦେଖିବାକୁ ପାଇଥିଲେ। ମନ୍ଦିରରେ ଲଗାଯାଇଥିବା ବଜ୍ରପାତ ନିରୋଧକ ଯନ୍ତ୍ରଟି ମରାମତି ଓ ଏହାର ପରୀକ୍ଷା ସହିତ ପୂର୍ବରୁ ମନ୍ଦିର କାନ୍ଥରୁ ଖସିପଡ଼ିଥିବା ଦୁର୍ବଳ ପଥରଟି ପୁନଃ ଅବସ୍ଥାପିତ କରିବାକୁ ଟିମ୍ ଗୁରୁତ୍ୱ ପ୍ରଦାନ କରିଥିଲେ। ପାର୍ଶ୍ୱସ୍ଥ ରାମମନ୍ଦିର ପାଚେରି ଭୁଶୁଡ଼ି ପଡ଼ିବା ଓ ମଣ୍ଡପରୁ ପାଣି ଝରୁଥିବା ଟିମ୍ ବୁଲି ଦେଖିଥିଲେ। ଧ୍ୱସ୍ତ ବିଧ୍ୱସ୍ତ ବକୁଳବନ ମଧ୍ୟରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି କିଭଳି ରହିଛି ତାହାର ଚିତ୍ର ଉତ୍ତୋଳନ କରିବା ସହ କ୍ଷୟକ୍ଷତିର ଆକଳନ କରିଥିଲେ। ନୂଆ ସୋମେଶ୍ୱରପୁର ଗ୍ରାମରେ ରହିଥିବା କାରୁକାର୍ଯ୍ୟପୂର୍ଣ୍ଣ ଗୋପୀନାଥ ମନ୍ଦିର ଗର୍ଭଗୃହରେ ବର୍ଷାପାଣି ଝରିବା, ମନ୍ଦିର କାନ୍ଥର ପଥରଗୁଡ଼ିକ ଦୁର୍ବଳ ହୋଇ କ୍ଷୟ ହେଉଥିବା ଦେଖିଥିଲେ। ଗଛ ପଡ଼ି ପାଚେରିର କିଛି ଅଂଶ, ରୋଷଘର, ଶିବ ମନ୍ଦିରର କେତେକ ଅଂଶ ଭାଙ୍ଗିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଓ ମନ୍ଦିର ପୂଜକଙ୍କ ସହ ଆଲୋଚନା ସମୟରେ ମନ୍ଦିର କାନ୍ଥ ଦୁର୍ବଳ ଥିବା ଯୋଗୁ ଉପରକୁ ଚଢ଼ି ପତାକା ବାନ୍ଧିବା ସମ୍ଭବ ନୁହେଁ ବୋଲି କହିଥିଲେ। ପରେ ପରେ ଅଳଗୁମ ଗ୍ରାମରେ ରହିଥିବା ପ୍ରାଚୀନ ଶୈବପୀଠ ଗତିଶ୍ୱରଦେବଙ୍କ ମନ୍ଦିରରେ ପହଞ୍ଚି ଅନୁଧ୍ୟାନ କରିବା ସମୟରେ ସେଠାରେ ବଜ୍ରପାତ ନିରୋଧକ ଯନ୍ତ୍ର ଲଗାଯାଇ ନ ଥିବା ଜାଣିବାକୁ ପାଇଥିଲେ। ମନ୍ଦିର ଚୂଡ଼ାରେ ଲଗାଯାଇଥିବା ତ୍ରିଶୂଳ ବାତ୍ୟାରେ ବଙ୍କା ହୋଇଯିବା, ଗର୍ଭଗୃହକୁ ପାଣି ଝରିବା, ରୋଷଘର, ଅନ୍ୟ ଏକ ପାର୍ଶ୍ୱଦେବଙ୍କ ମନ୍ଦିର ଓ ଯଜ୍ଞଶାଳା ଗଛ ପଡ଼ି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। ଅଧା ରହିଥିବା ପାଚେରି ପୂର୍ଣ୍ଣାଙ୍ଗ କରିବା ଏବଂ ବେଢ଼ାରେ ପଥର ପକାଇବା ନିମନ୍ତେ ଗ୍ରାମବାସୀ ଓ ପୂଜକମାନେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଟିମ୍‌ରେ ପ୍ରତ୍ନତାତ୍ତ୍ୱିକ ଯନ୍ତ୍ରୀ ସରୋଜ କୁମାର ନନ୍ଦ, କନିଷ୍ଠଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ଶୁଭେନ୍ଦୁ ପୃଷ୍ଟି ଓ ଫଟୋଗ୍ରାଫର ଦେବାଶିଷ ଚାଟାର୍ଜୀ ସାମିଲ ଥିଲେ।



ପୁରୀ ବଡ଼ଦାଣ୍ଡରେ ଏକ ଭ୍ରାମ୍ୟମାଣ ମୋବାଇଲ ଟାୱାର ଲଗାଯାଇ ଲୋକଙ୍କୁ ସେବା ଦିଆଯାଉଛି।

# ପ୍ରଥମ ଦିନରେ ୮୨,୦୦୦ ପରିବାରଙ୍କୁ ବଣ୍ଟନ



ଏକ ରିଲିଫ୍ କେନ୍ଦ୍ରରେ ସାମଗ୍ରୀ ନେବା ପାଇଁ ଲୋକମାନଙ୍କ ଭିଡ଼।

ପୁରୀ ଅଫିସ, ୧୨।୫:

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ଚାଲିଛି। କ୍ଷତିଗ୍ରସ୍ତଙ୍କୁ ୧୫ ଦିନ ମାଗଣା ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ପୁଡ଼ିଆ ବାଦ୍ ସରକାର ଟଙ୍କା, ଚାଉଳ ଏବଂ ପଲିଥିନ ଯୋଗାଇ ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପରିବାରଙ୍କୁ ଏହା ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ଏହା ପ୍ରଦାନ କରାଯିବ ବୋଲି ଜଣାପଡିଛି। ତେବେ ଶନିବାର ସୁଦ୍ଧା ଜିଲାରେ ୬୪.୨୬ ପ୍ରତିଶତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ବେଳେ ୬୦.୨୦ ପ୍ରତିଶତଙ୍କୁ ୫୦ କିଗ୍ରା ଲେଖାଏ ଚାଉଳ ଏବଂ ୨୩.୩୯ ପ୍ରତିଶତ ଲୋକଙ୍କୁ ୨ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

ଜିଲାରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ୍ ହିତାଧିକାରୀଙ୍କ ସଂଖ୍ୟା ହେଉଛି ୩,୫୩,୦୬୪। ସରକାର ପ୍ରତ୍ୟେକ ରାଶନ କାର୍ଡଧାରୀ ପରିବାରକୁ ୨ ହଜାର ଟଙ୍କା, ପଲିଥିନ ଏବଂ ୫୦ କେଜି ଚାଉଳ ଦେବାକୁ ଘୋଷଣା କରିଛନ୍ତି। ଶନିବାର ୨ ହଜାର ଲେଖାଏ ଟଙ୍କା ବଣ୍ଟନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନ ଜିଲାରେ ୮୨,୦୦୦ ପରିବାରକୁ ଏହି ଟଙ୍କା ପ୍ରଦାନ କରାଯାଇଛି। ଅର୍ଥାତ୍ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୨୩.୩୯ ପ୍ରତିଶତ ପରିବାର ଏହି ସହାୟତା ରାଶି ପାଇଛନ୍ତି। ସେହିପରି ୨,୧୨,୩୨୦ ପରିବାର ଚାଉଳ, ୨,୨୬,୯୦୫ ପରିବାର ପଲିଥିନ ପାଇଛନ୍ତି। ହିତାଧିକାରୀଙ୍କ ତାଲିକାକୁ ଦେଖିଲେ ମୋଟ ୬୦.୨୦ ପ୍ରତିଶତ ପରିବାର ଚାଉଳ ପାଇଥିବା ବେଳେ ୬୪.୨୬ ପ୍ରତିଶତ ପରିବାର ପଲିଥିନ ପାଇସାରିଛନ୍ତି।

## ବିଦ୍ୟୁତ୍ ନ ଥିବାରୁ ଲୋକେ ଅତିଷ୍ଠ, ରୋଗୀ ହନ୍ତସନ୍ତ

ନିମାପଡ଼ା, ୧୨।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀକୁ ଦୀର୍ଘ ୧୦ଦିନ ବିତିଥିଲେ ବି ନିମାପଡ଼ା ଏନଏସି ଅଞ୍ଚଳ ଓ ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ନିମାପଡ଼ାକୁ କେବେ ବିଦ୍ୟୁତ୍ ସଂଯୋଗ ହେବ ତାହା ବିଭାଗ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଉ ନାହିଁ। ବିଦ୍ୟୁତ୍ ନ ଥିବା ଏବଂ ଅସହ୍ୟ ଗରମ ଯୋଗୁ ନିମାପଡ଼ା ଏନ୍ଏସି ଓ ଗ୍ରାମାଞ୍ଚଳ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏହାସହ ନିମାପଡ଼ା, ଚାରିଛକ, ବଳଙ୍ଗା, ରେଞ୍ଚରେ ଥିବା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ଏହି ସବୁ ଡାକ୍ତରଖାନାରେ ରୋଗୀସେବା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ଏହା ସହ ସରକାରୀ ଅଫିସ୍, ଅଗ୍ନିଶମ ବିଭାଗର କାର୍ଯ୍ୟ ଠପ୍ ହୋଇଯାଇଛି। ବିଦ୍ୟୁତ୍ ବିଭାଗ ଦ୍ୱାରା କରାଯାଉଥିବା କାର୍ଯ୍ୟ ଅତି ମନ୍ଥରଗତିରେ ହେଉଥିବାରୁ ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସଂଯୋଗ କରିବାକୁ ଲୋକେ ଦାବି କରିଛନ୍ତି।

## ପ୍ରଶାସନ ପାରିଲାନି

# ଚାନ୍ଦା କରି ରନ୍ଧାଖାଦ୍ୟ ବାଣ୍ଟିଲେ ଗାଁ ଲୋକ

ବ୍ରହ୍ମଗିରି, ୧୨।୫(ଡି.ଏନ୍.ଏ.):

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଛି ବ୍ରହ୍ମଗିରି ବ୍ଲକ। ଏବେ ବି ଅନେକ ବିପନ୍ନଙ୍କ ଘରଦ୍ୱାର ଭାଙ୍ଗିଯାଇଥିବାରୁ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ପ୍ରଶାସନ ତରଫରୁ ପଲିଥିନ ଓ ୫୦ କିଲୋ ଚାଉଳ, ଦୁଇ ହଜାର ଟଙ୍କ ରିଲିଫ ସହାୟତା ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ପକ୍ଷପାତିତା ନେଇ ଅନେକ ବାତ୍ୟା ବିପନ୍ନଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିବା ଅଭିଯୋଗ ଆସିଛି। ଏପରି କି ଘରଦ୍ୱାର ନ ଥିବାରୁ କେତେକ ବିପନ୍ନଙ୍କ ଚୁଲି ମଧ ଜଳୁନି। ଫଳରେ କେତେକେ ଭୋକ ଉପାସରେ ପଡିରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବାତ୍ୟା ବିପନ୍ନଙ୍କୁ ୧୫ ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧାଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା ରହିଛି। ମାତ୍ର ବାତ୍ୟାକୁ ୧୦ ଦିନ ବିତିଯାଇଥିଲେ ବି ବ୍ରହ୍ମଗିରି ବ୍ଲକରେ ୨୫ ଗ୍ରାମପଞ୍ଚାୟତରୁ ୯ ଗ୍ରାମପଞ୍ଚାୟତରେ ଏହି ମାଗଣା ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ପ୍ରଶାସନର ଏହି ବିଫଳତାକୁ ନେଇ ବ୍ରହ୍ମଗିରି ଗ୍ରାମର ବାଇଶିବାଟୀ ୧ ଓ ୨ ୱାର୍ଡର ଲୋକେ ଚାନ୍ଦା କରି ରବିବାରଠାରୁ ୫ ଦିନ ପର୍ଯ୍ୟନ୍ତ ମାଗଣା ରନ୍ଧାଖାଦ୍ୟ ବାଣ୍ଟିବା ପାଇଁ ନିଷ୍ପତ୍ତି ନେଇ ଖାଦ୍ୟ ବଣ୍ଟନ କରିଛନ୍ତି। ଏହି କ୍ୟାମ୍ପରେ ବହୁ ବିପନ୍ନ ଖାଉଥିବା ଦେଖିବାକୁ ମିଳିଥିଲା।

# ସାକ୍ଷୀଗୋପାଳରେ ୨୦୬ ସବ୍‌ଷ୍ଟେଶନ କ୍ଷତିଗ୍ରସ୍ତ

ସାକ୍ଷୀଗୋପାଳ, ୧୨।୫(ଡି.ଏନ୍.ଏ.)

ବାତ୍ୟା ପ୍ରଭାବିତ ସାକ୍ଷୀଗୋପାଳ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ରହିଥିବା ୨୦୬ଟି ସବ୍‌ଷ୍ଟେଶନ କ୍ଷତିଗ୍ରସ୍ତ ହୋଇଛି। ଏହା ଉପରେ ନିର୍ଭର କରୁଥିବା ୧୨,୫୦୦ ବିଦ୍ୟୁତ୍ ଉପଭୋକ୍ତା ବାତ୍ୟା ପରଠାରୁ ଅନ୍ଧାରରେ ରହିଛନ୍ତି। ବାତ୍ୟାରେ ୨୨ଶହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ପୁନଃ ନିର୍ମାଣ ନିମନ୍ତେ ଆନ୍ଧ୍ରପ୍ରଦେଶରୁ ଆସିଥିବା ୧୫୦ଜଣ କୁଶଳୀ କର୍ମଚାରୀଙ୍କୁ ୩ ଭାଗରେ ବିଭକ୍ତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି ବୋଲି ସେସୁର ଉପଖଣ୍ଡ ଅଧିକାରୀ ଇଂ. ପ୍ରଭାତ ପରିଡ଼ା ସୂଚନା ଦେଇଛନ୍ତି। ସାଧାରଣ ପରିଚାଳକ ଶ୍ରଦ୍ଧାକର ରାଉତ ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ଥାନୀୟ ସହକାରୀ ଯନ୍ତ୍ରୀ ରାମନାରାୟଣ ପଟ୍ଟନାୟକ ଓ ଅମିତ ମଙ୍ଗରାଜ ସ୍ଥାନୀୟ କର୍ମଚାରୀମାନଙ୍କ ସହ ଏହି କାର୍ଯ୍ୟର ପରିଚାଳନା କରୁଛନ୍ତି। ଏହି ଉପଖଣ୍ଡ ଅଧୀନ ସାକ୍ଷୀଗୋପାଳ, ସାତଶଙ୍ଖ ଓ ଚନ୍ଦନପୁର ଏହି ୪ ସେକ୍ସନକୁ ପୁରୀରୁ ୩୩ କେଭି ଫିଡରରେ ବିଦ୍ୟୁତ୍ ଯୋଗାଣ କରାଯାଇଥାଏ। ପୁରୀରୁ ଚନ୍ଦନପୁର ପର୍ଯ୍ୟନ୍ତ ରହିଥିବା ୩୩ କେଭି ଫିଡର ମରାମତି କାମ ସମ୍ପୂର୍ଣ୍ଣ ହେବାପରେ ସାକ୍ଷୀଗୋପାଳକୁ ବିଦ୍ୟୁତ୍ ସେବା ପହଞ୍ଚିବ ବୋଲି ଆଶା କରାଯାଉଛି।



ଡେଲାଙ୍ଗ ବ୍ଲକରେ ସରକାରଙ୍କ ତରଫରୁ ରବିବାର ପାନୀୟଜଳ ଯୋଗାଣ କରାଯାଉଛି।

# ଧନୀ ମୁଣ୍ଡରେ ରିଲିଫ ବର୍ଷା, ଗରିବ ହେଉଛି ନିରାଶା

ସ୍ୱାଧୀନ ଚମ୍ପତିରାୟ
ବ୍ରହ୍ମଗିରି, ୧୨।୫

ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ପୁରୀ ଜିଲାର ହୋଇଛି ବ୍ୟାପକ କ୍ଷୟକ୍ଷତି। ବାଦ୍ ପଡିନାହାନ୍ତି ଧନୀ କି ଗରିବ। ସମସ୍ତେ ପ୍ରଳୟଙ୍କରୀ ତାଣ୍ଡବଲୀଳାରେ ପେଷି ହୋଇଯାଇଛନ୍ତି। ଉଡ଼ିଯାଇଛି ଘରର ଛପର। ସମସ୍ତେ ପଡ଼ିଛନ୍ତି ଖୋଲା ଆକାଶ ତଳେ। ବାତ୍ୟା ବିପନ୍ନଙ୍କ ପାଇଁ ସରକାର ସହାୟତା ଘୋଷଣା କଲେ। କିନ୍ତୁ ବିଚିତ୍ର ପ୍ରଶାସନିକ ବ୍ୟବସ୍ଥା। ଏଠି ତେଲିଆ ମୁଣ୍ଡରେ ତେଲ। ଧନୀମାନଙ୍କ ପାଇଁ ରିଲିଫ ବର୍ଷା ହେଉଥିବା ସମୟରେ ଗରିବ ଏଠି ନିରାଶାରେ ପଡିଛି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ।

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରହ୍ମଗିରି ଗାଁର ଶ୍ୱେତ ଦେଇ ପରିବାର। ଏହି ପରିବାରରେ ୧୦ ପ୍ରାଣୀ କୁଟୁମ୍ବ। ଦିନମଜୁରିଆ କାମ କରି ପରିବାର ପ୍ରତିପୋଷଣ କରନ୍ତି। ୪ ଡିସିମିଲ ଜାଗାରେ ଝାଟିମାଟିର ଚାଳ ଛପର ଘର। ଚାଷଜମି କହିଲେ ଗୁଣ୍ଠେ ନାହିଁ। ୨୦୧୫ରେ ଏହି ପରିବାରକୁ ମିଳିଥିଲା ୨୬୦୨୪୧୧୫୬୫ ନମ୍ବରବିଶିଷ୍ଟ ଏକ ରାଶନ କାର୍ଡ। ଏହା ବାଦ୍ ତାଙ୍କୁ କୌଣସି ଯୋଜନାରେ ସାମିଲ କରାଯାଇନାହିଁ। ବାରମ୍ବାର ଆବେଦନ କରିଥିଲେ ମଧ ରାଜନୈତିକ ଶତ୍ରୁତା ଯୋଗୁ ତାଙ୍କୁ ଏପରି ଦଶା ଭୋଗିବାକୁ ପଡ଼ିଛି। ଶେଷରେ ସରକାରୀ ଖାଉଟି କାର୍ଡ ମିଳିଥିଲେ ମଧ ଉକ୍ତ କାର୍ଡଟିକୁ ସରକାରୀ ଖାତାରୁ କାଟି ଦିଆଯାଇଛି। ଶେଷରେ ଏହି ପ୍ରଳୟଙ୍କରୀ ବାତ୍ୟା ଘରଖଣ୍ଡିକୁ ମଧ ମାଟିରେ ମିଶାଇଦେଇଛି। ନା ରହିଛି କାନ୍ଥ ନା ଛପର। ଖୋଲା ଆକାଶ ତଳେ ପଡିଥିବା ଏହି ପରିବାର ବାତ୍ୟା ବିତିବାର ୧୦ ଦିନ ପର୍ଯ୍ୟନ୍ତ କୌଣସି କାମଧନ୍ଦା ନ ପାଇ ରୋଜଗାର ବନ୍ଦ ହୋଇଯିବାରୁ ଭୋକ ଉପାସରେ ପଡ଼ିରହିଛନ୍ତି। ପେଟକୁ ମୁଠାଏ ଦାନା ଯୋଗାଡ଼ କରିପାରୁ ନ ଥିବା ସମୟରେ ମୁଣ୍ଡ ଗୁଞ୍ଜିବା ପାଇଁ ବସାଟେ କରିବା କଷ୍ଟକର ହୋଇପଡିଛି। ପାଖ ପଡ଼ୋଶୀଙ୍କଠାରୁ ମାଗିଆଣି ମୁଣ୍ଡ ଗୁଞ୍ଜିବା ପାଇଁ ପାଲ ଚାଳିଟେ କରି ରହିଛନ୍ତି। ଏପଟେ ତାଙ୍କ ପାଖରେ ପହଞ୍ଚିନି କୌଣସି ସରକାରୀ ସାହାଯ୍ୟ। ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ପ୍ରଶାସନ ତରଫରୁ ୫୦ କିଲୋ ଚାଉଳ, ୨ହଜାର ଟଙ୍କା ଓ ଏକ ପଲିଥିନ ଦିଆଯାଉଥିଲେ ମଧ ଶ୍ୱେତ ପାଇଥିବା ରାଶନ କାର୍ଡ ଏବେ ସରକାରୀ ଖାତାରେ ନ ଥିବାରୁ ସେ ଏଥିରୁ ବଞ୍ଚିତ। ଏ ନେଇ ସ୍ଥାନୀୟ ୱାର୍ଡମେମ୍ବର, ସରପଞ୍ଚ, ବିଡିଓ ଓ ତହସିଲଦାରଙ୍କ ପାଖକୁ ବାରମ୍ବାର ଦୌଡି ନିରାଶାରେ ଖୋଲା ଛାତ ତଳେ ପଡିରହିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ କରୁଣା ଦ୍ୱାରା ବଣ୍ଟାଯାଉଥିବା ମାଗଣା ରନ୍ଧାଖାଦ୍ୟରୁ ପରିବାରକୁ ମୁଠାଏ ଆହାର ଯୋଗାଉଥିବା କୋହଭରା କଣ୍ଠରେ କୁହନ୍ତି ଶ୍ୱେତ। ବାସ୍ତବିକ ସରକାର ବିପନ୍ନଙ୍କ ପାଇଁ ଯୋଜନା କରୁଛନ୍ତି ସତ କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁ ତେଲିଆ ମୁଣ୍ଡରେ ତେଲ ଥିବା ସମୟରେ ପ୍ରକୃତ ଗରିବ ଅବହେଳାରେ ରହିଯାଉଛନ୍ତି ବୋଲି କୁହନ୍ତି ସାମାଜିକ କର୍ମୀ ଆର୍ତ୍ତତ୍ରାଣ ପ୍ରଧାନ। ତୁରନ୍ତ ତଦନ୍ତ କରାଯାଇ ଏହି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ଅଶୋକ କୁମାର ମହାନ୍ତିଙ୍କୁ ପଚାରିବାରେ ଯଦି ତାଙ୍କର ରାଶନ କାର୍ଡରେ ନାମ ନାହିଁ ତେବେ ତଦନ୍ତ କରି ତାଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

## ବିଚିତ୍ର ପ୍ରଶାସନିକ ବ୍ୟବସ୍ଥା



ଖୋଲା ଆକାଶ ତଳେ ଶ୍ୱେତ।